ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅଗଷ୍ଟ ୨୨/୨୦୧୮ (୧୬ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, August 22/ 2018 | ★★

୧୪ଶ ଭାଗ ୨୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-

କବାଡ଼ି ଖେଳିବେ କଙ୍ଗନା ରାଣାୱତ୍

ପରଦାରେ କବାଡ଼ି ଖେଳିବେ ଅଭିନେତ୍ରୀ କଙ୍ଗନା ରାଣାୱତ୍। ଫିଲ୍ମ 'ପଙ୍ଗା'ରେ କଙ୍ଗନା କବାଡ଼ି ଖେଳାଳି ଭୂମିକାରେ ଦେଖିବାକୁ ମିଳିବେ।

୦୨

୧୩

ଗ୍ରିଭାନ୍ସ ଅଧିକାରୀ ନିଯୁକ୍ତି ଲାଗି ହ୍ୱାଟ୍‌ସଆପ୍‌କୁ ନିର୍ଦ୍ଦେଶ

ଘରୋଇ ବଜାର ଲାଗି ଜଣେ ଗ୍ରିଭାନ୍ସ ଅଧିକାରୀ ନିଯୁକ୍ତ କରିବାକୁ ହ୍ୱାଟ୍‌ସଆପ୍‌କୁ ନିର୍ଦ୍ଦେଶ ଦିଆଯାଇଥିବା ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।

Dutee Chand
Sports Personality

PLEDGE 'PLASTIC-FREE' ODISHA

#PlasticFreeOdisha ଧରିତ୍ରୀ DHARITRI TEAM

02 OCTOBER

ସିନ୍ଧୁ ଶାନ୍ତିଦୂତ: ଇମ୍ରାନ

ଇସ୍‌ଲାମାବାଦ/ଚଣ୍ଡିଗଡ଼,୨୧।୮(ପି.ଟି.): ପାକିସ୍ତାନ ଗସ୍ତ ପାଇଁ ବିଭିନ୍ନ ମହଲରେ ସମାଲୋଚିତ ହୋଇଛନ୍ତି ପଞ୍ଜାବ ପର୍ଯ୍ୟଟନ ମନ୍ତ୍ରୀ ତଥା ପୂର୍ବତନ କ୍ରିକେଟର୍ ନବ୍‌ଜ୍ୟୋତ୍ ସିଂ ସିଦ୍ଧୁ। ଏଭଳି ସମୟରେ ବନ୍ଧୁ ସିଦ୍ଧୁଙ୍କ ସମର୍ଥନରେ ବାହାରି ପଡ଼ିଛନ୍ତି ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ସମାଲୋଚକଙ୍କୁ ଭର୍ତ୍ସନା କରିବା ସହ ସିଦ୍ଧୁଙ୍କୁ ସେ ଶାନ୍ତିର ଦୂତ ବୋଲି ବିବେଚନା କରିଛନ୍ତି। ଇମ୍ରାନ କହିଛନ୍ତି, ନିମନ୍ତ୍ରଣ ରକ୍ଷାକରି ପାକିସ୍ତାନ ଆସିଥିବାରୁ ସିଦ୍ଧୁଙ୍କୁ ଧନ୍ୟବାଦ। ସେ ଶାନ୍ତିର ଦୂତହୋଇ ପାକିସ୍ତାନ ଆସିଥିଲେ ଏବଂ ଦେଶବାସୀଙ୍କଠାରୁ ଅଭୂତପୂର୍ବ ସ୍ନେହ ଓ ଶ୍ରଦ୍ଧା ପାଇଥିଲେ। ତାଙ୍କୁ ବିରୋଧ କରୁଥିବା ଲୋକେ ଉପମହାଦେଶର ବଡ଼ ଅସନ୍ତୋଷ ଗୋଷ୍ଠୀ। ଶାନ୍ତି ବିନା ଆମର ଉନ୍ନତି ଅସମ୍ଭବ। ଏଣୁ ସବୁ ମତଭେଦକୁ ଦୂରକରି ସ୍ଥାଣୁ ହୋଇ ରହିଥିବା ଭାରତ-ପାକିସ୍ତାନ ଆଲୋଚନା ପ୍ରକ୍ରିୟାକୁ ଆଗେଇ ନେବାକୁ ହେବ। ଦୁଇଦେଶ ଶାନ୍ତି ଆଲୋଚନ ଉପରେ ଗୁରୁତ୍ୱ ଦେବା ଉଚିତ। କଶ୍ମୀର ବିବାଦର ସମାଧାନ କରି ବାଣିଜ୍ୟ କାରବାର ଆରମ୍ଭ କରିବା ଉଚିତ ବୋଲି ଇମ୍ରାନ ଟୁଇଟ୍ କରି କହିଛନ୍ତି। ନିଜର ପାକ୍ ଗସ୍ତ ନେଇ ସିଦ୍ଧୁ ☞ପୃଷ୍ଠା-୪

ଆଜିର ମନ୍ତବ୍ୟ

" ଦେଶରେ ଗଣତନ୍ତ୍ର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ।

– ଶତ୍ରୁଘ୍ନ ସିହ୍ନା, ଭାଜପା ଏମ୍‌ପି

କିଛି ତଥ୍ୟ

୨୦୧୭ ଡିସେମ୍ବର ଶେଷ ସୁଦ୍ଧା ଦେଶରେ ମୋଟ ୩୫ କୋଟି ୯୪ ଲକ୍ଷ ଲୋକଙ୍କୁ ପର୍ମାନେଣ୍ଟ୍ ଆକାଉଣ୍ଟ ନମ୍ବର(ପାନ୍) ମିଳିଥିଲା। ୨୦୧୮ ମାର୍ଚ୍ଚ ଶେଷ ସୁଦ୍ଧା ଏହା ୩୭.୯ କୋଟିକୁ ବୃଦ୍ଧି ପାଇଛି।

–ଆୟକର ବିଭାଗ

ପରଲୋକରେ ଯଦୁନାଥ ଦାସମହାପାତ୍ର



୧୦

muthootfinance.com
"ଲାଇଫ୍ ରେ ଆଗକୁ ବଢ଼ନ୍ତୁ"
1% ଗୋଲ୍ଡ ଲୋନ (12% ପ୍ରତିବର୍ଷ)
ପାର୍ଟ ଫେମେଣ୍ଟ ଏବଂ ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକର ଆଂଶିକ ରିଲିଜର ସୁବିଧା
1800 313 1212
Muthoot Finance
A Muthoot M George Enterprise | Since 1887

NECC NATIONAL EGG CO-ORDINATION COMMITTEE 21.08.2018 Vencobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	62	109	119
CTC	62	109	119
DKL	62	109	119
BDK	61	107	117
BLS	61	107	117
ANG	62	109	119

Eggs Retail Price- 42/-Dozen
Issued in the Interest of Consumers
*Conditions Apply

ମଲେ ଗଲେ

ତଥାଗତ ସତପଥୀ

ନିକଟରେ ଅର୍ଥାତ୍ ଅଗଷ୍ଟ ୯ ଓ ୧୧ରେ ଯଥାକ୍ରମେ କଟକର ନରାଜ ଏବଂ କଳାହାଣ୍ଡି ଜିଲାର ଭବାନୀପାଟଣାରେ ପୋଲିସ କନଷ୍ଟେବଳ ନିଯୁକ୍ତି ପରୀକ୍ଷା ଦେବାକୁ ଯାଇଥିବା ସୁସ୍ଥସବଳ ଦୁଇ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଅଗଷ୍ଟ ୨୧ରେ ପୁନର୍ବାର ତୃତୀୟ ଥର ପାଇଁ ଅନ୍ୟ ଜଣେ ଯୁବକଙ୍କ ଏହି ପୋଲିସ ଚାକିରି ପ୍ରବେଶିକା ପରୀକ୍ଷା ସମୟରେ ବୌଦ୍ଧରେ ମୃତ୍ୟୁ ଘଟିଛି। ଏହା ଧରାବନ୍ଧା କଥା ଯେ, ପୋଲିସ ଚାକିରି ପାଇଁ ଇଚ୍ଛୁକ ଯୁବକଙ୍କ ସର୍ବନିମ୍ନସ୍ତରର ଶାରୀରିକ ଯୋଗ୍ୟତା ରହିବା କଥା। କିନ୍ତୁ ଲାଗ୍ ଲାଗ୍ ତିନିଜଣ ଯୁବକଙ୍କ ମୃତ୍ୟୁ କେବଳ ଏହି ବର୍ଷ ଘଟିନାହିଁ। ପୂର୍ବବର୍ଷଗୁଡ଼ିକରେ ମଧ୍ୟ ଏହିଭଳି ଘଟଣା ଶୁଣିବାକୁ ମିଳିଛି। ଉଲ୍ଲେଖର ବିଷୟ ହେଉଛି ଯେ, ଆଜିର ଓଡ଼ିଶା ପୋଲିସ ଦାୟିତ୍ୱରେ ଥିବା ମହାନିର୍ଦ୍ଦେଶକ ଏବଂ କମିଶନରଙ୍କଠାରୁ ଆରମ୍ଭ କରି ଅଧିକାଂଶ ଥାନା ଅଧିକାରୀଙ୍କ ପର୍ଯ୍ୟନ୍ତ କେହି ବି ଏହିଭଳି ପରୀକ୍ଷା ଦେଇ ବଞ୍ଚି ଚାକିରିରେ ପୁନର୍ବାର କାର୍ଯ୍ୟ କରିପାରିବେ ନାହିଁ। ଏହା ଏକ ଖୋଲା ଚ୍ୟାଲେଞ୍ଜ ଦିଆଯାଇପାରିବ। ଏଭଳି ପରିସ୍ଥିତିରେ ଗରିବ ଓଡ଼ିଆ ଯୁବକଙ୍କ ପ୍ରାଣ ନେଉଥିବା ନିର୍ଦ୍ଦୟ ପୋଲିସ କର୍ମକର୍ତ୍ତାଙ୍କ ବିରୋଧରେ କାହିଁକି ହତ୍ୟା ମାମଲା ରୁଜୁ କରାଯିବନାହିଁ, ତାହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବା ଆବଶ୍ୟକ।

ଏଭଳି ମୃତ୍ୟୁ ଘଟଣା ସ୍ପଷ୍ଟ ଦର୍ଶାଉଛି ଯେ, ପ୍ରାରମ୍ଭିକସ୍ତରରେ ଚାକିରି ଆଶାୟୀ ଯୁବକଙ୍କ ଡାକ୍ତରୀ ପରୀକ୍ଷା କରାଯାଉନାହିଁ। ଯିଏ ଆସିଲେ ଦୌଡ଼ିଲେ। ଏହା ବ୍ୟତୀତ ଦୌଡ଼ିବା ସମୟରେ ଗ୍ଲୁକୋଜ୍, ଲେମ୍ବୁପାଣି ଏବଂ ଡାକ୍ତରଙ୍କ ଉପସ୍ଥିତିର ମନେହେଉଛି ଯେପରି ଅଭାବ ରହୁଛି। ଏବେ କାଗଜପତ୍ରରେ ଏହିସବୁ ଦୁର୍ବଳତାକୁ ଘୋଡ଼ାଇଦେବାର ପ୍ରୟାସ ଆରମ୍ଭ ହୋଇଯିବଣି। ପୋଲିସ ବିଭାଗ ହୋଇଥିବାରୁ ତଦନ୍ତ କରିବା ପାଇଁ କୌଣସି ଅଧିକାରୀ ଇଚ୍ଛାପ୍ରକାଶ କରିବେ ନାହିଁ। ସେହି ବିଭାଗର କର୍ମକର୍ତ୍ତା ନିଜ ବିଷୟରେ କେବେହେଲେ ସତ୍ୟାସତ୍ୟ ପ୍ରକାଶ କରିବେ ନାହିଁ। ଅପରପକ୍ଷରେ ରାଜ୍ୟ ସରକାର ଏଭଳି ମାରାତ୍ମକ ଘଟଣାର ବିଚାରବିଭାଗୀୟ ତଦନ୍ତ କରାଇବାକୁ ଆଗେଇ ଆସୁନାହାନ୍ତି କିମ୍ବା ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦେବାର ଇଚ୍ଛା ପ୍ରକାଶ କରୁନାହାନ୍ତି।

ଏହା ସ୍ୱୀକାରଯୋଗ୍ୟ ଯେ, ଥରେ ଓଡ଼ିଶା ପୋଲିସ ଚାକିରିରେ ପ୍ରବେଶ କରିବା ପରେ, ସମ୍ଭବତଃ, ୯୯% ଅଧିକାରୀ ନିଜ ଜୀବନ ବଞ୍ଚାଇବାକୁ ଦୌଡ଼ି ପାରିବେ ନାହିଁ। କେବଳ ନିରୀହ ଜନସାଧାରଣଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବା, ଅପରାଧୀଙ୍କ ସହିତ ହାତ ମିଳାଇବା, ତଦନ୍ତରେ ବାରମ୍ବାର ନିଜର ଅପାରଗତା ପ୍ରମାଣ କରିବା, ମାଓବାଦୀଙ୍କ ବିରୋଧରେ ଅନ୍ୟ ରାଜ୍ୟର ପୋଲିସ ନେଉଥିବା ପଦକ୍ଷେପକୁ ନିଜର ବୋଲି ଦାବି କରିବା, ସବୁ ପ୍ରକାରର ଦୁର୍ନୀତି ଏବଂ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ରହିବା ହୋଇଗଲାଣି ଓଡ଼ିଶା ପୋଲିସର ପରିଚୟ। ଏହି ପ୍ରଚ୍ଛଦପଟରେ ବାରମ୍ବାର ଚାକିରି ଆଶାୟୀ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟୁଥିବା ସତ୍ତ୍ୱେ ବ୍ୟବସ୍ଥାର ପରିବର୍ତ୍ତନ କରା ନ ଯିବା ହେଉଛି ବିକୃତ ସରକାରୀ ମାନସିକତାର ପ୍ରତୀକ। ଏହା ଅତ୍ୟନ୍ତ ଦୁଃଖଦାୟକ ଯେ, ସରକାରୀ କର୍ମକର୍ତ୍ତାଙ୍କ ଦ୍ୱାରା କରାଯାଉଥିବା ହତ୍ୟା ପ୍ରତି ଆମର ନ୍ୟାୟ ବ୍ୟବସ୍ଥାରେ କୌଣସି ପ୍ରତିକାର ନାହିଁ। ତାହାଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ସାମାଜିକ ଓ ଗଣମାଧ୍ୟମସ୍ତରରେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ କେହି ନାହିଁ। ଆଜି ଓଡ଼ିଆ ଯୁବକ 'ମଲେ ଗଲେ'। ସେମାନଙ୍କର କେହି ସାହାଭରସା ନାହିଁ।

ଆମ୍ବକୋଇଲି ପିଠା ଖାଇ ପରିବାରର ୩ ମୃତ

- ସମସ୍ତ ମୃତକ ମହିଳା, ଜଣେ ଗୁରୁତର
- ମୃତକଙ୍କ ମଧ୍ୟରେ ଜଣେ ୱାର୍ଡ ସଭ୍ୟା
- ଗାଁରୁ ଜବତ ହେଲା କୋଇଲି ଗୁଣ୍ଡ
- ଝାଡ଼ାବାନ୍ତି ହେବାରୁ ଗୁଣିଗାରେଡି ସନ୍ଦେହରେ କରିଥିଲେ ଝଡାଫୁଙ୍କା

ମଇନାପଦର ଗାଁରେ ପ୍ରଶାସନିକ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ନବରଙ୍ଗପୁର/ଝରିଗାଁ ୨୧।୮(ବି.ପ୍ର./ସ୍ୱ.ପ୍ର.)

ଆମ୍ବକୋଇଲି ପିଠା ଖାଇ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ଘଟଣାଟି ଘଟିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତର ମଇନାପଦର। ମୃତକମାନେ ହେଲେ ଡମ୍ବରୁ ସାନ୍ତାଙ୍କ ୨ ବୋହୂ ସୁଧମଣି ସାନ୍ତା (୩୦), ପ୍ରମିଳା ସାନ୍ତା (୨୮) ଓ ଝିଅ ନମିତା ସାନ୍ତା (୧୬)। ଗୁରୁତର ଅବସ୍ଥାରେ ଡମ୍ବରୁଙ୍କ ନାତି ପ୍ରକାଶ(୬)କୋରାପୁଟ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପାଇବା ପରେ ଗାଁରେ ଡାକ୍ତରୀ ଟିମ, ବିଡିଓ, ତହସିଲଦାର, ଜିଲାପରିଷଦ ସଭ୍ୟ ମୋହନ ନାୟକ ପହଞ୍ଚି ଅନ୍ୟ ଘର ମାନଙ୍କରେ ଥିବା ଆମ୍ବ କୋଇଲି ଗୁଣ୍ଡ ଓ ତିଆରି ହୋଇଥିବା ପିଠା ଜବତ କରିଛନ୍ତି। ସୁଧମଣି ହେଉଛନ୍ତି ଗୁରୁସିଙ୍ଗା ପଞ୍ଚାୟତର ୱାର୍ଡ ସଭ୍ୟା।

ମଇନାପଦର ଗାଁର ଡମ୍ବରୁ ସାନ୍ତାଙ୍କ ଦୁଇ ପୁଅ ହେଲେ ଅର୍ଜୁନ ଓ ଅବିନାଶ। ଗତ ବୁଧବାର ଡମ୍ବରୁଙ୍କ ଘରେ ଆମ୍ବ କୋଇଲି ଗୁଣ୍ଡରେ ପିଠା ତିଆରି ହୋଇଥିଲା। ଏହାକୁ ଗ୍ରାମର ସମସ୍ତେ ଖାଇଥିଲେ। ଅର୍ଜୁନଙ୍କ କହିବା ଅନୁଯାୟୀ ସୋମବାର ସକାଳେ ଟ୍ରାକ୍ଟର ନେଇ ବାଲି ଆଣିବା ପାଇଁ ସେ ଯାଇଥିଲେ। ସାନଭାଇ ଅବିନାଶ ଜମିକୁ ଯାଇଥିଲେ। ବାପା ଡମ୍ବରୁ ଘରେ ନ ଥିଲେ। ଅର୍ଜୁନଙ୍କ ସ୍ତ୍ରୀ ସୁଧମଣି ଆମ୍ବ କୋଇଲି ଗୁଣ୍ଡରୁ ପିଠା ତିଆରି କରିଥିଲେ। ତାହାକୁ ସୁଧମଣି, ☞ପୃଷ୍ଠା-୪

ଚାକିରି ପାଇଁ ଜୀବନ ଗଲା

■ ଆଇଆର୍‌ବିରେ ନିଯୁକ୍ତି ପାଇଁ ଦୌଡ଼ ବେଳେ ଜଣେ ପରୀକ୍ଷାର୍ଥୀ ମୃତ, ୨ ଗୁରୁତର

ବୌଦ୍ଧ,୨୧।୮(ସ୍ୱ.ପ୍ର.)

ଚାକିରି ପାଇଁ ଆସି ଜଣେ ଯୁବକଙ୍କ ଜୀବନ ଯାଇଛି। ବୌଦ୍ଧ ଜିଲାରେ ଥିବା ପଞ୍ଚମ ଭାରତୀୟ ରିଜର୍ଭ ବାଟାଲିୟନ (ଆଇଆର୍‌ବି)ରେ ନିଯୁକ୍ତି ପାଇଁ ମଙ୍ଗଳବାର ଦୌଡ଼ ପ୍ରତିଯୋଗିତା ବେଳେ ଘଟିଛି ଏଭଳି ଘଟଣା। ମୃତକ ହେଲେ ନୟାଗଡ଼ ଜିଲା ନୂଆଗାଁ ଥାନା ସୋରଡ଼ା ଗ୍ରାମର ପ୍ରବାସୀ ନାଏକ (୨୧)। ସେହିପରି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଡ଼ି ଗ୍ରାମର ପ୍ରଭାତ କୁମାର ସାହୁ ଓ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଗେଲେଇକୁଣ୍ଡି ଗ୍ରାମର କୁନା ନାଏକ ମଧ୍ୟ ଦୌଡୁଥିବାବେଳେ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ଉଭୟଙ୍କୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ଏବେ ସେମାନେ ବିପଦମୁକ୍ତ ଥିବା ଡାକ୍ତର ପ୍ରକାଶ କରିଛନ୍ତି।

ବୌଦ୍ଧ ଆଇଆର୍‌ବିରେ ବିଭିନ୍ନ ବର୍ଗର ୧୮୧ ଯବାନ ପଦବୀ ପାଇଁ ମଙ୍ଗଳବାର ନିଯୁକ୍ତି ପ୍ରକ୍ରିୟା ଚାଲିଥିଲା। ଏଥିପାଇଁ ବିଭିନ୍ନ ଜିଲାର ପ୍ରାୟ ୧୨ ହଜାର ପ୍ରାର୍ଥୀ ଆବେଦନ କରିଥିଲେ। ଏତେ ସଂଖ୍ୟକ ପ୍ରାର୍ଥୀ ଥିବାରୁ ଗତ ୬ ତାରିଖରୁ ଭିନ୍ନ ଭିନ୍ନ ଦିନରେ ଚୟନ ପ୍ରକ୍ରିୟା ଚାଲିଥିଲା। ମଙ୍ଗଳବାର ଏକ ନିର୍ଦ୍ଦିଷ୍ଟ ବର୍ଗର ୪୦ ପ୍ରାର୍ଥୀଙ୍କ ଦୌଡ଼ ଦକ୍ଷତା ପରୀକ୍ଷା କରାଯାଉଥିଲା। ବୌଦ୍ଧ ବ୍ଲକ ଗିରାସିଙ୍ଗାସ୍ଥିତ ଆଇଆର୍‌ବି କାର୍ଯ୍ୟାଳୟଠାରୁ ରାସ୍ତାରେ ୫ କିଲୋମିଟର ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ☞ପୃଷ୍ଠା-୪

ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

ସତ୍ୟପାଲ ମଲିକ୍ ଜମ୍ମୁ-କଶ୍ମୀର ରାଜ୍ୟପାଳ

ନୂଆଦିଲ୍ଲୀ,୨୧।୮(ପି.ଟି.)

ବିହାର ରାଜ୍ୟପାଳ ସତ୍ୟପାଲ ମଲିକ୍‌ଙ୍କୁ ଜମ୍ମୁ-କଶ୍ମୀରର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ସେ ଏନ୍.ଏନ୍. ଭୋରାଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ଅନ୍ୟପକ୍ଷରେ ବରିଷ୍ଠ ଭାଜପା ନେତା ଲାଲଜୀ ଟଣ୍ଡନଙ୍କୁ ବିହାର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ମଙ୍ଗଳବାର ରାଷ୍ଟ୍ରପତି ଭବନରୁ ଜାରି ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ମିଳିଥିବା ସୂଚନାନୁସାରେ ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କୁ ହରିୟାଣା ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବବିରାଣୀ ମୌର୍ଯ୍ୟଙ୍କୁ ଉତ୍ତରାଖଣ୍ଡର ନୂଆ ରାଜ୍ୟପାଳ କରାଯାଇଛି। ହରିୟାଣା ରାଜ୍ୟପାଳ କପ୍ତାନ୍ ସିଂ ସୋଲାଙ୍କିଙ୍କୁ ତ୍ରିପୁରା ବଦଳି କରାଯାଇଛି। ତ୍ରିପୁରା ରାଜ୍ୟପାଳ ତଥାଗତ ରାୟଙ୍କୁ ମେଘାଳୟ ରାଜ୍ୟପାଳ ଭାବେ ଅବସ୍ଥାପିତ କରାଯାଇଛି। ମେଘାଳୟ ରାଜ୍ୟପାଳ ଗଙ୍ଗାପ୍ରସାଦଙ୍କୁ ସିକିମ୍‌ର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି।

■ ମଣ୍ଡସୌର୍ ଗଣବଳାତ୍କାର

୨ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

ମଣ୍ଡସୌର,୨୧।୮(ପି.ଟି.)

ମଣ୍ଡସୌର୍ ନାବାଳିକା ଗଣବଳାତ୍କାର ଘଟଣାରେ ମଙ୍ଗଳବାର ଦୁଇଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ହୋଇଛି। ଦୁଇମାସ ମଧ୍ୟରେ ସମ୍ପୂର୍ଣ୍ଣ ତଦନ୍ତ ଏବଂ ନ୍ୟାୟିକ ପ୍ରକ୍ରିୟା ଶେଷ ହେବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହୋଇଛି। ମଧ୍ୟପ୍ରଦେଶର ମଣ୍ଡସୌର୍‌ଠାରେ ଜୁନ୍ ୨୬ରେ ୮ ବର୍ଷର ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଘଟଣାର ଦୁଇ ଅଭିଯୁକ୍ତ ଇର୍‌ଫାନ୍ ଓରଫ୍ ଭାଇୟୁ (୨୦) ଏବଂ ଆସିଫ୍ (୨୪)ଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର କୋର୍ଟ ଫାଶୀ ଦଣ୍ଡାଦେଶ କରିଛନ୍ତି। ୧୨ ବର୍ଷରୁ କମ୍ ବୟସର ପିଲାଙ୍କୁ ବଳାତ୍କାର କିମ୍ବା ଯୌନ ନିର୍ଯାତନା ଦେଉଥିବା ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡାଦେଶ ନେଇ ରାଜ୍ୟରେ ଆସିଥିବା ନୂଆ ଆଇନ ଅଧୀନରେ ଏହି ଦଣ୍ଡ ମିଳିଛି। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ଦଣ୍ଡସଂହିତା (ଆଇପିସି) ଏବଂ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନ ପୋକ୍‌ସୋ ମଧ୍ୟ ଲାଗୁ କରାଯାଇଛି। ତେବେ ମଙ୍ଗଳବାର ଦଣ୍ଡାଦେଶ ପରେ ଅଭିଯୁକ୍ତଙ୍କୁ କୋର୍ଟରୁ ଅଣାଯାଉଥିବାବେଳେ ଜଣେ ବ୍ୟକ୍ତି ସେମାନଙ୍କ ଉପରକୁ ଆକ୍ରମଣ କରିଥିବା ମଧ୍ୟ ଜଣାପଡ଼ିଛି। ଜୁନ୍ ୨୬ରେ ଛୁଟି ହେବା ପରେ ସ୍କୁଲ ସମ୍ମୁଖରେ ନାବାଳିକା ବାପାଙ୍କୁ ଅପେକ୍ଷା କରି ରହିଥିବାବେଳେ ଦୁଇ ଅଭିଯୁକ୍ତ ତାଙ୍କୁ ଅପହରଣ କରି ନେଇ ଯାଇଥିଲେ। ଗଣବଳାତ୍କାର ପରେ ତଣ୍ଟିକାଟି ତାଙ୍କୁ ହତ୍ୟା କରିବାକୁ ମଧ୍ୟ ଉଦ୍ୟମ କରିଥିଲେ। ବର୍ବର କାଣ୍ଡ ପରେ ପୀଡ଼ିତାଙ୍କ ଗୁପ୍ତାଙ୍ଗ, ବେକ, ମୁହଁ ସମେତ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତ ହୋଇଥିଲା। ଏବେ ବି ଇନ୍ଦୋର ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଛି। ଏହି ଘଟଣାକୁ ନେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ର ରାଜନୀତି ସରଗରମ ହୋଇ ଉଠିଥିଲା। ନାବାଳକ/ନାବାଳିକାଙ୍କ ବଳାତ୍କାର ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ନେଇ ଦେଶବ୍ୟାପୀ ଦୃଢ଼ ଦାବି ଉଠିଥିଲା। ତେବେ ମଙ୍ଗଳବାର ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ମିଳିବା ପରେ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି। ଶିଶୁଙ୍କ ସହ ବର୍ବର କାଣ୍ଡ ଘଟାଉଥିବା ନରପିଶାଚଙ୍କୁ ଆଉ ମାଫ୍ କରାଯିବ ନାହିଁ ବୋଲି ଦେଶବ୍ୟାପୀ ସ୍ୱର ଉଠିଛି।

ଏସିଆନ ଗେମ୍ସ: ସୌରଭଙ୍କୁ ସ୍ୱର୍ଣ୍ଣ

ପାଲେମବାଙ୍ଗ, ୨୧।୮(ପି.ଟି.)

ଏସିଆନ ଗେମ୍ସର ତୃତୀୟ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଆଶାନୁରୂପ ପ୍ରଦର୍ଶନ କରି ଏକାଧିକ ପଦକ ହାସଲ କରିଛନ୍ତି। କେବଳ ଶୁଟିଂରେ ଭାରତୀୟ ଖେଳାଳିମାନେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ୧୬ ବର୍ଷୀୟ ଶୁଟର ସୌରଭ ଚୌଧୁରୀ ସ୍ୱର୍ଣ୍ଣ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବାଜି ମାରି ସେ ଭାରତର ସର୍ବକନିଷ୍ଠ ଶୁଟର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସେହିପରି ଅନ୍ୟତମ ଅଭିଜ୍ଞ ଶୁଟର ସଞ୍ଜୀବ ରାଜପୁତ୍ ମଧ୍ୟ ରୌପ୍ୟ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ସେ ଏହି ସଫଳତା ହାସଲ କରିଛନ୍ତି। ଅନ୍ୟପଟେ ୨୯ ବର୍ଷୀୟ ଶୁଟର ଅଭିଷେକ ବର୍ମା ଆନ୍ତର୍ଜାତିକ ପଦାର୍ପଣରେ ସଫଳତା ପାଇଛନ୍ତି। ସେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ୨୧୯.୩ ଶୁଟ କରି ବ୍ରୋଞ୍ଜ୍ ଜି

ବାଂଲାଦେଶକୁ ଗଣପଳାୟନ କରିଥିବା ମୁସଲିମ୍ ରୋହିଙ୍ଗ୍ୟାମାନଙ୍କୁ ଫେରାଇ ଆଣିବା ବିଳମ୍ବିତ ହୋଇପାରେ। ଏହି କ୍ଷେତ୍ରରେ ମ୍ୟାନ୍‌ମାରକୁ ବାଂଲାଦେଶର ସହାୟତା ଆବଶ୍ୟକ।

-ସ୍ୟୁ କୀ, ମ୍ୟାନ୍‌ମାର ଷ୍ଟେଟ୍ କାଉନ୍‌ସେଲର

ଥଳ ଖୋଜୁଛି କେରଳ

କୋଚି/ନୂଆଦିଲ୍ଲୀ, ୨୧।୮(ପି.ଟି.)

ପ୍ରଳୟଙ୍କରୀ ବନ୍ୟା କେରଳରେ ରଚାଇଛି ତାଣ୍ଡବ। ଅଥଳ ଜଳରେ ଉବୁଟୁବୁ ରାଜ୍ୟବାସୀ। ବର୍ଷା ବିପ୍ଳାତ ଲକ୍ଷ ଲକ୍ଷ ଲୋକଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ଏହି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ତିନି ସୁରକ୍ଷା ବାହିନୀ ଏବଂ ଏନ୍‌ଡିଆର୍‌ଏଫ୍ ସମେତ ସ୍ୱତନ୍ତ୍ର ବଳ ଲାଗିପଡ଼ିଛନ୍ତି। ବିଭିନ୍ନ ରାଜ୍ୟ ମଧ୍ୟ ବଢ଼ାଉଛନ୍ତି ସହଯୋଗର ହାତ। ଉଦ୍ଧାରକାରୀ ଦଳ ଓ ରିଲିଫ୍ ସାମଗ୍ରୀ ପଠାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଅନେକ ରାଜ୍ୟ। ତଥାପି ଥଳ ଖୋଜୁଛନ୍ତି ରାଜ୍ୟ ସରକାର। ମଙ୍ଗଳବାର କେନ୍ଦ୍ର ସରକାର ୬୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଘୋର୍ ବିପତ୍ତି ସମୟରେ ବିଦେଶରୁ ମିଳିଛି ସାହାଯ୍ୟ। ବନ୍ୟା ଯୋଗୁ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା କେରଳରେ ପୁନଃନିର୍ମାଣ କାର୍ଯ୍ୟ ଲାଗି ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ୭୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବ ବୋଲି ଆଗଭର ହୋଇଛି। ଏ ସମ୍ପର୍କରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଘୋଷଣା କରିଛନ୍ତି। ଅଗଷ୍ଟ ୮ରୁ ଏବେସୁଦ୍ଧା କେରଳରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୨୩୧ ହୋଇଛି।

ପ୍ରକୃତିର କୋପ ଯୋଗୁ କେରଳରେ ହାହାକାର ଖେଳିଯାଇଛି। ବନ୍ୟା ଲାଗି ପ୍ରାୟ ୧୯,୦୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା କେରଳ ସରକାର କହିଛନ୍ତି। ପ୍ରାଥମିକ ସ୍ତରରେ ୨,୬୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଦେବାକୁ ମଙ୍ଗଳବାର କେନ୍ଦ୍ର ନିକଟରେ ଦାବି କରିଛନ୍ତି କେରଳ ସରକାର। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ବିଜୟନ୍ ଏ ସମ୍ପର୍କରେ ପ୍ରକାଶ କରିଛନ୍ତି। ଏଯାବତ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ କୋଟି, ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ୧୦୦ କୋଟି ଏବଂ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ୮୦ କୋଟି ଟଙ୍କାର ସହାୟତା ରାଶି ଦେବା ଲାଗି ଘୋଷଣା କରିଛନ୍ତି। ମୋଟ ୬୮୦ କୋଟିରୁ ୬୦୦ ଟଙ୍କାର ସହାୟତା ରାଶି ମଞ୍ଜୁର ହୋଇସାରିଛି। ସେହିପରି ରିଲିଫ୍ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ହେବ ନାହିଁ ବୋଲି ସରକାର କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀ କେରଳ ପ୍ରତି ଅଧିକ ଉଦାର ହେବା ଦରକାର ବୋଲି ସିପିଆଇ କହିଛି। ବିଭିନ୍ନ ରାଜ୍ୟ ଏବଂ ସରକାରୀ ଅଧିକାରୀ ଓ ଘରୋଇ ତଥା କର୍ପୋରେଟ୍ ସଂସ୍ଥା ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। କିନ୍ତୁ କେରଳକୁ ପୁଣିଥରେ ଗଢ଼ିତୋଳିବା ପାଇଁ ୟୁଏଇ ୭୦୦ କୋଟି ଟଙ୍କା ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିବା ବିଜୟନ୍ କହିଛନ୍ତି। ନିକଟରେ ୟୁଏଇ ଉପରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ରଶିଦ୍ ଅଲ୍ ମାକ୍‌ଟୋମ୍ ଟୁଇଟ୍ କରି କେରଳ ବନ୍ୟା ବିପର୍ଯ୍ୟୟ ପାଇଁ ସମବେଦନା ଜଣାଇଥିଲେ। ୟୁଏଇର ସଫଳ ଇତିହାସରେ କେରଳବାସୀଙ୍କ ଅନେକ ଅବଦାନ ରହିଛି ବୋଲି ସେ କହିଥିଲେ। ମଙ୍ଗଳବାର ଜମ୍ମୁ-କଶ୍ମୀରର ବ୍ୟାଙ୍କ କର୍ମଚାରୀମାନେ କେରଳକୁ ୧୧ କୋଟି ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ମିଜୋରାମ୍ ୨ କୋଟି ଓ ତ୍ରିପୁରା ସରକାର ୧ କୋଟି ଟଙ୍କା ପ୍ରଦାନ କରିବେ। ରିଲିଫ୍ ଅପରେଶନ୍‌ରେ ସହଯୋଗ କରିବା ପାଇଁ ରାଜ୍ୟଗୁଡ଼ିକର ମହିଳା କମିଶନ୍ ସଦସ୍ୟାଙ୍କୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା କହିଛନ୍ତି।

କେରଳରେ ବର୍ଷା, ଭୂସ୍ଖଳନ, ବନ୍ୟାର କରାଳ ରୂପ ଯୋଗୁ ମେ ୩୦ରୁ ଏଯାବତ୍ ୩୮୧ ଜଣଙ୍କ ପ୍ରାଣହାନି ଘଟିଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ କୁହାଯାଇଛି।। ଆତ୍ମୀୟଙ୍କୁ ହରାଇଥିବା ପରିବାର ଲୋକଙ୍କ ଦୁଃଖ କହିଲେ ନ ସରେ। ଧୀରେ ଧୀରେ କେତେକ ଅଞ୍ଚଳରେ ବନ୍ୟା ଜଳସ୍ତର କମିବାରେ ଲାଗିଥିଲେ ସୁଦ୍ଧା ଏର୍ନାକୁଲମ୍, ଥ୍ରୀସୂର, ପାଥନ୍‌ମଥିଟ୍ଟା, ଆଲପୁଝା ଓ କୋଲ୍ଲମ୍ ଜିଲା ଉବୁଟୁବୁ ହେଉଛି। ବର୍ତ୍ତମାନ ପରିସ୍ଥିତିରେ ଉଜୁଡ଼ିଯାଇଥିବା କେରଳକୁ ସଜାଡ଼ିବାକୁ ପଡ଼ିବ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କେ.ଜେ. ଆଲଫନ୍ସ କହିଛନ୍ତି। କ୍ଷୁଧାତୁର ଲୋକଙ୍କୁ ରନ୍ଧା ଓ ପ୍ୟାକେଟ ଖାଦ୍ୟ ଯୋଗାଇବା ହେଉଛି ପ୍ରଥମ କାର୍ଯ୍ୟ। ସେହିପରି ଅଧିକ ସଂଖ୍ୟକ ଡାକ୍ତର ଓ ନର୍ସଙ୍କୁ ସେବାରେ ଲଗାଇବା ଅତ୍ୟନ୍ତ ଅପରିହାର୍ଯ୍ୟ। ଏବେ ଲୋକେ ରିଲିଫ୍ କ୍ୟାମ୍ପ ଛାଡ଼ି ନିଜ ଘରକୁ ଫେରିବେ। ଭାଙ୍ଗିଯାଇଥିବା ଘରକୁ ସଜାଡ଼ିବା ପାଇଁ ଅନେକ ପ୍ଲମ୍ବର, ଇଲେକ୍ଟ୍ରିସିଆନ ଓ ବଢ଼େଇଙ୍କ ଆବଶ୍ୟକ ରହିଛି। ଏସବୁ ଦିଗକୁ ଏବେ ଗୁରୁତ୍ୱ ଦିଆଯାଉ ବୋଲି ଆଲଫନ୍ସ କହିଛନ୍ତି।

ଘରଦ୍ୱାର ଭାଙ୍ଗିଯାଇଥିବାରୁ ୧୪ ଲକ୍ଷ ଲୋକ ବାସହରା ହୋଇ ଆଶ୍ରୟସ୍ଥଳୀରେ ମୁଣ୍ଡ ଗୁଞ୍ଜିଛନ୍ତି। ତନ୍ମଧ୍ୟରେ ୨.୧୨ ଲକ୍ଷ ମହିଳା ଏବଂ ୧ ଲକ୍ଷ ଶିଶୁ ଅଛନ୍ତି।

- ପୁନଃନିର୍ମାଣ କାର୍ଯ୍ୟ ଲାଗି ସହାୟତା ଲୋଡ଼ିଲେ ବିଜୟନ୍
- ୭୦୦ କୋଟି ଦେବାକୁ ୟୁଏଇର ପ୍ରତିଶ୍ରୁତି
- ୬୦୦ କୋଟି ଟଙ୍କା ମଞ୍ଜୁର କଲା କେନ୍ଦ୍ର
- ୨,୬୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍ ପାଇଁ ଦାବି
- ଅଗଷ୍ଟ ୮ରୁ ମୃତ୍ୟୁସଂଖ୍ୟା ୨୩୧

ରାଜ୍ୟର ବିଭିନ୍ନ ସ୍ଥାନରେ ୩,୨୦୦ ରିଲିଫ୍ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ଗତ ପାଞ୍ଚଦିନରେ ୧.୬୩ ଲକ୍ଷ ଲୋକଙ୍କୁ ପାଣି ଘେରରୁ ଉଦ୍ଧାର କରାଯାଇଛି। ଲୋକଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇଦିଆଯାଉଛି। କୋଚିନ୍ ବନ୍ଦରରେ ବିପୁଳ ରିଲିଫ୍ ସାମଗ୍ରୀ ପହଞ୍ଚିଛି। ବନ୍ୟା ଯୋଗୁ କୋଚି ବିମାନବନ୍ଦରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଠାରେ ୨୨୦ କୋଟି ଟଙ୍କାର କ୍ଷତି ଆକଳନ କରାଯାଇଛି। ବିମାନସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ବିମାନବନ୍ଦରରେ ପୁନଃନିର୍ମାଣ କାର୍ଯ୍ୟ ଚାଲିଛି। ଭାଙ୍ଗିଯାଇଥିବା ରେଳପଥର ମରାମତି କାର୍ଯ୍ୟ ମଧ୍ୟ ଚାଲିଛି। କେରଳରେ କିଛି ଭୟଙ୍କର ରୋଗ ବ୍ୟାପିଥିବା ନ ଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି।

ରାଜ୍ୟ ସଭା ନିର୍ବାଚନରେ ନୋଟା ବ୍ୟବହାରକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୨୧।୮(ପି.ଟି.)

ରାଜ୍ୟ ସଭା ନିର୍ବାଚନରେ ଉପର ମଧ୍ୟରୁ କୌଣସିଟା ନୁହେଁ (ନୋଟା) ବିକଳ୍ପକୁ ଅନୁମତି ଦିଆଯାଇ ପାରିବନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏହାସହ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ବାଚନ କମିଶନ(ଇସି)ଙ୍କ ଏ ସଂକ୍ରାନ୍ତ ବିଜ୍ଞପ୍ତିକୁ ଖାରଜ କରିଦେଇଛନ୍ତି। ନୋଟାକୁ କେବଳ ପ୍ରତ୍ୟକ୍ଷ ନିର୍ବାଚନ ପାଇଁ ବ୍ୟବହାର କରାଯାଇପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଗତବର୍ଷ ଗୁଜରାଟରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନ ବେଳେ ଦଳୀୟ ଏମ୍‌ପି ଅହମ୍ମଦ ପଟେଲଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିଲା। ସେତେବେଳେ ରାଜ୍ୟ ସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ବାଲଟ୍ ପେପରରେ ନୋଟା ବ୍ୟବସ୍ଥା କରିବା ଲାଗି ଇସି ବିଜ୍ଞପ୍ତି ଜାରି କରିଥିଲେ। ଗୁଜରାଟ ବିଧାନସଭାର ତତ୍କାଳୀନ କଂଗ୍ରେସ ମୁଖ୍ୟ ସଚେତକ ଶୈଳେଶ ମନୁଭାଇ ପରମାର ଇସିଙ୍କ ବିଜ୍ଞପ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଉକ୍ତ ସଦନ ପାଇଁ ନିର୍ବାଚନରେ ନୋଟା ବ୍ୟବସ୍ଥାକୁ ଅନୁମତି ଦିଆଗଲେ ଘୋଡ଼ାବେପାର ଓ ଦୁର୍ନୀତି ବଢ଼ିବ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଶୈଳେଶଙ୍କ ଆବେଦନର ଶୁଣାଣି କରି ଖଣ୍ଡପୀଠ ଉକ୍ତ ବିଜ୍ଞପ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି। ନୋଟାକୁ କେବଳ ପ୍ରତ୍ୟକ୍ଷ ନିର୍ବାଚନରେ ବ୍ୟକ୍ତିଗତ ଭୋଟରମାନେ ବ୍ୟବହାର କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ନିର୍ବାଚନ କମିଶନ ନୋଟା ବ୍ୟବହାର ଆରମ୍ଭ କରି ଭୋଟ ନ ଦେବା କାର୍ଯ୍ୟକୁ ଆଇନତଃ ବୈଧ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ।

ମହିଳାଙ୍କୁ ବିବସ୍ତ୍ର କରି ବୁଲାଇଲେ

ଆରା,୨୧।୮(ପି.ଟି.)

ବିହାରରେ ବର୍ବରତା

- ୧୬ ଗିରଫ, ୮ ପୋଲିସ ନିଲମ୍ବିତ
- ରିପୋର୍ଟ ମାଗିଲେ ଏନ୍‌ସିଡବ୍ଲ୍ୟୁ

ବିହାର ଭୋଜପୁର ଜିଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବିହିୟା ବ୍ଲକ୍‌ର ମୁଖ୍ୟ ବଜାରରେ ଜଣେ ମହିଳାଙ୍କୁ ହତ୍ୟାକାରୀ ମନେକରି ଲୋକେ ଆକ୍ରମଣ କରିଛନ୍ତି। ଏଥିସହ ସେମାନେ ମହିଳାଙ୍କୁ ଉଲଗ୍ନ କରି ବୁଲାଇଛନ୍ତି। ଏହି ମାମଲାରେ ୧୬ ଜଣଙ୍କୁ ଗିରଫ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ୮ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି।

ପୋଲିସ କହିବା ଅନୁଯାୟୀ, ୧୯ ବର୍ଷୀୟ ବିମଳେଶ ଶାହ ରବିବାର ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହ ସୋମବାର ଏକ ରେଳଧାରଣା ନିକଟରୁ ମିଳିଥିଲା। ଖବର ପାଇ ବିମଳେଶଙ୍କ ଗାଁ ଦାମୋଦରପୁରରୁ ଲୋକେ ଘଟଣାସ୍ଥଳକୁ ଯାଇଥିଲେ। ନିକଟସ୍ଥ ରେଡ୍‌ଲାଇଟ୍ ଏରିଆର କେହି ତାଙ୍କୁ ତଣ୍ଟିଚିପି ହତ୍ୟାକରିଥିବା ସେମାନେ ସନ୍ଦେହ କରିଥିଲେ। ଉକ୍ତ ଗ୍ରାମବାସୀ ଜଣେ ମହିଳାଙ୍କୁ ରାସ୍ତାକୁ ଘୋଷାଡ଼ି ଆଣି ମାଡ଼ ମାରିବା ସହ ଉଲଗ୍ନ କରିଦେଇଥିଲେ। ସେମାନେ ତାଙ୍କୁ ବିବସ୍ତ୍ର ଅବସ୍ଥାରେ ବଜାରରେ ବୁଲାଇଥିବା ଅଭିଯୋଗ ହୋଇଛି। ଏ ନେଇ ବିହାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ରିପୋର୍ଟ ମାଗିଛନ୍ତି।

ସଂକ୍ଷେପରେ

ଚେନାବ ନଦୀକୁ ଖସିଲା ଭ୍ୟାନ: ୧୩ ମୃତ

ଜମ୍ମୁ,୨୧।୮(ପି.ଟି.): ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ମଙ୍ଗଳବାର ଏକ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ୫ ବର୍ଷୀୟା ନାବାଳିକାଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। କିସ୍ତୱାର ଜିଲାର ମାତା ମଚାଇଲ ମନ୍ଦିରକୁ ଦର୍ଶନ ପାଇଁ ୧୧ ଶ୍ରଦ୍ଧାଳୁଙ୍କ ସମେତ ୧୩ ଜଣ ମଙ୍ଗଳବାର ସକାଳେ ଏକ ଭ୍ୟାନରେ ଯାଉଥିଲେ। ଆଉ ୨୮ କି.ମି. ଅତିକ୍ରମ କରିଥିଲେ ସେମାନେ କିସ୍ତୱାରରେ ପହଞ୍ଚିଥାନ୍ତେ। ଭ୍ୟାନ ପଦ୍ଦେର ବେଲ୍ଟ ଅଞ୍ଚଳ ଦେଇ ଗତି କରୁଥିବାବେଳେ ୭ଟା ୩୦ ମିନିଟରେ ରାସ୍ତାରେ ଭାରସାମ୍ୟ ହରାଇ ଚେନାବ ନଦୀରେ ଖସିପଡ଼ିଥିଲା। ଫଳରେ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଆହତ ହୋଇଥିବା ଜଣେ ୫ ବର୍ଷୀୟା ଝିଅଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଉଥିବାବେଳେ ବାଟରେ ସେ ଆଖିବୁଜି ଦେଇଥିଲେ। ୨୪ ଘଣ୍ଟା ମଧ୍ୟରେ କିସ୍ତୱାର ଜିଲାରେ ଏହା ହେଉଛି ଦ୍ୱିତୀୟ ବଡ଼ ଦୁର୍ଘଟଣା। ସୋମବାର କୁଲ୍ଲିଗାଡ଼ରେ ଭୂସ୍ଖଳନ ଘଟି ୭ ଜଣଙ୍କ ଜୀବନ ଯାଇଥିଲା। ସଦ୍ୟ ଦୁର୍ଘଟଣାକୁ ନେଇ ରାଜ୍ୟପାଳ ଏନ୍.ଏନ୍. ଭୋରା ଶୋକବ୍ୟକ୍ତ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ଅହମ୍ମଦ ପଟେଲ କଂଗ୍ରେସ କୋଷାଧ୍ୟକ୍ଷ

ନୂଆଦିଲ୍ଲୀ,୨୧।୮(ପି.ଟି.): ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ସଭା ସଦସ୍ୟ ଅହମ୍ମଦ ପଟେଲଙ୍କୁ ଦଳର କୋଷାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ପୂର୍ବରୁ ମୋତିଲାଲ ଭୋରା ଏହି ପଦରେ ଥିଲେ। ନୂଆକରି ସୃଷ୍ଟି କରାଯାଇଥିବା ଏଆଇସିସି ସାଧାରଣ ସମ୍ପାଦକ (ପ୍ରଶାସନ)ରେ ଭୋରାଙ୍କୁ ନିଯୁକ୍ତ କରାଯିବା ପରେ ତାଙ୍କ ସ୍ଥାନରେ ଅହମ୍ମଦଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମାଙ୍କୁ ଦଳର ବହିର୍ବ୍ୟାପାର ବିଭାଗ ଅଧ୍ୟକ୍ଷ ନିଯୁକ୍ତ କରଯାଇଛି।

ଫୁରସତ

ଏଚ୍‌ଆଇଭି ସଂକ୍ରମିତଙ୍କ ପାଇଁ ମାଟ୍ରିମୋନି ପୋର୍ଟାଲ

ଅହମ୍ମଦାବାଦ: ଏଚ୍‌ଆଇଭି ଆକ୍ରାନ୍ତ ଲୋକେ ଏଣିକି ସହଜରେ ନିଜ ପାଇଁ ବିବାହ ପ୍ରସ୍ତାବ ଖୋଜି ପାରିବେ, ତାହା ପୁଣି ୱେବ୍ ପୋର୍ଟାଲ୍‌ରେ। ଏଚ୍‌ଆଇଭି ଆକ୍ରାନ୍ତଙ୍କ ପାଇଁ ଏବେ ଏକ ନୂଆ ମାଟ୍ରିମୋନି ସାଇଟ୍ ଲଞ୍ଚ୍ କରାଯାଇଛି। 'matrimo-nial.gnspplus.org' ନାମକ ଏହି ପୋର୍ଟାଲକୁ ଗୁଜରାଟର ଅହମ୍ମଦାବାଦ ସହରରେ ଥିବା ଆଇଆଇଏମ୍ ଅହମ୍ମଦାବାଦଠାରେ ଲଞ୍ଚ୍ କରାଯାଇଛି। ଆଇଆଇଏମ୍ ଅହମ୍ମଦାବାଦର ସହଯୋଗରେ ଏଚ୍‌ଆଇଭି ସଂକ୍ରମିତଙ୍କ କଲ୍ୟାଣ ପାଇଁ କାର୍ଯ୍ୟକରୁଥିବା ଏକ ଏନ୍‌ଜିଓ ଗୁଜରାଟ ଷ୍ଟେଟ୍ ନେଟ୍‌ୱର୍କ ଅଫ୍ ପଜିଟିଭ୍ ପିପୁଲ୍ (ଜିଏସ୍‌ଏନ୍‌ପି+) ପକ୍ଷରୁ ଏହାକୁ ଲଞ୍ଚ୍ କରାଯାଇଛି। ନିଃସଙ୍ଗ ଜୀବନ ବିତାଉଥିବା ଏଚ୍‌ଆଇଭି ସଂକ୍ରମିତ ଲୋକଙ୍କ ପାଇଁ ଜୀବନସାଥୀ ଖୋଜିବାକୁ ଏହା ଆରମ୍ଭ କରାଯାଇଥିବା ଜିଏସ୍‌ଏନ୍‌ପି+ ସଭାପତି ଦୀକ୍ଷା ପଟେଲ କହିଛନ୍ତି।

ଚନ୍ଦ୍ରରେ ଜଳ ଠାବକଲା ଚନ୍ଦ୍ରଯାନ

ୱାଶିଂଟନ୍: ଚନ୍ଦ୍ରପୃଷ୍ଠରେ ବରଫ ଅବସ୍ଥାରେ ଜଳର ଉପସ୍ଥିତି ନେଇ ସ୍ପଷ୍ଟ କଲା ଭାରତୀୟ ମହାକାଶ ଯାନ 'ଚନ୍ଦ୍ରଯାନ ୧'। ଚନ୍ଦ୍ରର ଅନ୍ଧକାର ତଥା ସର୍ବାଧିକ ଶୀତଳ ପ୍ରାନ୍ତ ମେରୁ ଅଞ୍ଚଳରେ କଠିନ ଅବସ୍ଥାରେ ଜଳର ସନ୍ଧାନ ମିଳିଛି। ଚନ୍ଦ୍ରଯାନର ତଥ୍ୟ ଅନୁଧ୍ୟାନ କରିବା ପରେ ଆମେରିକା ମହାକାଶ ଗବେଷଣା ସଂସ୍ଥାର ବୈଜ୍ଞାନିକମାନେ ଦାବି କରିଛନ୍ତି। ଉତ୍କ୍ଷେପଣ କରାଯିବାର ୧୦ ବର୍ଷ ପରେ ଚନ୍ଦ୍ରଯାନ ନିକଟରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ପ୍ରକାଶ ଯେ, ଭାରତର ପ୍ରଥମ ଚନ୍ଦ୍ରଯାନରେ ଅନେକ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ସହ ୨୦୦୯ ଅଗଷ୍ଟ ୨୮ରେ ରେଡିଓ ସଙ୍କେତ ଦେବା ବନ୍ଦ କରି ଦେଇଥିଲା। ଏହାର କିଛି ସମୟ ପରେ ମିଶନ୍ ଶେଷ ହୋଇଥିବା ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ସେହି ସମୟରେ 'ଚନ୍ଦ୍ରଯାନ ୧' ୯୫% ଲକ୍ଷ୍ୟ ପୂରଣ କରି ସାରିଥିଲା। ମେରୁ ଅଞ୍ଚଳର ପୃଷ୍ଠରେ ଅଳ୍ପ କିଛି ମିଲିମିଟର ଯାଏ ବରଫ ରହିଛି। ଭବିଷ୍ୟତରେ ଚନ୍ଦ୍ରକୁ ଯାତ୍ରା ଏବଂ ସେଠାରେ ରହଣି ବେଳେ ଏହାକୁ ସମ୍ବଳ ଭାବେ ବ୍ୟବହାର କରଯାଇ ପାରିବ।



ଚନ୍ଦ୍ର ଭୂତଳରେ ଥିବା ଜଳକୁ ବାହାର କରିବା ଅପେକ୍ଷା ଏହା ଅତି ସହଜରେ ଉପଲବ୍ଧ ବୋଲି 'ଜର୍ନାଲ୍ ପିଏନ୍‌ଏଏସ୍'ରେ ଉଲ୍ଲେଖ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଦକ୍ଷିଣ ମେରୁରେ ଅଧିକାଂଶ ବରଫ ମହଜୁଦ ହୋଇ ରହିଛି ଏବଂ ଚନ୍ଦ୍ରପୃଷ୍ଠର ଗାତ ସହ ସଂଲଗ୍ନ ହୋଇ ରହିଛି। କିନ୍ତୁ ଉତ୍ତର ଗୋଲାର୍ଦ୍ଧରେ ଥିବା ବରଫ ବିସ୍ତୀର୍ଣ୍ଣ ଅଞ୍ଚଳରେ ପ୍ରସାରିତ ହୋଇ ରହିଛି। ବୈଜ୍ଞାନିକମାନେ ନାସାର 'ମୁନ୍ ମିନେରାଲୋଗ୍ରାଫି ମ୍ୟାପର୍' (ଏମ୍‌ଆର୍) ବା ଚନ୍ଦ୍ରରେ ଖଣିଜ ପଦାର୍ଥ ମାପକାରୀ ଯନ୍ତ୍ର ବ୍ୟବହାର କରି ଏହାର ସନ୍ଧାନ ପାଇଥିଲେ। ୨୦୦୮ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ଦ୍ୱାରା ଉତ୍କ୍ଷେପଣ କରାଯାଇଥିବା 'ଚନ୍ଦ୍ରଯାନ ୧'ରେ 'ଏମ୍‌ଆର୍'କୁ ବ୍ୟବସ୍ଥିତ କରାଯାଇଛି।

ଇତିହାସର ଆଇନାରେ

ଅଗଷ୍ଟ ୨୨ର ପ୍ରମୁଖ ଘଟଣା

୧୯୬୧ ଅଗଷ୍ଟ ୨୨ରେ ବର୍ଲିନ୍ ୱାଲ୍ ପାଇଁ ଆଇଦା ସେକ୍‌ମାନ୍ ନାମ୍ନୀ ଜଣେ ମହିଳା ପ୍ରାଣବଳି ଦେଇଥିଲେ। ବର୍ଲିନ୍ ୱାଲ୍ ଉଦ୍ଦେଶ୍ୟରେ ଏହା ଥିଲା ପ୍ରଥମ ପ୍ରାଣବଳି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବର୍ଲିନ୍ ୪ଟି ଆଲାଏଡ୍ ସେକ୍ଟରରେ ବିଭାଜିତ ହୋଇଥିଲା। ୧୯୬୧ ଅଗଷ୍ଟ ୨୩ରେ ବର୍ଲିନ୍ ୱାଲ୍ ନିର୍ମାଣ ହେବା ପରେ ସେକ୍‌ମେନ୍ ରହୁଥିବା ସେକ୍ଟରରୁ ଘରଦ୍ୱାର ଛାଡ଼ି ଏହି ୱାଲ୍ ଅତିକ୍ରମ କରିବାକୁ ଚେଷ୍ଟା କରୁଥିଲେ।

୨୦୦୬ ଅଗଷ୍ଟ ୨୨ରେ ପୁଲକୋଭ ଆଭିଏଶନଏଣ୍ଟରପ୍ରାଇଜ ଫ୍ଲାଇଟ୍ ୬୧୨ ରୁଷିଆ

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

■ ଉଜ୍ଜୟିନୀ ୪ ବର୍ଷର ଶିଶୁକୁ ବଳାତ୍କାର

୭ ଘଣ୍ଟାର ଶୁଣାଣି ପରେ ଦଣ୍ଡ

ଉଜ୍ଜୟିନୀ,୨୧।୮(ପି.ଟି.)

ମଧ୍ୟପ୍ରଦେଶର ଉଜ୍ଜୟିନୀଠାରେ ମାତ୍ର ୭ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ହେଲା ବଳାତ୍କାର ମାମଲାର ଶୁଣାଣି। ୫ ଦିନ ମଧ୍ୟରେ ମାମଲାର ତଦନ୍ତ ପ୍ରକ୍ରିୟା ଶେଷ କରାଯାଇ ଅଭିଯୁକ୍ତ ନାବାଳକଙ୍କୁ ଦଣ୍ଡାଦେଶ କରାଯାଇଛି। ଏହି ଘଟଣାକୁ ଦେଶର ଏକ ଶ୍ରେଷ୍ଠ ଫାଷ୍ଟ ଟ୍ରାକ୍ ଶୁଣାଣି ବୋଲି କୁହାଯାଉଛି। ଚାରିବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିବା ୧୪ ବର୍ଷୀୟ ନାବାଳକଙ୍କୁ ମଙ୍ଗଳବାର ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତଙ୍କୁ ୨ ବର୍ଷ ପାଇଁ କିଶୋର ସୁଧାର ଗୃହକୁ ପଠାଇ ଦିଆଯାଇଛି। ରାଜ୍ୟର ଉଜ୍ଜୟିନୀ ଜିଲାର ଘାଟିୟା ଗ୍ରାମରେ ଅଗଷ୍ଟ ୧୫ରେ ଶିଶୁକନ୍ୟା ଜଣକ ଅଭିଯୁକ୍ତଙ୍କ ଘରେ ଅନ୍ୟ ପିଲମାନଙ୍କ ସହ ଖେଳୁଥିଲେ। ଏହାର ସୁଯୋଗ ନେଇ ନାବାଳକ ଜଣକ ତାକୁ ବଳାତ୍କାର କରିଥିଲେ। ପୀଡ଼ିତା ପରିବାର ସଦସ୍ୟଙ୍କ ସମ୍ମୁଖରେ ସବୁ କଥା କହିବା ପରେ ସେମାନେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ରାଜସ୍ଥାନରୁ ନିଜ ସମ୍ପର୍କୀୟଙ୍କ ଘରୁ ଅଭିଯୁକ୍ତ ବାଳକଙ୍କୁ ଗିରଫ କରାଯାଇଥିଲା ବୋଲି ଉଜ୍ଜୟିନୀ ଏସ୍‌ପି ସଚିନ ଅତୁଲ୍‌କର ସୂଚନା ଦେଇଛନ୍ତି। ତେବେ ୫ ଦିନର ତଦନ୍ତ ପରେ ସୋମବାର ପୂର୍ବାହ୍ନ ୧୦.୪୫ ମିନିଟ୍‌ରେ କୋର୍ଟରେ କେସ୍ ଡାଏରୀ ଦାଖଲ କରାଯାଇଥିଲା। ମାତ୍ର ୭ ଘଣ୍ଟାର ଶୁଣାଣିକରି ସନ୍ଧ୍ୟା ୬ଟାରେ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ବିଚାରପତି ତୃପ୍ତି ପାଣ୍ଡେ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ କରିଥିଲେ ବୋଲି ସରକାରୀ ଓକିଲ ଦୀପେନ୍ଦ୍ର ମାଲୁ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା କୋଏଲ ବ୍ୟାରେଜ, ମେଡିକାଲ କଲେଜ ଓ ଅନ୍ୟ କେତେକ ପ୍ରତିଶ୍ରୁତି ମନେ ପକାଇବାକୁ ରାଉରକେଲାରୁ ୬ଜଣ ଭାଜପା ସମର୍ଥିତ ଯୁବକ ସାଇକେଲରେ ଆସି ମଙ୍ଗଳବାର ଭୁବନେଶ୍ୱର ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଯାଉଥିବାବେଳେ ମାଷ୍ଟରକ୍ୟାଣ୍ଟିନ ଛକରେ ପୋଲିସ ଗିରଫ କରିନେଉଛି।

ଲଘୁଚାପ ଦୁର୍ବଳ

ଭୁବନେଶ୍ୱର,୨୧।୮(ବ୍ୟୁରୋ):

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଓଡିଶା ଉପକୂଳରେ ଏକ ଲଘୁଚାପ ଦୁର୍ବଳ ହୋଇ ମଧ୍ୟପ୍ରଦେଶ ଆଡକୁ ଚାଲି ଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ବାୟୁମଣ୍ଡଳରେ ଜଳୀୟ ବାଷ୍ପ ଭରି ରହୁଥିବାରୁ ଆସନ୍ତା ୨୬ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ସୁନ୍ଦରଗଡ, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଯାଜପୁର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

କମ୍ ବ୍ୟବଧାନରେ ପରାଜିତ ପ୍ରାର୍ଥୀଙ୍କ ସହ ଆଲୋଚନା

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ୫୦ ବିଧାନସଭା ପ୍ରାର୍ଥୀଙ୍କ ନାମ ଆଗୁଆ ଘୋଷଣା କରିବ। ବର୍ତ୍ତମାନ ନିର୍ବାଚିତ ସମସ୍ତ ୧୫ ବିଧାୟକଙ୍କୁ ଟିକେଟ୍ ମିଳିବା ନିଶ୍ଚିତ ହୋଇଛି। ଉକ୍ତ ୧୫ ଜଣଙ୍କୁ ବାଦ୍ ଦେଇ ମଙ୍ଗଳବାର ୨୫ ବିଧାନସଭାରେ ପରାଜିତ ପ୍ରାର୍ଥୀଙ୍କ ସହ ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ ଆଲୋଚନା କରିଥିବା ଜଣାପଡିଛି। ସେହିପରି ଗୋଟିଏ ପରିବାରର ଏକାଧିକ ନେତାଙ୍କୁ ମଧ୍ୟ ଟିକେଟ ଦେବ କଂଗ୍ରେସ । ଯେଉଁ ପରିବାର ରାଜନୀତିରେ ସଂପୃକ୍ତ ସେହି ପରିବାରକୁ ଏକାଧିକ ଟିକେଟ ପ୍ରଦାନ କରାଯିବ। ଏନେଇ ସ୍ପଷ୍ଟ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ।

ଏନେଇ ନିରଞ୍ଜନ କହିଛନ୍ତି, ବିଜୟ ସମ୍ଭାବନା ହେଉଛି ଟିକେଟ ଆବଣ୍ଟନର ମୁଖ୍ୟ ମାନଦଣ୍ଡ। ଅମାନତ ହରାଇଥିବା ନେତାଙ୍କୁ ଆଦୌ ବିଚାରକୁ ନିଆଯିବ ନାହିଁ। ଯେଉଁମାନଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅପରାଧିକ ମାମଲା କରାଯାଇଛି ସେମାନଙ୍କ ଦକ୍ଷତା ଥିଲେ ଟିକେଟ ପ୍ରଦାନ କରାଯିବ। ତେବେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିବା ନେତାଙ୍କୁ ଟିକେଟ ମିଳିବ ନାହିଁ ବୋଲି ନିରଞ୍ଜନ କହିଛନ୍ତି। ଗତ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ଠାରୁ କମ୍ ବ୍ୟବଧାନରେ ପରାଜିତ ପ୍ରାର୍ଥୀଙ୍କୁ ଉକ୍ତ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ସେହି ପ୍ରାର୍ଥୀମାନେ ହେଉଛନ୍ତି– ବାଲିଗୁଡାର କେଲସା ପ୍ରଧାନ, କଣ୍ଟାବାଞ୍ଜିର ସିଂ ନବରଙ୍ଗପୁରର ସଦନ ନାଏକ, ନର୍ଲାରୁ ଜଗନ୍ନାଥ ପଟ୍ଟନାୟକ, ରାଜଗାଙ୍ଗପୁରର ଗ୍ରେଗୋରୀ ମିଞ୍ଜ, ମୋହନାରୁ ଦାଶରଥି ଗମାଙ୍ଗ, ପଟାଙ୍ଗୀରୁ ରାମଚନ୍ଦ୍ର କଦମ୍, ଟିଟିଲାଗଡରୁ ସୁରେନ୍ଦ୍ର ସିଂ ଭୋଇ, ମାଲକାନଗିରିରୁ ମଲ ମାଡୀ, ବରଗଡର ସାଧୁ ନେପାକ, ରେଢାଖୋଲରୁ ଅସରଫ୍ ଅଲ୍ଲୀ ଖାନ୍, ଉମରକୋଟ୍‌ରୁ ଜିତେନ୍ଦ୍ର ନାଥ ସିଂ ଗଣ୍ଡଙ୍କ ସମେତ ଅନ୍ୟାନ୍ୟ ନେତାଙ୍କ ସହ ମଧ୍ୟ ୱାନ–ଟୁ–ୱାନ ଆଲୋଚନା କରିଥିବା ଜଣାପଡିଛି। ନିକଟରେ ଜେଲ୍‌ରୁ ମୁକୁଳିଥିବା ସାନଖେମୁଣ୍ଡିର ପୂର୍ବତନ ବିଧାୟକ ରମେଶ ଜେନା ଏବଂ ଶିଳ୍ପପତି ତିରୁପତି ପାଣିଗ୍ରାହୀଙ୍କୁ ମଧ୍ୟ କଂଗ୍ରେସ ଭବନରେ ଦେଖିବାକୁ ମିଳିଥିଲା।

ସନ୍ତୋଷ ସିଂ ସାଲୁଜା, ସୁକିନ୍ଦାର ଶରତ ରାଉତ, ସୋରୋର ମୃତ୍ୟୁଞ୍ଜୟ ଜେନା, କେନ୍ଦ୍ରାପଡାର ଗଣେଶ୍ୱର ବେହେରା, ଖରିଆରର ଅଧିରାଜ ମୋହନ ପାଣିଗ୍ରାହୀ, ଗୁଣ୍ଡୁପୁରର ପୁରୁଷୋତ୍ତମ ଗମାଙ୍ଗ, ଜଟଣୀର ସୁରେଶ ରାଉତରାୟ, ବ୍ରଜରାଜନଗରରୁ କିଶୋର ପଟେଲ ପ୍ରମୁଖ।

ଏମାନଙ୍କ ବ୍ୟତୀତ ପ୍ରଭାରୀ

କଂଗ୍ରେସ ରାଜନୀତି

- ■ ଆଗୁଆ ଟିକେଟ୍ ବଣ୍ଟନ ନେଇ ତତ୍ପରତା
- ■ ଗୋଟିଏ ପରିବାରକୁ ମିଳିବ ଏକାଧିକ ଟିକେଟ୍
- ■ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଗୁରୁତ୍ୱ

ଛତିଶଗଡ଼ରେ ଏପରି ଏକ ଗ୍ରାମ ରହିଛି ଯେଉଁଠାରେ ମଦ ପିଉଥିବା କିମ୍ବା ପ୍ରସ୍ତୁତ କରୁଥିବା ଲୋକଙ୍କୁ ଜରିମାନା ବାବଦରେ ନଡ଼ିଆ ଦେବାକୁ ପଡ଼େ । ସ୍ଥାନୀୟ କୋରବା ଜିଲାର ମୈନଗଡ଼ୀ ଗ୍ରାମ ପଞ୍ଚାୟତରେ ଏପରି ଆଇନ ପ୍ରଚଳିତ । ଜରିମାନା ବାବଦରେ ନଡ଼ିଆ ଦେବା ଲୋକମାନଙ୍କ ପାଇଁ ସହଜ ହୋଇଥିଲେ ମଧ୍ୟ ମଦ ଯୋଗୁ ଏପରି କରିବାକୁ ପଡୁଥିବାରୁ ଲୋକେ ଲଜ୍ଜିତ ହୋଇଥାନ୍ତି ।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ହର୍ଷିତା
ପରିବାରବର୍ଗ

ମନିତ୍
ପରିବାରବର୍ଗ

ଖୁସି
ପରିବାରବର୍ଗ

ସିଧୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଖଇର ହାଙ୍କୁଟି ଉଠୁଛି ଯେତେ,
ଓପରେ ଓପରେ ଖୁନ୍ଦୁଛି ସେତେ ।

ସାଧାରଣତଃ ଖାଦ୍ୟଲୋଭୀ ବ୍ୟକ୍ତିଙ୍କର ପେଟ କେବେ ପୂରି ନ ଥାଏ । ଯେତେ ପେଟ ପୂରାଇ ଖାଇଲେ ମଧ୍ୟ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି । ଅତ୍ୟଧିକ ଖାଦ୍ୟ ଗ୍ରହଣ କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାର ହେଉଥିବା ଜାଣି ମଧ୍ୟ ଏପରି ଖାଦ୍ୟଲୋଭୀ ବ୍ୟକ୍ତି ନିଜ ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିପାରି ନ ଥାନ୍ତି । ଅଜୀର୍ଣ୍ଣରେ ପୁଣି ଖାଦ୍ୟ ଗ୍ରହଣ କରୁଥିବା ପେଟୁ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଖାଇବ ନାହିଁ, କି ଖୁଆଇବ ନାହିଁ ।

ନିଜେ କିଛି କରିବ ନାହିଁ କି କାହାକୁ କିଛି କରାଇଦେବ ନାହିଁ । ନିଜେ କୌଣସି ସୁବିଧା ଉପଭୋଗ ନ କରିବା ଓ ଅନ୍ୟକୁ ମଧ୍ୟ ସେଥିରୁ ବଞ୍ଚିତ କରାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ
ଆଜିର ବନ୍ଧୁମାନଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରିବ । କର୍ମକ୍ଷେତ୍ର କିମ୍ବା ପରିବାର ଭିତରେ ଭୁଲ୍ ବୁଝାମଣା କାରଣରୁ ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି । ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ । ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ ।

ବୃଷ
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ, ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ । ବନ୍ଧୁମାନଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ । ନିର୍ମାଣ କାର୍ଯ୍ୟରେ ଗତି ମନ୍ଥର ହେବ କିନ୍ତୁ ସମସ୍ୟାର ସମାଧାନ ହୋଇଯିବ । ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ ।

ମିଥୁନ
କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ । ଋଣ ପରିଶୋଧ କରିବା ଲାଗି ବିଭିନ୍ନ ପ୍ରକାର ଧନ୍ଦା କରିବା ସକାଶେ ମନ ବଳାଇବେ । ପାରିବାରିକ ସମସ୍ୟା ନିରାକରଣ ସକାଶେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି । ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ ।

କର୍କଟ
ଆଜି କର୍ମକ୍ଷେତ୍ରର କେତେକ ବ୍ୟତିକ୍ରମ କଥା ଓ ଆର୍ଥିକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି । ପାରିବାରିକ ସ୍ତରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ । କଳା, ସାହିତ୍ୟ, ସଙ୍ଗୀତ ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ । ହଠାତ୍ ଆଶା କରୁଥିବା ଶୁଭ ଖବର ଅସମର୍ଥିତ ସୂତ୍ରରୁ ଶୁଣି ଖୁସି ହେବେ ।

ସିଂହ
ଆତ୍ମୀୟମାନଙ୍କ ସକାଶେ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ । କର୍ମକ୍ଷେତ୍ରରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି । ସମସ୍ୟା ସମାଧାନ ଦିଗରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ । ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ ।

କନ୍ୟା
ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିବ । ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି । ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିବେ । ସାମାଜିକ ସ୍ତରରେ ଟାଳଟୁଳ ନୀତିରେ କାମ କରି ବନ୍ଧୁଙ୍କ ଅପ୍ରିୟଭାଜନ ହୋଇପାରନ୍ତି ।

ତୁଳା
ବିଭିନ୍ନ ଘରୋଇ କାରଣକୁ କେନ୍ଦ୍ରକରି ମନ ଅସ୍ଥିର ରହିବାରୁ ଦୃଷ୍ଟିକୋଣ ବଦଳିଯିବ । ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ । ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ନତୁବା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ ।

ବିଛା
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ । କ୍ରୀଡା, କଳା, ସାହିତ୍ୟ,ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବାର ସୂଚନା ରହିଛି । ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେଲେ ମଧ୍ୟ ବିଜୟୀ ହେବେ । ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ଆଶାଜନକ ସୁଫଳ ମଧ୍ୟ ପାଇବେ ।

ଧନୁ
ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ମନ ଭଲ ନ ଥିବା କାରଣରୁ କୌଣସି କାମରେ ମନ ଲାଗିବ ନାହିଁ । ସଭାସମିତି କିମ୍ବା ଆଲୋଚନା ପରିସରରେ ଆପଣଙ୍କ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ । ଜମିଜମା କାରବାର,ବିଦ୍ୟୁତ୍ ଉପକରଣ ବ୍ୟବସାୟ ଓ ଶେୟାର ବଜାର, ହୋଟେଲ ମାଲିକମାନେ ଲକ୍ଷ୍ୟହାସଲ କରିପାରିବେ ।

ମକର
ବିଭିନ୍ନ ଦିଗରୁ ସାହାଯ୍ୟ ଲାଭକରି କାର୍ଯ୍ୟ ହାସଲରେ ସମର୍ଥ ହେବେ । ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି । ପାରସ୍ପରିକ ଆଲୋଚନା, ଗଠନମୂଳକ କାମ, ଲେଖାପଢା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ । ନିର୍ମାଣ ଓ ପରିବହନ, ଜମିଜମା କାରବାର, ଗଠନମୂଳକ କାମରୁ ଲାଭବାନ ହେବେ ।

କୁମ୍ଭ
ପାରିବାରିକ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ବହୁ ସମ୍ଭାବନା ରହିଛି । ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିପାରେ । କର୍ମକ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା କାରଣରୁ ସନ୍ଦେହ ଓ ଭୁଲ୍ ବୁଝାମଣା ଜନିତ ସମସ୍ୟା ବଢିବ । ଧନିଷ୍ଠା ନକ୍ଷତ୍ର ସକାଶେ ବିଶେଷ କିଛି ଅସୁବିଧା ନ ଥିଲେ ସୁଦ୍ଧା ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି ।

ମୀନ
କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀ ସହ ବିବାଦ ବୃଦ୍ଧି ହୋଇପାରେ । ନିଜ ରହଣି ପରିସରସ୍ଥ ଆତ୍ମୀୟମାନଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ । ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ । ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି ।

ଆଜି ଶ୍ରାବଣ ଶୁକ୍ଳ ଏକାଦଶୀ ଯୁକ୍ତ ଦ୍ୱାଦଶୀ ବୁଧବାର, ବୈଷ୍ଣବ ସମ୍ମତ ଉତ୍ପନ୍ନିକା ଏକାଦଶୀ, ପୁତ୍ରଦା ଏକାଦଶୀ ବ୍ରତ ଓ ଉପବାସ, ଇଦ୍ ଜୁହା, ଅଗଷ୍ଟ ୨୨ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ୬।୫୦ମି. ଗତେ ଘ୮।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତବେଳା । ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ, ଘ୩।୪୧ମି. ଗତେ ଘ୫।୦୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୧।୪୯ମି. ଗତେ ଘ୧।୨୪ମି. ମଧ୍ୟେ ରାହୁକାଳ ।

ବିଦ୍ୟୁତ ଆଘାତରେ ଜଣେ ମୃତ

ନାକଟୀଦେଉଳ,୨୧।୮(ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କୁଞ୍ଜାମରା ଗ୍ରାମର ପିଠାଖାଇନଟି ସାହିର ଜଣେ ଯୁବକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି । ମୃତକଙ୍କ ନାମ କନ୍ଦର୍ପ ନାଏକ (୪୦) ମଙ୍ଗଳବାର ଦିନ ପ୍ରାୟ ୧୦ଟା ବେଳେ କନ୍ଦର୍ପ ନିଜ ଘରେ ବିଦ୍ୟୁତ୍ ସୁଇଚ ମରାମତି କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

କେରଳ ବନ୍ୟା ପୀଡିତଙ୍କ ପାଇଁ ଡିପ୍ଲୋମା ଇଞ୍ଜିନିୟର୍ସ, ପୂର୍ବତନ ଏମ୍‌ପିଙ୍କ ସହାୟତା

ଭୁବନେଶ୍ୱର, ୨୧।୮(ବ୍ୟୁରୋ): ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରର୍ସ ସର୍ଭିସ ଆସୋସିଏଶନ ପକ୍ଷରୁ କେରଳ ବନ୍ୟା ପ୍ରପିଡୀତଙ୍କ ପାଇଁ ଏକ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରାଯାଇଛି । ସେହିପରି ପୂର୍ବତନ ରାଜ୍ୟସଭା ଏମ୍‌ପି ରେଣୁବାଳା ପ୍ରଧାନ ତାଙ୍କର ଏକମାସର ପେନ୍‌ସନ୍ ୨୧, ୫୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଛନ୍ତି । ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିପ୍ଲୋମା ଇଞ୍ଜିନିୟରର୍ସ ଆସୋସିଏଶନ୍ ଏବଂ ରେଣୁବାଳାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ପ୍ରଥମ ପୃଷ୍ଠାରୁ...

ଆମ୍ବକୋଇଲି ପିଠା...

ଭଉଣୀ ନମିତା, ପୁଅ ପ୍ରକାଶ ଓ ସାନଭାଇ ଅବିନାଶଙ୍କ ସ୍ତ୍ରୀ ପ୍ରମିଳା ଖାଇଥିଲେ । ଅବିନାଶଙ୍କ ପୁଅ ରୋମିଓ (୫)ଙ୍କୁ ମଧ୍ୟ ଖାଇବାକୁ ଦେଇଥିଲେ । ପିତା ଲାଗିବାରୁ ସେ ଖାଇ ନ ଥିଲେ । ଅପରାହ୍ନରେ ପିଠା ଖାଇଥିବା ସୁଧମଣି, ନମିତା, ପ୍ରକାଶ ଓ ପ୍ରମିଳାଙ୍କୁ ଝାଡ଼ାବାନ୍ତି ହେବା ସହ ମୁଣ୍ଡ ବୁଲାଇଥିଲା ଏବଂ ଜିଭ ମଧ୍ୟ ଫୁଲି ଯାଇଥିଲା । କିଏ ଗୁଣି ଗାରେଡି କରିଥିବ ଭାବି ପରିବାର ପକ୍ଷରୁ ଝଡାଫୁଙ୍କା କରାଯାଇଥିଲା । କିନ୍ତୁ ରାତି ସାରା ସମସ୍ତଙ୍କୁ ବାନ୍ତି ହୋଇଥିଲା । ରାତି ପ୍ରାୟ ୨ଟାରେ ପ୍ରଥମେ ନମିତାଙ୍କ ମୃତ୍ୟୁ ଘଟିଥିଲା । ଗାଁଠାରୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୮ କିମି ଦୂରା ସେଥିମଧ୍ୟରୁ ୫ କିମି ଗାଁ ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଟ୍ରାକ୍ଟର ଯୋଗେ ସୁଧମଣି, ପ୍ରକାଶ ଓ ପ୍ରମିଳାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେତେବେଳକୁ ରାତି ସାଢେ ୩ଟା ହୋଇଥିଲା । ଡାକ୍ତର ସେମାନଙ୍କୁ ତୁରନ୍ତ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ । ନବରଙ୍ଗପୁରକୁ ଆସିବା ବାଟରେ ସୁଧମଣିଙ୍କ ମୃତ୍ୟୁ ଘଟିଥିଲା । ପ୍ରମିଳା ଓ ପ୍ରକାଶଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ସେମାନଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ପ୍ରମିଳାଙ୍କ ମୃତ୍ୟୁ ଘଟିଥିଲା । ପ୍ରକାଶ ଗୁରୁତର ଅବସ୍ଥାରେ ସେଠାରେ ଚିକିତ୍ସିତ ହେଉଛନ୍ତି ।

ଜଣାପଡ଼ିଛି ଯେ, ୮ ଦିନ ତଳେ ଆମ୍ବ କୋଇଲିକୁ ବତୁରାଇ ରଖାଯାଇଥିବାବେଳେ ସେଥିରେ ଫିମ୍ପି ଲାଗି ଯାଇଥିଲା । ସୋମବାର ତାହାକୁ ପିଠାକରି ସେମାନେ ଖାଇଥିଲେ । ଜିଲାପାଳ ଡ. ଅଜିତ କୁମାର ମିଶ୍ର ଖବର ପାଇବା ପରେ ବିଡିଓ ଗୁନୁ ଲାକ୍ରା, ତହସିଲଦାର କ୍ଷମାଶୀଳ ଭୋଇଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମଇନାପଦର ଗାଁରେ ବିଡିଓ, ତହସିଲଦାର ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆଶୁତୋଷ ମିଶ୍ର, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଡାକ୍ତର ସନ୍ତୋଷ ପ୍ରଧାନ ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ । ଏଥିସହ ଆମ୍ବକୋଇଲି ଗୁଣ୍ଡ ଏବଂ ପିଠା ଗ୍ରାମରେ କାହା ଘରେ ରହିଛି ପଚାରି ବୁଝିଥିଲେ । ତମ୍ବରୁଙ୍କ ପଡୋଶୀ ଡମ ସାନ୍ତାଙ୍କ ଘରୁ ପିଠା ଜବତ କରାଯାଇଥିଲା । ବିଡିଓ, ତହସିଲଦାର ଓ ମେଡିକାଲ ଟିମ୍ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଏକ ମିଳିତ ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଛି । ଜିଲାପାଳ ମଧ୍ୟ ଘଟଣା ସମ୍ପର୍କରେ ଏକ ରିପୋର୍ଟଙ୍କୁ ସରକାରଙ୍କୁ ଦେଇଛନ୍ତି । ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୪ ହଜାର ଟଙ୍କା ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ଖବର ପାଇଁ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର ଗ୍ରାମରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ । ଆମ୍ବ କୋଇଲିକୁ ପିଠା କରି ଖାଇବା ଦ୍ୱାରା ଏଭଳି ହୋଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମିଶ୍ର କହିଛନ୍ତି ।

ସୂଚନାଥାଉ କି, ଦୁର୍ଗମ ଅଞ୍ଚଳଗୁଡ଼ିକରେ ଲୋକେ ଖରାଦିନେ ଆମ୍ବ କୋଇଲିକୁ ଶୁଖାଇ ଗୁଣ୍ଡ କରି ଘରେ ରଖିଥାନ୍ତି । ବର୍ଷାଦିନେ ତାହାକୁ ଗରମ ପାଣିରେ ଛାଣି ପେଯ ଓ ପିଠା କରି ଖାଇଥାନ୍ତି । ଏହା ଝରିଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ । ଅନେକେ ପରମ୍ପରାଗତ ଆମ୍ବକୋଇଲିରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଖାଉଛନ୍ତି । ଅର୍ଜୁନଙ୍କ କହିବା ଅନୁଯାୟୀ ତାଙ୍କ ପରିବାରର ୩ ଏକର ଧାନଜମି ଓ ୧୫ ଏକର ଡଙ୍ଗର ଜମି ରହିଛି । ଚଳିତବର୍ଷ ସେ ମକା ଓ ଧାନଚାଷ କରିଛନ୍ତି ।

ଚାକିରି ପାଇଁ ଜୀବନ...

ଅସୁସ୍ଥ ପ୍ରଭାତ ସାହୁ ଓ କୁନା ନାଏକ

ଅନ୍ୟ ପ୍ରାର୍ଥୀମାନଙ୍କ ସହ ଏଥିରେ ପ୍ରବାସୀ, ପ୍ରଭାତ ଓ କୁନା ଭାଗ ନେଇଥିଲେ । ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆଉ ମାତ୍ର ୨୦୦ ମିଟର ବାକି ଥିବାବେଳେ ଏମାନେ ହାଲିଆ ହୋଇ ତଳେ ପଡ଼ିଯାଇଥିଲେ । ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଏମାନଙ୍କୁ ବୌଦ୍ଧ ମେଡିକାଲ ପଠାଇ ଦିଆଯାଇଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରବାସୀଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ବୌଦ୍ଧ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଏସ୍‌ଡିପିଓ ସାଲେଷ୍ଟିନ ଟିଗା ଓ ଥାନା ଅଧିକାରୀ ସୁବାସ ଚନ୍ଦ୍ର ରାୟଗୁରୁ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ପୋଲିସ ପ୍ରବାସୀଙ୍କ ମୃତଦେହ ଜବତ କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଛି । ଏକ ଅପମୃତ୍ୟୁ ମାମଲା (ନଂ. ୨୩/୧୮) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ ପ୍ରବାସୀ ପୂର୍ବରୁ ଅନୁଷ୍ଠିତ ସମସ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ଶେଷ ଦୌଡ଼ ପରୀକ୍ଷା ଦେଉଥିଲେ । ଅନ୍ୟପକ୍ଷରେ ଅଧିକାଂଶ ପରୀକ୍ଷାର୍ଥୀ ଶାରୀରିକ ପରୀକ୍ଷା ପୂର୍ବରୁ ଖାଦ୍ୟ ନେଉ ନ ଥିବାରୁ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ତୁରନ୍ତ ହାଲିଆ ହୋଇ ଏପରି ଅଘଟଣକୁ ଆମନ୍ତ୍ରଣ କରୁଥିବା ଆଇଆର୍‌ବି ପକ୍ଷରୁ କୁହାଯାଇଛି । ପୂର୍ବରୁ ଗତ ୯ ତାରିଖରେ କଟକ ନରାଜଠାରେ ଓଡ଼ିଶା ସ୍ପେଶାଲ୍ ଆର୍ମଡ ପୋଲିସ (ଓଏସ୍‌ଏପି) ପକ୍ଷରୁ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ହୋଇଥିବାବେଳେ ୨ଜଣ ପରୀକ୍ଷାର୍ଥୀ ଅସୁସ୍ଥ ହୋଇପଡ଼ିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ କଟକ ଜିଲା ନରସିଂହପୁର ବ୍ଲକ ନୁଖାପଡ଼ା ଗ୍ରାମର ସୁରେଶ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା । ସେହିପରି ଗତ ୧୧ ତାରିଖରେ କଳାହାଣ୍ଡି ଜିଲା ଭବାନୀପାଟଣାଠାରେ କନଷ୍ଟେବଳ ନିଯୁକ୍ତି ପାଇଁ ହୋଇଥିବା ଦୌଡ଼ରେ ସୁଶାନ୍ତ ନାୟକ ନାମକ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟ

ସୁନା ଖଟରେ ଶୋଉଥିବା କୋଟିପତି କୁକୁଡ଼ା ବ୍ରିଟେନରେ ରହିଛି । ଏହାର ନାମ ଗିଗୁ । ଏହି କୁକୁଡ଼ା ଏବେ ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଛି ଏବଂ ସାରା ବିଶ୍ୱରେ କୋଟିପତି କୁକୁଡ଼ାର ମାନ୍ୟତା ହାସଲ କରିଛି । କୁକୁଡ଼ା ପାଖରେ ରହିଛି ସମସ୍ତ ବିଳାସବ୍ୟସନର ସୁବିଧା । ତାକୁ ଜଗିବା ପାଇଁ ସୁରକ୍ଷାକର୍ମୀ ରହିଛନ୍ତି । କୁକୁଡ଼ାଟି ଦାମୀ ଗାଡ଼ିରେ ବୁଲିବାକୁ ଯାଏ । ଗିଗୁ ନାମରେ ୬୭ କୋଟି ଟଙ୍କାର ସମ୍ପତ୍ତି ରହିଛି । ଏସବୁ ସମ୍ପତ୍ତି ଉତ୍ତରାଧିକାରୀ ସୂତ୍ରରେ ଗିଗୁ ତା'ର ମାଲିକଙ୍କଠାରୁ ପାଇଛି । ଗିଗୁର ମାଲିକ ହେଉଛନ୍ତି ବ୍ରିଟେନର ଜଣେ ଖ୍ୟାତିସମ୍ପନ୍ନ ପ୍ରକାଶକ ମାଇଲ୍ସ ବ୍ଲକ୍ ବେଲ୍ ।

ସଂକ୍ଷେପରେ

ଅପରେଶନ ମୁସ୍କାନ-୨ ନାମ ବଦଳିଲା

ସେପ୍ଟେମ୍ବରରୁ ନିଖୋଜ ପିଲାଙ୍କୁ ଖୋଜିବ 'ପରୀ-୨'

କଟକ ଅଫିସ, ୨୧।୮: ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ୨୦୧୬ରେ ଆରମ୍ଭ ହୋଇଥିବା ଅପରେଶନ ମୁସ୍କାନ-୨ର ନାମ ପରିବର୍ତ୍ତନ କରାଯାଇଛି। ଏହାର ନୂତନ ନାମ ରଖାଯାଇଛି 'ପରୀ-୨'। ଏନେଇ ମଙ୍ଗଳବାର କ୍ରାଇମ୍ ବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ କହିଛନ୍ତି। କ୍ରାଇମ୍ ବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟରେ ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ମୁସ୍କାନ-୨ ସଫଳତାର ସହ କାର୍ଯ୍ୟ କରିଛି। ଏବେବି ବହୁତ ପିଲା ନିଖୋଜ ରହିଛନ୍ତି। ସେମାନଙ୍କର ସନ୍ଧାନ ପାଇଁ 'ପରୀ-୨' କାର୍ଯ୍ୟ କରିବ। ଏଥିପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୧ରୁ ୧୫ ତାରିଖ ଓ ୧୬ରୁ ୩୦ ତାରିଖ ଦୁଇଟି ପର୍ଯ୍ୟାୟରେ ଏହି ଟିମ୍ ରାଜ୍ୟ ଏବଂ ରାଜ୍ୟ ବାହାରେ ନିଖୋଜ ପିଲାମାନଙ୍କୁ ଖୋଜିବାରେ ନିୟୋଜିତ ହେବ ବୋଲି ଉପାଧ୍ୟାୟ କହିଛନ୍ତି। ୨୦୧୬ ଜୁଲାଇ ୨୫ରେ ଅପରେଶନ ମୁସ୍କାନ ଗଠନ କରାଯାଇଥିଲା। ୨୦୧୬ରେ ଦୁଇଟି ପର୍ଯ୍ୟାୟରେ ମୋଟ ୨୬୧୦ ପିଲାଙ୍କୁ ଉଦ୍ଧାର କରିଥିଲା ସେଥିରୁ ୨୨୭୧ ନାବାଳକ ୩୩୯ ନାବାଳିକା ଥିଲେ।

ଖାଦ୍ୟ ସୁରକ୍ଷା ଯୋଜନାକୁ ନେଇ ରାଜନୀତି

ଭୁବନେଶ୍ୱର, ୨୧।୮ (ବ୍ୟୁରୋ)

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ପ୍ରକୃତରେ ଗରିବ, ନିଃସ୍ୱ ଓ ଅସହାୟ ଓଡିଆଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଥିବା ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡାଙ୍କ ଚିଠି ସ୍ପଷ୍ଟ କରୁଛି ବୋଲି ଭାଜପା ଅଭିଯୋଗ ଆଣିଛି।

ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଗତ ୮ତାରିଖରେ ରଙ୍ଗଲାଲ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବଙ୍କୁ ଲେଖିଥିବା ଚିଠି ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି। ଚିଠିରେ ଉଲ୍ଲେଖ ରହିଛି ଯେ, ଖାଦ୍ୟ ସୁରକ୍ଷା ଆଇନରେ ଦୁର୍ଗମ ଓ ଜନଜାତି ଅଞ୍ଚଳରେ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସକାଶେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ଟ୍ରାଇବାଲ ସବ୍‌ପ୍ଲାନ ଅନ୍ତର୍ଭୁକ୍ତ ୧୧୯ ଜନଜାତି ଉପଯୋଜନା ଅନ୍ତର୍ଭୁକ୍ତ ବ୍ଲକଗୁଡିକରେ ୭୦୯୧ ଯୋଗ୍ୟ ବିବେଚିତ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ନାହିଁ। ଏହାଛଡା ଜୁନ୍ ୨୦୧୮ ସୁଦ୍ଧା ଏହି ବ୍ଲକର ବିଡିଓମାନଙ୍କ ପାଖରେ ୧୫,୮୨୨ ଆବେଦନ ବିଚାର ଲାଗି ପଡି ରହିଛି। ଏହି ସମୟ ଭିତରେ କ୍ୱାର୍ଟର ଶେଷସୁଦ୍ଧା ଅଧିକ ୮,୬୧୧ ଆବେଦନ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଆବେଦନକାରୀଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଜଣାପଡିଛି। ରାଜ୍ୟ ସରକାର ଆବଶ୍ୟକ ନିର୍ଦ୍ଦେଶନାମା ଜାରି କଲେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବାକିଥିବା ତାଲିକାରେ ପରିବାରଗୁଡିକୁ ସାମିଲ ହୋଇପାରିବେ ବୋଲି ଜାମୁଡା କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ସରକାର ୩ଲକ୍ଷ ୨୮ହଜାର ୮୫୯ ଆବେଦନକାରୀଙ୍କୁ ସାମିଲ କଲେ ମାସକୁ ୪.୬କୋଟି ଟଙ୍କା ହିସାବରେ ବର୍ଷକୁ ୫୫.୨୪କୋଟି ଟଙ୍କା ଖର୍ଚ୍ଚ କମ୍ ହେବ। ଏହି ଅର୍ଥ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରୁ ଖର୍ଚ୍ଚ କମ୍ ହେବ। ଏହାଦ୍ୱାରା ବିନା କେନ୍ଦ୍ରୀୟ ଅନୁଦାନରେ ୭୮୯ ଅଙ୍ଗନୱାଡି ଗୃହ ତିଆରି କରାଯାଇପାରିବ ବୋଲି ଜାମୁଡା ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ପତ୍ରକୁ ଦେଖିଲା ପରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଏକ ରାଜନୈତିକ ଚାଲ ବୋଲି ମହାନ୍ତି ଅଭିଯୋଗ କରିଛନ୍ତି।

ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ରାଜ୍ୟ ସରକାର ଯେତେବେଳେ କେନ୍ଦ୍ରକୁ ଚିଠି ଲେଖି ଜଣାଇଛନ୍ତି, ରାଜ୍ୟରେ ୨୦୧୧-୨୦୧୮ ମଧ୍ୟରେ ବୃଦ୍ଧି ପାଇଥିବା ଜନସଂଖ୍ୟା ଏବଂ ବାଦ୍ ପଡିଥିବା ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ କରାଯାଉ ଏନେଇ କୌଣସି ଉତ୍ତର ମିଳି ନାହିଁ। ସେଥିପାଇଁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା କରିବାକୁ ବାଧ୍ୟ ହେଲେ। ଭାଜପା ନେତାମାନେ ୩ଲକ୍ଷ ହିତାଧିକାରୀଙ୍କ କଥା କହୁଥିବା ବେଳେ ବାକି ୨୦ଲକ୍ଷଙ୍କ କଥା କାହିଁକି କହୁନି। ଭାଜପା ଆତଙ୍କିତ ହୋଇ ଏଭଳି କହୁଥିବା ପ୍ରତାପ କହିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କିନ୍ତୁ ଏହି ଯୋଜନା କଥା ଉଠାଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଅଧିକ ଲୋକଙ୍କୁ ଯଦି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ପାରୁଛି ତେବେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଆମ ଦେଶ ଓ ରାଜ୍ୟର ଦୁର୍ଭାଗ୍ୟ ହେଉଛି, କେନ୍ଦ୍ର ଓ ରାଜ୍ୟରେ ଥିବା ସରକାର ଯେମିତି ବାହୁସ୍ଫୋଟ ମାରନ୍ତି ତାକୁ କାର୍ଯ୍ୟରେ କରନ୍ତି ନାହିଁ। ଏମାନେ କଥାରେ ହିରୋ ଆଉ କାମରେ ଜିରୋ ବୋଲି ସେ କହିଛନ୍ତି।

ଖବରଦାତା ସମ୍ମିଳନୀରେ ସମୀର ମହାନ୍ତି।

- ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ରାଜନୈତିକ ଚାଲ୍: ଭାଜପା
- ରାଜ୍ୟ ସରକାରଙ୍କ ଯୋଜନା ଦେଖି ଭାଜପା ଆତଙ୍କିତ: ବିଜେଡି
- ରାଜ୍ୟ ଓ କେନ୍ଦ୍ର ସରକାର କଥାରେ ହିରୋ, କାମରେ ଜିରୋ: କଂଗ୍ରେସ

ଆଜି ଭୁବନେଶ୍ୱରରେ ପହଞ୍ଚିବ ବାଜପେୟୀଙ୍କ ଅସ୍ଥି କଳସ

ଭୁବନେଶ୍ୱର, ୨୧।୮ (ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥିକଳସ ଆଣି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ଏହା ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଅଣାଯିବ। ସେଠାରେ ଗୋଟିଏ ଦିନ ଅସ୍ଥିକଳସକୁ ରଖାଯିବ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୋଲକ କହିଛନ୍ତି, ଆସନ୍ତା ୨୩ ତାରିଖରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ସଭାପତି ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ରାଜ୍ୟ ନେତୃମଣ୍ଡଳୀ ଅସ୍ଥିକଳସ ଧରି ପୁରୀ ଅଭିମୁଖେ ଯାତ୍ରା କରିବେ। ଏହି ଶୋଭାଯାତ୍ରା ଭୁବନେଶ୍ୱରଠାରୁ ବାହାରି ଅଠରନଳାଠାରେ ପହଞ୍ଚିବ। ସେଠାରୁ ପୁରୀ ମହୋଦଧି ପର୍ଯ୍ୟନ୍ତ ଯାଇ ବିସର୍ଜନ କରାଯିବ। ୨୪ତାରିଖରେ ରାଜଧାନୀର ପ୍ରଦର୍ଶନୀ ପଡିଆଠାରେ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ଏହି ସଭାରେ ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଦଳର ସବୁ ନେତା ଓ କର୍ମୀମାନେ ଉପସ୍ଥିତ ରହି ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ମହାପାତ୍ର ନିବେଦନ କରିଛନ୍ତି।

ପକ୍ଷଭୁକ୍ତ ହେଲା ଗଣଶିକ୍ଷକ ସଂଘ

କଟକ ଅଫିସ, ୨୧।୮

ବହୁ ବାଦବିବାଦ ପରେ ଗଣଶିକ୍ଷକ ଲେଭଲ-୫ ଏକ୍ସ କ୍ୟାଡର ସହକାରୀ ଶିକ୍ଷକ ମହାସଂଘର ଆବେଦନକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ସେହିପରି ଜନସ୍ୱାର୍ଥ ମାମଲା ରୁଜୁ କରିଥିବା ଆବେଦନକାରୀ ଓଡ଼ିଶା ବିକାଶ ପରିଷଦର ଆପତ୍ତିକୁ ହାଇକୋର୍ଟ ଖାରଜ କରିଛନ୍ତି। ମହାସଂଘକୁ ପକ୍ଷଭୁକ୍ତ କରା ନ ଯାଇ ମାମଲାର ଶୁଣାଣି ହୋଇପାରିବ ନାହିଁ ବୋଲି ହାଇକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଫଳତଃ ମହାସଂଘକୁ ମାମଲାରେ ପକ୍ଷଭୁକ୍ତ କରି ମାମଲାର ଦସ୍ତାବିଜ ଦୁଇଦିନ ମଧ୍ୟରେ ହସ୍ତାନ୍ତର କରିବା ପାଇଁ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ ବି.ଆର୍. ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୩ ତାରିଖକୁ ଧାର୍ଯ୍ୟ ହୋଇଛି। ମହାସଂଘ ପକ୍ଷରୁ ଆଡଭୋକେଟ ପ୍ରସନ୍ନ କୁମାର ନନ୍ଦ ମାମଲା ପରିଚାଳନା କରୁଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଇଜିଏସ୍ (ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍)ରେ ଚାକିରି ପାଇଥିବା ଶିକ୍ଷକମାନଙ୍କୁ ରାଜ୍ୟ ସରକାର ୨୦୦୮ରେ ଗଣଶିକ୍ଷକ ଭାବେ ଘୋଷଣା କଲେ। ତେବେ ଏହି ଶିକ୍ଷକଙ୍କ ଚାକିରିକୁ ନିୟମିତ କରିବା ପାଇଁ ମହାସଂଘ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଛି। ମନ୍ତ୍ରୀସ୍ତରୀୟ ଆଲୋଚନା ପରେ ୮ ବର୍ଷ ଗଣଶିକ୍ଷକ ଭାବେ କାର୍ଯ୍ୟ କରିଥିବା ଶିକ୍ଷକଙ୍କ ଚାକିରିକୁ ନିୟମିତ କରାଯିବ ବୋଲି ରାଜ୍ୟ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ୨୦୧୭ ଡିସେମ୍ବରରୁ ୨୦୧୮ ଜାନୁୟାରୀ ମଧ୍ୟରେ ରାଜ୍ୟରେ ୨୦ହଜାରରୁ ଊର୍ଦ୍ଧ୍ୱ ଗଣଶିକ୍ଷକଙ୍କୁ ସରକାର ନିୟମିତ କରିଥିଲେ। ମାତ୍ର ଏହାକୁ ବିରୋଧ କରି ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୨୦୧୮ ମାର୍ଚ୍ଚ ୨୬ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ବିକାଶ ପରିଷଦ ପକ୍ଷରୁ ଦର୍ଶାଯାଇଥିଲା ଯେ, ୨୦୧୨ରେ ପ୍ରଣୀତ ଆଇନ ଅନୁଯାୟୀ ଏମାନେ (ନିୟମିତ ହୋଇଥିବା ଗଣଶିକ୍ଷକ) ଓଟିଇଟି ପାସ୍ କରି ନ ଥିବାରୁ ନିୟମିତ ହେବା ପାଇଁ ଅଯୋଗ୍ୟ। ତେଣୁ ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ଘୋଷଣା କରିବା ପାଇଁ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟଙ୍କୁ ପିଟିଶନ ଜରିଆରେ ଆବେଦନ କରାଯାଇଥିଲା। ଆବେଦନର ଶୁଣାଣି କରି ହାଇକୋର୍ଟ ନିୟମିତ ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ରୁଜୁ କରାଯାଇଥିବା ଜନସ୍ୱାର୍ଥ ମାମଲାରେ ଗଣଶିକ୍ଷକଙ୍କୁ ପକ୍ଷଭୁକ୍ତ କରାଯାଇ ନ ଥିଲା। ଫଳରେ ଗଣଶିକ୍ଷକ ଲେଭଲ-୫ ଏକ୍ସ କ୍ୟାଡର ସହକାରୀ ଶିକ୍ଷକ ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସଂଘକୁ ପକ୍ଷଭୁକ୍ତ କରିବା ପାଇଁ ପିଟିଶନରେ ନିବେଦନ କରାଯାଇଥିଲା। ମାତ୍ର ଉକ୍ତ ଆବେଦନକୁ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ବିରୋଧ କରାଯାଇଥିଲା।

ଗଣଶିକ୍ଷକ ଚାକିରି ନିୟମିତ ପାପଲା

- ବିରୋଧ କରିଥିଲା ଓଡ଼ିଶା ବିକାଶ ପରିଷଦ
- ସେପ୍ଟେମ୍ବର ୩ରେ ପରବର୍ତ୍ତୀ ଶୁଣାଣି

■ ୧୬୨ ଜଣ ତଦନ୍ତକାରୀ ଅଫିସରଙ୍କୁ ମିଳିବ ଏକ୍ସିଲେନ୍ସ ଆୱାର୍ଡ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଯିବ ଓଡ଼ିଶାରୁ ୪ ଜଣଙ୍କ ନାମ

କଟକ ଅଫିସ, ୨୧।୮

ଦେଶର ୧୬୨ଜଣ ତଦନ୍ତକାରୀ ପୋଲିସ ଅଫିସରଙ୍କୁ 'ଏକ୍ସିଲେନ୍ସ ଇନ୍ ଇନ୍‌ଭେଷ୍ଟିଗେଶନ' ଆୱାର୍ଡ ପ୍ରଦାନ କରାଯିବ। ତଦନ୍ତ କ୍ଷେତ୍ରରେ ସଫଳତା ପାଇଥିବା ଅଧିକାରୀମାନଙ୍କୁ ଏହି ପୁରସ୍କାର ମିଳିବ। ଏଥିରେ ଏକ ତୃତୀୟାଂଶ ମହିଳା ଅଫିସର ରହିବେ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି କ୍ରମରେ ଓଡ଼ିଶାରୁ ୪ ଜଣ ଅଫିସରଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଜଣେ ମହିଳା ଅଫିସରଙ୍କ ସମେତ ୪ ଜଣଙ୍କ ନାମ ଶୀଘ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଯିବ ବୋଲି ମଙ୍ଗଳବାର କ୍ରାଇମ୍ ବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ କହିଛନ୍ତି। ତେବେ ପୁରସ୍କାର ପାଇଁ ଚୟନ କରାଯାଇଥିବା ଉକ୍ତ ନାମଗୁଡିକ ଏବେ ଡିଜିପିଙ୍କ ଅନୁମୋଦନ ଅପେକ୍ଷାରେ ରହିଥିବା ସେ ସୂଚନା ଦେଇଛନ୍ତି।

ଓଏସ୍‌ଆର୍‌ଟିସି ବସ୍ କର୍ମଚାରୀଙ୍କ ଆନ୍ଦୋଳନ, ଯାତ୍ରୀ ହନ୍ତସନ୍ତ

ଭୁବନେଶ୍ୱର, ୨୧।୮ (ବ୍ୟୁରୋ):

ଓଡ଼ିଶା ରାଜ୍ୟ ସଡ଼କ ପରିବହନ(ଓଏସ୍‌ଆର୍‌ଟିସି) ବସ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବା ଯୋଗୁ ରାଜ୍ୟରେ ୬୦୦ରୁ ଊର୍ଦ୍ଧ୍ୱ ବସ ବିଭିନ୍ନ ସ୍ଥାନରେ ଅଟକି ରହିଛି। ୪ଦଫା ଦାବି ପୂରଣ ନେଇ ଏହି କର୍ମଚାରୀମାନେ ଆସନ୍ତା ୩ ଦିନ ଯାଏ ଧର୍ମଘଟ ଡାକରା ଦେଇଛନ୍ତି। କର୍ମଚାରୀମାନେ ଦାବି ପୂରଣ ପାଇଁ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ଆରମ୍ଭ କରିଛନ୍ତି। ସମାନ କାମ ପାଇଁ ସମାନ ଦରମା ଏବଂ ସପ୍ତମ ବେତନ କମିଶନ ଅନୁଯାୟୀ ଦରମା ଦେବାକୁ ଦାବି କରାଯାଇଛି। ଓଏସଆରଟିସିର ୬୦୦ ବସ ବନ୍ଦ ହେବା ଯୋଗୁ ଦୂରଦୂରାନ୍ତକୁ ଯିବାକୁ ଅପେକ୍ଷା କରିଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବାଦାମବାଡି ବସଷ୍ଟାଣ୍ଡରୁ ୬୦ଟି ବସ ଚଳାଚଳ ବନ୍ଦ ରହିଛି। ସେହି ପରି ଭୁବନେଶ୍ୱର ଓ ଅନ୍ୟାନ୍ୟ ସ୍ଥାନରୁ ବସ ଚଳାଚଳ ବନ୍ଦ ରହିଛି। କୋରାପୁଟ, ମାଲକାନଗିରି, ରାୟଗଡା ଓ ଅନ୍ୟାନ୍ୟସ୍ଥାନକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ବସ ଧର୍ମଘଟ ଯୋଗୁ ଯାଇ ନ ପାରି ଅପେକ୍ଷା କରି ରହିଛନ୍ତି। ସମାନ କାର୍ଯ୍ୟକୁ ସମାନ ଦରମା, ସପ୍ତମ ବେତନ କମିଶନ ଆଧାରରେ ଦରମା, ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଆଦି ଆମର ନ୍ୟାଯ୍ୟ ଦାବି। ସରକାର ଏହାକୁ ନ ମାନିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଓଡିଶା ରାଜ୍ୟ ସଡକ ପରିବହନ ନିଗମ ସଂଘ ପକ୍ଷରୁ କୁହାଯାଇଛି।

ଚାକିରି ନିୟମିତ ପାଇଁ ସତ୍ୟପାଠ ବିଜ୍ଞପ୍ତି ରଦ୍ଦ

କଟକ ଅଫିସ, ୨୧।୮

ଚାକିରି ନିୟମିତ ପାଇଁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ ମାମଲାରେ ସରକାରଙ୍କ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ୨୦୧୭ ପରଠାରୁ ଶିକ୍ଷକ ଓ ଅଧ୍ୟାପକମାନଙ୍କୁ ନିୟମିତ କରିବା ଆଳରେ ସରକାର ସେମାନଙ୍କଠାରୁ ସତ୍ୟପାଠ ଆହ୍ୱାନ କରିଥିଲେ। ଏ ନେଇ ସରକାର ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ଯେଉଁମାନଙ୍କ ଚାକିରି ନିୟମିତ କରାଯିବ ସେମାନେ ଏକ ସତ୍ୟପାଠ ଦାଖଲ କରିବେ। ଉକ୍ତ ସତ୍ୟପାଠରେ ସେମାନେ ଉଲ୍ଲେଖ କରିବେ ଯେ, ପୂର୍ବରୁ ନିୟମିତ ହେବା ପାଇଁ ସେମାନେ ସରକାରଙ୍କ ବିରୋଧରେ ଯେଉଁସବୁ ମାମଲା କରିଛନ୍ତି ସେ ସବୁକୁ ପ୍ରତ୍ୟାହାର କରିବେ ଓ ଭବିଷ୍ୟତରେ ସରକାରଙ୍କ ନିଷ୍ପତ୍ତି ବିରୋଧରେ ପୁନର୍ବାର କୌଣସି ମାମଲାର ଆଶ୍ରୟ ନେବେ ନାହିଁ। ସରକାରଙ୍କ ଏଭଳି ଅଜବ ବିଜ୍ଞପ୍ତିକୁ ବିରୋଧ କରି କେତେଜଣ ଶିକ୍ଷକ, ଅଧ୍ୟାପକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଏ.କେ. ରଥ ସରକାରଙ୍କ ପକ୍ଷରୁ ପ୍ରକାଶିତ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବାକୁ ଆଦେଶ ଦେଇଛନ୍ତି। ଆବେଦନକାରୀ ଶିକ୍ଷକ ଓ ଅଧ୍ୟାପକଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ମାମଲା ପରିଚାଳନା କରୁଥିଲେ।

ସମସ୍ତ ସରକାରୀ ମେଡିକାଲ କଲେଜରେ ଡାକ୍ତରୀ ସିଟ୍ ପୂରଣ

ଭୁବନେଶ୍ୱର, ୨୧।୮ (ବ୍ୟୁରୋ)

ନାମଲେଖା ପାଇଁ ରାଜ୍ୟର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ରହିଥିବା ସମସ୍ତ ଡାକ୍ତରୀ ସିଟ୍ ପୂରଣ ହୋଇଯାଇଛି। କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, ବୁର୍ଲା ମେଡିକାଲ କଲେଜ ଓ ହସ୍ପିଟାଲ, ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ବାଲେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ, କଟକ ଏସିବି ଡେଣ୍ଟାଲ କଲେଜରେ ଥିବା ସମସ୍ତ ଏମ୍‌ବିବିଏସ୍ ଓ ବିଡିଏ ସିଟ୍‌ପୂରଣ ହୋଇଛି। ଅନ୍ୟପଟେ ଭୁବନେଶ୍ୱରରେ ଥିବା ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପ

ଆତଙ୍କବାଦ ପ୍ରଶାସନିକ ହିଂସା ଓ ଅନ୍ୟାୟ ଦ୍ୱାରା ବଞ୍ଚି ରହେ। କେବଳ ଏହି ପରିବେଶରେ ହିଁ ଏହା ବଂଚିପାରେ ଓ ବଢିପାରେ। ବେଳେବେଳେ ଏହା ଉର୍ଦ୍ଧ୍ୱର ବାଛବିଚାରହୀନ ଉଦାହରଣକୁ ଅନୁସରଣ କରେ। ବେଳେବେଳେ ଯଦିଓ ଏହା ବିରଳ–ଏହା ତଳୁ ଆରମ୍ଭ ହୁଏ। କିନ୍ତୁ ଉର୍ଦ୍ଧ୍ୱର ଶକ୍ତି– ଯାହାକି ନିମ୍ନର ଉଦାହରଣକୁ ଅନୁସରଣ କରେ। ତାହା ଆତ୍ମହତ୍ୟା କରିବା ପଥରେ ହିଁ ରହିଥାଏ। –ଶ୍ରୀଅରବିନ୍ଦ

ଫସଲବୀମା ନକାରାତ୍ମକ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ୧୩ ଜାନୁୟାରୀ ୨୦୧୬ରେ ଆରମ୍ଭ ହୋଇଥିଲା। ପୋକ ତଥା ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲ ନଷ୍ଟ ହେଲେ ଏହି ବାବଦରେ କୃଷକ ଯେଉଁ କ୍ଷତି ସହେ ତାହାକୁ ଭରଣା କରିବା ଲାଗି କେନ୍ଦ୍ର ସରକାର ଏପରି ବ୍ୟବସ୍ଥା କରିଥିଲେ। ଏଥିପାଇଁ ଚାଷୀଙ୍କୁ ଖରିଫ ଫସଲ ପାଇଁ ୨ ପ୍ରତିଶତ ଓ ରବି ଫସଲ ପାଇଁ ୧.୫ ପ୍ରତିଶତ ପ୍ରିମିୟମ ଏବଂ ଉଦ୍ୟାନ କୃଷି ଭଳି ଲାଭଦାୟକ ଚାଷ ଲାଗି ପ୍ରିମିୟମକୁ ୫ ପ୍ରତିଶତ ରଖାଯାଇଛି। ଅର୍ଥାତ୍ କମ୍ ପ୍ରିମିୟମ ଦେଇ ଚାଷୀ ଅଧିକ ସୁରକ୍ଷିତ ହୋଇପାରିବ ବୋଲି ଏହି ଯୋଜନାରେ ବ୍ୟବସ୍ଥା ହୋଇଛି। ଏଠାରେ ମନେରଖିବାକୁ ହେବ ଯେ ଇନ୍‌ସ୍ୟୁରାନ୍ସ ବା ବୀମା ଏକ ନକାରାତ୍ମକ ସୁରକ୍ଷା ଅର୍ଥାତ୍ କ୍ଷତି ଘଟିବା ପରେ ଚାଷୀଙ୍କୁ ବୀମା ଅର୍ଥ ମିଳିପାରିବ। ଯେଉଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଅନେକ ଗୁଣାରେ ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ତାହା ଏପର୍ଯ୍ୟନ୍ତ ସରକାରୀ ସ୍ତରରେ କାର୍ଯ୍ୟକାରୀ କରାଯାଇନାହିଁ। ଚାଷୀଙ୍କଠାରୁ ଅତି ସ୍ୱଳ୍ପ ପରିମାଣରେ ବୀମା ପଲିସି କାର୍ଯ୍ୟକାରୀ କରିବାକୁ ଦିଆଯାଉଥିବା ପ୍ରତିଶ୍ରୁତି ଏକ ବିରାଟ ଧୂଆଁବାଣ। ସିଧାସଳଖ ଚାଷୀଙ୍କ ହାତରୁ ଅର୍ଥ ନେବା ପରିବର୍ତ୍ତେ ଏବେକାର ସରକାର ଏକ ଅଭିନବ ଉପାୟରେ ବିପୁଳ ପରିମାଣର ଅର୍ଥ ପ୍ରିମିୟମ ଆକାରରେ ବୀମା କମ୍ପାନୀମାନଙ୍କୁ ଦେଇ ଦେଉଛନ୍ତି। ମନେରଖିବାକୁ ହେବ ଯେ, ତାହା ହେଉଛି କରଦାତାଙ୍କ ଅର୍ଥ। ଏଥିରେ ଲାଭବାନ ହେଉଥିବା ବୀମା କମ୍ପାନୀମାନେ ସେମାନଙ୍କ ଚତୁରପଣିଆ ପ୍ରଦର୍ଶନ କରିସାରିଲେଣି।

ନିକଟରେ ୱେଦର ରିସ୍କ ମ୍ୟାନେଜମେଣ୍ଟ ସର୍ଭିସେସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ସଂସ୍ଥା ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି ଯେ, ଦେଶର ୬୮ ପ୍ରତିଶତ ଚାଷୀ ଫସଲ ବୀମା ଯୋଜନା ବିଷୟରେ ଜାଣିନାହାନ୍ତି। ଏହାର ପ୍ରଚାର ଓ ପ୍ରସାର ଲାଗି ଢେର ଅର୍ଥ ବ୍ୟୟ କରାଯାଉଥିଲେ ହେଁ କୃଷକ ତା'ର ସୁଫଳ ପାଇପାରୁ ନାହିଁ। ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ବିହାର, ନାଗାଲାଣ୍ଡ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଏବଂ ଗୁଜରାଟ ଆଦି ୮ଟି ରାଜ୍ୟକୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା। ସର୍ବେକ୍ଷଣ ବେଳେ କୃଷକମାନେ ଅଭିଯୋଗ କରିଥିଲେ ଯେ ଯେଉଁମାନେ ଋଣ କରିନାହାନ୍ତି ସେମାନଙ୍କୁ ଏହି ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ସମସ୍ୟା ଉପୁଜୁଛି। ଏହାକୁ ବୁଝିବାର ଅନ୍ୟ ଏକ ବାଟ ଅଛି। ଯେଉଁ ଚାଷୀ ଋଣ ନେଇ ଆର୍ଥିକ ସଂସ୍ଥା ଉପରେ ନିର୍ଭରଶୀଳ କେବଳ ମାତ୍ର ସେହି ଚାଷୀଙ୍କୁ ସୁରକ୍ଷିତ ରଖିବାର ଉଦ୍ୟମ ପଛରେ ଏକ ଭିନ୍ନ ଉଦ୍ଦେଶ୍ୟ ରହିଥାଇପାରେ। ସେହି ଉଦ୍ଦେଶ୍ୟ ହେଲା, ଚାଷୀଙ୍କୁ ଋଣ ଦେଇଥିବା ଆର୍ଥିକ ସଂସ୍ଥାକୁ ଓଲଟା ହାତରେ ବୀମା ମାଧ୍ୟମରେ ସୁରକ୍ଷିତ ରଖାଗଲା। ବାସ୍ତବରେ ଚାଷୀର କୌଣସି ଲାଭ ହେଲାନାହିଁ। ଅନ୍ୟପଟେ ଚାଷୀର ସୁରକ୍ଷା ପାଇଁ ଚିନ୍ତିତ ଦର୍ଶାଇବାକୁ ଯାଇ ଆଜିର ବ୍ୟବସ୍ଥା ଅସୁରକ୍ଷିତ ଚାଷୀ ପାଇଁ ଦରଦ ରଖୁନାହିଁ। ଅର୍ଥାତ୍ ଋଣ ଗ୍ରହଣ କରି ନ ଥିବା କୃଷକ ଯେତେବେଳେ ନିଜ ଗୋଡରେ ଛିଡା ହୋଇ ଦେଶକୁ ଖାଦ୍ୟ ଯୋଗାଇବା କାର୍ଯ୍ୟରେ ଲାଗିଛି, ସେଭଳି ଚାଷୀ ପାଇଁ ସରକାରଙ୍କ କୌଣସି ସୁରକ୍ଷା ବ୍ୟବସ୍ଥା ସୃଷ୍ଟି କରାଯାଉନାହିଁ। ସମ୍ଭବତଃ ଏଥିରୁ ବୁଝାପଡୁଛି ଯେ, ବୀମା ବ୍ୟବସ୍ଥାକୁ ଲୋକଲୋଚନକୁ ଆଣିବା ପାଇଁ ସରକାରଙ୍କର ଆଗ୍ରହର ଅଭାବ ରହିଛି।

ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ପିଏମ୍‌ଏଫ୍‌ବିୱାଇ ଲାଗି ଉପଭୋକ୍ତା ସେବା କେନ୍ଦ୍ର ଓ ବ୍ୟାଙ୍କ ପକ୍ଷରୁ ସେଭଳି ସହଯୋଗ ଉପଲବ୍ଧ ହେଉ ନାହିଁ। ୨୬ ପ୍ରତିଶତ ଚାଷୀ ଏଥିପାଇଁ ସରକାରୀ ଅଧିକାରୀଙ୍କୁ ଦାୟୀ କରିଥିବା ବେଳେ ୧୭ ପ୍ରତିଶତ କୃଷକ ଅନ୍‌ଲାଇନ ବ୍ୟବସ୍ଥାକୁ ଦୋଷ ଦେଇଛନ୍ତି। ଆଜିର ତଥାକଥିତ ଡିଜିଟାଲ ଭାରତରେ ସବୁ କାର୍ଯ୍ୟକୁ ଅନ୍‌ଲାଇନ କରିବା ପଛରେ ବିଭାଜନମୂଳକ ଉଦ୍ଦେଶ୍ୟ ରହୁଛି। ଅଶିକ୍ଷିତ, ଖଟିଖିଆ ଯିଏ ଦିନମଜୁରି କଲେ ପେଟ ପୋଷୁଛି ଏବଂ ସର୍ବୋପରି କମ୍ପ୍ୟୁଟର ସୁବିଧାରୁ ଦୂରେଇ ରହିଥିବା ନାଗରିକ ମଧ୍ୟ ଆପଣାଛାଏ ସବୁ ଅନ୍‌ଲାଇନ ସୁବିଧାରୁ ବଞ୍ଚିତ ହୋଇଯାଉଛି। ଅନୁରୂପଭାବେ ନୂତନ ଆଇନ ପ୍ରଣୟନ ବ୍ୟବସ୍ଥାକୁ ଦେଖାଯାଉ। ନିକଟ ଅତୀତରେ ନୂଆ ଆଇନ ବିଶେଷକରି ଅର୍ଥନୀତି ସମ୍ପର୍କିତ ଆଇନ ପ୍ରଣୟନ ପୂର୍ବରୁ ଅନ୍‌ଲାଇନ ମାଧ୍ୟମରେ ସାଧାରଣ ନାଗରିକଙ୍କ ମତାମତ ଲୋଡାଯାଉଛି। ଫଳସ୍ୱରୂପ କମ୍ପ୍ୟୁଟର ଜାଣିଥିବା ବ୍ୟକ୍ତି ମଧ୍ୟ ଏଭଳି ଆଇନ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ରଖିବା ପାଇଁ ୱେବସାଇଟ ଖୋଜି ପାଇବା ସହଜ ନୁହେଁ। ତେଣୁ ମୁଷ୍ଟିମେୟ ଲୋକଙ୍କ ମତକୁ ନେଇ ଭାରତୀୟ ପାର୍ଲାମେଣ୍ଟରେ ଆଇନ ପ୍ରଣୟନ କରାଯାଉଛି। ଅପରପଟେ କୁହାଯାଉଛି ସମ୍ପୃକ୍ତ ଆଇନ ସପକ୍ଷରେ ଭାରତର ଅଧିକାଂଶ ନାଗରିକଙ୍କ ସମର୍ଥନ ରହିଛି। ସେହିଭଳି ସରକାରୀ ଅଧିକାରୀଙ୍କ ଦୁର୍ନୀତିକୁ ସୁବିଧା କରିବା ପାଇଁ ଅଧିକାଂଶ ଟେଣ୍ଡରକୁ ଅନ୍‌ଲାଇନ କରାଯାଉଛି। ପୂର୍ବରୁ ଖବରକାଗଜ ମାଧ୍ୟମରେ ଏସବୁ ପ୍ରକାଶ କରିବାକୁ ବାଧ୍ୟ ହେଉଥିବା ମନ୍ତ୍ରଣାଳୟଗୁଡିକ ନିଜର ପ୍ରକଳ୍ପର ଆରମ୍ଭ ଓ ଶେଷ ଅବଧି ଏବଂ ଖର୍ଚ୍ଚ ବାବଦରେ ଜନସାଧାରଣଙ୍କୁ ଅବଗତ କରାଉଥିଲେ। ଅନ୍‌ଲାଇନ ବ୍ୟବସ୍ଥା ଲାଗୁହେବା ପରେ କେବଳ ବଛା ବଛା ଠିକାଦାରଙ୍କ ସହ ଅଧିକାରୀଙ୍କ ବୁଝାମଣା ହୋଇଯାଉଛି। ଫଳରେ ଅଧିକ ସଂଖ୍ୟକ ଠିକାଦାର ଭାଗ ନେଇପାରୁ ନାହାନ୍ତି ଏବଂ ସେଥିଯୋଗୁ ପ୍ରକଳ୍ପର ବ୍ୟୟବରାଦ ବୃଦ୍ଧିପାଇବାରେ ଲାଗିଛି। ଏହିଭଳି ପଥରେ ଆଗେଇ ଚାଲିଥିବା ଭାରତ ଖୁବ୍‌ଶୀଘ୍ର ଗ୍ରୀସ୍ ଅର୍ଥନୀତିର ଦୁର୍ଦ୍ଦଶା ଭୋଗିବାର ସବୁ ଲକ୍ଷଣ ଦେଖାଇଲାଣି। ଏହି ପ୍ରଚ୍ଛଦପଟରେ କୃଷକଙ୍କୁ ବଞ୍ଚାଇରଖିବା ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପଡିଲାଣି।

ତଥାଗତ ସତପଥୀ

ଚିରନ୍ତନୀ

ତା' ବ୍ୟଥାରେ ବଥାଏ ଯେ
ବାରତା ତାହାର ଚୁମ୍ବେ
ମୋର ପ୍ରାଣ ମନ
ଅଧର ନୟନ।
(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

su | do | ku | ସୁ–ଡୋ–କୁ

		B		C			1	E	8					
4	7						A							
			5		9		4							E
	6					C	B						5	
C	1				7		8			B	0	3		
3		9		E				B					8	
				B		7	E		4			2	C	
	D			5	4						E		6	
5		8		0	C		2				6	9		
		7	A									D		
2		6		1	B		5			3	7			C
	5					A								
	A		9	8		1	7					4	B	
	E			3	6	D						A	9	0
				D						0	2		1	5

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

D	6	A	7	B	0	C	3	1	E	9	4	2	8	5
8	0	2	3	6	C	B	4	9	1	7	5	A	D	E
1	9	B	5	E	D	8	0	7	3	A	2	4	6	C
E	5	3	9	4	2	D	A	6	8	B	C	7	0	1
4	7	C	1	8	A	5	2	E	6	D	0	B	9	3
9	2	E	8	1	7	6	B	D	A	5	3	C	4	0
3	B	5	4	0	9	1	E	2	7	C	8	D	A	6
C	8	4	E	A	6	3	7	0	D	1	9	5	B	2
6	A	0	D	2	5	9	8	C	4	E	B	1	3	7
7	1	D	B	C	3	4	5	A	0	2	6	9	E	8
2	E	1	6	5	4	7	D	8	B	0	A	3	C	9
A	3	8	2	D	B	0	9	5	C	6	1	E	7	4
5	D	6	A	9	8	E	C	3	2	4	7	0	1	B
0	4	7	C	3	E	2	1	B	9	8	D	6	5	A
B	C	9	0	7	1	A	6	4	5	3	E	8	2	D

ଗତକାଲିର ଉତ୍ତର

ଖଣିକ୍ଷତିଗ୍ରସ୍ତ ଗାଁର ବେଦନା

ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ଗଛବୃକ୍ଷରେ ଭରା କେନ୍ଦୁଝରର ଗନ୍ଧମାର୍ଦ୍ଦନ ପାହାଡ଼ରୁ ବର୍ଷ ସାରା ଝରି ଆସୁଥିଲା ଶିଆଳିବୋଡା ଝରଣା। ପର୍ବତ ତଳେ ଥିବା ତଳକାଇଁସାରି ଗାଁର ଆଦିବାସୀଙ୍କ ପାଇଁ ତାହା ଥିଲା ଜୀବନରେଖା। ସେହି ପାଣିରେ ବହି ଆସୁଥିଲା ଜଙ୍ଗଲର ଅମୂଲ୍ୟ ସାର, ମାଟି ହେଉଥିଲା ଉର୍ବର। ଝରଣା ପାଣିରେ ଖାଲି ବର୍ଷାଦିନିଆ ଫସଲ ଲହଡି ଭାଙ୍ଗୁ ନ ଥିଲା, ତା'ସହିତ ଉଠୁଉଥିଲା ଅନେକ ଖରାଦିନିଆ ଫସଲ। ସେହି ଗାଁରେ ଥିବା ପରିବାରଗୁଡ଼ିକ ପାଖରେ ଜମି ଖୁବ୍ ଅଳ୍ପ ହିଁ ଅଛି। କିନ୍ତୁ ସେହି ସ୍ୱଳ୍ପ ଜମି ବି ସେହି ଆଦିବାସୀଙ୍କୁ ପ୍ରଚୁର ଖାଦ୍ୟ ଯୋଗାଉଥିଲା। ଏବେ ସେହି ଝର ଖରାଦିନେ ବହିବା ବନ୍ଦ ହୋଇଯାଇଛି। ଆଉ ବର୍ଷା ଦିନେ ସେଥିରେ ଜୀବନ ନୁହେଁ ଯନ୍ତ୍ରଣା ବହୁଛି। ସେଥିରେ ବହି ଆସୁଛି ପାହାଡ ଉପରେ ଥିବା ଖଣିରୁ ବାହାରୁଥିବା ଲୁହାପଥର ଗୁଣ୍ଡ ଓ ଯେତେ ସବୁ ଖଣି ବର୍ଜ୍ୟ। ତହିଁରେ ପୋତି ହୋଇଯାଉଛି ଆଦିବାସୀଙ୍କ ଜମିବାଡ଼ି। ମାଟି ଟାଣ ହୋଇଯାଉଛି। ସେହି ଗାଁ ଦାଣ୍ଡର ଏକ ବଡ଼ ଅଂଶ ବର୍ଷାଦିନେ କାଦୁଅରେ ସଦା ପଚପଚ। ଦୁଇଟା ନଳକୂପରୁ ଗୋଟିଏ କେବେଠୁ ଖରାପ ହୋଇପଡିଛି। ବର୍ଷା କିଛିଦିନକୁ ଛାଡି ଦେଲେ ବାକି ସବୁ ଦିନ ଧୂଳି, ଧୂଆଁ ଓ କର୍କଶ ଶବ୍ଦର ପ୍ରଦୂଷଣ ତଥା ମାଳମାଳ ଟ୍ରକ୍‌ର ଉଦ୍ଧତ ଦଉଡ଼ରେ ସନ୍ତୁଳି ହୋଇଯାଉଛନ୍ତି ଗାଁ ଲୋକେ। ଗାଁର ମୋଟେ ତିନିଜଣ ହିଁ ଖଣିରେ ମୂଲିଆ କାମ ପାଇଛନ୍ତି।

ପାଖରେ ଆଉଗୋଟେ ଗାଁ ଇଚିଣ୍ଡା। ଗାଁର ଗୋଟେ ପଟେ ବିଶାଳ ଗନ୍ଧମାର୍ଦ୍ଦନ ଓ ଅନ୍ୟସବୁ ପଟେ ଛୋଟଛୋଟ ପାହାଡିଆ ଢିପରେ ବିଛାଡି ହୋଇରହିଛି ଆଦିବାସୀଙ୍କ ବସତି। ଗାଁଟା ଗୋଲାକାର, ମଝି ଖାଲୁଆ ଜାଗାରେ ଗାଁ ଅଧିବାସୀଙ୍କ ସୀମିତ ଚାଷ ଜମି। ଗନ୍ଧମାର୍ଦ୍ଦନ ପର୍ବତରୁ ବହିଆସିଥିବା ମାଙ୍କଡ଼ମୁଣ୍ଡା ଓ ବେତଝରି ଝରଣା ପାଣି ସେହି ଚାଷଜମିରେ ଫଳାଉଥିଲା ସୁନା। ଏବେ ଗୋଟେ ଝରଣା ଖରାଦିନେ ବହିବା ପ୍ରାୟ ବନ୍ଦ ହୋଇଯାଇଛି, କାରଣ ଖଣି କମ୍ପାନୀ ତାହାକୁ ବାନ୍ଧି ପର୍ବତ ଉପରକୁ ଉଠାଉଛି ପାଣି। ଅନ୍ୟଟିରେ ଜଳଧାର ପ୍ରାୟ ଶୁଖିଯାଉଛି ଖରାଦିନେ। କିନ୍ତୁ ବର୍ଷାଦିନେ ସେହି ଝରଣାଗୁଡ଼ିକରେ ବହି ଆସୁଛି ଉର୍ବର ଜମିକୁ ବର୍ବର ଭାବରେ ପୋତି ପକାଉଥିବା ଲୁହାମାଟି। ଅତୀତରେ ସେହି ନାଳରେ ଆନନ୍ଦରେ ଜଳକ୍ରୀଡା କରୁଥିବା ଲୋକେ ଏବେ ଲୁହାମିଶା ଓ ଟ୍ରକ୍‌ଧୁଆ ଗନ୍ଧିଆ ପାଣିରେ ନିରୁପାୟ ବୁଡ଼ଟେ ପକାଇ ନିଜକୁ ସାନ୍ତ୍ୱନା ଦେଉଛନ୍ତି। ଓଡିଶା ଖଣି ନିଗମ ତିନିବର୍ଷ ହେଲାଣି ଇଚିଣ୍ଡା ଗାଁକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରଛି। ପ୍ରତିଶ୍ରୁତି ଥିଲା ନିଗମ ଗାଁର ସବୁ ଘରକୁ ପାଣି ଯୋଗାଇବ, ସବୁ ଘର ଓ ରାସ୍ତାକୁ ପକ୍କା କରିବ, ପାହାଡ଼ ଉପରୁ ବହି ଆସୁଥିବା ବର୍ଜ୍ୟ ଓ ଲୁହାମାଟିକୁ ରୋକି ସେହି ପାଣିକୁ ଖଣିକାମରେ ବ୍ୟବହାର କରିବ, ବିଦ୍ୟାଳୟ ଓ ଆଙ୍ଗନୱାଡି କେନ୍ଦ୍ରକୁ ଉନ୍ନତ କରିବ, ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ବସ୍ ଯୋଗାଇବ ଏବଂ ଗାଁ ଲୋକଙ୍କୁ ତାଲିମ ଦେଇ ରୋଜଗାରକ୍ଷମ କରିବ। ଆହୁରି ଅନେକ ପ୍ରତିଶ୍ରୁତି ଥିଲା।

ବର୍ଷେ ହେଲାଣି ସବୁ ଘରେ ପ୍ଲାଷ୍ଟିକ୍ ଟାଙ୍କି ଗୋଟେ ବସିଛି ସତ, କିନ୍ତୁ ପାଇପ୍ ସଂଯୋଗ ନାହିଁ, କିଛି ଘର ଅଧାପନ୍ତରିଆ ଗଢ଼ା ହୋଇ ପଡିରହିଛି। ପଞ୍ଚମ ଶ୍ରେଣୀ ଯାଏ ଥିବା ସ୍କୁଲ ଅପନ୍ତରା ହୋଇପଡିଛି। ଛାତ୍ରୀଛାତ୍ରମାନେ ଟ୍ରକ୍ ଧୂଳିରେ ରୁନ୍ଧି ହୋଇଯାଉଛନ୍ତି। ପଞ୍ଚମ ପରେ ପଢ଼ାରେ ପ୍ରାୟ ଡୋରି ଲାଗୁଛି, କାରଣ ଟ୍ରକ୍ ଭିତରେ ପାହାଡ ସେପଟେ ଥିବା ଶୁଆକାଟିକୁ ପିଲାଙ୍କୁ ଛାଡିବା ପାଇଁ ଲୋକଙ୍କ ସାହସ ଜୁଟୁନି। ସ୍କୁଲ ବସ୍‌ର ଦେଖା ନାହିଁ। ଗୋଲାକାର ହୋଇ ଲମ୍ବି ଯାଇଥିବା ଗାଁ ରାସ୍ତାରେ କେବେ ବୋଧହୁଏ ପିଚୁ ପଡିଥିଲା, ଏବେ ଖାଲି ଗୋଡି ହିଁ ରହିଛି। ଗାଁ ଲୋକେ ଜଙ୍ଗଲ ଜମି ଆଇନ ଅନୁସାରେ ଦଖଲରେ ଥିବା ଜମି ଉପରେ ଅଧିକାର ମାଗିଥିଲେ, ଜଣକୁ ବି ମିଳିନାହିଁ। କେହି କୌଣସି ପ୍ରଶିକ୍ଷଣ ପାଇନାହାନ୍ତି। ପାହାଡ଼ ଆରପଟେ ରହିଛି ଉପରଜାଗର ଗାଁ। ସେହି ଏକା ଅବସ୍ଥା। ସ୍କୁଲ କଡ଼ ଦେଇ ଏକଦା ବହିଯାଉଥିବା ଘାଘାରା ପାଣି ଝର ଓ ଗାଁର ମୁହଁରେ ଥିବା ଡନ୍‌ସା ଝରିରେ ବର୍ଷାଦିନେ ବି ଆଉ ପାଣି ଆସୁନି। ଦିନେ ସେଗୁଡ଼ିକ ବର୍ଷସାରା ଜଳପୂର୍ଣ୍ଣ ଥିଲା। ସେଥିରେ ଖରାଟିଆ ଚାଷ ହେଉଥିଲା। ଗାଁର ଖାଲି ଦୁଇଜଣ ହିଁ କମ୍ପାନୀରେ ଚାକରି ପାଇଛନ୍ତି। ଅଳ୍ପ କିଛି ବ୍ୟକ୍ତି କେବେ କେମିତି ଶ୍ରମିକ କାମ ପାଆନ୍ତି।

ଏହିସବୁ ଗାଁର ଲୋକେ ଖାଦ୍ୟ ଆବଶ୍ୟକତା ମେଣ୍ଟାଇପାରୁ ନାହାନ୍ତି ନିଜ ଜମିରୁ। ଆଗରୁ ଜଙ୍ଗଲ ତାଙ୍କୁ ଦେଉଥିଲା ଅନେକ ସାଧନ। ଏବେ ସବୁ ପ୍ରାୟ ଶୂନ୍ୟ। ଗାଁ ଲୋକେ ଗୋରୁ ଓ ଛେଳି ରଖିବା ବି କମାଇଦେଲେଣି, କାରଣ ଧୂଳିର ବହଳ ଆସ୍ତରଣରେ ସେମାନଙ୍କ ଖାଦ୍ୟ ହଜିଯାଇଛି। ବାଧ୍ୟ ହୋଇ ଗାଁ ଲୋକେ ଦୂର ସ୍ଥାନକୁ ମଜୁରି ପାଇଁ ଯାଉଛନ୍ତି। ଜୀବନଟା ତାଙ୍କ ପାଇଁ କଷ୍ଟକର ହୋଇଯାଇଛି। ଖଣି ତାଙ୍କ ପାଣି ଓ ଠାଣିକୁ ନିର୍ମମ ଭାବରେ ହାଣିଦେଇଛି। ଖଣି କିଛି କୋଟିପତି ଅବଶ୍ୟ ସୃଷ୍ଟି କରିଛି, ଅନେକ ଦଲାଲ ବାହାରିଛନ୍ତି ଆଉ ସରକାର ବି ଖୁବ୍ ପଇସା ପାଇଛନ୍ତି। କିନ୍ତୁ ଖଣି ପାଖରେ ଥିବା ଲୋକଙ୍କୁ ଦୁର୍ଦ୍ଦଶା ହିଁ ମିଳିଛି। କେନ୍ଦୁଝର ତାହାର ଏକ ବଡ଼ ଉଦାହରଣ। ଦର୍ଶାଯାଇଥିବା ତିନିଟି ଯାକ ଗାଁ କେନ୍ଦୁଝର ସଦର ମହକୁମାଠାରୁ ମାତ୍ର ୧୫ରୁ ୨୫ କିଲୋମିଟର ଦୂରରେ ଅଛି। ଆହୁରି ଦୂରରେ ଥିବା ଖଣି ପାଖ ଅଧିବାସୀଙ୍କ ଅବସ୍ଥା କ'ଣ ଥିବ ତାହା ବାରି ହୋଇ ପଡୁଛି। ୨୦–୨୫ ବର୍ଷ ପୂର୍ବରୁ ଖଣି ଖୋଳା ହେବା ଆରମ୍ଭ ହେଲାଣି କିନ୍ତୁ କ୍ଷତିଗ୍ରସ୍ତ ଲୋକଙ୍କ କଥାକୁ କାହାରି ନିଘା ନାହିଁ। ଆଗ କଥା ଛାଡି ଦେଲେ ବି ଏବର ସମ୍ଭାବନା କିଛି କମ୍ ନାହିଁ। ଜିଲା ଖଣିଜ ପାଣ୍ଠି ଯୋଜନାକୁ ତିନିବର୍ଷ ବି ପୂରି ନାହିଁ, କିନ୍ତୁ କେବଳ କେନ୍ଦୁଝର ଜିଲା ୧୮୦୮ କୋଟି ଟଙ୍କା ଠୁଳାଇ ସାରିଲାଣି। ଅଥଚ ପ୍ରତ୍ୟକ୍ଷ ଭାବରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ଯେମିତି ତହିଁରେ ଭାଗ ନାହିଁ। କିଛି ଗାଁରେ ପିଇବା ପାଣିର ଯୋଜନା ହୋଇଛି। ତାହାକୁ ଛାଡି ଦେଲେ ଆଉ କିଛି ବି ନାହିଁ। ଚାଷ ବୁଡ଼ିଛି, ଜଙ୍ଗଲ ହଜିଛି। ଗାଁର ମହିଳା ଓ ଛୁଆମାନେ ଘରୁ ପଦାକୁ ଗୋଡ କାଢିବା ପାଇ ଡରୁଛନ୍ତି କାରଣ ଏବେ ବାହାର ଲୋକଙ୍କ ରାଜତ୍ୱ ଚାଲିଛି ସେହି ସବୁ ଇଲାକାରେ।

ଏକ ସଭ୍ୟ ବ୍ୟବସ୍ଥାରେ କୌଣସି ବର୍ଗ ବି କ୍ଷତିଗ୍ରସ୍ତ ହେବା ଆଦୌ ଗ୍ରହଣୀୟ ନୁହେଁ। ଯଦି ଖଣିଜ ଉତ୍ତୋଳନ ନିହାତି ଆବଶ୍ୟକ ଏବଂ ତହିଁରୁ ଲାଭ ହେଉଛି ତେବେ ସେହି ଲାଭରେ ପ୍ରଥମ ହକ୍ ସ୍ଥାନୀୟ ଲୋକଙ୍କର ରହିବା ନିହାତି ଆବଶ୍ୟକ, କାରଣ ଖଣି ଖନନ ଯୋଗୁ ତାଙ୍କର ହିଁ ସର୍ବପ୍ରଥମ ଓ ସର୍ବାଧିକ କ୍ଷତି ହୋଇଥାଏ। ତାଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଥାଏ। ଖଣି ଉତ୍ତୋଳନ ସରିଯିବା ପରେ ସେମାନଙ୍କ ଦୁର୍ଦ୍ଦଶା ଆହୁରି ବଢିଯାଏ, କାରଣ ସେତେବେଳକୁ ତାଙ୍କ ପ୍ରାକୃତିକ ସମ୍ପଦ ଧୂଳିସାତ୍ ହୋଇସାରିଥାଏ। ତେଣୁ କ୍ଷତିଗ୍ରସ୍ତ ଲୋକଙ୍କର କେବଳ ବର୍ତ୍ତମାନ ନୁହେଁ, ଭବିଷ୍ୟତକୁ ମଧ୍ୟ ସୁରକ୍ଷିତ ରଖିବା ସରକାରଙ୍କ ଏକ ବଡ଼ ଦାୟିତ୍ୱ।

ଶିଶୁ ଯୌନନିର୍ଯାତନା

ହୃଦୟବଲ୍ଲଭ ଦାସ

ଦେଶର କୋଣ ଅନୁକୋଣରେ ଏବେ ଅଭାବନୀୟ ଘଟଣାମାନ ଦେଖିବାକୁ ମିଳୁଛି। ତାହା ହେଲା ଶିଶୁକନ୍ୟାଙ୍କୁ ବଳାତ୍କାର। ଏପରି ଅପରାଧକୁ ପ୍ରତିହତ କରିବା ପାଇଁ ସରକାର ନୂଆ ଆଇନ ପ୍ରଣୟନ କରିଛନ୍ତି। ଏହା ହେଉଛି 'ଦି ପ୍ରୋଟେକ୍‌ଶନ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ

ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ

ସଂକ୍ଷେପରେ

କୃତ୍ରିମ ପାଉଁଶ ପୋଖରୀରେ ପଡିଲା ଗାଈ

ଝାରସୁଗୁଡା ଅଫିସ,୨୧।୮- କାରଖାନାରୁ ନିର୍ଗତ ଫ୍ଲାଏ ଆସ୍(ପାଉଁଶ) କୁପରିଚାଳନାର ପରିଣତି ଝାରସୁଗୁଡାରେ ଦେଖିବାକୁ ମିଳିଛି। ରାସ୍ତାକଡରେ ଜମା ହୋଇଥିବା ଫ୍ଲାଏ ଆସ୍ ବର୍ଷାପାଣି ସଂସ୍ପର୍ଶରେ ଆସି ପଶୁପକ୍ଷୀଙ୍କ ପାଇଁ ବିପଦର କାରଣ ହୋଇଛି। ସୋମବାର ତାଲପଟିଆ ଠାରେ ଜମା ହୋଇଥିବା ତରଳ ପାଉଁଶ ଭିତରକୁ ଏକ ଗାଈ ପଶିଯାଇଥିଲା। କୃତ୍ରିମ ପାଉଁଶ ପୋଖରୀରେ ପଡି ଗାଈଟି ଛଟପଟ ହେଉଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଓଡ୍ରାଫ୍ କର୍ମଚାରୀ ଗାଈକୁ ଉଦ୍ଧାର କରିଥିଲେ। ଏହାକୁ କେନ୍ଦ୍ରକରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଶିଳ୍ପରୁ ନିର୍ଗତ ପାଉଁଶର କୁପରିଚାଳନା ଯୋଗୁ ଲୋକ ବର୍ଷ ତମାମ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ରାସ୍ତାକଡରେ ଫ୍ଲାଏ ଆସ ଜମା ଯୋଗୁ ଖରାଦିନେ ଏହା ଉଡୁଥିବା ବେଳେ ବର୍ଷଦିନେ ପାଣି ପଡି ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି। ସମାନ କାରଣ ଯୋଗୁ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ତାଗିଦ୍ କରାଯାଉଥିଲେ ମଧ୍ୟ ପରିସ୍ଥିତି ସୁଧୁରୁନି। ଗତବର୍ଷ ତାଲପଟିଆଠାରେ ଏକ ଘରୋଇ ଜମିରେ ପାଉଁଶ ଜମା କାରଣରୁ ଥାନାରେ ମାମଲା ରୁଜୁ ହୋଇଥିଲା, ଠିକାସଂସ୍ଥାର ଗାଡି ଜବତ ହୋଇଥିଲା ଏବଂ କର୍ମଚାରୀ ଗିରଫ ହୋଇଥିଲେ।

ଶହେ କୋଟିରୁ ଊର୍ଦ୍ଧ୍ୱ କାଟିବାକୁ ଚାଲିଛି ମସୁଧା

ବରଗଡ଼ ଅଫିସ୍,୨୧।୮

ବୀମା ବିଭ୍ରାଟ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ।

ବରଗଡ଼ ଜିଲା

- ନିର୍ଦ୍ଧାରିତ ପରିମାଣରୁ କମ୍ କ୍ଷତିପୂରଣ ପ୍ରଦାନ
- କ୍ଷତିପୂରଣରୁ ବାଦ ପଡ଼ିଛନ୍ତି ଅନେକ ପଞ୍ଚାୟତ
- ରାଜନେତାଙ୍କ ନୀରବତା ନେଇ ବଢୁଛି ସନ୍ଦେହ

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇ ପଡ଼ିଛି। ଇତିମଧ୍ୟରେ ୨୦୧୮ ଖରିଫ ଚାଷ କାର୍ଯ୍ୟ ଅଧାଅଧି ଶେଷ ହୋଇଥିଲେ ମଧ୍ୟ ଚାଷୀଙ୍କୁ ଏପର୍ଯ୍ୟନ୍ତ ୨୦୧୭ ଫସଲ କ୍ଷତିର ବୀମା କ୍ଷତିପୂରଣ ମିଳିପାରି ନାହିଁ। ଅନ୍ୟପଟେ ଚାଷୀଙ୍କଠାରୁ ପ୍ରତିବର୍ଷ ଫସଲ ଆରମ୍ଭରୁ ବାଧ୍ୟତାମୂଳକ ଭାବେ ବୀମା ପ୍ରିମିୟମ ଅସୁଲି କରାଯାଉଛି। ଏଭଳି ବୀମା ବିଭ୍ରାଟକୁ ନେଇ ଚାଷୀ ଜିଲାପାଳ ଓ ବୀମା ଅଫିସରୁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନର ତାତି ବରଗଡ଼ରୁ ଭୁବନେଶ୍ୱର ବ୍ୟାପିଛି । ତଥାପି ବୀମା ବିଭ୍ରାଟରେ କୌଣସି ସୁଧାର ଆସି ନାହିଁ। ଚାଷୀଙ୍କୁ ନିର୍ଦ୍ଧାରିତ ପରିମାଣରୁ କମ୍ କ୍ଷତିପୂରଣ ଆକଳନ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ପାଟକୁଲୁଣ୍ଡା, ବିଜେପୁର ବ୍ଲକ ଅନ୍ତର୍ଗତ ଚାରପାଲି ଏବଂ ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ମହୁଲପାଲି, କନସିଂହା, ସର୍ଗିବାହାଲ, ଜମରତଲା, ଟାଲ ଆଦି ପଞ୍ଚାୟତର ଶତାଧିକ ଚାଷୀ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପାଟକୁଲୁଣ୍ଡା ପଞ୍ଚାୟତର ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ୨୦୧୭ ଖରିଫ ଫସଲ ଚକଡ଼ା ରୋଗପୋକ ଉପଦ୍ରବ ଯୋଗୁ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ସେତେବେଳେ ବିଭାଗୀୟ ଅଧିକାରୀମାନେ କ୍ରପକଟିଂ କରି କ୍ଷୟକ୍ଷତି ଆକଳନ କରିଥିଲେ। ତେବେ କ୍ରପକଟିଂ ରିପୋର୍ଟ ଆଧାରରେ ପୂର୍ବରୁ ହେକ୍ଟର ପ୍ରତି ୪୪ହଜାର ୩୩୮ ଟଙ୍କା ଆକଳନ କରାଯାଇ ଥିବାବେଳେ ଏବେ ସେଥିରେ ଚଞ୍ଚକତା କରାଯାଇ ୨୨୦୦ ଟଙ୍କାକୁ ଖସାଇ ଦିଆଯାଇଛି। ସେହିପରି ବୀମା କ୍ଷତିପୂରଣ ପ୍ରଦାନରୁ ଚାରପାଲି ପଞ୍ଚାୟତର ଚାଷୀମାନେ ବଞ୍ଚିତ ହୋଇଥିବା ଅଭିଯୋଗ ଆଣିଛନ୍ତି। ୨୦୧୭ ଖରିଫରେ ସେମାନଙ୍କ ଫସଲ ମଧ୍ୟ ଉଜୁଡ଼ି ଯାଇଥିଲା ଏବଂ କ୍ଷୟକ୍ଷତି ଆକଳନ କରାଯାଇଥିଲା। ମାତ୍ର ଏବେ କ୍ଷତିପୂରଣ ପ୍ରଦାନ ବେଳେ ତାଙ୍କ ପଞ୍ଚାୟତକୁ ବାଦ୍ ଦିଆଯାଇଥିବା ଚାଷୀମାନେ କ୍ଷୋଭ ପ୍ରକାଶ କରିବା ସହ ପ୍ରତିବାଦ କରିଛନ୍ତି। ଚାରପାଲି ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କ ବୀମା କ୍ଷତିପୂରଣ ନ ଆସିବା ପର୍ଯ୍ୟନ୍ତ ବିଜେପୁର ସେବା ସମବାୟ ଅଧୀନରେ ରହିଥିବା ଅନ୍ୟ ପଞ୍ଚାୟତରେ ବଣ୍ଟନ କାର୍ଯ୍ୟ ବନ୍ଦ ରଖାଯାଉ ବୋଲି ସେମାନେ ଦାବି କରିଛନ୍ତି। ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ମହୁଲପାଲି, କନସିଂହା, ସର୍ଗିବାହାଲ, ଜମରତଲା, ଟାଲ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ମଧ୍ୟ ଫସଲକ୍ଷତି ମୁତାବକ ବୀମା କ୍ଷତିପୂରଣ ଆସି ନଥିବା ଅନୁରୂପ ଅଭିଯୋଗ ଆଣିଛନ୍ତି। କ୍ରପକଟିଂ ରିପୋର୍ଟ ପରେ ଯେଉଁ ବୀମା କ୍ଷତିପୂରଣ ଆକଳନ କରାଯାଇଥିଲା, ତାହାଠାରୁ ଯଥେଷ୍ଟ କମ୍ ବୀମା କ୍ଷତିପୂରଣ ଆସିଛି ଏବଂ ତାହା ଧର୍ମକୁ ଆଖିଠାର ଭଳି ଚାଷୀମାନେ କହିଛନ୍ତି। ଏହାର ତୁରନ୍ତ ସମାଧାନ କରି ଚାଷୀଙ୍କୁ ସେମାନଙ୍କ ହକ୍ ପ୍ରଦାନ କରିବା ପାଇଁ ଚାଷୀ ମହଲରେ ଦାବି ହୋଇଛି । ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ସଭାପତି ବାଞ୍ଛାନିଧି ନାୟକଙ୍କ ନେତୃତ୍ୱରେ ମହୁଲପାଲି, କନସିଂହା, ସର୍ଗିବାହାଲ, ଜମରତଲା, ଟାଲ ପଞ୍ଚାୟତର ଚାଷୀ ଓ ଚାରପାଲି ପଞ୍ଚାୟତର ଜୟଲାଲ ନାଏକ, ଦେବେନ୍ଦ୍ରନାଥ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ଅଫିସ ଆସିଥିଲେ । ସେହିପରି ପାଟକୁଲୁଣ୍ଡା ଗ୍ରାମର ନିମାଇଁ ପ୍ରଧାନ, ଟଙ୍କଧର ବନଛୁର, ଡାକ୍ତର ବଗର୍ତ୍ତୀଙ୍କ ନେତୃତ୍ୱରେ ଚାଷୀମାନେ ଆସିଥିବାବେଳେ ଜୟ କିସାନ ଆନ୍ଦୋଳନର ରମେଶ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶ ଥାଉକି, ଜିଲାରେ ହୋଇଥିବା ୨୦୧୭ ଖରିଫ ଫସଲ କ୍ଷତି ମୁତାବକ ଚାଷୀମାନେ ୭୩୪ କୋଟି ଟଙ୍କା ବୀମା କ୍ଷତିପୂରଣ ପାଇବା କଥା। ତେବେ ସବୁ ଚାଷୀଙ୍କଠାରୁ ଆଗତୁରା ବୀମା ପ୍ରିମିୟମ ଅସୁଲି କରିଥିଲେ ହେଁ ଏବେ ବୀମା କ୍ଷତିପୂରଣ ବେଳେ ନାନା ଆଳ ଦେଖାଇ ବୀମା କମ୍ପାନୀ ନିର୍ଦ୍ଧାରିତ ପରିମାଣରୁ କମ୍ ବୀମା କ୍ଷତିପୂରଣ ପ୍ରଦାନର ମସୁଧା ଚଲାଇଛି। ଶହେରୁ ଊର୍ଦ୍ଧ କୋଟି କମ୍ ବୀମା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ବୀମା କମ୍ପାନୀ ଉଦ୍ୟମ ଜାରି ରଖିଥିବା ବେଳେ ଏଥିପ୍ରତି ରାଜନୈତିକ ନେତାଙ୍କ ନୀରବତା ଏବଂ ପ୍ରଶାସନିକ ଉଦାସୀନତା ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କୁ ଆଚମ୍ବିତ କରିଛି।

ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ନିଷ୍ଫଳ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ବ୍ଲକ ଗ୍ରାଣ୍ଟ ଶିକ୍ଷକ-କର୍ମଚାରୀ ଦାବି ପ୍ରସଙ୍ଗ

- ଚାକିରି ସର୍ତ୍ତାବଳୀକୁ ମୋହର
- ଅନ୍ୟ ଦାବିକୁ ଏଡେଇଲେ ସରକାର
- ଆନ୍ଦୋଳନକୁ ଜୋରଦାର କରିବାକୁ ଧମକ

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ଦାବି ନେଇ ବ୍ଲକଗ୍ରାଣ୍ଟ ସ୍କୁଲ ଓ କଲେଜ ଶିକ୍ଷକମାନେ ଗତ ୧୬ ତାରିଖରୁ ଲୋୟର ପିଏମଜି ଠାରେ ଧାରଣାରେ ବସିଛନ୍ତି। ଏହି ସମସ୍ୟାର ସମାଧାନ କରିବାକୁ ମଙ୍ଗଳବାର ଅପରାହ୍ନରେ ସଚିବାଳୟରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ତେବେ ବୈଠକରେ କୌଣସି ନିର୍ଯ୍ୟାସ ବାହାରି ପାରି ନାହିଁ। ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ଚାକିରି ସର୍ତ୍ତାବଳୀକୁ ସବୁଜ ସଙ୍କେତ ଦିଆଯାଇଥିବା ଜଣାପଡିଛି। ସରକାରୀ ଓ ଅନୁଦାନ ପାଉଥିବା ସ୍କୁଲ କଲେଜ ଭଳି ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନଙ୍କର ଚାକିରି ସର୍ତ୍ତାବଳୀ ଧାର୍ଯ୍ୟ କରାଯିବ। ଶିକ୍ଷକ ଓ କର୍ମଚାରୀମାନେ ବର୍ଷକୁ କେତେଦିନ ଛୁଟି ପାଇବେ, ପ୍ରସବକାଳୀନ ଛୁଟି, ପଦୋନ୍ନତି, ବଦଳି, ଷ୍ଟଡି ଲିଭ, ରିଫ୍ରେସର କୋର୍ସ ଆଦି ଚାକିରି ସର୍ତ୍ତାବଳୀରେ ରହିଛି। ଏହାକୁ ଅଧିକ ତର୍ଜମା କରାଯାଇ ଅର୍ଥ ବିଭାଗର ଅନୁମୋଦନ ପରେ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯିବ। ତେବେ କେବେ ସୁଦ୍ଧା ଏ ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ସେ ନେଇ ବୈଠକରେ କୌଣସି ସୂଚନା ଦିଆଯାଇ ନାହିଁ। ବୈଠକ ଶେଷରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବୈଠକରେ ଆଲୋଚନା ହୋଇଥିଲା। ଚାକିରି ସର୍ତ୍ତାବଳୀ ବିଷୟରେ ସକାରାତ୍ମକ ନିଷ୍ପତ୍ତି ନିଆଯିବ। ଶିକ୍ଷକମାନେ ଆନ୍ଦୋଳନରୁ ଓହରି ରାଜ୍ୟରେ ଶିକ୍ଷାର ବାତାବରଣ ଫେରାଇ ଆଣିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ପୂର୍ଣ୍ଣ ଅନୁଦାନ ନେଇ ସରକାର କୌଣସି ନିଷ୍ପତ୍ତି ନେବାକୁ ସାହସ ଜୁଟାଇ ପାରୁ ନାହାନ୍ତି। ସୁପ୍ରିମକୋର୍ଟ ଏବଂ ଆର୍ଥିକ ବୋଝକୁ ଆଳ କରି ସରକାର ସମୟ ଗଡାଇ ଚାଲିଛନ୍ତି।

୩ ମାସ ପୂର୍ବରୁ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ଶିକ୍ଷକ ଓ କର୍ମଚାରୀମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସରକାର ଦାବି ପୂରଣ ନେଇ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ। ଆସନ୍ତା ୨୫ ତାରିଖରୁ ଶିକ୍ଷକ ଓ କର୍ମଚାରୀମାନେ କର ବା ମର ନୀତିରେ ଗାଁକୁ ଚାଲ ଅଭିଯାନ ଆରମ୍ଭ କରିବେ ବୋଲି ମିଳିତ ମଞ୍ଚ ଚେତାବନୀ ଦେଇଛି।

କେରଳ ବନ୍ୟା ପ୍ରଭାବିତଙ୍କୁ ସାହାଯ୍ୟ

ରାଉରକେଲା ଅଫିସ,୨୧। ୮

ବାମପନ୍ଥୀ ନେତା ଅଜୟ ଶର୍ମାଙ୍କ ନେତୃତ୍ୱରେ ମଙ୍ଗଳବାର ରୁପଟୋଲା ପ୍ରେମନଗର ବସ୍ତି ଅଞ୍ଚଳରେ କେରଳ ବନ୍ୟା ପ୍ରପୀଡ଼ିତଙ୍କ ସାହାଯ୍ୟ ଉଦ୍ଦେଶ୍ୟରେ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ଯୁବ ନେତା କବି ପ୍ରଧାନ ଚାମର ସିଂ, ସୁରେଶ କୁଜୁର, ନାରାୟଣ ପ୍ରଧାନ, ଅଗସ୍ତିନା ଲାକ୍ରା, ରେଶମା ଲାକ୍ରା ପ୍ରମୁଖ ସାମିଲ ଥିଲେ। ପରେ ମହତାବ ରୋଡ ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ମଧ୍ୟ ଅନୁରୂପ ସାହାଯ୍ୟ କାମନା କରି ସଙ୍ଗଠନ କର୍ମକର୍ତ୍ତା ପାଣ୍ଠି ସଂଗ୍ରହ କରିଥିଲେ।

- ଦେବଗଡ଼ କଲେଜରେ ଦୁର୍ନୀତି ଅଭିଯୋଗ ଘଟଣା

ସଭାପତିଙ୍କ ଅଭିଯୋଗକୁ ପୂର୍ବତନ ଅଧ୍ୟକ୍ଷାଙ୍କ ଖଣ୍ଡନ

ଦେବଗଡ଼,୨୧।୮(ସ୍ୱ.ପ୍ର.)

ଦେବଗଡ଼ କଲେଜରେ ମହାଦୁର୍ନୀତି ହୋଇଥିବା ତଥା ମିଥ୍ୟା ବିଲ ଭାଉଚର କରି ଲକ୍ଷାଧିକ ଟଙ୍କା ହରିଲୁଟ୍ ହୋଇଥିବା ନେଇ ସୋମବାର ଏକ ଖବରଦାତା ସମ୍ମିଳନୀରେ କଲେଜ ପରିଚାଳନା କମିଟି ସଭାପତି ସୁଧୀର କପରଦାର ଅଭିଯୋଗ କରିଥିଲେ। ତେବେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ପୂର୍ବତନ ଅଧ୍ୟକ୍ଷା ସୁକାନ୍ତୀ ଗଡ଼ତିଆ। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି ଗଡ଼ତିଆ। ଏନେଇ ମଙ୍ଗଳବାର ଏକ ପ୍ରେସ୍ ବିବୃତି ମାଧ୍ୟମରେ ସେ ସୂଚନା ଦେଇଛନ୍ତି ଯେ କଲେଜ ପ୍ରତିଷ୍ଠାକୁ ଦୀର୍ଘ ୫୪ ବର୍ଷ ହେଲାଣି। କିନ୍ତୁ କଲେଜର ଯେପରି ଉନ୍ନତି ହେବା କଥା ସେପରି ହୋଇନାହିଁ। ସେତେବେଳେ ପରିଚାଳନା କମିଟି ସଭାପତି କପରଦାର କଲେଜର ଉନ୍ନତି କଥା କିପରି ଚିନ୍ତା କରିପାରିଲେ ନାହିଁ ବୋଲି ଗଡ଼ତିଆ ପ୍ରଶ୍ନ କରିଛନ୍ତି। ତାଙ୍କ ୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ କଲେଜର ଅନେକ ଉନ୍ନତି ହୋଇଛି ବୋଲି ଗଡ଼ତିଆ କହିଛନ୍ତି। କପରଦାର ଅଭିଯୋଗ କରିଥିଲେ ଯେ ୨୦୧୭ରେ ନାକ୍ କମିଟି ଦେବଗଡ଼ କଲେଜ ପରିଦର୍ଶନରେ ଆସିଥିବା ସମୟରେ ସେମାନଙ୍କ ଗସ୍ତଖର୍ଚ୍ଚ ବାବଦରେ ମୁଁ ମିଥ୍ୟା ଭାଉଚର କରି ୧ ଲକ୍ଷ ଟଙ୍କା ଆତ୍ମସାତ କରିଛି। ବିନା ଅଡିଟ୍ ରିପୋର୍ଟରେ କପରଦାର ଏକଥା କିପରି ପ୍ରମାଣ କଲେ ବୋଲି ଗଡ଼ତିଆ ପ୍ରଶ୍ନ କରିଛନ୍ତି। ନାକ୍ କମିଟି ଗସ୍ତ ପାଇଁ ପରିଚାଳନା କମିଟିରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ତା'ଠାରୁ ବହୁତ କମ୍ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୧୬ରେ ପରିଚାଳନା କମିଟି କଲେଜ କ୍ୟାଣ୍ଟିନ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ ମଧ୍ୟ ନାକ୍ କମିଟି ଶୀଘ୍ର ଆସିଥିବାରୁ ସେତେବେଳର କମିଟି ସଭାପତି ସଞ୍ଜୀବ କୁମାର ପ୍ରଧାନ ସୁଜିତ କୁମାର ପ୍ରଧାନଙ୍କୁ କ୍ୟାଣ୍ଟିନ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବର୍ତ୍ତମାନ କଲେଜର ଅଧିକାଂଶ କୋଠରି ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେଥିପାଇଁ କଲେଜର ଛାତ୍ରୀଛାତ୍ର ସେ ସମୟରେ (ଗଡ଼ତିଆଙ୍କ କାର୍ଯ୍ୟକାଳ) ଆନ୍ଦୋଳନ କରିଥିଲେ। ତତ୍କାଳୀନ ପରିଚାଳନା କମିଟି ସଭାପତି ପ୍ରଧାନ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜଣେ ମହିଳା ଅଧ୍ୟକ୍ଷା କଲେଜର ଏତେ କାମ କଲା ପରେ ମଧ୍ୟ କପରଦାର କେମିତି ଏପରି ଅଭିଯୋଗ କରୁଛନ୍ତି ବୋଲି ଗଡ଼ତିଆ ପ୍ରଶ୍ନ କରିଛନ୍ତି। ଏହି ଅବସରରେ ଗଡ଼ତିଆ ତାଙ୍କ ୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ କରିଥିବା କଲେଜର ଉନ୍ନତି ବିଷୟରେ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛନ୍ତି। ତାଙ୍କ ସମୟରେ ନାକ୍, ବିଶ୍ୱ ବ୍ୟାଙ୍କ, ଓପନ୍ ୟୁନିଭର୍ସିଟି, କ୍ୟାଣ୍ଟିନ୍ ନିର୍ମାଣ, ଛାତ୍ରୀନିବାସ, ସେଲ୍‌ଫ୍ ଡିଫେନ୍ସରେ ବେଷ୍ଟ ପ୍ରିନ୍ସିପାଲ ପୁରସ୍କାର, ଇଣ୍ଟର କଲେଜ କ୍ରିକେଟ ଟୁର୍ନାମେଣ୍ଟ ପୁରସ୍କାର, ବେଷ୍ଟ ଡ୍ରାମା, ଯୁକ୍ତ ୨ ଭ୍ୟଲୁଏଶନ୍ ସେଣ୍ଟର, ୱାଇଫାଇ କ୍ୟାମ୍ପସ୍ ଇତ୍ୟାଦି କାର୍ଯ୍ୟ ହୋଇଛି ବୋଲି ଗଡ଼ତିଆ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବର୍ତ୍ତମାନର ପରିଚାଳନା କମିଟି ସଭାପତି କପରଦାଙ୍କୁ ପଚାରିବାରୁ ସେ କହିଲେ, ଆମ ପାଖରେ ସମସ୍ତ ତଥ୍ୟ ଅଛି। ତଦନ୍ତକାରୀ ସଂସ୍ଥା ତଦନ୍ତ କଲେ ପ୍ରକୃତ କଥା ସାମ୍ନାକୁ ଆସିବ ବୋଲି କହିଛନ୍ତି। ପୂର୍ବତନ ଅଧ୍ୟକ୍ଷା ଗଡ଼ତିଆଙ୍କୁ ପଚାରିବାରୁ, ବୁଧବାର ଖବରଦାତା ସମ୍ମିଳନୀରେ ସମସ୍ତ ବିବରଣୀ ଉପସ୍ଥାପନ କରିବେ ବୋଲି କହିଛନ୍ତି।

- ବର୍ଷକୁ ଦୁଇଥର ଏନ୍‌ଇଇଟି ପ୍ରସଙ୍ଗ

ନିଷ୍ପତ୍ତି ବଦଳାଇବେ ସରକାର

ନୂଆଦିଲ୍ଲୀ,୨୧।୮(ପି.ଟି.)

ବର୍ଷକୁ ଦୁଇଥର ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ନିଷ୍ପତ୍ତିରୁ କେନ୍ଦ୍ର ସରକାର ଓହରିଯିବା ଲାଗି ଚିନ୍ତା କରୁଛନ୍ତି। ଡାକ୍ତରୀ ଏବଂ ଦନ୍ତ ଚିକିତ୍ସା ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଉଦ୍ଦିଷ୍ଟ ଏନ୍‌ଇଇଟି ବର୍ଷକୁ ଦୁଇଥର ଅନ୍‌ଲାଇନ୍ ମାଧ୍ୟମରେ କରିବା ଲାଗି କେନ୍ଦ୍ର ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ଗତମାସ ନିଷ୍ପତ୍ତି ନେଇଥିଲା। ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମଧ୍ୟ ବର୍ଷକୁ ଦୁଇଥର କରିବା ଲାଗି ଏଚ୍‌ଆର୍‌ଡି ମନ୍ତ୍ରୀ ପ୍ରକାଶ ଜାଭ୍‌ଡେକର ଘୋଷଣା କରିଥିଲେ। କିନ୍ତୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାକୁ ପ୍ରତ୍ୟାହାର କରିବା ନେଇ ସୁପାରିସ କରିଥିବା ଏଚ୍‌ଆର୍‌ଡି ମନ୍ତ୍ରଣାଳୟର ଜଣେ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି। ବର୍ଷକୁ ଦୁଇଥର ପରୀକ୍ଷା ଆୟୋଜନ ହେବାଦ୍ୱାରା ଛାତ୍ରୀଛାତ୍ରଙ୍କ ଉପରେ ଅତିରିକ୍ତ ଚାପ ପଡ଼ିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚିନ୍ତାବ୍ୟକ୍ତ କରିଥିଲା। ବିଶେଷକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ୍ ପରୀକ୍ଷା ଜଟିଳ ହେବ ବୋଲି ମଧ୍ୟ ମନ୍ତ୍ରଣାଳୟ କହିଥିଲା। ଏହାପରେ ଏଚ୍‌ଆର୍‌ଡି ମନ୍ତ୍ରଣାଳୟ ଉକ୍ତ ନିଷ୍ପତ୍ତିରୁ ଓହରିଯିବାକୁ ସ୍ଥିର କରିଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

(Regd. No. MSCS/CR/333/2010)

SAHARA CREDIT COOPERATIVE SOCIETY LIMITED
Regd. Office: Sahara India Bhawan, 1, Kapoorthala Complex, Aliganj, Lucknow-226024 , Telefax : 0522-2330155

NOTICE

The 9th Annual General Body Meeting of the members of Sahara Credit Cooperative Society Limited is scheduled to be held on Friday, 7th September, 2018 at 11.00 A.M. at 3rd Floor, Sahara India Tower, 7, Kapoorthala Complex, Lucknow- 226024.

BUSINESS ON AGENDA

1. To confirm the minutes of last Annual General Body Meeting.
2. To consider and adopt the audited financial statement of accounts for the financial year 2017-2018.
3. To consider and approve the Audit Report and Annual Report for the financial year 2017-18.
4. To consider the audit compliance report.
5. To consider the creation of specific reserve and other funds.
6. To announce dividend distribution for the financial year 2017-18.
7. To consider the disposal of net profit.
8. To approve the annual budget for the financial year 2019-20.
9. To approve the annual action plan for the financial year 2019-20.
10. To consider and approve the appointment of Statutory Auditors.
11. To consider the list of employees who are relatives of members of the Board or of the Managing Director.
12. To consider and Approve the Amendment in the bye-laws of the Society.
13. Any other item, if any, with the permission of Chairperson.

By order of the Board
For Sahara Credit Cooperative Society Limited
Sd/-
Managing Director

Place: Lucknow
Date: 13/08/2018

Note: Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 12:00 noon on the same day i.e. 7th September, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

IN THE COURT OF CIVIL JUDGE, SENIOR DIVISION, BHUBANESWAR
M.S. No.: 1784/2013

**State Bank of

ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

ସଂକ୍ଷେପରେ

ହୀରାକୁଦ ଡ୍ୟାମ୍‌ର ୭ ଗେଟ୍ ଖୋଲା

ସମ୍ବଲପୁର, ୨୧।୮ (ବ୍ୟୁରୋ)- ହୀରାକୁଦ ଡ୍ୟାମର ଜଳସ୍ତର ମଙ୍ଗଳବାର ରାତି ୯ଟା ସୁଦ୍ଧା ୬୧୯.୯୩ ଫୁଟ ରହିଛି। ଉପରମୁଣ୍ଡରେ ବର୍ଷା ପରିମାଣ ବୃଦ୍ଧି ହୋଇଛି । ତେଣୁ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧, ୫୨, ୨୦୪ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ଏହାକୁ ଦୃଷ୍ଟିରେ ରଖି ଜଳ ଭଣ୍ଡାର କର୍ତ୍ତୃପକ୍ଷ ବାମ ପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ ଖୋଲିଛନ୍ତି । ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୭ଟି ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟିବ୍ୟୁଟେରୀ, ପାୱାର ଚାନେଲ ମାଧ୍ୟମରେ ୧,୨୩, ୬୦୦ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି । ଡ୍ୟାମର ୭ଟି ସ୍ଲୁଇସ୍ ଗେଟରୁ ୧,୯,୬୩୪, ପାୱାର ଚାନେଲରେ ୧୧, ୧୭୬, ବିଭିନ୍ନ କେନାଲରେ ୨,୪୪୦ ଓ ଶିଳ୍ପକୁ ୩୫୦ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି।

ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାମରା, ୨୧।୮ (ସ୍ୱ.ପ୍ର.)- ସ୍ଥାନୀୟ ଗାୟତ୍ରୀ ପରିବାର ପକ୍ଷରୁ ବାମରା ଓ ଟାଙ୍ଗରମୁଣ୍ଡାଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟ ଓ ଟାଙ୍ଗରମୁଣ୍ଡା ଗ୍ରାମ ରାସ୍ତା କଡରେ ଆମ୍ବ, ଲେମ୍ବୁ, କାଜୁ, ଡାଲିମ୍ବ, ବେଲ, ପଟାସ, କରଞ୍ଜ, ଶାଗୁଆନ ଆଦି ଗଛର ଚାରା ରୋପଣ କରାଯାଇଥିଲା। ମଦନ ମୋହନ ପାତ୍ର, ବାନାମ୍ବର ସର, ଲକ୍ଷ୍ମଣ ପ୍ରଧାନ, ପ୍ରେମାନନ୍ଦ ହୋତା, ଅନନ୍ତ ବାଗୁଡିଆ, ସୁଷମା ବାରିକ, ତିଳୋତ୍ତମା ବାରିକ, ବିଜୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବିନୟ ପଣ୍ଡା, ଅନୀଲ ପାଣ୍ଡେ, ମହାବୀର ପ୍ରସାଦ ଅଗ୍ରୱାଲ, ରୁକ୍ମିଣୀ ଛତ୍ରିଆ, ପରମେଶ୍ୱର ସାହୁ, ବିରଞ୍ଚି ପଟେଲ, ସୂର୍ଯ୍ୟମଣି ମାଝି, ପ୍ରବୀଣ ଦୀକ୍ଷିତ, ମକରଧ୍ୱଜ ବେହେରାଙ୍କ ସମେତ ଗ୍ରାମବାସୀ ସାମିଲ ହୋଇ ହୋଇଥିଲେ।

ଅଭିଯୋଗ ଉଠାଇ ନେବାକୁ ପୋଲିସ ଧମକାଇବା ଘଟଣା ଏସ୍‌ପିଙ୍କ ହସ୍ତକ୍ଷେପ ପରେ ରୁଜୁ ହେଲା ମାମଲା: ତଦନ୍ତ କରିବେ ଏସ୍‌ଡିପିଓ

ସମ୍ବଲପୁର, ୨୧।୮ (ବ୍ୟୁରୋ)- ସମ୍ବଲପୁର ଜିଲା ଯୁଯୁମୁରା ଛକରେ ଜଣେ ଦମ୍ପତିଙ୍କୁ ମାଡପିଟ, ହତ୍ୟା ଧମକ ଓ ଅସଦାଚରଣ ଭଳି ସାଂଘାତିକ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନ ନେଇ ମାମଲା ଉଠାଇ ନେବାକୁ ଥାନା ଅଧିକାରୀ ଧମକ ଦେଉଥିଲେ। ଏହାକୁ ନେଇ ଲବଙ୍ଗ ଦେହୁରା ଓ ସରୋଜ ଦେହୁରା ମଙ୍ଗଳବାର ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ଏସ୍‌ପି ଆରୋରା ଦମ୍ପତିଙ୍କଠାରୁ ସମସ୍ତ ଘଟଣା ଶୁଣିବା ପରେ ଯୁଯୁମୁରା ଥାନା ଅଧିକାରୀ ବନଶ୍ରୀ ରାଉତରାୟଙ୍କୁ ମାମଲା ରୁଜୁ କରିବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ରେଢାଖୋଲ ଏସ୍‌ଡିପିଓ ହାତିବନ୍ଧୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି।

ବଜରଙ୍ଗ ଦଳ ଜିଲା ପ୍ରଭାରୀଙ୍କ ପରଲୋକ

ସମ୍ବଲପୁର, ୨୧।୮ (ବ୍ୟୁରୋ)- ସମ୍ବଲପୁର ବଜରଙ୍ଗ ଦଳ ଜିଲା ପ୍ରଭାରୀ ବୁଲୁ ମହାପାତ୍ର (୩୫)ଙ୍କ ମଙ୍ଗଳବାର ସକାଳ ସାଢ଼େ ୭ଟାରେ ଭଡ୍ରା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ପ୍ରାୟ ୨ମାସ ହେବ ସେ କଟକଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ । ସ୍ୱାସ୍ଥ୍ୟବସ୍ଥା ଭଲ ଥିଲା । କିନ୍ତୁ ମଙ୍ଗଳବାର ସକାଳେ ସେ ପେଟରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କର ପତ୍ନୀ ଓ ୬ ବର୍ଷର ଏକ ମାତ୍ର ଝିଅ ଅଛନ୍ତି। ବୁଲୁ ବାଲ୍ୟାବସ୍ଥାରୁ ରାଜ୍ୟ ସ୍ୱୟଂ ସେବକ ସଂଘ ସହ ଜଡିତ ଥିଲେ । ପରବର୍ତ୍ତୀ ସମୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓ ବଜରଙ୍ଗ ଦଳରେ ଜଣେ ନିଷ୍ଠାବାନ କାର୍ଯ୍ୟକର୍ତ୍ତା ଭାବେ କାମ କରୁଥିଲେ । ସନ୍ଧ୍ୟାରେ ମୁଦିପଡା ହନୁମାନ ଜୟନ୍ତୀ କମିଟି ପକ୍ଷରୁ ଶୋକସଭା ହୋଇଥିଲା ।

ଜିଲା ଯୋଜନା କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

ଦେବଗଡ଼ ଜିଲା ଯୋଜନା କମିଟି ବୈଠକ

୪୩୫ କୋଟି ୯୭ ଲକ୍ଷ ୪୨ ହଜାର ଟଙ୍କାର ପ୍ରସ୍ତାବିତ ଯୋଜନା ଚିଠା ଅନୁମୋଦିତ

ଦେବଗଡ, ୨୧।୮ (ସ୍ୱ.ପ୍ର)

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଦେବଗଡ ଜିଲା ଯୋଜନା କମିଟିର ବୈଠକ କମିଟିର ଅଧ୍ୟକ୍ଷା ତଥା ରାଜ୍ୟ ବୟନ, ହସ୍ତତ' ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ନିଜର ଅଭିଭାଷଣରେ ମନ୍ତ୍ରୀ ଛୁରିଆ ଦେବଗଡ ଛୋଟ ଜିଲା ହେଲେ ମଧ୍ୟ ସଂସ୍କୃତି ଓ ଐତିହ୍ୟର ଗ'ାଘର ବୋଲି କହିଥିଲେ । ଏହି ଜିଲାର ସାମଗ୍ରୀକ ବିକାଶ ଏବଂ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଓ ଲୋକପ୍ରତିନିଧିମାନଙ୍କର ଉପଯୁକ୍ତ ସମ୍ବନ୍ୱୟ ରକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ ନିମନ୍ତେ ଅଧିକାରୀମାନେ ଅଧିକ କ୍ରିୟାଶୀଳ ହେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଦେବଗଡ ଜିଲା ପାଇଁ ୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ ୪ ଶହ ୩୫ କୋଟି ୯୭ ଲକ୍ଷ ୪୨ ହଜାର ଟଙ୍କାର ପ୍ରସ୍ତାବିତ ଯୋଜନା ଚିଠା ଅନୁମୋଦନ କରାଯାଇଥିଲା । ସେଥିମଧ୍ୟରୁ ଗ୍ରାମାଞ୍ଚଳର ବିକାଶ ପାଇଁ ୩୮୫ କୋଟି ୨୯ ଲକ୍ଷ ୧୭ ହଜାର ଟଙ୍କା ଉଦ୍ଦିଷ୍ଟ ଥିବାବେଳେ ସହରାଞ୍ଚଳ ବିକାଶ ପାଇଁ ୫୦ କୋଟି ୬୮ ଲକ୍ଷ ୨୫ ହଜାର ଟଙ୍କାର ବ୍ୟୟ ଅଟକଳ ବିଭିନ୍ନ କ୍ଷେତ୍ର ନିମନ୍ତେ ଅନୁମୋଦନ କରାଯାଇଛି । ଏହା ବ୍ୟତୀତ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ସଡକ ଓ ଜଳସେଚନ କ୍ଷେତ୍ର ପାଇଁ ସମୁଦାୟ ୨୮୫ ଟି ପ୍ରକଳ୍ପ ପାଇଁ ୬ କୋଟି ୮୫ ଲକ୍ଷ ୮୭ ହଜାର ୫୫୧ ଟଙ୍କାର ଅନୁଦାନ ଉପରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା । ସେଥିମଧ୍ୟରୁ ଗମନାଗମନ ସୁବିଧା ପାଇଁ ସଡକ ନିର୍ମାଣ ପାଇଁ ୨୪୮ ଟି ପ୍ରକଳ୍ପ ପାଇଁ ୫ କୋଟି ୯୩ ଲକ୍ଷ ୯୭ ହଜାର ୫୫୧ ଟଙ୍କା ଅନୁମୋଦନ କରାଯାଇଥିବାବେଳେ ୩୭ ଟି ଜଳସେଚନ ପ୍ରକଳ୍ପ ପାଇଁ ୯୧ ଲକ୍ଷ ୯୦ ହଜାର ଟଙ୍କା ଅନୁମୋଦନ କରାଯାଇଛି । ବୈଠକ ପ୍ରାରମ୍ଭରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ, ସାଂସଦ ପ୍ରତିନିଧି ସୁଜିତ ପ୍ରଧାନ, ବିଧାୟକ ପ୍ରତିନିଧି ରଞ୍ଜିତ ପଟେଲଙ୍କ ସମେତ ଜିଲା ପରିଷଦର ସଦସ୍ୟା/ ସଦସ୍ୟ, ଯୋଜନା କମିଟିର ସଦସ୍ୟ ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗଦେଇଥିଲେ । ଶେଷରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭୀନସେଣ୍ଟ ପୂନମ କାନ୍ତ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

କାର୍ ଧକ୍କାରେ ୨ ଗୁରୁତର

ରିଆମାଳ, ୨୧।୮ (ଡି.ଏନ.ଏ.) ରିଆମାଳ ବ୍ଲକ ଭିତରପଦ ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୩ରେ ଏକ କାର୍ ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଚାନ୍ଦପଶି ଗ୍ରାମର ଶିକ୍ଷକ ଉମାକାନ୍ତ ପ୍ରଧାନ (୫୩) ଓ ରଙ୍ଗାଳପାଲି ଗ୍ରାମର ଦଣ୍ଡୁଆ ନାଏକ। ଉମାକାନ୍ତ ନିଜ ବାଇକ୍ (ନଂ. ଓଆର୍୧୯-ସି୪୪୮୨)ରେ ବିଦ୍ୟାଳୟର ରିପୋର୍ଟ ଦେବା ଲାଗି ରିଆମାଳ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଆସୁଥିଲେ। ଏହି ସମୟରେ ଏକ କାର୍ (ନଂ. ଓଡି୦୫-ଇ୬୫୪୩) ତାଙ୍କ ବାଇକକୁ ଧକ୍କା ଦେବା ସହ ରାସ୍ତା କଡ଼ରେ ଠିଆ ହୋଇଥିବା ଦଣ୍ଡୁଆଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ଉମାକାନ୍ତ ଗୁରୁତର ଆହତ ହୋଇଥିବାବେଳେ ଦଣ୍ଡୁଆଙ୍କ ବାମ ଗୋଡ଼ ଭାଙ୍ଗିଯାଇଛି। ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ କାର୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ତଦନ୍ତ ଚଳାଇଛି।

ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠିତ

ଦେବଗଡ଼,୨୧।୮ (ସ୍ୱ.ପ୍ର.)

ଶିଶୁମାନଙ୍କ ସୁରକ୍ଷା ପାଇଁ ଗୋଷ୍ଠୀ ଭିତ୍ତିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସକାଶେ ରିଆମାଳ ଚାଇଲ୍ଡ ଲାଇନ ପକ୍ଷରୁ ରିଆମାଳ ବ୍ଲକ ମଳେହୀପଡ଼ା ପଞ୍ଚାୟତ ଅଫିସରେ ମଙ୍ଗଳବାର ଏକ ଶିଶୁ ସୁରକ୍ଷା କମିଟି ଗଠନ କରାଯାଇଛି। ସରପଞ୍ଚ ହାବିଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚାଇଲ୍ଡ ଲାଇନର ମାନସ କୁମାର ସାହୁ. ସୁଚରିତା ସାହୁ, ଅଙ୍ଗନୱାଡି କର୍ମୀ ସଉରୀ ବେହେରା, ପିଇଓ ଲିଲି ମହାନନ୍ଦିଆ, ଏଏନ୍‌ଏମ୍ ସାଗରିକା ପ୍ରଧାନଙ୍କ ସମେତ ଶିକ୍ଷକ, ଶିଶୁ ପ୍ରତିନିଧିମାନଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ସଦସ୍ୟାସଦସ୍ୟଙ୍କୁ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଓ ଚାଇଲ୍ଡ ଲାଇନର କାର୍ଯ୍ୟପନ୍ଥା ବିଷୟରେ ଅବଗତ କରାଯାଇଥିଲା। କମିଟି ଆଗାମୀ ଦିନରେ ବାଧ୍ୟତାମୂଳକ ଶିକ୍ଷା, ଚାଇଲ୍ଡ ଲାଇନ-୧୦୯୮କୁ ସକ୍ରିୟ କରିବା ଦିଗରେ କାର୍ଯ୍ୟ କରିବା ସହ ମଳେହୀପଡ଼ାକୁ ବାଲ୍ୟବିବାହ ମୁକ୍ତ ପଞ୍ଚାୟତ କରିବାକୁ ନିଷ୍ପତ୍ତି ନିଆଯାଇଛି।

ସାକ୍ଷର ଭାରତ ଅଭିଯାନର ପ୍ରେରକ, ସଂଯୋଜକ ସଂଘର ୫ ଦଫା ଦାବିପତ୍ର ପ୍ରଦାନ

ଦେବଗଡ଼/ ରିଆମାଳ, ୨୧।୮ (ସ୍ୱ.ପ୍ର./ ଡି.ଏନ୍.ଏ.)

ଓଡ଼ିଶା ରାଜ୍ୟ ସାକ୍ଷର ଭାରତ କର୍ମଚାରୀ ସଂଘର ତିଲେଇବଣି ଶାଖା ତରଫରୁ ବିଡିଓଙ୍କୁ ବିଭିନ୍ନ ସମସ୍ୟା ନେଇ ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘର ଜିଲା ସଭାପତି କିଶୋର ଚନ୍ଦ୍ର ଦେହୁରୀ, ତିଲେଇବଣି ବ୍ଲକ ସମ୍ପାଦକ ପ୍ରତାପଚନ୍ଦ୍ର ବେହେରା, ସଂଯୋଜକ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ବ୍ଲକ ଶାଖାର ୨୧ ଜଣ ପ୍ରେରକ ଓ ସଂଯୋଜକ ତିଲେଇବଣି ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ମାନବ ସମ୍ବଳ ବିକାଶ ମନ୍ତ୍ରୀ ଭାରତ ସରକାର, ରାଜ୍ୟପାଳ, ରାଜ୍ୟ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଡିଓ ସୁନିଲ କୁମାର ଗୁରୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦାବି ଅନୁସାରେ , ସାକ୍ଷର ଭାରତ ଅଭିଯାନକୁ ଚାଲୁ ରଖିବା, କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସାକ୍ଷର ଭାରତ କାର୍ଯ୍ୟକ୍ରମ ବଦଳରେ ଅନ୍ୟ କୌଣସି ଯୋଜନା ପ୍ରଣୟନ ହେଲେ ସେଥିରେ ସଂଯୋଜକ ଓ ପ୍ରେରକଙ୍କୁ ପ୍ରଥମେ ନିଯୁକ୍ତି କରିବା, କାର୍ଯ୍ୟରତ କର୍ମଚାରୀ ସଂଯୋଜକ ଓ ପ୍ରେରକଙ୍କୁ ବକେୟା ପାଉଣା ତୁରନ୍ତ ପ୍ରଦାନ, ଛଟେଇ ହୋଇଥିବା ସଂଯୋଜକ ଓ ପ୍ରେରକଙ୍କୁ କାର୍ଯ୍ୟରେ ନିଯୁକ୍ତି ପ୍ରଦାନ ଆଦି ଉଲ୍ଲେଖ କରାଯାଇଛି। ସେହିପରି ରିଆମାଳ ବ୍ଲକ ସଂଘ ପକ୍ଷରୁ ରିଆମାଳ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳି ହାତୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବ୍ଲକ ସଭାପତି କାଳୀଚରଣ ପ୍ରଧାନ ଚେତାବନୀ ଦେଇଛନ୍ତି।

ବିଡିଓଙ୍କୁ ବିଭିନ୍ନ ସମସ୍ୟା ନେଇ ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମଙ୍ଗଳବାର ପ୍ରଦାନ କରାଯାଉଛି।

ଆଇନ ସଚେତନତା ଶିବିର

ଦେବଗଡ଼/ରିଆମାଳ,୨୧।୮ (ସ୍ୱ.ପ୍ର./ଡି.ଏନ୍.ଏ.)

ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତୋଷଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ନିମନ୍ତେ ମଙ୍ଗଳବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ରିଆମାଳ ବ୍ଲକ ଚୁହିଳାମାଳ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ହେଉଥିବା ଶ୍ରମିକ ପଞ୍ଜୀକରଣ ଏବଂ ତାହାର ସରକାରୀ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ଶ୍ରମିକଙ୍କ ନିମନ୍ତେ ଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଶିବିରରେ ଚୁହିଳାମାଳ ସରପଞ୍ଚ ରଇବାରୀ ମୁଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ପ୍ରଧାନ, କୃଷି ଗ୍ରାମସେବକ କ୍ଷେତ୍ରବାସୀ ପ୍ରଧାନଙ୍କ ସମେତ ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ଯୋଗଦେଇଥିଲେ। ଆଇନ ସେବା ପ୍ରାଧିକରଣର ପାରା ଲିଗାଲ ସ୍ୱେଚ୍ଛାସେବୀ ଦିଲୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

'ମୁଁ ହିରୋ' କାରାଭାନ ସ୍ୱାଗତ ନିମନ୍ତେ ପ୍ରସ୍ତୁତି ବୈଠକ

ଦେବଗଡ, ୨୧।୮ (ସ୍ୱ.ପ୍ର)

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଅଧୀନ ରାଜ୍ୟ ଯୁବ ମଙ୍ଗଳବୋର୍ଡ ଆନୁକୂଲ୍ୟରେ ଆରମ୍ଭ କରାଯାଉଥିବା 'ମୁଁ ହିରୋ'ଅଭିଯାନ ପରିପ୍ରେକ୍ଷୀରେ ଏକ ସଚେତନତା କାରାଭାନ ଆସନ୍ତା ଅଗଷ୍ଟ ୨୭ ତାରିଖ ଭୁବନେଶ୍ୱର ଠାରେ ଶୁଭାରମ୍ଭ କରାଯିବ। ଏହି କାରାଭାନ ଅଗଷ୍ଟ ୨୮ ତାରିଖ ସନ୍ଧ୍ୟାରେ ଦେବଗଡରେ ପହଁଚିବାର କାର୍ଯ୍ୟକ୍ରମ ରହିଛି। ଏହି କାରାଭାନର ସ୍ୱାଗତ ଏବଂ ଅଭିଯାନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି. ଅନୁପମା ଜେପ୍ସ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୂନମ କାନ୍ତ ଏକ୍କାଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଜୁ ଯୁବ ବାହିନୀ ର ସଂଯୋଜକମାନେ ଯୋଗଦେଇଥିଲେ । ବୈଠକ ପ୍ରାରମ୍ଭରେ ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ କାରାଭାନର କାର୍ଯ୍ୟସୂଚୀ ଉପରେ ସୂଚନା ଦେଇଥିଲେ । ସୂଚନାନୁଯାୟୀ ୨୮ ତାରିଖ ସନ୍ଧ୍ୟାରେ କାରାଭାନ ଦେବଗଡରେ ପହଁଞ୍ଚି ରାତ୍ର ରହଣୀ କରିବ। ୨୯ ସକାଳେ କଲେକ୍ଟରେଟ ଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ପରେ ପୌରାଞ୍ଚଳର କେତୋଟି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ପରେ ରିଆମାଳ ଅଭିମୁଖେ କାରାଭାନ ବାହାରି ସେହିଦିନ ରିଆମାଳର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସେହିପରି ୩୦ ତାରିଖ ତିଲେଇବଣି ଏବଂ ୩୧ରେ ବାରକୋଟ ବ୍ଲକ ପରିକ୍ରମା କରି ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜିଲାପାଳ ସାମଲ କହିଛନ୍ତି। ବ୍ଲକମାନଙ୍କରେ କାରାଭାନ ପରିକ୍ରମାର କାର୍ଯ୍ୟସୂଚୀ କ୍ଲଷ୍ଟର ଭିତ୍ତିରେ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଯେଭଳି ଅଧିକରୁ ଅଧିକ ଜନସାଧାରଣ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ କହିଥିଲେ। ସୂଚନାଥାଉଯେ, ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରତ୍ୟେକ ସ୍ଥାନରେ ସମ୍ପୃକ୍ତ ଅଞ୍ଚଳର ବଛାଯାଇଥିବା 'ମୁଁ ହିରୋ' ମାନଙ୍କୁ ସମ୍ମାନିତ କରାଯିବ।

ଜ୍ଞାନବିଜ୍ଞାନ ମେଳା କାର୍ଯ୍ୟକ୍ରମ

ରିଆମାଳ,୨୧।୮ (ଡି.ଏନ.ଏ.)

ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତା ତଥା ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ହେମନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏହି ବିଜ୍ଞାନ ମେଳାରେ ନିମ୍ନବର୍ଗ, ଶିଶୁବର୍ଗ, ବାଲବର୍ଗ ଓ କିଶୋର ବର୍ଗରେ ମୋଟ ୧୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପବିତ୍ର ମୋହନ ପ୍ରଧାନ ଯୋଗଦେଇ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ରଖିବା ସହ କୃତୀ ଛାତ



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା, ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍

ସଂକ୍ଷେପରେ

ଜମନକିରା ପଞ୍ଚାୟତ ହାଇସ୍କୁଲରେ ଅତିଥି ଶିକ୍ଷକ ନିଯୁକ୍ତ

ଜମନକିରା,୨୧।୮(ଡି.ଏନ୍.ଏ.)- ଜମନକିରା ପଞ୍ଚାୟତ ହାଇସ୍କୁଲରେ ଦୀର୍ଘ ଦିନ ଖାଲି ପଡ଼ିଥିବା କଳା ବିଭାଗ ଶିକ୍ଷକ ପଦ ଅସ୍ଥାୟୀ ଭାବେ ହେଉ ପଛେ କିଛି ଦିନ ଲାଗି ପୂରଣ ହୋଇଛି। ସରକାରଙ୍କ ଶିକ୍ଷା ବିଭାଗର ଦୂରଦର୍ଶିତା ଯୋଗୁ ଏହା ସମ୍ଭବ ହୋଇ ପାରିଛି। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁଲତା ଦାସ ଅତିଥି ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଛନ୍ତି। ଏହାଫଳରେ ଗ୍ରାମବାସୀଙ୍କ ବହୁ ଦିନର ଦାବି ପୂରଣ ହୋଇଛି। ଏ ନେଇ ଜମନକିରା ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ପ୍ରେସ ବିଜ୍ଞପ୍ତି ଜରିଆରେ ସାଧୁବାଦ ଜଣାଇଛନ୍ତି। ତେବେ ୮ ବର୍ଷ ହେବ କଳା ବିଭାଗ, ପ୍ରଧାନ ଶିକ୍ଷକ, ପିଇଟି ଓ ଅନ୍ୟ କେତେକ ବିଭାଗର ଶିକ୍ଷକ ଅଭାବ ରହିଛି। ଏ ନେଇ ସ୍କୁଲ ପରିଚାଳନା କମିଟି, ଗ୍ରାମବାସୀ ବିଭାଗ ଓ ସରକାରଙ୍କ ପାଖରେ ଦାବି କରୁଛନ୍ତି।

ପାଣିରେ ବୁଡି ବୃଦ୍ଧ ମୃତ

ବାମରା, ୨୧।୮ (ସ୍ୱ.ପ୍ର.)-ସମ୍ବଲପୁର ଜିଲା ବାମରା ବ୍ଲକ୍ କେଶାଇବାହାଲ ଗୁଦାମଗୁଡାର ଗଣେଷ ମୁଣ୍ଡା (୬୦)ଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳେ ଗାଁ ଲୋକେ ଗାଁ ନିକଟସ୍ଥ ନାଳରେ ଏକ ଶବ ଭାସୁଥିବା ଦେଖି ମହୁଲପାଲି ପୋଲିସକୁ ସୂଚନା ଦେଇଥିଲେ। କୁଚିଣ୍ଡା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରିବାର ଲୋକଙ୍କୁ ପୋଲିସ ଜିମା ଦେଇଛି। ଏ ନେଇ ଏକ ଅପମୃତ୍ୟୁ ମାଲା (ନଂ.୧୭/୧୮) ରୁଜୁ ହୋଇଛି।

ଶିଶୁ ସୁରକ୍ଷା ସମିତିର ନୂତନ ସଦସ୍ୟ ନିଯୁକ୍ତ

ସମ୍ବଲପୁର,୨୧।୮(ବ୍ୟୁରୋ)-ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ସମିତିର ନୂତନ ସଦସ୍ୟ ନିଯୁକ୍ତ ହୋଇଛନ୍ତି । ଏ ନେଇ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୋମବାର ପତ୍ର ସଂଖ୍ୟା ୧୪୧୫୧ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଛି । ଅଧକ୍ଷ ଭାବେ ବ୍ରଜେନ୍ଦ୍ର କିଶୋର ପଣ୍ଡା, ସଦସ୍ୟ ବାଣୀ ମହାପାତ୍ର, ସରୋଜ କୁମାର ମହାପାତ୍ର, ଡାକ୍ତର ଝରଣା ମିଶ୍ର ଓ ପୁଷ୍ପାରାଣୀ ମହାପାତ୍ର ନିଯୁକ୍ତି ହୋଇଛନ୍ତି। ଏମାନଙ୍କକପଙ୍କ କାର୍ଯ୍ୟକାଳ ୩ ବର୍ଷ ରହିଛି। ଜିଲାର ପ୍ରାୟ ୬୮ ଜଣ ଏଥିପାଇଁ ଆବେଦନ କରିଥିଲେ।

ଯୁଯୁମୁରାରେ ହକିଟର୍ଫର ଟେଣ୍ଡର ପ୍ରକ୍ରିୟା ଆରମ୍ଭ

ସମ୍ବଲପୁର,୨୧।୮(ବ୍ୟୁରୋ) ସମ୍ବଲପୁର ଜିଲା ଯୁଯୁମୁରା ହାଇସ୍କୁଲ ପଡିଆରେ ହକି ଆଷ୍ଟ୍ରୋଟର୍ଫ ନିର୍ମାଣ କରିବା ପାଇଁ ଜମି ଚିହ୍ନଟ ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଇଡ୍‌କୋ ଏହି କାମ ହାତକୁ ନେଇଛି। ଜିଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ବେହେରା ଏହି ସୂଚନା ଦେଇଛନ୍ତି।ସମ୍ବଲପୁର ଜିଲାରେ ପ୍ରଥମ କରି ଅଷ୍ଟ୍ରୋଟର୍ଫ ବିଛା ଯାଉଥିବାରୁ ଏହି ଅଞ୍ଚଳର ହକି ଖେଳାଳିଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ଅଞ୍ଚଳରେ ଥିବା ପ୍ରତିଭାବାନ ହକି ଖେଳାଳିଙ୍କ ପାଇଁ ନୂଆ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ଏଥିପାଇଁ ହାଇସ୍କୁଲ ପଡିଆରେ ୪ ଏକର ୬୯ ଡିସିମିଲ ଅଧିଗ୍ରହଣ ସରିଛି । ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ଏଥିରେ ରବର ବିଛାଇବା ଓ ଅନ୍ୟାନ୍ୟ କାର୍ଯ୍ୟ ସକାଶେ ଅଟକଳ ପ୍ରସ୍ତୁତ କରି ଟେଣ୍ଡର ଆହ୍ୱାନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଆସନ୍ତା ଦୁଇ ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଆଶା କରାଯାଉଛି । ଟର୍ଫ ନିର୍ମାଣ ହେଲେ ଯୁଯୁମୁରା, ଜମନକିରା, କୁଚିଣ୍ଡା, ନାକଟିଦେଉଳ ସହ ଜିଲାର ଅନ୍ୟ ବ୍ଲକର ହକି ଖୋଳାଳିମାନେ ଅଭ୍ୟାସ କରିପାରିବେ । ଏହି ପଡିଆ ନିକଟରେ ଖେଳାଳିମାନଙ୍କ ପାଇଁ ଏକ ହଷ୍ଟେଲ ନିର୍ମାଣ କରିବାର ପ୍ରସ୍ତାବ ରହିଛି ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ଯୁଯୁମୁରା ବ୍ଲକର ହକି ଖେଳାଳିମାନେ ରାଜ୍ୟସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତାରେ ଚଳିତ ବର୍ଷ ଜିଲାର ୧୭ ବର୍ଷରୁ କମ୍ ବୟସ ବର୍ଗର ଉଭୟ ବାଳିକା ଓ ବାଳକ ଟିମ୍ ଫାଇନାଲରେ ପହଞ୍ଚି ଥିଲେ । ହେଲେ ଫାଇନାଲ ମ୍ୟାଚରେ ପରାଜିତ ହୋଇଯାଇଥିଲେ । ଅଷ୍ଟ୍ରୋଟର୍ଫରେ ଅଭ୍ୟାସ କରିଥିଲେ ଆହୁରି ଭଲ ପ୍ରଦର୍ଶନ କରି ବିଜୟୀ ହୋଇପାରିଥାନ୍ତେ ବୋଲି କ୍ରୀଡାପ୍ରେମୀ କହିଛନ୍ତି। ଡୁରନ୍ତ କାମ ସମ୍ପୂର୍ଣ୍ଣ କରିବା ସହିତ ଏକ ହକି ଏକାଡ଼େମୀ ସ୍ଥାପନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ସୂଚନାଯୋଗ୍ୟ, ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମର ୧ ନମ୍ବର ହକି ପିଚ୍‌ରେ ଥିବା ଅଷ୍ଟ୍ରୋଟର୍ଫକୁ ଅପସାରଣ କରି ଯୁଯୁମୁରା ହାଇସ୍କୁଲ ଖେଳ ପଡ଼ିଆରେ ବିଛାଯିବ।

ବ୍ୟୟ ଅଟକଳ ୧୨ କୋଟି ୫୦ ଲକ୍ଷ ଟଙ୍କା

ଜିଏମୟୁରେ ହେବ ସ୍ପୋର୍ଟସ କମ୍ପ୍ଲେକ୍ସ

ସମ୍ବଲପୁର, ୨୧।୮ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ କ୍ରୀଡା ଭିତ୍ତିଭୂମି ସକାଶେ ୧୨କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତମାନର କ୍ରୀଡ଼ା ଭିତ୍ତିଭୂମି ଯୋଗାଇଦେବା ନିମନ୍ତେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କରିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଇତି ମଧ୍ୟରେ ଏହି ପ୍ରକଳ୍ପ ଲାଗି ଡିଜାଇନ ଓ ବ୍ୟୟ ଅଟକଳ ବୃତ୍ତାନ୍ତ ହୋଇଛି । ଏହା ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯାଇଛି । ଏହି କ୍ରୀଡ଼ା କମ୍ପ୍ଲେକ୍ସ ପ୍ରକଳ୍ପ ପାଇଁ ବିଶ୍ୱବିଦ୍ୟାଳୟର ପ୍ରାୟ ୬ ଏକର ଜମି ଚିହ୍ନଟ କରାଯାଇଛି । ସହରର ମଧ୍ୟଭାଗରେ ଥିବା କ୍ୟାମ୍ପସର ୩୮ ଏକର ପରିମିତ ଜାଗାରୁ ଉକ୍ତ ଜମି ଉପଯୋଗ କରାଯିବ । ଏହା ମୁଖ୍ୟ କ୍ୟାମ୍ପସର ପଛ ପାର୍ଶ୍ୱରେ ରହିଛି । ଏହିଠାରେ ହକି ଟର୍ଫ, ବାସ୍କେଟବଲ କୋଟ, ଭଲିବଲ କୋଟ ଓ ଟେନିସ କୋଟ ରହିବ । ଦର୍ଶକମାନଙ୍କ ପାଇଁ ଗ୍ୟାଲେରୀ ଓ ଗ୍ୟାଲେରୀ ତଳେ ଇନ୍‌ଡୋର ଖେଳର ବ୍ୟବସ୍ଥା ରହିବ । ସେହିପରି ସୁଇମିଂ ପୁଲର ମଧ୍ୟ ପ୍ରସ୍ତାବ ରଖାଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ସମ୍ମୁଖରେ ଥିବା ଦୁଇ ପଡ଼ିଆକୁ ମଧ୍ୟ ବ୍ୟବହାର କରାଯିବ । ୪ ଏକର ପରିମିତ ଏହି ଜମିରେ ଫୁଟବଲ ଓ ହକି ଖେଳ ପାଇଁ ଦୁଇଟି ଖେଳ ପଡ଼ିଆ ନିର୍ମାଣ କରାଯିବ । ଫାଟକ ପଟରୁ ଆରମ୍ଭ ହୋଇ ସମ୍ମୁଖ ଭାଗ ପର୍ଯ୍ୟନ୍ତ ଏଲ ଶୈଳୀରେ ଗ୍ୟାଲେରୀ ନିର୍ମାଣ କରାଯିବାକୁ ଡିଜାଇନରେ ପ୍ରାବଧାନ ରଖାଯାଇଛି । କେନ୍ଦ୍ରୀୟ ପୂର୍ତ୍ତ ବିଭାଗ (ସିପିଡବ୍ଲୁଡ଼ି) ଏହି ସମସ୍ତ ଯୋଜନାର ଡିଜାଇନ ପ୍ରସ୍ତୁତ କରିଛି। ପ୍ରକଳ୍ପର ବିସ୍ତୃତ ରିପୋର୍ଟ (ଡିପିଆର) ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ସରକାର ଅନୁକୂଳ ମନୋଭାବ ପ୍ରଦର୍ଶନ କରିଛନ୍ତି । କଲେଜ ସମୟରୁ ଏହି ପୁରାତନ ଶିକ୍ଷାନୁଷ୍ଠାନର ଅନେକ ଛାତ୍ରୀଛାତ୍ର ସନ୍ତରଣ, ଫୁଟବଲ, ହକି, ଭଲିବଲ, ଆଥେଲେଟିକ୍, ଖୋଖୋ ଖେଳରେ ରାଜ୍ୟ ଓ ଜାତୀୟସ୍ତରରେ ସଫଳତା ହାସଲ କରିଛନ୍ତି । ସଂପ୍ରତି ଭିତ୍ତିଭୂମି ସଂକୁଚିତ ହୋଇଥିବାରୁ ସେହି ଧାରା ବ୍ୟବସ୍ଥିତ ହୋଇପାରୁ ନାହିଁ । ଏହାକୁ ଦୃଷ୍ଟିରେ ରଖି ସ୍ପୋର୍ଟସ କମ୍ପ୍ଲେକ୍ସର ପରିକଳ୍ପନା କରାଯାଇଥିବା ବିଶ୍ୱବିଦ୍ୟାଳୟ ଉପକୁଳସଚିବ ଡ. ଉମାଚରଣ ପତି ସୂଚିତ କରିଛନ୍ତି । ନୂଆ ପ୍ରକଳ୍ପ ଛାତ୍ରୀଛାତ୍ରମାନଙ୍କ ଶାରୀରିକ ଓ କ୍ରୀଡ଼ା ଦକ୍ଷତା ବିକାଶ କରିବାରେ ସହାୟକ ହେବ । ସେହିପରି ମହିଳା ଓ ପୁରୁଷ ଶାରୀରିକ ଶିକ୍ଷାଧିକାରୀଙ୍କୁ ଅବସ୍ଥାପିତ କରାଯିବ । ସହରର ମହାନଦୀ ଅପର ପାର୍ଶ୍ୱରେ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରାୟ ୫୦ ଏକ ଜମି ବନ୍ଦୋବସ୍ତ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ୧୯୪୪ ମସିହାରେ ସମ୍ବଲପୁର କଲେଜ ସ୍ଥାପିତ ହୋଇଥିଲା । ଏହାପରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମରେ ଏହି କଲେଜର ନାମକରଣ କରାଯାଇଥିଲା। ଏବେ ଏହା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ନାମରେ ନାମିତ ହୋଇ ଅମୃତ ବିହାର ଭାବେ ପରିଚିତ ହୋଇଛି । ବର୍ତ୍ତମାନ ଏଠାରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ପ୍ରାୟ ୬ ହଜାର ରହିଛି । ଆଗକୁ ନୂଆ ବିଷୟରେ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଥିବାରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଆହୁରି ବୃଦ୍ଧି ହେବ ବୋଲି ଜିଏମୟୁ କର୍ତ୍ତୃପକ୍ଷ ଆଶାବ୍ୟକ୍ତ କରିଛନ୍ତି ।

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖ ଗେଟ୍ ।

ଫସଲ ବୀମାରୁ ବଞ୍ଚିତ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତବାସୀ

ରାସ୍ତାରୋକୋ, ଆନ୍ଦୋଳନ ଧମକ

ରେଢ଼ାଖୋଲ,୨୧।୮(ଡି.ଏନ.ଏ.)

ରେଢ଼ାଖୋଲ ଉପଖଣ୍ଡର ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତବାସୀ ୨୦୧୭-୧୮ ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଶେଷରେ ବାଧ୍ୟ ହୋଇ ଏମାନେ ରାସ୍ତାକୁ ଓହ୍ଲାଇବାକୁ ପ୍ରଶାସନକୁ ଜଣାଇଛନ୍ତି। ଏହି ମର୍ମରେ ମଙ୍ଗଳବାର ପଞ୍ଚାୟତର ଶତାଧିକ ଚାଷୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ ପ୍ରଦାନ କରିଛନ୍ତି। ଦାବି ପତ୍ରରେ ଅଭିଯୋଗ କରାଯାଇଛି ଯେ, ଗତ ଖରିଫ ଋତୁରେ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ବାଦ୍ ଦିଆଯାଇଛି। ଯଦିଓ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ଏହି ପଞ୍ଚାୟତରେ ଶତକଡା ୪୬.୮୯ ପ୍ରତିଶତ ମରୁଡି ହୋଇଥିବା ନେଇ ରିପୋର୍ଟ ପ୍ରଦାନ କରାଯାଇଛି, ତାହା ସତ୍ତ୍ୱେ ବୀମା କମ୍ପାନୀ ଏହି ପଞ୍ଚାୟତକୁ ବୀମା ଭୁକ୍ତ କରିନାହିଁ। ଏହି ପଞ୍ଚାୟତର ଚାଷୀବୃନ୍ଦ ସମ୍ପୂର୍ଣ୍ଣ ଚାଷ ଉପରେ ନିର୍ଭର କରିଥାନ୍ତି। ହେଲେ ମରୁଡି ଯୋଗୁ ଚାଷୀମାନେ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି। ଚଳିତ ମାସ ୮ ତାରିଖ ଏହି ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାକୁ ଜିଲାପାଳଙ୍କଠାରେ ଦାବି କରାଯାଇଥିଲା। ହେଲେ ଏ ନେଇ ଦୀର୍ଘ ୧୨ ଦିନ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ । ତେଣୁ ବାଧ୍ୟ ହୋଇ ଆସନ୍ତା ୩୦ ତାରିଖ ୫୫ ନଂ ଜାତୀୟ ରାଜପଥର ରେଢ଼ାଖୋଲ ଭୀମ ଭୋଇ କଲେଜ ଛକଠାରେ ସକାଳ ୬ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିବେ ବୋଲି ଦାବିପତ୍ରରେ ଚେତାବନୀ ଦେଇଛନ୍ତି। ଏ ନେଇ ତହସିଲଦାର, ନାକ୍ଟିଦେଉଳ ବିଡିଓ, ରେଢ଼ାଖୋଲ ଓ କିସିଣ୍ଡା ଥାନା ଅଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଗିରିଶ୍ଚନ୍ଦ୍ରପୁର କୃଷକ ସଂଘର ସଭାପତି ବିପିନ ବିହାରୀ ପ୍ରଧାନ, ଗଦାଧର ପ୍ରଧାନ, ସରୋଜ କୁମାର ବିଶି, ବସନ୍ତ ଧଳ, ମାର୍କଣ୍ଡ ଦେହୁରୀ, ମହେନ୍ଦ୍ର ବେହେରା, ତେଜରାଜ କାଲୋ, ଶୁଭେନ୍ଦ୍ର ପ୍ରଧାନ, ଅରୁଣ କୁମାର ପ୍ରଧାନଙ୍କ ସମେତ ଶତାଧିକ ଚାଷୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ନାକ୍ଟିଦେଉଳ ବ୍ଲକର ୧୩ଟି ପଞ୍ଚାୟତ ମଧ୍ୟରୁ କେବଳ କିସିଣ୍ଡା ବଳମ ଓ ନାକ୍ଟିଦେଉଳ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସରାପାଲି ପଞ୍ଚାୟତ ମଧ୍ୟ ଏହି ଯୋଜାନରୁ ବାଦ୍ ପଡିଥିବା ଯୋଗୁ ଗତ ମାସ ୩୦ ତାରିଖରେ ଗୋଧୂଡିପ ଛକ ଠାରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ।

ଷ୍ଟେଶନରୁ ୨ ନାବାଳିକା, ୩ ଯୁବତୀ ଉଦ୍ଧାର

ସମ୍ବଲପୁର,୨୧।୮(ବ୍ୟୁରୋ)

- ମୁମ୍ବାଇ ଚାଲାଣ କରାଯାଉଥିଲା
- ଦଲାଲ ଦମ୍ପତି ଅଟକ

ସମ୍ବଲପୁର ଷ୍ଟେଶନରୁ ମଙ୍ଗଳବାର ୨ ନାବାଳିକା ଓ ୩ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଢେଙ୍କାନାଳ ଜିଲା ଗଁଦିଆ ଅଞ୍ଚଳର ଏହି ନାବାଳିକା ଓ ଯୁବତୀଙ୍କୁ ମୁମ୍ବାଇ ଚାଲାଣ କରାଯାଉଥିଲା। ଲୋକମାନ୍ୟ ତିଲକ ଏକ୍ସପ୍ରେସ୍‌ରେ ଏମାନଙ୍କୁ ଚାଲାଣ କରାଯାଉଥିବାବେଳେ ଆର୍‌ପିଏଫ୍, ଜିଆର୍‌ପି, ଚାଇଲ୍ଡଲାଇନ ଓ କ୍ଷେତରାଜପୁର ପୋଲିସ ମିଳିତ ଚଢ଼ାଉ କରି ଉଦ୍ଧାର କରିଥିଲେ। ଏହି ଘଟଣାରେ ଦଲାଲ ସାଜିଥିବା ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ଏକ ଦମ୍ପତିଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ନାବାଳିକା ଓ ଯୁବତୀମାନଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ଘର ଲୋକେ ଆସିବା ପରେ ପୋଲିସ ସେମାନଙ୍କୁ ହସ୍ତାନ୍ତର କରିବ। ବୁଧବାର ଅଭିଯୁକ୍ତ ଦମ୍ପତିଙ୍କୁ ମାନବ ଚାଲାଣ ଅଭିଯୋଗରେ କୋର୍ଟଚାଲାଣ କରିବ ବୋଲି ପୋଲିସ କହିଛି।

ଚାଇଲ୍ଡଲାଇନ ମୁଖ୍ୟ କାର୍ଯ୍ୟାଳୟ କୋଲକାତାରୁ ସମ୍ବଲପୁର ଶାଖା ନିର୍ଦ୍ଦେଶକ ପ୍ରଦୀପ ବେହେରାଙ୍କ ନିକଟକୁ ଟ୍ରେନରେ ଯୁବତୀ ଚାଲାଣ ହେଉଥିବା ସମ୍ପର୍କରେ ଖବର ଆସିଥିଲା। ବେହେରା ତାଙ୍କ ଟିମ୍ ସହ ଯାଇ ପ୍ରଥମେ ଆର୍‌ପିଏଫ୍ ଓ କ୍ଷେତରାଜପୁର ଥାନା ପୋଲିସକୁ ଖବର ଦେଇଥିଲେ। ଲୋକମାନ୍ୟ ତିଲକ ଏକ୍ସପ୍ରେସ୍ ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଷ୍ଟେଶନରେ ପହଞ୍ଚିଥିଲା। ଏହି ସମୟରେ ପୂର୍ବରୁ ପ୍ଲାଟଫର୍ମରେ ଉପସ୍ଥିତ ପୋଲିସ ଚଢ଼ାଉ କରିଥିଲା। ନାବାଳିକା ଓ ଯୁବତୀମାନଙ୍କୁ ଉଦ୍ଧାର କରିବା ସମୟରେ ଦଲାଲ ଦମ୍ପତି ପୋଲିସକୁ ବିରୋଧ କରିଥିଲେ। ତେବେ ସମସ୍ତଙ୍କୁ ପୋଲିସ ଥାନାକୁ ନେଇଥିଲା। ଦଲାଲ ଦମ୍ପତିଙ୍କୁ ପଚାରଉଚୁରା କରିବାରୁ ମୁମ୍ବାଇ ମାଛ ବଜାରକୁ କାମ କରିବାକୁ ଏହି ଯୁବତୀ ଓ ନାବାଳିକାଙ୍କୁ ନେଉଥିଲେ ବୋଲି କହିଥିଲେ। ପୋଲିସ କିନ୍ତୁ ସନ୍ଦେହ କରି ଅଧିକ ତଦନ୍ତ ଜାରି ରଖିଛି। ଉଦ୍ଧାର ଯୁବତୀ, ନାବାଳିକା ଓ ଅଭିଯୁକ୍ତ ଦ୍ୱୟଙ୍କୁ ଆର୍‌ପିଏଫ୍ ଜିଆର୍‌ପିକୁ ହସ୍ତାନ୍ତର କରିଛି। ଜିଆର୍‌ପି ଏକ ମାମଲା (ନଂ. ୪୧/୧୮) ରୁଜୁ କରିଛି।

ସିଦ୍ଧେଶ୍ୱରବେର୍ଣ୍ଣାରେ ଜ୍ଞାନ ବିଜ୍ଞାନ ମେଳା: ୧୧୭ ପ୍ରକଳ୍ପ ପ୍ରଦର୍ଶିତ

ସମ୍ବଲପୁର,୨୧।୮(ବ୍ୟୁରୋ) ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧୀଶ ଗିରିଧାରୀ ହୋତା ମୁଖ୍ୟଅତିଥି, ସନ୍ନାନୀୟ ଅତିଥି ଭାବରେ ପରିଚାଳନା ସମିତିର ସଦସ୍ୟ ଶଙ୍କର ନାୟକ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ୨୯୦ଜଣ ଛାତ୍ରୀଛାତ୍ର ସେମାନଙ୍କର ୧୧୭ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ପ୍ରଥମ ସ୍ଥାନରେ ଅଂଶୁମାନ ଦାଶ, ଅଭିସ୍ମା ଠାକୁର, ତନିଷା ଜେନା, ଅଙ୍କିତା ଦାସ, ମୌସୁମୀ ପ୍ରଧାନ ଦ୍ୱିତୀୟ ସ୍ଥାନରେ ଶ୍ରୀତମ ପାତ୍ର, ମେଘା ଦେବନାଥ, ସୋନାଲ ବେହେରା, ପ୍ରତ୍ୟୁଷ ଷଡଙ୍ଗୀ, ଶିବାଶିଷ ପରିଡା, ତୃତୀୟ ସ୍ଥାନରେ ସ୍ୱସ୍ତିକ ହୋତା, ଅଭିଷେକ ପାଣିଗ୍ରାହୀ, ସୁନି ମୁଣ୍ଡା ରହିଛନ୍ତି। ଅତିଥି ଭାବେ ବୁର୍ଲା ଏନଏସି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ବ୍ୟୋମକେଶ ଭୋଇ, ସୁବନ୍ଧିତା ମିଶ୍ର, ସଂଯୁକ୍ତା ମିଶ୍ର, ମଧୁରିମା ଦାଶ, ଜ୍ୟୋତିର୍ମୟୀ ବେହେରା, ସସ୍ମିତା ଖଟୁଆ ଉପସ୍ଥିତ ଥିଲେ । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଉତ୍ତମ କୁମାର ପ୍ରଧାନ, ସମ୍ପାଦକ ହିମାଞ୍ଚଳ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାଷ୍ମ କୁମାର ମେହେରେ, ମୀନା କୁମାରୀ ସାହାଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

ବିଷକ୍ରିୟାରେ ବାଳକ ମୃତ

ରେଢ଼ାଖୋଲ, ୨୧।୮(ସ୍ୱ.ପ୍ର)-ସମ୍ବଲପୁର ଜିଲା କିସିଣ୍ଡା ଥାନା ପାଣିମୁରା ପଞ୍ଚାୟତ ଅନ୍ତର୍ଗତ ସଡୋ ଗ୍ରାମରେ ମଙ୍ଗଳବାର ଅପରାହ୍ନ ପ୍ରାୟ ଅଢେଇଟାବେଳେ ବିଷ କ୍ରିୟାରେ ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଳକ ଜଣକ ହେଲେ ବଳରାମ ଶବରଙ୍କ ପୁଅ ସୁବାସ ଶବର (୧୬) । ସେ କରଡା ଗଛର ଚେର ଖାଇ ଦେଇଥିଲେ। ପରିବାର ଲୋକେ ଚାଷ କାମକୁ ଫେରିବା ପରେ ପୁଅ ଗୁରୁତର ହୋଇ ପଡିଥିବା ଦେଖିବାକୁ ପାଇଥିଲେ । ତାଙ୍କୁ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କ

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

ସଂକ୍ଷେପରେ

କାଶୀନଗର: ଡେଙ୍ଗୁରେ ଆଉ ଜଣେ ମୃତ

କାଶୀନଗର, ୨୧।୮ (ଡି.ଏନ.ଏ.):ଗଜପତି ଜିଲା କାଶୀନଗର ବ୍ଲକର ସିଙ୍ଗିପୁର ଓ ସିଧାମଡଙ୍ଗ ଗ୍ରାମରେ ଡେଙ୍ଗୁ ଏବଂ ମ୍ୟାଲେରିଆ ଆତଙ୍କ ଥମିବାର ନାଁ ଧରୁନାହିଁ। ପୂର୍ବରୁ ଡେଙ୍ଗୁ ଓ ମ୍ୟାଲେରିଆରେ ୫ଜଣଙ୍କ ଜୀବନ ଯାଇଥିବା ବେଳେ ମଙ୍ଗଳବାର ଆଉ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଙ୍ଗିପୁର ଗ୍ରାମର ଜଳେନ୍ଦ୍ର ଜେନା। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ସେଠାରେ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତଦେହ ଗ୍ରାମକୁ ଅଣାଯିବା ପରେ ସତ୍କାର କରାଯାଇଛି।

ଜମ୍ମୁ କଶ୍ମୀରରୁ ଉଦ୍ଧାର ହେଲେ ୨୩ ଦାଦନ

ରାଉରକେଲା ଅଫିସ,୨୧।୮

ଜମ୍ମୁ କଶ୍ମୀର ଅଞ୍ଚଳକୁ ଦାଦନ ଖଟି ଯାଇଥିବା ୨୩ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ମହିଳା, ଯୁବତୀ ଓ ଯୁବକ ରହିଛନ୍ତି। ଏମାନେ ଗତ ସୋମବାର ମଧ୍ୟ ରାତ୍ରରେ ଜମ୍ମୁତାଇ ଏକ୍ସପ୍ରେସ ଯୋଗେ ରାଉରକେଲା ଫେରି ଆସିଛନ୍ତି। ଏନେଇ ଜିଲା ପ୍ରଶାସନର ଏକ ଟିମ ସହ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ ଗତ ୯ରେ ଜମ୍ମୁ କଶ୍ମୀର ଯାତ୍ରା କରିଥିଲେ। ଏମାନେ ସମସ୍ତେ ଚାନ୍ଦିପୋଷ, ଗୁରୁଣ୍ଡିଆ, ଲାଠିକଟା ଓ ବ୍ରହ୍ମଣୀତରଙ୍ଗ ଥାନା ଅଞ୍ଚଳ ବାସିନ୍ଦା ବୋଲି ସୂଚନା ଦେଇଛନ୍ତି ସାମାଜିକ କର୍ମୀ ଚାନ୍ଦମଣି। କୁହାଯାଇଛି ଯେ, ଗତ ଜାନୁୟାରୀ ଠାରୁ ସମ୍ପୃକ୍ତ ଅଞ୍ଚଳର କେତେକ ଗାଁରୁ ଦଲାଲ ପ୍ରରୋଚନାରେ ପଡି କିଛି ନିରୀହ ଆଦିବାସୀ କାମ ଆଶାରେ ଜମ୍ମୁ କଶ୍ମୀର ଚାଲିଯାଇଥିଲେ। ପରେ ମୋଟା ଅଙ୍କର ଅର୍ଥ ବଦଳରେ ସମ୍ପୃକ୍ତ ଦଲାଲ ଏମାନଙ୍କୁ ସେହି ଅଞ୍ଚଳର କିଛି ଧନୀକ ବ୍ୟବସାୟୀ ଓ ଗୃହକର୍ତ୍ତାଙ୍କ ହାତକୁ ଟେକି ଦେଇଥିବା ଅଭିଯୋଗ ହୋଇଆସୁଥିଲା। ଏମାନଙ୍କୁ ଦରମା ଦିଆ ନ ଯାଇ ମାଡମାରି କାମ କରାଯାଉଥିବା ଅଭିଯୋଗ କରିଥିଲେ ପରିବାର ଓ ସମ୍ପର୍କୀୟ। ଏନେଇ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ ବାରମ୍ବାର ଜିଲା ପ୍ରଶାସନ ଉପରେ ଚାପ ସୃଷ୍ଟି କରିବା ସହ ତୁରନ୍ତ ନିରୀହ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଦାବି କରି ଆସୁଥିଲେ। ସେହି ଅନୁସାରେ ଜିଲା ଶ୍ରମ ବିଭାଗ, ପୋଲିସକୁ ନେଇ ଗଠିତ ଟିମ ଚାନ୍ଦମଣିଙ୍କୁ ସାଙ୍ଗରେ ନେଇ ଜମ୍ମୁ କଶ୍ମୀର ଯାଇଥିଲେ।

ଜମ୍ମୁ କଶ୍ମୀର ଅଞ୍ଚଳରୁ ଉଦ୍ଧାର କରାଯାଇଥିବା ଦାଦନ ଶ୍ରମିକ ଓ ଉଦ୍ଧାରକାରୀ ଦଳର ସଦସ୍ୟ।

ଶ୍ରୀନଗରଠାରେ ଫସି ରହିଥିବା ଶ୍ରମିକଙ୍କୁ ଠାବ କରାଯିବା ପରେ ସେମାନେ ଆଖପାଖ ଅଞ୍ଚଳରେ ଏଭଳି ଦୁଃଖଦ ଅବସ୍ଥାରେ ଥିବା ଅନ୍ୟ କେତେଜଣ ଦାଦନଙ୍କ ଠିକଣା ଦେଇଥିଲେ। ସୋମବାର ବିଳମ୍ବିତ ରାତିରେ ରାଉରକେଲା ପହଞ୍ଚିଥିବା ଉଦ୍ଧାର ଶ୍ରମିକ ଆର୍‌ଏମ୍‌ସି ସେଲ୍ଟର ହାଉସ ଠାରେ ରାତ୍ରି ଯାପନ କରିଥିଲେ ହେଁ ମଙ୍ଗଳବାର ସକାଳୁ ନିଜ ଘରକୁ ଫେରିଛନ୍ତି। ଘଟଣା ଜଣାପଡିବା ପରେ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏନେଇ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସବିଶେଷ ବିବରଣୀ ପ୍ରଦାନ କରିବେ ବୋଲି ସାମାଜିକ କର୍ମୀ ଚାନ୍ଦମଣି କହିଛନ୍ତି।

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା

ଚାର୍ଜଶିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

ପାଟଣାଗଡ଼,୨୧।୮(ଡି.ଏନ୍.ଏ.)

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ମଙ୍ଗଳବାର ପାଟଣାଗଡ଼ ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। କ୍ରାଇମବ୍ରାଞ୍ଚ ସବ୍‌ଇନ୍ସପେକ୍ଟର ମାନସ ସାମନ୍ତରାୟ କୋର୍ଟରେ ପହଞ୍ଚି ୩୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛନ୍ତି। ଏଥିରେ ୭୨ଜଣ ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରହିଥିବା ଦର୍ଶାଯାଇଛି। ତେବେ ୩ଜଣ ରାଜସାକ୍ଷୀଙ୍କୁ ଏପର୍ଯ୍ୟନ୍ତ ଠାବ କରାଯାଇ ନ ଥିବା ଏବଂ ଘଟଣାର ଫରେନସିକ୍ ରିପୋର୍ଟ ଆସି ନ ଥିବାରୁ ତଦନ୍ତ ଜାରି ରହିବ ବୋଲି କୁହାଯାଇଛି। ଭୁବନେଶ୍ୱର ରସୁଲଗଡ଼ ଫୋରେନସିକ୍ ଲ୍ୟାବ୍ ଏବଂ ଗୁଜରାଟ ଫୋରେନସିକ୍ ଲ୍ୟାବରୁ ଏପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ଆସିନାହିଁ। ଏହି ବୋମା ବିସ୍ଫୋରଣ ଘଟଣାର ତଦନ୍ତ ଭାର ଗ୍ରହଣ କରିବାର ୧୨୦ ଦିନ ଭିତରେ କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ କରିବା ସହ ଘଟଣାର ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଭଇଁଷା ଜ୍ୟୋତି ବିକାଶ କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଦର୍ଶାଇଛି। ଅଧ୍ୟକ୍ଷ ଚୌକି ହରାଇବା ପରେ ପ୍ରତିଶୋଧ ପରାୟଣ ହୋଇ ପୁଞ୍ଜିଲାଲ ଏଭଳି ନାରକୀୟ କାଣ୍ଡ ଭିଆଇଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

କ୍ରାଇମବ୍ରାଞ୍ଚ ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୨୩ ତାରିଖରେ ପାଟଣାଗଡ଼ ବ୍ଲକ ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀ ଭଇଁଷା ଜ୍ୟୋତି ବିକାଶ କଲେଜ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଘରକୁ ସ୍କାଏକିଙ୍ଗ କୋରିଅରର ଜଣେ କର୍ମଚାରୀ ଏକ ପାର୍ସଲ ଦେଇ ଯାଇଥିଲେ। ଉକ୍ତ ପାର୍ସଲକୁ ଖୋଲି ଦେବାପରେ ଭୟଙ୍କର ବିସ୍ଫୋରଣ ହୋଇଥିଲା ଓ ଏଥିରେ ଅଧ୍ୟାପକ ସାହୁ ଓ ଅଧ୍ୟକ୍ଷା ସାହୁଙ୍କ ଏକମାତ୍ର ପୁଅ ନବବିବାହିତ ସୌମ୍ୟଶେଖର ସାହୁ ଓ ପିଉସୀ ଜେମାମଣୀ ସାହୁଙ୍କ ମୃତ୍ୟୁ ଘଟିଥିଲା। ମୃତ ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାରାଣୀ ସାହୁ ଗୁରୁତର ଆହତ ହୋଇଥିଲେ। ସୌମ୍ୟଶେଖର ଏବଂ ରିମାରାଣୀଙ୍କ ବିବାହର ୪ ଦିନ ପରେ ପାର୍ସଲ ବୋମା ବିସ୍ଫୋରଣ ହୋଇଥିବାରୁ ପ୍ରଥମରୁ ଏହାକୁ ପ୍ରେମ ବିଫଳତାଜନିତ କାଣ୍ଡ ବୋଲି ସନ୍ଦେହ କରାଯାଉଥିଲା। ପୋଲିସ ଦୀର୍ଘ ୧ ମାସ ଧରି ତଦନ୍ତ କରିବା ପରେ ମଧ୍ୟ ବୋମା ବିସ୍ଫୋରଣର ଠୋସ୍ ସୁରାକ ନ ପାଇବାରୁ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ କରିବାକୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କ୍ରାଇମବ୍ରାଞ୍ଚର ଏସ୍‌ଆଇଟି ପାଟଣାଗଡ଼ ଓ ରାୟପୁର ଯାଇ ତଦନ୍ତ କରିଥିଲେ। ତେବେ ଏହି ତଦନ୍ତ ଚାଲିଥିବାବେଳେ ବଲାଙ୍ଗୀର ଏସ୍‌ପିଙ୍କୁ ଏକ ବେନାମୀ ଚିଠି ମିଳିଥିଲା ଓ ଏହି ଚିଠି ହିଁ ତଦନ୍ତର ଗତିପଥ ବଦଳାଇ ଦେଇଥିଲା। ଏହି ଚିଠିରୁ ବୋମା ବିସ୍ଫୋରଣର ଅଭିଯୁକ୍ତ ପାଟଣାଗଡ଼ରେ ଥିବା ପୋଲିସ ସନ୍ଦେହ କରିଥିଲା। ତଦନ୍ତ କରିବା ପରେ ଭଇଁଷା ଜ୍ୟୋତି ବିକାଶ କଲେଜ ଅଧ୍ୟକ୍ଷ ପଦବୀକୁ ନେଇ ଲାଗି ରହିଥିବା ବିବାଦ ହିଁ ବୋମା ବିସ୍ଫୋରଣର କାରଣ ବୋଲି ଜଣାପଡ଼ିଥିଲା। ଏହାପରେ ଏହି କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଘଟଣାର ମୁଖ୍ୟ ଅଭିଯୁକ୍ତ ଦର୍ଶାଇ କ୍ରାଇମବ୍ରାଞ୍ଚ ଗତ ଏପ୍ରିଲ ୨୬ ତାରିଖରେ ଗିରଫ ତାଙ୍କୁ କରିଥିଲା। ଭଇଁଷା କଲେଜରେ ଇଂଲିଶ ଅଧ୍ୟାପକ ମେହେର ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ ଏବଂ ଇତିହାସ ବିଭାଗ ଅଧ୍ୟାପିକା ସଞ୍ଜୁକ୍ତା ସାହୁ ଏହି କଲେଜକୁ ବଦଳି ହୋଇ ଆସିବା ପରେ ବରିଷ୍ଠତା ଭିତ୍ତିରେ ସେ ଅଧ୍ୟକ୍ଷା ହୋଇଥିଲେ। ଅଧ୍ୟାପିକା ସାହୁ ଅଧ୍ୟକ୍ଷା ହେବା ପରେ ଅଧ୍ୟକ୍ଷ ପଦ ହରାଇଥିବା ପୁଞ୍ଜିଲାଲ ପ୍ରତିଶୋଧ ପରାୟଣ ହୋଇ ବୋମା ବିସ୍ଫୋରଣ କରିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଗିରଫ ପରେ ଗତ ଏପ୍ରିଲ ମାସରୁ ଅଭିଯୁକ୍ତ ଅଧ୍ୟାପକ ମେହେର ପାଟଣାଗଡ଼ ଉପଖଣ୍ଡ କାରାଗାରରେ ବନ୍ଦୀ ଅଛନ୍ତି। କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ କରିବା ପରେ ଆଗକୁ କୋର୍ଟରେ ଏହି ମାମଲାର ବିଚାର ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାରୁ ଘଟଣାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି।

ପରଲୋକରେ ଯଦୁନାଥ ଦାସମହାପାତ୍ର

ମୁଖ୍ୟମନ୍ତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱର,(ବ୍ୟୁରୋ)/ସୋର, ୨୧।୮(ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସାରସ୍ୱତ ପୁରୁଷ ଯଦୁନାଥ ଦାସ ମହାପାତ୍ରଙ୍କ ୮୯ ବର୍ଷ ବୟସରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଯଦୁନାଥଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଦୀର୍ଘଦିନ ଧରି ଯଦୁନାଥ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ୪ ପୁଅ, ବୋହୂ, ୩ ଝିଅ ଓ ସମସ୍ତ ନାତିନାତୁଣୀ ଉପସ୍ଥିତ ଥିଲେ। ଡାକ୍ତରଖାନାରୁ ତାଙ୍କ ମରଶରୀରକୁ ଭୁବନେଶ୍ୱର ଆଇଆରସି ଭିଲେଜସ୍ଥିତ ବାସଭବନକୁ ଅଣାଯାଇ ଶେଷଦର୍ଶନ ପାଇଁ ରଖାଯାଇଛି। ବହୁ ରାଜନେତା, ସାହିତ୍ୟିକ ଏବଂ ବିଶିଷ୍ଟ ବ୍ୟକ୍ତି ଡାକ୍ତରଖାନା ଓ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବୁଧବାର ସକାଳେ ତାଙ୍କ ମରଶରୀରକୁ ଜନ୍ମସ୍ଥାନ ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ କୁଡ଼େଇ ଗ୍ରାମକୁ ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯିବ। ଯଦୁନାଥଙ୍କ ଜନ୍ମ ୧୯୨୯ ମାର୍ଚ୍ଚ ୧ତାରିଖରେ। ତାଙ୍କ ମାତା ରାସମଣି ଦେବୀ ଓ ପିତା ନାରାୟଣ ଦାସମହାପାତ୍ର । ସ୍ଥାନୀୟ ସୋର ସତ୍ୟାନନ୍ଦ ହାଇସ୍କୁଲରେ ଯଦୁନାଥ ମ୍ୟାଟ୍ରିକ ପାସ୍ କରିବା ପରେ ରେଭେନ୍‌ଶା କଲେଜରେ ବିଏ ପାସ କରିଥିଲେ । ପରେ କଲିକତା ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ଲକ୍ଷ୍ମୀପ୍ରିୟା ଦାସମହାପାତ୍ରଙ୍କୁ ସେ ବିବାହ କରିଥିଲେ। ଆଡଭୋକେଟ ଭାବେ ସେ ନିଜର କ୍ୟାରିୟର ଆରମ୍ଭ କରି ୧୯୬୨ରେ କଂଗ୍ରେସରେ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲାରେ ଅନେକ ଦଳୀୟ ପଦପଦବୀରେ ରହି ୧୯୭୧ରେ ସୋର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୧୯୭୪ ଓ ୧୯୮୫ରେ ସେ କଂଗ୍ରେସ ଟିକେଟରେ ସୋରରୁ ବିଜୟଲାଭ କରିଥିଲେ। ୧୯୭୧ ମସିହାରେ

ଯଦୁନାଥ ଦାସମହାପାତ୍ର

ବିଧାନସଭାକୁ ନିର୍ବାଚିତ ହୋଇ ଅର୍ଥମନ୍ତ୍ରୀ ହୋଇଥିଲେ। ୧୯୭୪ ମସିହାରେ ନନ୍ଦିନୀ ଶତପଥୀଙ୍କ ମନ୍ତ୍ରିମଣ୍ଡଳରେ ଶିକ୍ଷାମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୮୫ ମସିହାରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ପୁଣି ଶିକ୍ଷାମନ୍ତ୍ରୀ ରହିଥିଲେ । ବିଭିନ୍ନ ସମୟରେ ଅର୍ଥ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିଛନ୍ତି। କେବଳ ଜଣେ ରାଜନେତା ନୁହନ୍ତି, ଜଣେ ସାରସ୍ୱତ ସାଧକ ଭାବେ ସେ ସୁପରିଚିତ ଥିଲେ। ୬୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଯାଇଛନ୍ତି, ଯେଉଁଥିରେ କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ଅନୁବାଦ ପୁସ୍ତକ ରହିଛି। 'ଗ୍ରାମ୍ୟ ନଦୀର ତୀରେ', 'ବିଭାଷିକା', 'ପରଶମଣି', 'ସୂର୍ଯ୍ୟମନ୍ଦିର', 'ସଂଗ୍ରାମ', 'ଭୁଲି ହୁଏନା', 'କ୍ଷମା କରିବେ କି' ଆଦି ତାଙ୍କର ଶ୍ରେଷ୍ଠ ପୁସ୍ତକ ମଧ୍ୟରୁ ଅନ୍ୟତମ। ତାଙ୍କ ରଚିତ ଆତ୍ମଜୀବନୀ ପୁସ୍ତକ 'ଜୀବନ ସ୍ମୃତି'। ତାଙ୍କ ନାଟକ 'ଭୁଲି ହୁଏନା'କୁ ନେଇ ଚଳଚ୍ଚିତ୍ର ନିର୍ମିତ ହୋଇଛି। 'ଅଥବା ଅନ୍ଧାର' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି ରାଜନେତା ତଥା ସାରସ୍ୱତ ସାଧକଙ୍କ ବିୟୋଗରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଏବଂ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

BANAJ FINANCE GROUP LTD.
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି । କଲ୍ କରନ୍ତୁ SAMIR MONAL
07363008993
07363008928

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉବଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

HDB Government Financial Services
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

B.N. FINANCE
ଏସିଆନ ଗେମ୍ସରେ ଭାରତୀୟ ମହିଳା ରେସଲର ଦିବ୍ୟା କକ୍ରାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମଙ୍ଗଳବାର ୬୮ କେ.ଜି. ବର୍ଗ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ସେ ତାଇପେଇର ଚେନ୍ ୱେନଲିଙ୍ଗ୍‌ଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏଥି ସହିତ ଚଳିତ ଏସିଆନ ଗେମ୍ସରେ ଦିବ୍ୟା ଭାରତ ରେସଲିଂରେ ପ୍ରଥମ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୨୦ ବର୍ଷୀୟ ଏସିଆନ ଚାମ୍ପିୟନଶିପ୍ ରୌପ୍ୟପଦକ ବିଜୟିନୀ ଦିବ୍ୟା ବୈଷୟିକ ଦୃଷ୍ଟିକୋଣରୁ ଦୁଇ ପାଦ ଆଗରେ ରହିଥିଲେ ଓ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରି ଚେନ୍‌ଙ୍କୁ ୧୦-୦ରେ ପଛରେ ପକାଇଥିଲେ। ଏହାପୂର୍ବରୁ ବଜରଙ୍ଗ ପୁନିଆ ୬୫ କେ.ଜି. ଓ ଭିନେଶ ଫୋଗତ ୫୦ କେ.ଜି. ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦିବ୍ୟା ମଧ୍ୟ ଗତବର୍ଷ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ମହିଳା ୬୮ କେଜି ବର୍ଗ ରେସଲିଂରେ ଭାରତର ଦିବ୍ୟା କକ୍ରାନ (ଡାହାଣ) ଓ ତାଇପେଇର ଚେନ୍ ୱେନ୍‌ଲିଙ୍ଗ୍‌ଙ୍କ ମଧ୍ୟରେ ଲଢ଼େଇ ।

ସିପ୍‌କଟାକ୍ରରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ ।

ସେମିରେ ଭାରତୀୟ ପୁରୁଷ, ମହିଳା କବାଡ଼ି ଦଳ

ଜାକର୍ତ୍ତା, ୨୧।୮ (ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା କବାଡି ଦଳ ଦମ୍‌ଦାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ୭ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତୀୟ ପୁରୁଷ ଦଳ ଦକ୍ଷିଣ କୋରିଆଠାରୁ ୨୩- ୨୪ରେ ପରାସ୍ତ ହୋଇ ଝଟ୍‌କା ଖାଇବା ପରେ ପ୍ରତ୍ୟାବର୍ତ୍ତନ କରିଥିଲା। ଚତୁର୍ଥ ତଥା ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ୪୯- ୩୦ରେ ଥାଇଲାଣ୍ଡକୁ ହରାଇ ସେମିଫାଇନାଲ ଟିକେଟ ହାସଲ କରିଛି। ଏହା ପୂର୍ବରୁ ଭାରତ ବାଂଲାଦେଶକୁ ୫୦- ୨୧ ଓ ଶ୍ରୀଲଙ୍କାକୁ ୪୪-୨୮ରେ ପରାସ୍ତ କରିଥିଲା। ତେବେ ତୃତୀୟ ମ୍ୟାଚରେ ଦକ୍ଷିଣ କୋରିଆଠାରୁ ଭାରତ ହାରିଥିଲା। ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହି ଭାରତ ସେମିକୁ ଉଠିଛି। ଅପରପକ୍ଷରେ ମହିଳା ବିଭାଗରେ ଭାରତ ଗ୍ରୁପ୍ ଏ'ରେ ମଙ୍ଗଳବାର ଦୁଇଟି ମ୍ୟାଚରେ ଖେଳିଛି। ଦୁଇଟିରେ ବିଜୟ ହାସଲ କରି ଭାରତ ଗ୍ରୁପ୍ ଟପ୍ପର ଭାବେ ସେମିକୁ ଉଠିଛି। ପ୍ରଥମ ମ୍ୟାଚରେ ଭାରତ ୩୮- ୧୨ରେ ଶ୍ରୀଲଙ୍କାକୁ ଓ ପରେ ଆୟୋଜକ ଇଣ୍ଡୋନେସିଆକୁ ୫୪- ୨୨ରେ ହରାଇଛି। ପୂର୍ବରୁ ଭାରତ ଜାପାନକୁ ୪୩- ୧୨ ଓ ଥାଇଲାଣ୍ଡକୁ ୩୩-୨୩ରେ ହରାଇଥିଲା। ସେମିଫାଇନାଲରେ ଭାରତ ଗ୍ରୁପ୍ ବି'ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଭେଟିବ। ଆସନ୍ତା ୨୩ ତାରିଖରେ ସେମିଫାଇନାଲ ମ୍ୟାଚଗୁଡିକ ଖେଳାଯିବ ଓ ଫାଇନାଲ ମ୍ୟାଚ୍ ୨୪ ତାରିଖରେ ଆୟୋଜନ ହେବ।

ପଦକ ତାଲିକା

ଦେଶ	ସ୍ୱର୍ଣ୍ଣ	ରୌପ୍ୟ	ବ୍ରୋଞ୍ଜ	ମୋଟ
ଚାଇନା	୩୦	୧୮	୧୨	୬୦
ଜାପାନ	୧୨	୧୭	୧୮	୪୭
କୋରିଆ	୮	୧୨	୧୪	୩୪
ଇଣ୍ଡୋନେସିଆ	୫	୨	୫	୧୨
ଇରାନ	୪	୩	୫	୧୨
ଉତ୍ତର କୋରିଆ	୪	୧	୩	୮
ଭାରତ	୩	୩	୪	୧୦
ଚାଇନିଜ୍ ତାଇପେ	୩	୨	୫	୧୦
ମଙ୍ଗୋଲିଆ	୨	୧	୪	୭
କାଜାଖସ୍ତାନ	୧	୫	୭	୧୩

ଭାରତର ଦ୍ୱିତୀୟ ସର୍ବବୃହତ୍ ବିଜୟ

ଜାକର୍ତ୍ତା,୨୧।୮(ପି.ଟି.)

ଏସିଆନ ଗେମ୍ସ ଇତିହାସରେ ଭାରତୀୟ ମହିଳା ହକି ଦଳ ଦ୍ୱିତୀୟ ସର୍ବବୃହତ୍ ବିଜୟ ହାସଲ କରିଛି। ଭାରତୀୟ ଦଳ ମଙ୍ଗଳବାର ୨୧-୦ ଗୋଲରେ କାଜାଖସ୍ତାନକୁ ହରାଇ ଏହି ଐତିହାସିକ ସଫଳତା ଅର୍ଜନ କରିଛି। ସ୍ଥାନୀୟ ଗେଲୋରା ବଙ୍ଗ୍ କାର୍ନୋ ହକି ଫିଲ୍ଡରେ ଭାରତ ପୁଲ୍ ବି'ରେ ତା'ର ଦ୍ୱିତୀୟ ମ୍ୟାଚରେ କାଜାଖସ୍ତାନକୁ ଭେଟିଥିଲା। ବିଶ୍ୱର ୯ ନମ୍ବର ଦଳ ଭାରତ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଅପେକ୍ଷାକୃତ ଦୁର୍ବଳ ତଥା ବିଶ୍ୱର ୩୪ ନମ୍ବର ଦଳ କାଜାଖସ୍ତାନକୁ କୌଣସି ସୁଯୋଗ ଦେଇ ନ ଥିଲା। ଭାରତ ତରଫରୁ ଗୁରଜିତ କୌର ୭, ୩୬, ୪୪ ଓ ୫୨ତମ ମିନିଟରେ ୪ଟି ଗୋଲ ସ୍କୋର କରିଥିଲେ। ସେହିପରି ଲାଲରେମସିଆମି ୯, ୧୯, ୩୦ତମ ମିନିଟରେ ୩ଟି, ନବନୀତ କୌର ମଧ୍ୟ ୧୧, ୧୨ ଓ ୪୯ତମ ମିନିଟରେ ୩ଟି, ବନ୍ଦନା କାଟାରିୟା ୨୯, ୩୭, ୫୩ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଓଡ଼ିଆ ତାରକା ଲିଲିମା ମିଞ୍ଜ୍ ୩୮ ଓ ୪୪ମିନିଟରେ ଦୁଇଟି ଓ ନଭଜୋତ କୌର ୧୬ ଓ ୫୪ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ସେହିପରି ନେହା ଗୋଏଲ ଦଶମ, ଉଦିତା ୩୪, ଅନ୍ୟତମ ଓଡ଼ିଆ ତାରକା ଦୀପ ଗ୍ରେସ୍ ଏକ୍କା ୪୩ ଓ ମୋନିକା ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉଲ୍ଲେଖଥାଉ କି, ଭାରତ ପୂର୍ବରୁ ୧୯୮୨ ଏସିଆଡ୍‌ରେ ହଂକଂ ବିପକ୍ଷରେ ୨୨-୦ ଗୋଲରେ ବିଜୟୀ ହୋଇଥିଲା ଓ ଏହା ଏସିଆନ୍ ଗେମ୍ସ ଇତିହାସରେ ସର୍ବବୃହତ୍ ବିଜୟ ବିବେଚିତ ହୋଇଥିଲା। ଶନିବାର ପୁଲ ବି'ରେ ଭାରତୀୟ ମହିଳା ଦଳ ତା'ର ତୃତୀୟ ମ୍ୟାଚରେ ଦକ୍ଷିଣ କୋରିଆକୁ ଭେଟିବ। ସେହିପରି ବୁଧବାର ଭାରତୀୟ ପୁରୁଷ ହକି ଦଳ ପୁଲ୍ ଏ'ରେ ତା'ର ଦ୍ୱିତୀୟ ମ୍ୟାଚରେ ହଂକଂକୁ ଭେଟିବ।

ମହିଳା ହକି

ଭାରତୀୟ ମହିଳା ହକି ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ ।

ବୁଧବାର ଭାରତର କାର୍ଯ୍ୟସୂଚୀ

- ଆର୍ଚ୍ଚେରୀ: ମହିଳା କମ୍ପାଉଣ୍ଡ, ସକାଳ ୮ଟା। ପୁରୁଷ କମ୍ପାଉଣ୍ଡ, ସକାଳ ୮ଟା।
- ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ: ପୁରୁଷ ବିଭାଗ ଅପରାହ୍ନ ୧ଟା, ମହିଳା ଟିମ୍ ଫାଇନାଲ ସଂଧ୍ୟା ୫ଟା।
- ବ୍ରିଜ୍: ପୁରୁଷ ଟିମ୍ ଯୋଗ୍ୟତା ପର୍ଯ୍ୟାୟ, ମିକ୍ସଡ ଟିମ୍(ରାଉଣ୍ଡ ରବିନ ୧), ସୁପରମିକ୍ସଡ ଟିମ୍ ଯୋଗ୍ୟତା ପର୍ଯ୍ୟାୟ, ସମସ୍ତ ଇଭେଣ୍ଟ ସକାଳ ୯ଟାରୁ ଆରମ୍ଭ।
- ପୁରୁଷ ହକି: ଭାରତ ବନାମ ହଂକଂ, ଅପରାହ୍ନ ୧୨ଟା ୩୦
- ଶୁଟିଂ: ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା। ସ୍ୱର୍ଣ୍ଣ ପଦକ ପାଇଁ ମୁକାବିଲା ପୂର୍ବାହ୍ନ ୧୧ଟା ୩୦। ୨୫ ମିଟର ପିସ୍ତଲ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା ଓ ୧୦ଟା। ସ୍ୱର୍ଣ୍ଣ ପଦକ ଇଭେଣ୍ଟ ପୂର୍ବାହ୍ନ ୧୧ଟା ୩୦।
- ସନ୍ତରଣ: ପୁରୁଷ ୧୦୦ ମିଟର ବଟରଫ୍ଲାଏ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା। ସ୍ୱର୍ଣ୍ଣ ପଦକ ଇଭେଣ୍ଟ ସନ୍ଧ୍ୟା ୫ଟା। ୧୦୦ ମିଟର ବ୍ରେକ୍‌ଷ୍ଟ୍ରୋକ୍ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା, ସ୍ୱର୍ଣ୍ଣ ପଦକ ଇଭେଣ୍ଟ ସନ୍ଧ୍ୟା ୫ଟା ୨୩। ୪x୧୦୦ ମିଟର ଫ୍ରିଷ୍ଟାଇଲ ରିଲେ ହିଟ୍ ସକାଳ ୮ଟା ୩୦। ସ୍ୱର୍ଣ୍ଣ ପଦକ ଇଭେଣ୍ଟ ସନ୍ଧ୍ୟା ୫ଟା।
- ଟାଏକୋଣ୍ଡୋ: ପୁରୁଷ ୮୦ କେଜି ରାଉଣ୍ଡ ଅଫ୍ ୩୨, ସକାଳ ୮ଟା ୪୫।
- ଟେନିସ: ପୁରୁଷ ସିଙ୍ଗଲ୍ସ ସକାଳ ୯ଟା। ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲ ପୂର୍ବାହ୍ନ ୧୧ଟା। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ସକାଳ ୯ଟା, ମହିଳା ଡବଲ୍ସ ସକାଳ ୯ଟା।
- ପୁରୁଷ ଭଲିବଲ: ଭାରତ ବନାମ କାତାର ସନ୍ଧ୍ୟା ୬ଟା।
- ରେସଲିଂ: ପୁରୁଷ ଗ୍ରୀକୋ ରୋମାନ ୭୭ କେଜି ଅପରାହ୍ନ ୧୨ଟା, ୮୭ କେଜି ଇଭେଣ୍ଟ ଅପରାହ୍ନ ୧୨ଟା, ୯୭ କେଜି ପୂର୍ବାହ୍ନ ୧୧ଟା ୪୮, ୧୩୦ କେଜି ଅପରାହ୍ନ ୧ଟା ୦୬।
- ଉଷୁ(ସେମିଫାଇନାଲ): ମହିଳା ସାନ୍ଦା ସକାଳ ୮ଟା, ପୁରୁଷ ସାନ୍ଦା ସକାଳ ୮ଟା।

କାଉଣ୍ଟି ଖେଳିଥିବାରୁ ଚାପରେ ଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଭଲ ସ୍କୋର କରିବାରେ ସମର୍ଥ ହୋଇପାରିଲି।
–ଚେତେଶ୍ୱର ପୂଜାରା, ଭାରତୀୟ ବ୍ୟାଟ୍ସମ୍ୟାନ

ଚଳିତ ବର୍ଷ ୬ଟି ଟୁର୍ନାମେଣ୍ଟରେ ମୋ ପ୍ରଦର୍ଶନରେ ଅସ୍ଥିରତା ରହିଥିଲେ ମଧ୍ୟ ଆସନ୍ତା ୟୁଏସ ଓପନରେ ମୁଁ ଟାଇଟଲ ଜିତିବା ଲକ୍ଷ୍ୟ ରଖିଛି ।
–ସେରେନା ୱିଲିୟମ୍ସ, ଆମେରିକାର ବିଶିଷ୍ଟ ଟେନିସ ଖେଳାଳି

ଷ୍ଟୋକ୍ସ-ବଟ୍‌ଲର ଶତକୀୟ ଭାଗୀଦାରି

ନଟିଂହାମ୍, ୨୧।୮ (ପି.ଟି.)

ଟ୍ରେଣ୍ଟବ୍ରିଜଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ଲଡୁଆ ପ୍ରତ୍ୟାବର୍ତ୍ତନ କରିଛି। ଉଇକେଟକିପର ଜୋସ ବଟଲର ଓ ବେନ୍ ଷ୍ଟୋକ୍ସ ୫ମ ଉଇକେଟରେ ଶତକୀୟ (ଅପରାଜିତ ୧୪୬ ରନ) ଭାଗୀଦାରି କରି ଭାରତର ବିଜୟ ପଥରେ ବାଧା ସୃଷ୍ଟି କରିଛନ୍ତି। ଖବରନେବା ବେଳକୁ ଘରୋଇ ଦଳ ଏହାର ଦ୍ୱିତୀୟ ଇନିଂସରେ ୪ ଉଇକେଟ ବିନିମୟରେ ୨୦୮ରନ କରିଛି। ବଟଲର ୯୧ ଏବଂ ୫୨ କରି ଅପରାଜିତ ରହିଛନ୍ତି।

ମ୍ୟାଚରେ ୫୨୧ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଇଂଲଣ୍ଡ ପୂର୍ବଦିନର ଅସମାପ୍ତ ସ୍କୋର ୨୩/୦ରୁ ମଙ୍ଗଳବାର ଖେଳ ଆରମ୍ଭ କରିଥିଲା। ଦଳ ମଧ୍ୟାହ୍ନ ଭୋଜନ ସୁଦ୍ଧା ୮୪ରନରେ ୪ଟି ଉଇକେଟ ହରାଇ ବସିଥିଲା। ଈଶାନ୍ତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ପେସ୍ ବାହିନୀ ଇଂଲଣ୍ଡ ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ। ଈଶାନ୍ତ ୨ଟି ଏବଂ ମହମ୍ମଦ ସାମି ଓ ଯଶପ୍ରୀତ୍ ବୁମ୍‌ରା ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଚତୁର୍ଥ ଦିବସ ଖେଳର ୫ମ ବଲ୍‌ରେ କିଟନ ଜେନିଙ୍ଗ୍ସ (୧୩) କଟ୍ ବିହାଇଣ୍ଡ ହୋଇଥିଲେ। ଈଶାନ୍ତ ତାଙ୍କ ୭ଟି ବଲ୍‌ରେ ଦ୍ୱିତୀୟ ଉଇକେଟ ଖସାଇ ଦେଇଥିଲେ। ପୂର୍ବତନ ଅଧିନାୟକ ଆଲିଷ୍ଟର କୁକ୍ (୧୭)ଙ୍କୁ ସେ ଦ୍ୱିତୀୟ ସ୍ଲିପ୍ ଅଞ୍ଚଳରେ କେ.ଏଲ୍. ରାହୁଲଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଘରୋଇ ଦଳ ୩୨ ରନ ସ୍କୋରରେ ଦୁଇଟି ଉଇକେଟ ହରାଇ ସାରିଥିଲା। ଜୋ ରୁଟ୍ (୧୩) ଓ ଅଲିଭର ପୋପ୍ (୧୬) ତୃତୀୟ ଉଇକେଟରେ ୩୦ ରନ ଯୋଗ କରିବାରେ ସମର୍ଥ ହୋଇଥିଲେ। ଇଂଲଣ୍ଡ ୧୯ତମ ଓଭରରେ ୫୦ ରନ ଅତିକ୍ରମ କରିଥିଲା। ଏହି ଦୁଇଜଣ ବ୍ୟାଟ୍ସମ୍ୟାନ କିନ୍ତୁ କ୍ରିଜ୍‌ରେ ସହଜ ଅନୁଭବ କରୁ ନ ଥିଲେ। ବୁମ୍‌ରାଙ୍କ ଆଙ୍ଗୁଲାର ଡେଲିଭରି ରୁଟ୍‌ଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବାବେଳେ ପୋପ୍ ପ୍ରତିଟି ସମ୍ଭାବ୍ୟ ସୁଯୋଗରେ ଫ୍ଲାଶି ଡ୍ରାଇଭ୍ ଖେଳୁଥିଲେ। ଏହା ସେମାନଙ୍କ ପତନର କାରଣ ହୋଇଥିଲା। ଉଭୟେ ୫ ବଲ୍ ବ୍ୟବଧାନରେ ୨୫ତମ ଓ ୨୬ତମ ଓଭରରେ ଆଉଟ ହୋଇଥିଲେ। ପ୍ରଥମେ ରୁଟ୍‌ଙ୍କୁ ବିଦାୟ ନେବାକୁ ପଡ଼ିଥିଲା। ସେ ବୁମ୍‌ରାଙ୍କ ଏକ ୱାଇଡଥ ଡେଲିଭରି ଖେଳିବାକୁ ଯାଉଥିବାବେଳେ ଦ୍ୱିତୀୟ ସ୍ଲିପ୍ ଅଞ୍ଚଳରେ ରାହୁଲଙ୍କ ଦ୍ୱାରା କ୍ୟାଚ ହୋଇଥିଲେ। ଶାମିଙ୍କ ବଲ୍‌ରେ କୋହଲି ଏକ ଚମତ୍କାର ଡାଇଭ କ୍ୟାଚ ନେଇ ପୋପ୍‌ଙ୍କୁ ଆଉଟ କରିଦେଇଥିଲେ। କିନ୍ତୁ ପରେ ବେନ୍ ଷ୍ଟୋକ୍ସ ଓ ଉଇକେଟକିପର ଜୋସ୍ ବଟଲର ଲଡୁଆ ବ୍ୟାଟିଂ କରି ଦଳର ବ୍ୟାଟିଂରେ ସୁଧାର ଆଣିଥିଲେ।

ଶତକୀୟ ଭାଗୀଦାରି ଅବସରରେ ଜୋସ ବଟଲର ଓ ବେନ୍ ଷ୍ଟୋକ୍ସ ।

ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୩୨୯।
ଇଂଲଣ୍ଡ ପ୍ରଥମ ଇନିଂସ: ୧୬୧।
ଭାରତ ଦ୍ୱିତୀୟ ଇନିଂସ: ୩୫୨/୭, ଘୋଷଣା।
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୦୮/୪ (ବଟ୍‌ଲର-୯୧* ଷ୍ଟୋକ୍ସ-୫୨*; ଈଶାନ୍ତ-୨/୬୦, ଶାମି-୧/୪୩, ବୁମ୍‌ରା-୧/୫୮)।

ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି
ଇଣ୍ଡିଆ ବ୍ଲୁ ଚାମ୍ପିୟନ

ବେଙ୍ଗାଲୁରୁ, ୨୧।୮

ଇଣ୍ଡିଆ ରେଡ୍‌କୁ ରୋମାଞ୍ଚକର ଭାବେ ୪ ରନରେ ପରାସ୍ତ କରି ଇଣ୍ଡିଆ ବ୍ଲୁ ଦଳ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଜିତିବାରେ ସଫଳ ହୋଇଛି। ମଙ୍ଗଳବାର କେଏସ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଇଣ୍ଡିଆ ବ୍ଲୁ ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୩୧ ରନ କରିଥିଲା। ଦଳ ପକ୍ଷରୁ ଓପନର ଦୟଲାନ ହେମଲତା ସର୍ବାଧିକ ୪୮ ରନ କରିଥିଲେ। ଭେଲାସ୍ୱାମୀ ବନିତା ଓ ତାନିଆ ଭାଟିଆ ଉଭୟ ୨୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ପ୍ରତିପକ୍ଷ ଇଣ୍ଡିଆ ରେଡ୍ ପକ୍ଷରୁ ଶିଖା ପାଣ୍ଡେଙ୍କୁ ୨ଟି ଉଇକେଟ୍ ମିଳିଥିଲା। ଜବାବରେ ଦୀପ୍ତି ଶର୍ମାଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ୭ ଉଇକେଟ୍ ବିନିମୟରେ ୧୨୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଦୁଇ ଓପନର ପୁନମ ରାଉତ (୫୨) ଓ ଦୀପ୍ତି (୪୫)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍କୋର ସ୍ପର୍ଶ କରିପାରି ନ ଥିଲେ। ଉଭୟ ଓପନିଂ ଯୋଡ଼ିରେ ୧୪.୩ ଓଭରରେ ୮୭ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ପକାଇଥିଲେ ମଧ୍ୟ ମଧ୍ୟକ୍ରମ ବିଫଳତା ଯୋଗୁ ଇଣ୍ଡିଆ ରେଡ୍ ଚାମ୍ପିୟନ ହେବାରୁ ବଞ୍ଚିତ ହୋଇଥିଲା। ଚାମ୍ପିୟନ ଇଣ୍ଡିଆ ବ୍ଲୁ ତରଫରୁ ପୁନମ ଯାଦବ ଓ ରାଧା ଯାଦବ ଯଥାକ୍ରମେ ୩ଟି ଓ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ।

ସଂକ୍ଷେପରେ

ନୂଆ ସମ୍ବିଧାନକୁ ରେଜିଷ୍ଟ୍ରି କଲା ବିସିସିଆଇ

ନୂଆଦିଲ୍ଲୀ, ୨୧।୮ (ପି.ଟି.): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଏହାର ନୂଆ ସମ୍ବିଧାନକୁ ଚେନ୍ନାଇସ୍ଥିତ ରେଜିଷ୍ଟ୍ରାର ଅଫ୍ ସୋସାଇଟିଜ୍ ଅଫ୍ ତାମିଲନାଡୁରେ ଏହାର ନୂଆ ସମ୍ବିଧାନକୁ ରେଜିଷ୍ଟ୍ରି କରିଛି। ଏହାଦ୍ୱାରା ନୂଆ କର୍ମକର୍ତ୍ତା ନିର୍ବାଚନ ପରିଚାଳନା ନେଇ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାରେ ପ୍ରଶାସକ କମିଟି (ସିଓଏ) ଲାଗି ପଥ ଉନ୍ମୁକ୍ତ ହୋଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ ଲୋଧା କମିଟିର ସଂସ୍କାରମୂଳକ ପ୍ରସ୍ତାବଗୁଡ଼ିକୁ ନେଇ ନୂଆ ସମ୍ବିଧାନ ଗଠନ କରାଯାଇଛି। ଗତ ଅଗଷ୍ଟ ୯ରେ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ଯାଇ ବିସିସିଆଇ ଏହାର ସିଇଓ ରାହୁଲ ଜୋହରିଙ୍କ ଜରିଆରେ ଚେନ୍ନାଇସ୍ଥିତ ରେଜିଷ୍ଟ୍ରାର ଅଫ୍ ସୋସାଇଟିଜ୍ ଅଫ୍ ତାମିଲନାଡୁରେ ନୂଆ ସମ୍ବିଧାନର ରେଜିଷ୍ଟ୍ରି କରାଇଥିଲେ। ଚେୟାରମ୍ୟାନ ବିନୋଦ ରାୟ ଓ ଡାଏନା ଏଡୁଲ୍‌ଜିଙ୍କୁ ନେଇ ଗଠିତ ପ୍ରଶାସକ କମିଟି କହିଛି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆମେ ଧନ୍ୟବାଦ ଜଣାଉଛୁ। ବିସିସିଆଇର ନୂଆ ସମ୍ବିଧାନ ରେଜିଷ୍ଟ୍ରି ହେବା ଦ୍ୱାରା ଆମେ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଦେବୁ। ସୁପ୍ରିମକୋର୍ଟ ଯେଉଁ ରାୟ ପ୍ରଦାନ କରିଛନ୍ତି ସେ ନେଇ ରାଜ୍ୟ ଆସୋସିଏଶନଗୁଡ଼ିକୁ ୩୦ଦିନ ମଧ୍ୟରେ ସେମାନଙ୍କର ସ୍ୱୀକାରୋକ୍ତି ଜଣାଇବାକୁ ପଡ଼ିବ ବୋଲି ପ୍ରଶାସକ କମିଟି କହିଛି। ବର୍ତ୍ତମାନ ବିସିସିଆଇର ନୂଆ ସମ୍ବିଧାନ ସ୍ପଷ୍ଟ ହୋଇଛି। କର୍ମକର୍ତ୍ତା ନିର୍ବାଚନ ନେଇ ଆମେ ଖୁବ୍ ଶୀଘ୍ର ଏକ ରୋଡ୍‌ମ୍ୟାପ ଉପସ୍ଥାପନ କରିବୁ ବୋଲି ରାୟ ଏଠାରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

ଖୋ-ଖୋକୁ ଏସିଆ ଅଲିମ୍ପିକ କାଉନ୍‌ସିଲର ସ୍ୱୀକୃତି

ଜାକର୍ତ୍ତା, ୨୧।୮ (ପି.ଟି.)-ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ଭାରତର ସ୍ୱଦେଶୀ ଖେଳ ଖୋ-ଖୋ'କୁ ସ୍ୱୀକୃତି ପ୍ରଦାନ କରିଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ଏହାକୁ ସ୍ୱାଗତ କରିଛନ୍ତି। ଏଠାରେ ଅଗଷ୍ଟ ୯ରେ ଓସିଏର ଜେନେରାଲ ଆସେମ୍ବ୍ଲି ବସିଥିଲା। ଏଥିରେ ଖୋ-ଖୋକୁ ସ୍ୱୀକୃତି ଦେବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏସିଆନ ଇନ୍‌ଡୋର ଗେମ୍ସରେ ଖୋ-ଖୋ ଏକ ଡେମନଷ୍ଟ୍ରେଶନ ସ୍ପୋର୍ଟ୍ସ ଭାବେ ସ୍ଥାନ ପାଇବ। ପରବର୍ତ୍ତୀ ଏସିଆନ ଗେମ୍ସରେ ଏହି ଖେଳକୁ ସ୍ଥାନିତ କରିବା ଯଥେଷ୍ଟ ସମ୍ଭାବନା ରହିଛି। କ୍ରୀଡ଼ା ମନ୍ତ୍ରୀ ରାଠୋର କହିଛନ୍ତି ବିଶ୍ୱ କ୍ରୀଡ଼ାରେ ଭାରତର ପ୍ରଭାବ ବୃଦ୍ଧି ପାଉଥିବା ଏଥିରୁ ସୂଚୀତ ହେଉଛି। ଭବିଷ୍ୟତରେ ଖୋ-ଖୋ ଖେଳ ଏଣିକି କେବଳ ଏସୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୀମିତ ନ ରହି ଅନ୍ୟ ଦେଶକୁ ପ୍ରସାରିତ ହେବ।

ଜାତୀୟ ଫୁଟବଲ ଦଳରେ ୩ ଓଡ଼ିଆ

କଟକ ଅଫିସ,୨୧।୮-ତୁର୍କୀଠାରେ ହେବାକୁ ଥିବା ୧୬ବର୍ଷରୁ କମ୍ ବାଳକ ଫୁଟବଲ ଟୁର୍ନାମେଣ୍ଟ ନିମନ୍ତେ ଘୋଷିତ ଜାତୀୟ ଦଳରେ ୩ଜଣ ଓଡ଼ିଆ ସ୍ଥାନ ପାଇଛନ୍ତି। ସେମାନେ ହେଲେ ବି.କେ. ଓରାମ, ସମୀର କେରକେଟା ଓ ଟଙ୍କଧର ବାଘ। ସମୀର ଓ ଓରାମ ପୂର୍ବରୁ ଜାତୀୟ ଦଳରେ ରହିଥିବା ବେଳେ ଟଙ୍କଧରଙ୍କୁ କଟକରେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ୍ (ଏଆଇଏଫ୍‌ଏଫ୍) ଦ୍ୱାରା ହୋଇଥିବା ପ୍ରତିଭା ଚୟନ କାର୍ଯ୍ୟକ୍ରମରୁ ଜାତୀୟ ଦଳ ନିମନ୍ତେ ବଛାଯାଇଛି। ଏହା ଗତ ଅଗଷ୍ଟ ୮ ଓ ୯ ତାରିଖରେ ହୋଇଥିଲା।

ଆନ୍ଧ୍ରକୁ ହରାଇଲା ଓଡ଼ିଶା

କଟକ ଅଫିସ,୨୧।୮-ଗୋଆଠାରେ ଚାଲିଥିବା ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶକୁ ୮-୨ ଗୋଲରେ ଓଡ଼ିଶା ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସୋନି ବେହେରା ୧୯ତମ, ୫୦ତମ ମିନିଟ୍‌ରେ, ଦୀପା ନାୟକ ୨୯ତମ, ଅତିରିକ୍ତ ୯୩ତମ ମିନିଟ୍‌ରେ, ଯଶୋଦା ମୁଣ୍ଡା ୪୨ତମ, ୪୫ତମ ମିନିଟ୍‌ରେ ୨ଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ବନ୍ୟା କବିରାଜ ୬୧ତମ ମିନିଟ୍‌ରେ ଓ ମୁନିକା ମିଞ୍ଜ ୮୩ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି । ଆନ୍ଧ୍ରପ୍ରଦେଶ ପକ୍ଷରୁ ବି. ଅନୀଥା ୧୨ତମ ମିନିଟ୍‌ରେ ଓ ୱାଇ ଅନୀଥା ଅତିରିକ୍ତ ୯୧ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି ।

ଆନ୍ତଃ ସ୍କୁଲ ଫୁଟବଲ: ଡିଏଭି, ପଳାଶୁଣୀ ହାଇସ୍କୁଲ ବିଜୟୀ

ଭୁବନେଶ୍ୱର, ୨୧।୮ (କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଡିଏଭି ପୋଖରୀପୁଟ ଓ ପଳାଶୁଣୀ ହାଇସ୍କୁଲ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଡିଏଭି ୫-୧ ଗୋଲରେ ଜାଭିୟର କେଦାରଗୌରୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପ୍ରିୟମ ପଟ୍ଟନାୟକ ୨ଟି, ଅଭିଷେକ ଦାସ ୨ଟି ଏବଂ ଆୟୁଷ କୁମାର ମିଶ୍ର ଗୋଟିଏ ଗୋଲ ଦେଇଥିଲେ। ବିଜେବି ଇଂଲିଶ୍ ମିଡିୟମ ସ୍କୁଲ-୨ ପ୍ରିନ୍ସିପାଲ ଖୟନିକା ଦାସ ଅତିଥିଭାବେ ଯୋଗଦେଇ ପ୍ରିୟମ ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ପଳାଶୁଣୀ ହାଇସ୍କୁଲ ୩-୦ ଗୋଲରେ ଟାଇମ୍ସ ଗୁରୁକୁଳକୁ ହରାଇ ଦେଇଛି। ବିଜୟୀ ଦଳର ଦୁର୍ଗା ମାରାଣ୍ଡି ୨ଟି ଏବଂ ଗୁରୁ ମାନଦ୍ରା ଗୋଟିଏ ଗୋଲ ଦେଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ସହ ସମ୍ପାଦକ ନବରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଦୁର୍ଗା ମାରାଣ୍ଡିଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ଆସୋସିଏଶନ ପକ୍ଷରୁ ପ୍ରିୟନାଥ ମିଶ୍ର, ଦିଲୀପ ଦାସ, ପ୍ରଫୁଲ୍ଲ ମିଶ୍ର, ପ୍ରସନ୍ନ ଦାସ, ପ୍ରବାଳ ଦାସ, ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରିୟମ ପଟ୍ଟନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

ସୁନ୍ଦରଗଡ଼ ଚାମ୍ପିୟନ, କେନ୍ଦୁଝର ରନର୍ସଅପ୍

ରାଜ୍ୟ ଉଷୁ ଚାମ୍ପିୟନଶିପ୍‌ରେ ପଦକ ବିଜୟୀ ପ୍ରତିଯୋଗୀମାନେ ।

ଭୁବନେଶ୍ୱର, ୨୧।୮ (କ୍ରୀଡ଼ା ପ୍ରତିନିଧି)

ଝାରସୁଗୁଡ଼ାର ବେଲପାହାଡ଼ସ୍ଥିତ ଜୁବିଲି ହଲ୍‌ରେ ୨୬ତମ ଓଡ଼ିଶା ରାଜ୍ୟ ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲା ଉଷୁ ଆସୋସିଏଶନ ଓ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ସର୍ବାଧିକ ୨୭ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୧୬ ବ୍ରୋଞ୍ଜ ପଦକ ଜିତି ଦଳଗତ ଚାମ୍ପିୟନ ହୋଇଛି। କେନ୍ଦୁଝର ଦଳ ୨୭ ସ୍ୱର୍ଣ୍ଣ, ୧୩ ରୌପ୍ୟ, ୯ ବ୍ରୋଞ୍ଜ ସହ ରନର୍ସଅପ୍ ଏବଂ ଖୋର୍ଦ୍ଧା ୧୫ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୨୨ ବ୍ରୋଞ୍ଜ ପଦକ ହାସଲ କରି ତୃତୀୟସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରେ ୨୭ ଜିଲାରୁ ୩୫୦ ପ୍ରତିଯୋଗୀ, ୨୦ ଜଜ୍ ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ବ୍ରାଜିଲର ବ୍ରାସିଲିଆଠାରେ ଅନୁଷ୍ଠିତ ୭ମ ଜୁନିୟର ବିଶ୍ୱ ଉଷୁ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା କେନ୍ଦୁଝରର ବାବୁଲୁ ମୁଣ୍ଡା ଓ ଜାତୀୟ ସ୍ତରରେ ବିଭିନ୍ନ ଡ୍ୟାନ୍ସ ଶୋ'ରେ କୃତିତ୍ୱ ଅର୍ଜନ କରିଥିବା ଝାରସୁଗୁଡ଼ାର ଜେନିକା ଅନ୍‌ସୁରୁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇ କୋଚ୍ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜୁରୀ ଦାୟିତ୍ୱ ତୁଲାଇଥିବାବେଳେ ମନୋଜ ଶୁକ୍ଳା ଓ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଜଜ୍ ଭୂମିକା ନିର୍ବାହ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବେଲବାହାଡ଼ ମ୍ୟୁନିସିପାଲ କାଉନସିଲ୍ ଚେୟାରମ୍ୟାନ ପୁରୁଷୋତ୍ତମ ସାହୁ ମୁଖ୍ୟ ଅତିଥି, ଉଷୁ ଆସୋସିଏଶନ ଅଫ ଓଡ଼ିଶା ସଭାପତି ଏସ.ଏସ.ହରିଚନ୍ଦନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଜିଲା ଉଷୁ ଆସୋସିଏଶନ ସଭାପତି ତ୍ରିନାଥ ଗଲ୍, ସାଧାରଣ ସମ୍ପାଦକ ନବୀନ ସିଂ, ଉଷୁ ଆସୋସିଏଶନ ଅଫ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେକ୍ରେଟାରିଏଟ କପ୍ ଫୁଟବଲ

ଭୁବନେଶ୍ୱର, ୨୧।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଫାଇଭ୍-ଏ-ସାଇଡ୍ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚରେ ସୂଚନା ଓ ଲୋକସମ୍ପର୍କ ବିଭାଗ ୩-୦ ଗୋଲରେ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗକୁ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅନୁପସ୍ଥିତ ରହିବାରୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ୱାକଓଭର ପାଇଛି। ତୃତୀୟ ମ୍ୟାଚରେ ଅନୁସୂଚିତ ଜାତି ଓ ଉପଜାତି ଓ ସଂଖ୍ୟାଲଘୁ ବିକାଶ ବିଭାଗ ୧-୦ ଗୋଲରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗକୁ ହରାଇଥିବାବେଳେ ସରକାରୀ ଉଦ୍ୟୋଗ ଏବଂ ଯୋଜନା ଓ ସଂଯୋଜନା ବିଭାଗ ମଧ୍ୟରେ ଅନୁଷ୍ଠିତ ୪ର୍ଥ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ୫ମ ମ୍ୟାଚରେ ଅର୍ଥ ବିଭାଗ ୯-୧ ଗୋଲରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୁର୍ଯ୍ୟୋଧନ ବାର୍ଲା ଏକାକୀ ୬ଟି ଗୋଲ ସ୍କୋର କରିଥିଲେ।

ଆସାମ ବିପକ୍ଷରୁ ଓଡ଼ିଶାର ରଣଜୀ ଅଭିଯାନ

କଟକ ଅଫିସ,୨୧।୮

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପ୍ରମୁଖ ଘରୋଇ କ୍ରିକେଟ ପ୍ରତିଯୋଗିତା ରଣଜୀ ଟ୍ରଫି ନଭେମ୍ବର ୧ରୁ ଆରମ୍ଭ ହେବ । ଆଗାମୀ ସିଜନ ପାଇଁ ଓଡ଼ିଶା ଏଲିଟ୍ ଗ୍ରୁପ୍-ସିରେ ସ୍ଥାନ ପାଇଛି । ପ୍ରତିଯୋଗିତାରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ଆସାମ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ଅନ୍ୟପକ୍ଷରେ ସି.କେ. ନାଇଡୁ ଟ୍ରଫି ଓ କୁଚ ବିହାର ଟ୍ରଫି ନିମନ୍ତେ ମ୍ୟାଚ ସୂଚୀ ମଧ୍ୟ ଘୋଷଣା କରାଯାଇଛି । ଉକ୍ତ ୨ଟି ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶା ଗ୍ରୁପ୍-ସିରେ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଅଗଷ୍ଟ ୨୨/୨୦୧୮ Sambalpur, Wednesday, August 22/ 2018

ସଂକ୍ଷେପରେ

ସାପ କାମୁଡ଼ାରେ ମହିଳା ମୃତ

ନାକଟିଦେଉଳ/ରେଢ଼ାଖୋଲ, ୨୧।୮(ଡି.ଏନ.ଏ./ସ୍ୱ.ପ୍ର.): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ କୁଞ୍ଜାମୁରା ବହ୍ନିବଜାର ସାହିର ଝିଲି ନାଏକ ନାମ୍ନୀ ଜଣେ ବିବାହିତା ମହିଳାଙ୍କ ମଙ୍ଗଳବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ଝିଲି ସୋମବାର ରାତିରେ ନିଜ ଘରେ ଖଟ ଉପରେ ଶୋଇଥିବାବେଳେ ଚିତି ସାପ ତାଙ୍କୁ କାମୁଡି ଥିଲା । ଘଟଣା ଜଣାପଡିବା ପରେ ପରିବାର ଲୋକେ ଚିକିତ୍ସା ପାଇଁ ରେଢ଼ାଖୋଲ ଡାକ୍ତରଖାନାରେ ମଙ୍ଗଳବାର ସକାଳୁ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଦିନ ୨ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଝିଲି ଗତ ବର୍ଷ କୁଞ୍ଜମରା ଗ୍ରାମ ବହ୍ନିବଜାର ସାହିର ଉମାକାନ୍ତ ନାଏକଙ୍କୁ ବିବାହ କରିଥିଲେ।

ମୃତ୍ୟୁ ଯାଏ ପହଞ୍ଚିଲାନି ସରକାରୀ ଯୋଜନା

- ସହାୟତାକୁ ଚାହିଁଚାହିଁ ଆଖି ବୁଜିଲେ ଅସହାୟ ବୃଦ୍ଧା
- ମୃତ୍ୟୁ ପରେ ପହଞ୍ଚିଲେ ପ୍ରଶାସନିକ ଅଧିକାରୀ
- ଅନାହାର ମୃତ୍ୟୁ ନେଇ ଚର୍ଚ୍ଚା

ବଙ୍ଗୋମୁଣ୍ଡା,୨୧।୮(ଡି.ଏନ୍.ଏ.)

ଅସହାୟ, ଗରିବ ବୃଦ୍ଧାବୃଦ୍ଧଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ବଲାଙ୍ଗୀର ଜିଲାର ଜଣେ ଗରିବ ଅସହାୟ ବୃଦ୍ଧା ୭୨ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ ମଧ୍ୟ କୌଣସି ସରକାରୀ ଯୋଜନା ତାଙ୍କ ନିକଟରେ ପହଞ୍ଚି ପାରି ନ ଥିଲା। ତାଙ୍କୁ ଭତ୍ତା, ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ, ପ୍ରଧାନମନ୍ତ୍ରୀ ଆବାସ ବା ବିଜୁ ପକ୍କାଘର କିଛି ବି ମିଳି ନ ଥିଲା। ସବୁ ସରକାରୀ ଯୋଜନାକୁ ଚାହିଁଚାହିଁ ମଙ୍ଗଳବାର ଆଖି ବୁଜିଥିବା ଏହି ବୃଦ୍ଧା ହେଉଛନ୍ତି ଜିଲାର ବଙ୍ଗୋମୁଣ୍ଡା ବ୍ଲକ ଗନ୍ଧରାବନ୍ଧ ପଞ୍ଚାୟତ ଯୁଏରପରା ଗ୍ରାମର ମୁଙ୍ଗେରେ ଛୁରା। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ପରେ ପରିବାର ଲୋକେ ଗାଁ ଶ୍ମଶାନରେ ମୃତଦେହକୁ ପୋତି ଅନ୍ତିମ ସଂସ୍କାର କରିଛନ୍ତି। ତେବେ ବୃଦ୍ଧାଙ୍କ ଅନାହାର ମୃତ୍ୟୁ ନେଇ ଚର୍ଚ୍ଚା ହେଉଥିବାବେଳେ ସରକାରୀ କର୍ମଚାରୀ ଏହାକୁ ଅସ୍ୱୀକାର କରିଛନ୍ତି।

୫ବର୍ଷ ତଳେ ମୁଙ୍ଗେରେଙ୍କ ସ୍ୱାମୀ ଦର୍ଜି ଛୁରାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ସନ୍ତାନସନ୍ତତି କେହି ନ ଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ମୁଙ୍ଗେରେ କୁଲିମଜୁରି କରି ଗୁଜରାଣ ମେଣ୍ଟାଉଥିଲେ। କିଛି ମାସ ପୂର୍ବରୁ ଅସୁସ୍ଥ ହୋଇ ପଡ଼ିବାରୁ ନିକଟସ୍ଥ ଡୁରେକେଲା ଡାକ୍ତରଖାନାରେ ସେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ହେଲେ ଦୁର୍ବଳ ହୋଇ ପଡ଼ିବାରୁ କାମଧନ୍ଦା କରିବାକୁ ଯାଇ ନ ପାରି ଘରେ ଶଯ୍ୟାଶାୟୀ ହେଲେ। ମୁଙ୍ଗେରେ ବିଧବା ଓ ବୃଦ୍ଧା ହୋଇଥିବାବେଳେ ଭତ୍ତା ଯୋଜନାରୁ ବଞ୍ଚିତ ରହିଥିଲେ। ଖାଦ୍ୟସୁରକ୍ଷା କାର୍ଡ ମଧ୍ୟ ତାଙ୍କୁ ମିଳି ନ ଥଲା। ଭଙ୍ଗା ଦଦରା ବଖରାଏ ଘରେ ରହୁଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଥବା ବିଜୁ ପକ୍କା ଘର ଯୋଜନାରେ ଘର ମଧ୍ୟ ମିଳି ନ ଥିଲା। ତାଙ୍କ ଆତ୍ମୀୟ ସ୍ୱଜନଙ୍କ କହିବା ଅନୁସାରେ ରୋଗାକ୍ରାନ୍ତ ଯୋଗୁ ସେ ଘରେ ଶୋଇ ରହୁଥିଲେ। ନିକଟସ୍ଥ ଭାଲୁମୁଣ୍ଡା ଗ୍ରାମରେ ରହୁଥିବା ତାଙ୍କ ନଣନ୍ଦ ସୁରୁ ସୁନା, ପୁତୁରା ଲଛିମ ଛୁରା ପ୍ରମୁଖ ଦେଖାରଖା କରୁଥିଲେ। ତେବେ ଖାଦ୍ୟାଭାବ ଯୋଗୁ ମଙ୍ଗଳବାର ସକାଳେ ମୁଙ୍ଗେରେଙ୍କ ମୃତ୍ୟୁ ହୋଇଥିବା ତାଙ୍କ ନଣନ୍ଦ ସୁରୁ ସୁନା କହିଛନ୍ତି। ମୃତ୍ୟୁ ଖବର ଜଣାପଡ଼ିବା ପରେ ଗନ୍ଧରାବନ୍ଧ ସରପଞ୍ଚ ଭଗବାନ ଛୁରା, ନିର୍ବାହୀ ଅଧିକାରୀ ଚିନ୍ତାମଣି ରଣା, ଆଇସିଡିଏସ୍ ସୁପରଭାଇଜର ସୁଷମା ଜାନି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁଇଦିନ ତଳେ ମୁଙ୍ଗେରେଙ୍କୁ ୨୦କେଜି ଚାଉଳ ଦିଆଯାଇଥିବା ସରପଞ୍ଚ ଛୁରା କହିଛନ୍ତି। ସାହିପଡ଼ିଶାଙ୍କ କହିବା ଅନୁସାରେ ରୋଗାକ୍ରାନ୍ତ ଥିବାବେଳେ ମୁଙ୍ଗେରେଙ୍କ ଖାଦ୍ୟ ଖାଇବା କମିଯାଇଥିଲା। ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଜେମାମଣି ପୁଟେଲ ମୁଙ୍ଗେରେଙ୍କ ମୃତ୍ୟୁ ଖାଦ୍ୟାଭାବ ଜନିତ ନୁହେଁ ବୋଲି କହିଛନ୍ତି। ଗାଁରେ ଥିବା ତାଙ୍କ ଆତ୍ମୀୟ ସ୍ୱଜନ ଖାଦ୍ୟ ଯୋଗାଉଥିବା ସେ କହିଛନ୍ତି। ସ୍ଥାନୀୟ ଅତିରିକ୍ତ ତହସିଲଦାର ଜୟଶ୍ରୀ ରେଡ୍ଡୀ ପୂର୍ବାହ୍ନରେ ଯୁଏରପରା ଗ୍ରାମକୁ ଯାଇ ବୃଦ୍ଧାଙ୍କ ମୃତ୍ୟୁ ସମ୍ପର୍କରେ ପଚରାଉଚୁରା କରିଥିଲେ। ଏହି ସମୟରେ ଆଇସିଡିଏସ୍ ସୁପରଭାଇଜର ପଡ଼ୋଶୀଙ୍କ ବୟାନ, ସରପଞ୍ଚ ଓ ଅଙ୍ଗନୱାଡି କର୍ମୀଙ୍କ ଲିଖିତ ମତାମତ ସଂଗ୍ରହ କରିଛନ୍ତି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ତିମ ସଂସ୍କାର ପାଇଁ ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ଆତ୍ମୀୟଙ୍କୁ ପ୍ରଦାନ କରାଯାଇଛି। ତେବେ ଏହି ବୃଦ୍ଧାଙ୍କ ଖାଦ୍ୟ ଅଭାବରୁ ମୃତ୍ୟୁ ଘଟିଛି ବୋଲି କେହି ସ୍ୱୀକାର ନ କଲେ ମଧ୍ୟ ମୃତ୍ୟୁ ପର୍ଯ୍ୟନ୍ତ ସେ ସବୁ ପ୍ରକାର ସରକାରୀ ଯୋଜନାରୁ ବଞ୍ଚିତ ରହିଥିଲେ ବୋଲି କେହି ଅସ୍ୱୀକାର କରିପାରିବେ ନାହିଁ।

DADLS-83
ପବିତ୍ର ଇଦ୍-ଉଜ୍-ଜୁହା-୨୦୧୮
ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

15001/13/0174/1819

DADLS-83
ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା

15001/13/0174/1819

DADLS-83
ଇଦ୍-ଉଲ୍-ଜୁହା ଉପଲକ୍ଷେ
ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭାଭିଳାଷ ଜ୍ଞାପନ କରିବା ସହିତ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ପ୍ରତାପ ଜେନା)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ,
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

15001/13/0174/1819

କ'ଣ ଆପଣ ବି ଚିନ୍ତିତ ଅଛନ୍ତି
ଗଣ୍ଠି ଯନ୍ତ୍ରଣା, ଫୁଲା ଏବଂ କଠିନତା କାରଣରୁ
ତେବେ ବିବ୍ରତ ହୁଅନ୍ତୁ ନାହିଁ ଆଜି ହିଁ ବ୍ୟବହାର କରନ୍ତୁ 'ଡା. ଅର୍ଥୋ ଆୟୁର୍ବେଦିକ ତେଲ ଏବଂ କ୍ୟାପ୍‌ସୁଲ'
୮ ଗୁଣକାରୀ ଆୟୁର୍ବେଦିକ ତେଲରେ ପ୍ରସ୍ତୁତ 'ଡା. ଅର୍ଥୋ ଆୟୁର୍ବେଦିକ ତେଲ', ଗଣ୍ଠି ଭିତରେ ଅବଶୋଷିତ ହୋଇ ଯନ୍ତ୍ରଣାକୁ କମ୍ କରିବାରେ ସହାୟକ ଅଟେ।
ଭରସା....
ସମଗ୍ର ଭାରତର
NO.1 BRAND INDIA 2014
WORLD'S GREATEST BRANDS 2015-16 IUA
Dr. Ortho Oil
20% EXTRA
ଗଣ୍ଠି ଯନ୍ତ୍ରଣାର ଅତୁଳନୀୟ ଔଷଧ...
Dr. Ortho Ayurvedic Oil & Capsules
ସମଗ୍ର ଭାରତବର୍ଷରେ ମିଳିଛି ପରିଣାମ
Chhattisgarh: ଶ୍ୟାମା ଦେବୀ, ବୟସ ୪୧ ବର୍ଷ, ଅନେକ ବର୍ଷ ଧରି ମୋ ଆଣ୍ଠୁ ଗଣ୍ଠି ଓ ଗୋଡ଼ରେ ଅସହନୀୟ ଯନ୍ତ୍ରଣା ଦେଖାଯିବାକୁ ଲାଗିଥିଲା। ମୋ ପୁଅ ବଜାରରୁ ମୋତେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଆଣିଦେଲା, ଯାହାକୁ ସକାଳେ-ସନ୍ଧ୍ୟାବେଳେ ତେଲ ସହିତ ମାଲିସ୍ କଲି। କିଛିଦିନ ପରେ ହିଁ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛି।
Uttar Pradesh: ଦିନେଶ ଚନ୍ଦ୍ର ଅଗ୍ରୱାଲ, ବୟସ ୬୧ ବର୍ଷ, ବାସନକୁସନର ପ୍ରସିଦ୍ଧ ଶୋ'ରୁମ୍ ଅଛି। ମୋ ଆଣ୍ଠୁ ଓ ଅଣ୍ଟାରେ ଅସହନୀୟ ପୀଡ଼ା ରହିବାକୁ ଲାଗିଥିଲା। ଟିଭିରେ ଡା. ଅର୍ଥୋର ବିଜ୍ଞାପନ ଦେଖିଲି ଏବଂ ୨-୨ କ୍ୟାପ୍‌ସୁଲ ସକାଳେ-ସନ୍ଧ୍ୟାବେଳେ କ୍ଷୀର ସହିତ ସେବନ କରିବା ଆରମ୍ଭ କଲି, ମାତ୍ର କିଛି ସପ୍ତାହ ମଧ୍ୟରେ ମୋତେ ଆଣ୍ଠୁ ଓ ଅଣ୍ଟା ଯନ୍ତ୍ରଣାରୁ ବହୁତ ଉପଶମ ମିଳିଲା।
24x7 Helpline: 0171-3055100 | www.drorthooil.com | Available at all medical & general stores

ନିଶାଦ୍ରବ୍ୟ ଚୋରା ଚାଲାଣ, ଅଭିଯୁକ୍ତ ଗିରଫ

- ୫ ଅଫୁଟା ଗୁଳି ସହ ବୋଲେରୋ ଜବତ

ପଦ୍ମପୁର ଥାନାରେ ଗିରଫ ଅଭିଯୁକ୍ତ ।

ପଦ୍ମପୁର,୨୧।୮(ଡି.ଏନ.ଏ.)

ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଅପରାଧୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଆରମ୍ଭ କରିଛି। ଏହି କ୍ରମରେ ମଙ୍ଗଳବାର ଏମ୍‌ଡି ଅରସଦ୍ ଓରଫ ରାଜା ନାମକ ଜଣେ ଅପରାଧୀ ଗିରଫ ହୋଇଛନ୍ତି।

ଥାନାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଛତିଶଗଡ଼ ସରାଇପାଲିରୁ ବଲେରୋରେ ଗଞ୍ଜେଇ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପଦ୍ମପୁର ଏସଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଆଇଆଇସି କେ ପ୍ରିୟଙ୍କା ରାଉତରାୟ ସଦଳବଳ ପଦ୍ମପୁର-ଜଗଦଲପୁର ରାସ୍ତାରେ ଗାଡ଼ି ଯାଞ୍ଚ କରିଥିଲେ। ସତୀଭଟା ଗ୍ରାମ ନିକଟରେ ବଲେରୋ (ନଂ. ସିଜି ୦୬ ଜିଇ- ୧୬୮୮)କୁ ସନ୍ଦେହ କରି ଅଟକାଇଥିଲେ। ଗାଡ଼ିର ଗନି ବ୍ୟାଗରେ ଗଞ୍ଜେଇ ଥିବା ଜାଣି ପାରି ଥାନାକୁ ଆଣିଥିଲେ। ମାଜିଷ୍ଟ୍ରେଟ ଅନିଲ କୁମାର ହୋତାଙ୍କ ଉପସ୍ଥିତିରେ ଗାଡ଼ିର



ଜବତ ଅଫୁଟା ଗୁଳି।

ତଲାସି ନିଆଯାଇଥିଲା। ୧କିଗ୍ରା ୬୫୦ ଗ୍ରାମ ଗଞ୍ଜେଇ, ୨୦ ବୋତଲ ଏସକଫ୍ ସିରଫ, ୫ଟି ୯ ଏମ୍‌ଏମ ଅଫୁଟା ଗୁଳି ମିଳିଥିଲା। ଗାଡ଼ିକୁ ଜବତ କରାଯାଇଛି। ଗାଡ଼ି ଚଳାଉଥିବା ବରଗଡ଼ ଅମ୍ବାପାଲିର ଏମ୍‌ଡି ହରସଦ୍‌ଙ୍କ ନାମରେ ଏନଡିପିଏସ ଓ ଆର୍ମସ୍ ଆକ୍ଟରେ ମାମଲା ରୁଜୁ ହୋଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମରେ ବିଜେପୁର ଏବଂ ସୋହେଲା ଥାନାରେ ୫ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ବିଜେପୁର ଉପନିର୍ବାଚନ ପୂର୍ବରୁ ପଡ଼ା ଗ୍ରାମରେ ହୋଇଥିବା ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଭାବେ ହରସଦ୍‌ଙ୍କୁ ଗିରଫ କରାଯାଇଥିଲା। ଜାମିନରୁ ଆସିବା ପରେ ସେ ଆପରାଧିକ କାର୍ଯ୍ୟକଳାପରେ ସକ୍ରିୟ ରହିଥିଲେ। ଆଇଆଇସି କେ. ପ୍ରିୟଙ୍କା ରାଉତରାୟ ଏହି ମାମଲାର ତଦନ୍ତ କରୁଛନ୍ତି ।

Mahindra Rise.
LOAN CUM EXCHANGE MELA
ଅବିଶ୍ୱସନୀୟ ଅଫର୍
ଏବେ ନୁହେଁ ତ କେବେ ନୁହେଁ
₹ 39,000* ପର୍ଯ୍ୟନ୍ତ ଲାଭ ALFA DX
JEETO ₹ 26,500* ପର୍ଯ୍ୟନ୍ତ ଲାଭ
JEETO MINIVAN ₹ 42,000* ପର୍ଯ୍ୟନ୍ତ ଲାଭ
₹ 38,000* ପର୍ଯ୍ୟନ୍ତ ଲାଭ SUPRO MAXITRUCK
₹ 24,000* ପର୍ଯ୍ୟନ୍ତ ଲାଭ ALFA PLUS
NEW EXTRA STRONG BOLERO MAXITRUCK PLUS ₹ 28,000* ପର୍ଯ୍ୟନ୍ତ ଲାଭ
DATES: 22,23,24 & 25,26,27TH AUGUST 2018
Padampur, Bamra, Kuchinda, Kantamala, G.Udaigiri, Khariar, Loisinga, Titlagarh
10 ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଆଉ ଅନ୍ୟ ଆକର୍ଷକ ସୁବିଧା ସବୁ କେବଳ ଉଦୟ ମେମର୍ସଙ୍କ ପାଇଁ
MINERVA AUTOMOBILES: BOLANGIR, SONEPUR, KALAHANDI, NUAPADA - 7574891578, 7574891577, BHAWANIPATNA -7504994501, KRISHNA AUTOMOBILES: ROURKELA, SUNDARGARH, SAMBALPUR, JHARSUGUDA, BARGARH, DEOGARH - 7574891580, MIDWAY MOTORS: BOUDH -7574808730,
#Conditions Apply, Scheme Includes Consumer Offer, Exchange Offer & Corporate Benefits.Two Offers can not be clubbed , Only one offer out of two is valid.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।
- ଚାର୍ଲସ ଫ୍ରହମ୍ୟାନ୍

ସଂକ୍ଷେପରେ

ଶ୍ରମିକଙ୍କ ମୃତ୍ୟୁ

ବୀରମହାରାଜପୁର, ୨୧।୮ (ଡି.ଏନ.ଏ.)- ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ପାର୍ଶ୍ୱବର୍ତ୍ତୀ ସୁରୁବାଲି ଯୋରରେ ନିର୍ମାଣାଧୀନ ଇନଟେକ ୱେଲ କାମରେ ନିୟୋଜିତ ଜଣେ ଶ୍ରମିକଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବଳୟା ଗ୍ରାମର ଘାସିରାମ ବାଘ (୫୮)। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଦିଲ୍ଲୀପ କୁମାର ରଥ ନାମକ ଜଣେ କଣ୍ଟ୍ରାକ୍ଟରଙ୍କ ମାଧ୍ୟମରେ ଉକ୍ତ କାମ ଚାଲିଥିଲା । ମଙ୍ଗଳବାର ଉକ୍ତ କାର୍ଯ୍ୟରେ ୫ଜଣ ଶ୍ରମିକ କାର୍ଯ୍ୟରତ ଥିଲେ। ମଧ୍ୟାହ୍ନରେ ଘାସି ହଠାତ ଅସୁସ୍ଥତା ଅନୁଭବ କରି ପଡିଯାଇଥିଲେ । ଟିକିରାପଡା ପାଖରେ ଥିବା ଉକ୍ତ ପ୍ରକଳ୍ପର ଘଟଣାସ୍ଥଳରୁ ତାଙ୍କୁ ତୁରନ୍ତ ସୁବଳୟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ସୁବଳୟା ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୧/୧୮) ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ହେମନ୍ତ କୁମାର ରାଓ ପ୍ରକାଶ କରିଛନ୍ତି।

କେ.ଭି.କଲେଜ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

କଣ୍ଟାବାଞ୍ଜି, ୨୧।୮(ଡି.ଏନ.ଏ.): କଣ୍ଟାବାଞ୍ଜି କେ.ଭି. କଲେଜରେ ଅଣଛାତ୍ରଙ୍କ ପ୍ରାଦୁର୍ଭାବର ବିରୋଧ କରିଛନ୍ତି କଲେଜର ଅଧ୍ୟୟନ ଛାତ୍ରୀଛାତ୍ର। ମଙ୍ଗଳବାର ସେମାନେ କଲେଜ ମୁଖ୍ୟ ଗେଟ ସାମନାରେ ଟାୟାର ଜାଳି ବିକ୍ଷୋଭ କରିଥିଲେ। ପୂର୍ବରୁ ଅଣଛାତ୍ରଙ୍କ ଦୌରାତ୍ମ୍ୟ ନେଇ ଯୁକ୍ତଦୁଇ ଓ ଯୁକ୍ତତିନି ଅଧ୍ୟକ୍ଷଙ୍କୁ ଲିଖିତ ଜଣାଇଥିଲେ ବି କୌଣସି ନ ମିଳିବାରୁ ସେମାନେ ସ୍ଥାନୀୟ ପୋଲିସକୁ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହାର ସ୍ଥାୟୀ ପ୍ରତିକାର ଦାବି କରି ଶତାଧିକ ଛାତ୍ରୀଛାତ୍ର ଚୈତନ୍ୟ ହଂସଙ୍କ ନେତୃତ୍ୱରେ ବିକ୍ଷୋଭ କରିଥିଲେ। ଡିଗ୍ରୀ କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ରଙ୍କୁ ପଚାରିବାରୁ ପୂର୍ବରୁ ସ୍ଥାନୀୟ ପୋଲିସକୁ ଲିଖିତ ଜଣାଇ ଦିଆଯାଇଥିଲା। ଏହା ପରେ ଯଦି ଅଣଛାତ୍ରଙ୍କ ପୁର୍ନବାର ପ୍ରବେଶ ରହିଥାଏ ତେବେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ଖଇରଟିକ୍ରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଭିତ୍ତିଭୂମି ନାହିଁ, ଶିକ୍ଷାଦାନ ହେଉନି

ସୋନପୁର,୨୧।୮(ନି.ପ୍ର.) ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଖଇରଟିକ୍ରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ତାଲା ପଡିଥିଲା। ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷକ ବିଦ୍ୟାଳୟ ଭିତରକୁ ପ୍ରବେଶ କରି ପାରି ନଥିଲେ। ସାରା ଦିନ ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖ ରାସ୍ତା ଉପରେ ବସ୍ତାନି ଧରି ବସି ରହିଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୦ଛାତ୍ରୀଛାତ୍ର ଏଠାରେ ପାଠ ପଢନ୍ତି। ବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ ରହିଛି। ଅତିରିକ୍ତ ଶ୍ରେଣୀଗୃହର ନିର୍ମାଣ କାର୍ଯ୍ୟ ଗତ ୨୦୧୩ ମସିହାରୁ ବନ୍ଦ ରହିଛି। ଛାତ ଉପରେ ରୁଫ ଲେଭେଲ ପର୍ଯ୍ୟନ୍ତ କାର୍ଯ୍ୟ ହୋଇଥିବା ବେଳେ ତାହା ସମ୍ପୂର୍ଣ୍ଣ ହେଉନି। ଛାତରୁ ପାଣି ଗଳୁଛି। ବିଦ୍ୟାଳୟର ପାଇଖାନା ଓ ଶୌଚାଳୟକୁ ସଫାସୁତରା କରାଯାଉନି। ରୋଷେଇ ଘର ନିର୍ମାଣ ସମ୍ପୂର୍ଣ୍ଣ ହେଉନି। ସର୍ବଶିକ୍ଷା ବିଭାଗ ଏ ଦିଗରେ ଦୃଷ୍ଟି ଦେଉନି। ଅନ୍ୟପକ୍ଷେ ଦୁଇଟି ଶ୍ରେଣୀଗୃହକୁ ଗୋଦାମ ଘର କରାଯାଇଛି। ସେଠାରେ ସିମେଣ୍ଟ ଓ ରଡ ରହୁଛି। ସହକାରୀ ଶିକ୍ଷକ ଉକ୍ତ ଶ୍ରେଣୀଗୃହକୁ ବର୍ଷବର୍ଷ ଧରି ତାଲା ପକାଇ ନିଜ ଅଧିନରେ ରଖିଛନ୍ତି। ୪ଜଣ ଶିକ୍ଷକ ନିଯୁକ୍ତ ଥିଲେ ହେଁ ବିଦ୍ୟାଳୟରେ ଶିକ୍ଷାଦାନ ଠିକ୍ ଭାବେ ହେଉନି। ବିଜ୍ଞାନ ଶିକ୍ଷକ ଉମାକାନ୍ତ ମିଶ୍ର ନିୟମିତ ବିଦ୍ୟାଳୟ ଆସୁନାହାନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଙ୍କମଣି କଉଡିଙ୍କ ସମେତ ଅଭିଭାବକମାନେ ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ମାର୍ଚ୍ଚ ୨୨ତାରିଖରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମିଳିବା ପରେ ବିଇଓ ମୟୂରଉଡାନ ସିଆରସିସିଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଇଓ ନିଜେ ମଧ୍ୟ ବିଦ୍ୟାଳୟକୁ ଆସି ତଦନ୍ତ କରିଥିଲେ। ବିଜ୍ଞାନ ଶିକ୍ଷକଙ୍କୁ ମୟୂରଉଡାନ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ପାଇଁ ତତ୍କାଳୀନ ବିଇଓ ସୁପାରିଶ କରିଥିଲେ। ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶ ୪ ମାସ ପରେ ବି କାର୍ଯ୍ୟକାରୀ ହୋଇନି। ତେଣୁ ଅଭିଭାବକ ଓ ଗ୍ରାମବାସୀ ନିରାଶ ହୋଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ସିଆରସିସି ଉତ୍ତମ ଚରଣ ଦେହୁରି ମଙ୍ଗଳବାର ପୂର୍ବାହ୍ନରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ହେଁ କିଛି ସୁଫଳ ମିଳି ନଥିଲା। ଅପରାହ୍ନରେ ସୋନପୁର ବିଇଓ ଘନଶ୍ୟାମ ମେହେର ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଶିକ୍ଷାଦାନରେ ଅବହେଳା ପ୍ରଦର୍ଶନ କରୁଥିବା ବିଜ୍ଞାନ ଶିକ୍ଷକଙ୍କୁ ବଦଳି କରିବା ପାଇଁ ଅଭିଭାବକ ଓ ଛାତ୍ରୀଛାତ୍ର ଅଡି ବସିଥିଲେ। ବୁଧବାରଠାରୁ ବିଜ୍ଞାନ ଶିକ୍ଷକ ଆଉ ଏହି ବିଦ୍ୟାଳୟକୁ ଆସିବେନି। ତାଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯିବାର ବିଇଓ ମେହେର ଲିଖିତ ପ୍ରତିଶ୍ରୁତି ଦେବା ପରେ ସାଢେ ୪ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଫାଟକରୁ ତାଲା ଖୋଲିଥିଲା । ଅଭିଭାବକ ବାସୁଦେବ ପୁଟେଲ, ମିଥିଲା ବାଗ, ମେନକା ସୁନା, ରିଙ୍କି ବାଘାର, ସୀତା ସୁନା, ଝରଣା କୁମ୍ଭାର, ମୁକ୍ତି ସେଠୀ, ସୀତା ସେଠୀ, ଆକାଶ ମଲ୍ଲିକ ଓ ନରେଶ ମିଶ୍ର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରେ ବସିଛନ୍ତି।

- ଫାଟକରେ ତାଲା ପକାଇଲେ ଅଭିଭାବକ
- ରାସ୍ତାରେ ବସିଲେ ଛାତ୍ରୀଛାତ୍ର

୨୦୦୪ ଲୁଟ ଘଟଣା

ଉଦ୍ଧାର ପରେ ବି ଶିକ୍ଷକଙ୍କୁ ମିଳିନି ଇଏଲ ଟଙ୍କା

ଲୋଇସିଂହା,୨୧।୮(ଡି.ଏନ.ଏ) ୨୦୦୪ ମସିହାରେ ବଲାଙ୍ଗୀର ଜିଲା ଲୋଇସିଂହା ସବ୍‌ଟ୍ରେଜେରି ଅଫିସରୁ ଆଗଲପୁର ବ୍ଲକର ୩୪ଶିକ୍ଷକ ଓ ବ୍ଲକ କର୍ମଚାରୀଙ୍କ ଦରମା ଟଙ୍କା ଉଠାଣ କରି ଆସୁଥିବା ବାଟରେ ଲୁଟ୍ ହୋଇଥିଲା । ଲୁଟ୍ ଟଙ୍କା ଉଦ୍ଧାର ହୋଇ ବ୍ଲକ କର୍ମଚାରୀ ପାଇସାରିଲେଣି । ହେଲେ ଶିକ୍ଷକମାନଙ୍କୁ ଏଯାଏ ଇଏଲ (ଯନର୍ଡ ଲିଭ୍) ଟଙ୍କା ମିଳି ନଥିବା ଅଭିଯୋଗ ହୋଇଛି। କେତେକ ଶିକ୍ଷକ ଇତ୍ୟବସରେ ଅବସର ନେଇ ମୃତ୍ୟୁବରଣ କରି ସାରିଲେଣି। ଆଉ କେତେ ଟଙ୍କା ନ ପାଇ ଘୋର ମନସ୍ତାପରେ ଦିନ କାଟୁଛନ୍ତି। ଅଭିଯୋଗ ମତେ, ଆଗଲପୁର ବ୍ଲକରେ କାର୍ଯ୍ୟରତ ୩୪ ଶିକ୍ଷକ ଏବଂ ବ୍ଲକ ଷ୍ଟାପଙ୍କ ମୋଟ ୨ ଲକ୍ଷ ୨୮ହଜାର ଟଙ୍କା ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଆକାଉଣ୍ଟାଣ୍ଟ ବିଦ୍ୟାଧର ମେହେର ଲୋଇସିଂହା ସବରେଜିଷ୍ଟ୍ରି ଅଫିସରୁ ଗତ ତାମ୍ବା୪।୨୦୦୪ରିଖରେ ଉଠାଇ ବ୍ଲକ ଅଫିସକୁ ଆସୁଥିଲେ । ଏଥିରେ ବ୍ଲକ ଷ୍ଟାପଙ୍କ ୮୫ହଜାର ଏବଂ ୩୪ ଶିକ୍ଷକଙ୍କ ୧ଲକ୍ଷ୨୮ ହଜାର ଇଏଲ ଟଙ୍କା ଥିଲା। ବାଟରେ ଏହି ଟଙ୍କା ଲୁଟ୍ ହୋଇଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଛାନଭିନ କରି କେତେକ ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ ଲୁଟ ଟଙ୍କା ଉଦ୍ଧାର କରିଥିଲା। ଲୋଇସିଂହାର ନାରାୟଣ ସାହୁ ବଡଟିକା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୨୦୦୫ ମସିହାରେ ଅବସର ଗ୍ରହଣ କରିଛନ୍ତି। ଏହି ଲୁଟ୍‌ରେ ତାଙ୍କ ୧୩ହଜାର ୨୯ ଟଙ୍କା ହରାଇଥିବା କହିଛନ୍ତି। ଜିଲାପାଳଙ୍କଠାରୁ ଲୋକପାଳ ପର୍ଯ୍ୟନ୍ତ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ସେମାନେ ନ୍ୟାୟ ପାଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ଲୁଟ୍‌ରେ ଟଙ୍କା ହରାଇଥିବା କେତେକ ସହକର୍ମୀ ଆରପାରିକୁ ଚାଲି ଯାଇଥିବା ଅଭିଯୋଗ କରିଛନ୍ତି। ୨୦୧୬ ମସିହାରେ ଆଗଲପୁର ବିଡିଓଙ୍କୁ ଆରଟିଆଇରେ ସୂଚନା ମାଗିବାରୁ ଲୁଟ୍ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ପତ୍ର ବିନିମୟ ହୋଇଛି। ସୁପାରିଶ ହେଲା ପରେ ଉକ୍ତ ଟଙ୍କା ଦିଆଯାଇ ପାରିବ ଓ ସେ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଇଛି । ବ୍ଲକ ଷ୍ଟାପକୁ ଟଙ୍କା ମିଳିଥିବାବେଳେ ଶିକ୍ଷକମାନେ କଣ ଦୋଷ କଲେ ବୋଲି ସାହୁକ୍ଷୋଭର ସହ କହିଛନ୍ତି।

ବ୍ଲକସ୍ତରୀୟ ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ



ସମ୍ମିଳନୀରେ ଜଣେ କୁନୀ ବିଦ୍ୟାର୍ଥୀ ଅତିଥିମାନଙ୍କୁ ସମ୍ବୋଧିତ କରୁଛନ୍ତି ।

ବୀରମହାରାଜପୁର,୨୧।୮ (ଡି.ଏନ.ଏ.) ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତ ଅନ୍ତର୍ଗତ ଟିକିରାପଡାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକସ୍ତରୀୟ ଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୋନପୁର ଅରବିନ୍ଦ ମହିଳା ପାଠଚକ୍ରର ସଂଯୋଜିକା ସସ୍ମିତା ଥପା, ଚୌହାନପୁର ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ଶକୁନ୍ତଳା ଅପା ଓ ବବିତା ଅପା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ସମ୍ମିଳନୀର ଆଭିମୁଖ୍ୟ ପ୍ରକାଶ କରିବା ସହିତ ଶିଶୁର ସର୍ବାଙ୍ଗୀନ ବିକାଶରେ ମାଆମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । କୁଶଦାଦର ମାତୃପଲ୍ଲୀର ମାତୃକର୍ମୀ ନବୀନ ସେଠ ଏହାର ସଂଯୋଜନା କରିଥିବାବେଳେ ନିଳାମ୍ବର ମେହେର ସ୍ୱାଗତ ସମ୍ଭାଷଣ ଜଣାଇଥିଲେ । ପାଠଚକ୍ରରେ ପ୍ରଭାତନାୟକ ଓ ଗିରିଧାରୀ ମେହେର ମଧ୍ୟ ବକ୍ତବ୍ୟ ରଖିଥିଲେ । ଶିକ୍ଷାକେନ୍ଦ୍ରର କେତେଜଣ ଛାତ୍ରୀ ମଧ୍ୟ ସେମାନଙ୍କ ମତବ୍ୟକ୍ତ କରିଥିଲେ । ଶେଷରେ ଗିରିଧାରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଚୌହାନପୁର ପିତାମହୁଲ, ଚଢେଇଗୁଡି, ଜାଲୋଏ ଓ ସୁବଳୟା ଗ୍ରାମସ୍ଥିତ ପାଠଚକ୍ରର ପ୍ରତିନିଧି ଯୋଗ ଦେଇଥିଲେ ।

ଦାବି ପୂରଣ ନ ହେଲ ଆନ୍ଦୋଳନ ଜୋର୍‌ଦାର ହେବ

ସିଂଘିଯୁବା,୨୧।୮ (ନି.ପ୍ର) ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି ନେଇ ହୋଇଥିବା ୧୨ଘଣ୍ଟିଆ ବିନିକା ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଦୀର୍ଘଦିନ ହେଲା ଡାକ୍ତର ଅଭାବ ଯୋଗୁ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଗୋଟେ ପ୍ରକାର ଠପ୍ ହୋଇଯାଇଛି। ଏଥିପାଇଁ ସାମ୍ବାଦିକ ସଂଘ ପକ୍ଷରୁ ଧାରଣା ମଧ୍ୟ ଦିଆଯାଇଥିଲା। ହେଲେ ସବୁବେଳେ ପ୍ରଶାସନ ପ୍ରତିଶ୍ରୁତି ଦେଇ ଖସିଯାଉଥିବା ଲୋକେ ଅଭିଯୋଗ୍ କରିଛନ୍ତି। ସେଥିପାଇଁ ଅଞ୍ଚଳବାସୀ ଏହି ବନ୍ଦ ଡାକରାକୁ ସ୍ୱତଃ ପ୍ରବୃତ୍ତ ଭାବେ ସମର୍ଥନ ଜଣାଇଛନ୍ତି। ବନ୍ଦ ବେଳେ ସମସ୍ତ ସରକାରୀ, ବେସରକାରୀ, ଶିଳ୍ପାନୁଷ୍ଠାନ, କୋର୍ଟ ଆଦି ବନ୍ଦ ରହିଥିଲା। ଏହି ବନ୍ଦ ପାଳନକୁ ସମର୍ଥନ ଜଣାଇ ବିନିକା ସହର ତଥା ବିଭିନ୍ନ ଗ୍ରାମର ଯୁବକ ସଂଘ, ସଂଗଠନ ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ଆହୁରି ଉଗ୍ରରୂପ ଧାରଣ କରିବ ବୋଲି ଚେତାବନୀ ଦେଇଛନ୍ତି। ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

ବିଜ୍ଞାନସମ୍ମତ କାର୍ଯ୍ୟଧାରା ବିକାଶକୁ ତ୍ୱରାନ୍ୱିତ କରେ

ସତ୍ୟବାଦୀ ବିଦ୍ୟାପୀଠରେ ଜାତୀୟ ବୈଜ୍ଞାନିକ ଅଭିରୁଚି ଦିବସ ପାଳିତ

ବୈଜ୍ଞାନିକ ଅଭିରୁଚି ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ ବିଜ୍ଞାନ କ୍ଲବ କର୍ମକର୍ତ୍ତା ।

ବୀରମହାରାଜପୁର, ୨୧।୮(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ବିଦ୍ୟାପୀଠ ବିଜ୍ଞାନ କ୍ଲବ ତରଫରୁ ଜାତୀୟ ବୈଜ୍ଞାନିକ ଅଭିରୁଚି ଦିବସ ପାଳିତ ହୋଇଯାଇଛି। ଭାରତୀୟ ଲୋକ ବିଜ୍ଞାନ କଂଗ୍ରେସ, ସୁବର୍ଣ୍ଣପୁର ଶାଖା ଏବଂ ସତ୍ୟବାଦୀ ବିଦ୍ୟାପୀଠ ମିଳିତ ଭାବେ ଏହାର ଆୟୋଜନ କରିଥିଲେ। ପ୍ରଧାନଶିକ୍ଷକ କମ୍ପୁଧର ଛୁରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭାରତ ଜ୍ଞାନବିଜ୍ଞାନ ସମିତି, ସୁବର୍ଣ୍ଣପୁର ଶାଖାର ଆବାହକ ଅମ୍ବୁଜ ବିହାରୀ ଶତପଥୀ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଅନ୍ଧବିଶ୍ୱାସ ଓ କୁସଂସ୍କାର ଆମ ଜନଜୀବନକୁ କିଭଳି ନକରାତ୍ମକ ଭାବରେ ପ୍ରଭାବିତ କରୁଛି ସେନେଇ ବ୍ୟାଖ୍ୟା କରିଥିଲେ। ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା ଯେ, ବିଜ୍ଞାନ ସମ୍ମତିକାର୍ଯ୍ୟ ଧାରା ହିଁ ଆମକୁ ସଫଳତା ଆଣିଦିଏ। ତେଣୁ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ତାହାହିଁ ଆଧାର ହେବା ଉଚିତ। ବିଜ୍ଞାନ କ୍ଲବର ସଂଯୋଜକ ରାଧେଶ୍ୟାମ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଜ୍ଞାନବିଜ୍ଞାନ ମେଳାରେ ୩୨ ପ୍ରକଳ୍ପ ପ୍ରଦର୍ଶିତ

ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

ବୀରମହାରାଜପୁର,୨୧।୮(ଡି.ଏନ.ଏ.) ବୀରମହାରାଜପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠାନର ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଝାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମେଳାରେ ବିଭିନ୍ନ ଶ୍ରେଣୀର ଅଧ୍ୟୟନରତ କୁନି ବୈଜ୍ଞାନିକମାନେ ୩୨ଟି ପ୍ରକଳ୍ପ ପ୍ରଦର୍ଶ କରିଥିଲେ। ଏତଦବ୍ୟତୀତ ବିଜ୍ଞାନ ଭିତ୍ତିକ ପ୍ରବନ୍ଧ ଓ ପ୍ରଶ୍ନମଞ୍ଚ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପରିଚାଳନା ସମିତି ସଭାପତି ଭଗବାନ ମିଶ୍ର ମେଳାର ଉଦ୍‌ଘାଟନ କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ହୋତା ବିଶେଷ ଅତିଥି ଭାବରେ ଷ୍ଟଲ ପରିଦର୍ଶନ କରିଥିଲେ ।

ସଂରକ୍ଷିତ ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ସିଂଘିଯୁବା,୨୧।୮(ନି.ପ୍ର) ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଲଛିପୁର ଫାଣ୍ଡି ଅଧିନ ଜୁଲୁଣ୍ଡା ଗ୍ରାମର ଜଣେ ୬୫ ବର୍ଷୀୟା ବୃଦ୍ଧଙ୍କ ମୃତଦେହ ସିଆଲି ସଂରକ୍ଷିତ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ଜୁଲୁଣ୍ଡା ଗ୍ରାମର ଧନେଶ୍ୱର ପୁଟେଲ ସୋମବାର ସକାଳୁ ଲଛିପୁର ମହାଦେବ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ତେବେ ମନ୍ଦିରରୁ ଆଉ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନ ପାଇବାରୁ ପୋଲିସକୁ ଜଣାଇଥିଲେ। ତେବେ ଶିଆଲି ସଂରକ୍ଷିତ ଜଙ୍ଗଲର ଏକ ସାହଜ ଗଛରେ ଜଣେ ବୃଦ୍ଧଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଖବର ମିଳିଥିଲା। ଏ ନେଇ ଲଛିପୁର ଫାଣ୍ଡିରେ ମୃତକଙ୍କ ପୁଅ ଗୋରାଚାନ୍ଦ ଏକ ମାମଲା ଦାୟର କରିଥିଲେ। ଲଛିପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି। ମୃତକଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବିନିକା ପଠାଯାଇଥିବା ଲଛିପୁର ଫାଣ୍ଡି ଅଧିକାରୀ ବସନ୍ତ ରଥ ସୂଚନା ଦେଇଛନ୍ତି।

ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଲାଠୋର, ୨୧।୮(ଡି.ଏନ.ଏ.) ବଲାଙ୍ଗୀର ଜିଲା ଲାଠୋର ଥାନା ଅଧିନ ଝଲିଆଲିଟି ଗ୍ରାମର ବିଳାସ ମାଝୀ ନାମ ଜଣେ ମହିଳା ସୋମବାର ବେକରେ ରଶି ଦେଇ ହତ୍ୟା କରିଛନ୍ତି। ହେଲେ ମୃତାଙ୍କ ମା' ଦୂର ମାଝୀ ତାଙ୍କ ଝିଅକୁ ହତ୍ୟା କରି ଆତ୍



ଗେରୁଆ ବସ୍ତ୍ର ପିନ୍ଧି, ମୁଣ୍ଡ ଲଣ୍ଡାକରି କେହି ସନ୍ନ୍ୟାସୀ ହୋଇଯାଏ ନାହିଁ। ଯେଉଁ ବ୍ୟକ୍ତି ସକଳ କାମନା ପରିତ୍ୟାଗ କରିପାରିଛି ସେ ହିଁ କେବଳ ସନ୍ନ୍ୟାସୀ।
- ସତ୍ୟସାଇବାବା

ସଂକ୍ଷେପରେ

ବସ୍ ଦୁର୍ଘଟଣା: ୬ ଗୁରୁତର

ପୁରୁଣାକଟକ,୨୧।୮(ଡି.ଏନ୍.ଏ.): ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଧୀନ ଶଙ୍କୁରା ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ଏକ ଘରୋଇ ଯାତ୍ରୀବାହୀ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ବସ୍‌ରେ ଥିବା ୬ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ଘରୋଇ ବସ୍ (ନଂ.ଓଆର୦୨-ଏଏ-୨୦୯୯) ବୌଦ୍ଧରୁ ଯାତ୍ରୀଙ୍କୁ ଧରି ମହାଲ୍ଲିକପଡ଼ା ଅଭିମୁଖେ ଯାଉଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଶଙ୍କୁରା ଗାଁ ମୁଣ୍ଡରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ପ୍ରସନ୍ନ ସାହୁ(୭୫), ମାଳତୀ ସାହୁ(୩୮), ଆକାଶ ବେହେରା(୧୭), ନଳିତା ସାହୁ(୫୮), ରାଜେନ୍ଦ୍ର ବେହେରା(୪୫), ସତ୍ୟ ପ୍ରଧାନ(୫୨) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବାଜଣାପଡିଛି। ହରଭଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

କେରଳ ବନ୍ୟାବିପନ୍ନଙ୍କୁ ସହାୟତା

ପୁରୁଣାକଟକ,୨୧।୮(ଡି.ଏନ୍.ଏ.)- କେରଳ ବନ୍ୟା ବିପନ୍ନଙ୍କ ପାଇଁ ବୌଦ୍ଧ ଜିଲା ପୁରୁଣାକଟକ ସଚେତନ ନାଗରିକ ମଞ୍ଚ ସହାୟତାର ହାତ ବଢାଇଛି। ମଞ୍ଚ ପକ୍ଷରୁ ମଙ୍ଗଳବାର ୧୦ହଜାର ଟଙ୍କା ଭିମ୍ ଆପ ଜରିଆରେ କେରଳ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଡିକୁ ପଠାଯାଇଛି। ମଞ୍ଚର ଆବାହକ ସମରେନ୍ଦ୍ର ବେହେରା, ସତ୍ୟନାରାୟଣ ନାଏକ, ସୁମନ୍ତ ସାହୁ, ଗୋପବନ୍ଧୁ ପ୍ରଧାନ, ଟୁଲୁ ଅଗ୍ରୱାଲ, ଲୁଲୁ ଯୋଷୀ, ମହେନ୍ଦ୍ର ରେଡୀଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। ଫଟୋ କ୍ୟାପସନ- ପୁରୁଣାକଟକ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା।

■୨ ମାସ୍ ଭିତ୍‌ରେ ଦବିଗଲା ନୂଆଁ ରାସ୍ତା

ମରନ୍‌ଯଁତା ହେଇଛେ ଅନ୍ଧାରୀପାଲି ରାସ୍ତା

ବୁର୍ଲା/ଅତାବିରା,୨୧।୮ (ଡି.ଏନ.ଏ.)

ସମ୍ବଲପୁର ଜିଲା ଚିପିଲିମା ଅଂଚଳରୁ ବରଗଡ ଜିଲା ଗୋଡଭଗା ରୋଡ୍‌କେ ଜୁଡି ହେଇଥିବାର ଇ ରାସ୍ତା ସବୁବେଳେ ଭିଡ୍‌ଭାଡ ରହେସି। ହେଲେ ଇ ରାସ୍ତା ଚିପିଲିମାରୁ କୁଲେରଜୋର ତକ୍ ପିଚୁ ହେଇଯାଇଛେ। ମଝିରେ କୁଲେରଜୋର ରପ୍‌ଟା ବିପଦ୍ ଅବସ୍ତାରେ ପଡିଛେ। ବରଗଡ଼ ଗମ୍ଭାରୀପାଲି ଛକ୍‌ରୁ ଅନ୍ଧାରୀପାଲି ନାରାୟଣୀ ଗୁଡି ତକ୍ ୩ କି.ମି. ରାସ୍ତା ଗଲା ୩ ମାସ୍ ତଳେ କୋଟି କୋଟି ଟଁକା ଖରର୍‌ରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜ୍‌ନାରେ ତିଆର କଲେ। ହେଲେ ବିଭାଗୀୟ ଯନ୍ତ୍ରୀ ବୋଧେ ରାସ୍ତାଟାକେ ନାଇଁଦେଖି କରି ଅଫିସ୍‌ରେ ବସି ଏଷ୍ଟିମେଟ ତିଆର କଲେ। ନିହେଲେ ୫୦୦ ମିଟର ରାସ୍ତା ଲାଗି ଲୋକ୍ ହଏରାନ ହରକତ୍ ନାଇଁ ହେତେ। ବାକିଥିବାର ୫୦୦ ମିଟର ମାଏଟ୍ ରାସ୍ତାରେ ବଡ଼ବଡ ଖାଲ୍ ହେଇ କାଦୋ ଫଦ୍‌ଫଦେଇ ଯାଉଛେ। ଇ ରାସ୍ତାରେ ଫିଦିନ୍ ଶହ ଶହ ସ୍କୁଲ କଲେଜ୍‌କେ ପଢ଼ା ପିଲା ଟୁକେଲ, ଜନସାଧାରନ୍ ଆର୍ ଶହ ଶହ ଗାଡିମଟର ଯିବାର ଆଏବାର କରୁଛେ। ହେଲେ ସବୁଥିରୁ ବଡ଼ କଥା ଯେ, ଲୋକ୍ ଉପେ ଶୁଇନ୍ ହେଇ ନିଜର ଜୀବନ୍‌କେ ପାଏନ୍‌ଛଡେଇ ଇ ରାସ୍ତାରେ ଯିବାର ଆଏବାର କରୁଛନ୍। ଯେନ୍‌ଥିର୍‌ଲାଗି ଫିଦିନ୍ ଇ ରାସ୍ତାରେ ଛୋଟ୍‌ବଡ଼ ଦୁର୍‌ଘଟନାମାନ୍ ଘଟୁଥିବାର ଅଭିଯୋଗ୍ ହେଉଛେ। ଇ ରାସ୍ତାଟା ସମ୍ବଲପୁରରୁ, ବରଗଡ, ସୁବର୍ଣ୍ଣପୁର ଲେଖେନ୍ ୩ଟା ଜିଲାକେ ଜୁଡୁଥିଲା ବେଲେ ଗୁଟେ ପର୍‌କାର ମୁଖିଆ ରାସ୍ତା ହେଇଛେ। ବହୁତ୍ ଦିନର ଦାବି ଉତାରୁ ବରଗଡ ଗମ୍ଭାରିପାଲି ଅନ୍ଧାରୀପାଲି ରାସ୍ତା ତିଆରି ହେଇଥିଲା। ହେଲେ ୫୦୦ ମିଟର ରାସ୍ତା ଛାଡି ଦେଇଥିବାର ଲାଗି ବିଭାଗୀୟ ମୁଖିଆଙ୍କୁ ଧଏନ୍‌ବାଦ୍ ଦେବାର କଥା ବଲି କହି ଲୋକ୍ ଭୁର୍‌ଲି ଉଡ଼ଉଛନ୍। ବିଭାଗୀୟ ଯନ୍ତ୍ରୀ ଠିକାଦାରଙ୍କୁ ଦରଦ୍ ଦେଖେଇଥିବାର ଲାଗି ରାସ୍ତା କାମ୍‌ଟା ଅତି ଫସ୍‌କା ହେଇଥିବାର ଅଭିଯୋଗ୍ ହେଉଛେ। ରାସ୍ତା ତିଆରି ସରବାର ୨ ମାସ୍ ନାଇଁପୁର୍‌ତ୍ତୁନୁ ଇମୁଡୁ ସେମୁଡ୍ ତକ୍ କେନ୍‌ଥେଇ ଦବି ଗଲା ବଲି ଲୋକ୍ ଅଭିଯୋଗ୍ କରୁଛନ୍। କାଗଜ୍ କଲମ୍‌ଥି ରାସ୍ତାଟା ଏକ ନମ୍ବର ହେଇଥିବାର କୁହାଯାଉଥିଲେ ବି ସଚେତନ୍ ମହଲରେ ଅଭିଯୋଗ୍ ହେଉଛେ। ମରନ୍‌ଯଁତା ପାଲ୍‌ଟିଥିବାର ବାକିଆ ରାସ୍ତାକେ ଯେତେ ଜଲ୍‌ଦି ହେବା କଂକ୍ରିଟ୍ କର୍‌ବାକେ ଦାବି ହେଉଛେ। ସେନ୍‌ତା ନୂଆଁଟି ତିଆରି ହେଇଥିବାର ୩ କି.ମି. ରାସ୍ତାର ଗୁଟେ ଉର୍‌ସ୍ତରୀୟ ତଦଁଚ୍ କର୍‌ବାକେ ଦାବି ହେଉଛେ।

କୁଲେରଜୋର୍‌ରୁ ଅନ୍ଧାରୀପାଲି ରାସ୍ତା।

ବାଇକ-ଟାଟା ସୁମୋ ଧକ୍କା: ଦୁଇ ବାଇକ ଆରୋହୀ ମୃତ, ୧୮ ଆହତ

ଭଟଲି,୨୧।୮(ଡି.ଏନ୍.ଏ):

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ସମ୍ବରଧରା ଛକ ନିକଟରେ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ସମ୍ବରଧରା ଗ୍ରାମର ଶୁକଦେବ ଖରସେଲ ଏବଂ କମଳ ସା। ଦୁହେଁ ବାଇକ୍ ଯୋଗେ ସମ୍ବରଧରା ଗ୍ରାମରୁ ଛକକୁ ଆସୁଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଟାଟା ସୁମୋ(ନଂ. ଓଡି ୦୩ଏ ୦୪୦୪) ଗାଡ଼ି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସେମାନେ ବାଇକ୍‌ରୁ ଛିଟିକି ପଡ଼ି ଲହୁଲୁହାଣ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ବାଟରେ ହିଁ ଶୁକଦେବଙ୍କ ମୃତ୍ୟୁ ହୋଇଥିଲା। କମଳଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ବୁର୍ଲା ବୀରସୁରେନ୍ଦ୍ର ସାଏ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କମଳଙ୍କ ମଧ୍ୟ ବୁର୍ଲା ଯିବା ବାଟରେ ମୃତ୍ୟୁ ହୋଇଥିଲା। ଏ ନେଇ ଭଟଲି ଥାନାରେ ଥାନା କେସ୍(ନଂ-୧୨୨/୧୮) କ୍ରମେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ବୁର୍ଲା ଥାନାରେ କେସ (ନଂ-୭୦୪/୧୮) କ୍ରମେ ଏକ ଅପମୃତ୍ୟୁ ମାମଲା ମଧ୍ୟ ରୁଜୁ ହୋଇଛି। ପୋଲିସ ଉଭୟ ବାଇକ ଏବଂ ଟାଟା ସୁମୋକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ଦୁର୍ଘଟଣାଗ୍ରସ୍ତ ଟାଟା ସୁମୋରେ ଥିବା ଆହତ ମାନଙ୍କୁ ଭଟଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଏଥିପାଇଁ ସମ୍ବରଧରା ଗ୍ରାମବାସୀ ଛକକୁ ଆସି ରାସ୍ତା ଅବରୋଧ କରିଥିଲେ। ତେବେ ରାଜ୍ୟ ଶକ୍ତି, ଶ୍ରମ ଏବଂ ଇଏସ୍‌ଆଇ ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଡି ଓ ବରଗଡ଼ ଜିଲା ରେଡ୍‌କ୍ରସ୍ ପାଣ୍ଡିରୁ ସହାୟତା ରାଶି ଯୋଗାଇଦେବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ିର ଡ୍ରାଇଭରଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପରେ ଅବରୋଧକାରୀ ରାସ୍ତାରୁ ହଟିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ କମଳ ସର୍ବଶିକ୍ଷା ଅଭିଯାନ ଅଧୀନରେ ଅର୍ନ୍ତନିବେଶୀ ଶିକ୍ଷା ସ୍ୱେଚ୍ଛାସେବକ(ଆଇଭି) ଭାବେ କାର୍ଯ୍ୟ କରି ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଡୁମାଲପାଲି ଏବଂ ଭଟଲି କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟକୁ ଯାଇ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବୁଝୁଥିଲେ। ସମ୍ବରଧରା ଗ୍ରାମରୁ ସେ ପ୍ରାୟ ସାଢ଼େ ୧୦ଟାରେ ଛକ ପର୍ଯ୍ୟନ୍ତ ଶୁକଦେବଙ୍କ ସାଙ୍ଗରେ ବାଇକ ଯୋଗେ ଆସୁଥିଲେ। ସେଠାରେ ଏକ ଟାଟା ସୁମୋ ସେମାନଙ୍କୁ ଧକ୍କାଦେବା ସହିତ ଓଲଟି ପଡ଼ିଥିଲା।

ଚାକିରି ଦେବା ଆଳରେ ଠକେଇ, ୪ଗିରଫ

ବରଗଡ଼ ଅଫିସ୍,୨୧।୮

ବରଗଡ଼ ସହରର ଏକ ଭଡ଼ାଘରେ ବେସରକାରୀ ଅନୁଷ୍ଠାନ ଖୋଲି ଚାକିରି ଦେବା ଆଳରେ ବେକାର ଯୁବତୀ ଯୁବକଙ୍କୁ ଠକେଇ ଅଭିଯୋଗରେ ସ୍ଥାନୀୟ ଟାଉନ ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଗଞ୍ଜାମ ଜିଲା ପାଟପୁର ଥାନା ରଘୁନାଥପୁର ନିବାସୀ ବିପିନ ପଣ୍ଡା(୨୨), ଝାଡ଼ଖଣ୍ଡର ଜମତରା ଜିଲା ନାଲା ଥାନା ଗୋପାଳପୁର ନିବାସୀ ରବି ରଣା(୨୧), କେନ୍ଦୁଝର ଜିଲା ତେଲକୋଇ ଥାନା ସିରିଆବାହାଲ ନିବାସୀ ବସନ୍ତ କୁମାର ନାୟକ(୨୯) ଏବଂ ଗଞ୍ଜାମ ଜିଲା ଦିଗପହଣ୍ଡିର ଟି. ଶିବାରାମ ଦୋରା(୨୪)। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନା ପୋଲିସ ଦଫା ୪୨୦, ୩୪୨, ୩୪ ଆଇପିସିରେ ଏକ ମାମଲା(ନଂ-୩୯୯/୧୮) ରୁଜୁ କରିଛି।

ଠକେଇ ଅଭିଯୋଗରେ ଗିରଫ ୪ଅଭିଯୁକ୍ତ।

ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଉପରୋକ୍ତ ଅଭିଯୁକ୍ତମାନେ ବରଗଡ଼ ସହରର ଭଟଲି ଛକ ନିକଟରେ ଏକ ଘର ଭଡ଼ା ନେଇଥିଲେ। ସେଠାରେ ଗ୍ଲୋଜ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ଅନୁଷ୍ଠାନ ଗଢ଼ିଥିଲେ। ଏହି ଅନୁଷ୍ଠାନରେ ଚାକିରି ଦେବା ଆଳରେ ବେକାର ଯୁବତୀ ଯୁବକଙ୍କଠାରୁ ଜଣଙ୍କ ପିଛା ୧୨ହଜାର ଟଙ୍କା ଅସୁଲି କରିଥିଲେ। ସେମାନଙ୍କ ପ୍ରଲୋଭନରେ ପଡ଼ି ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଯୁବତୀ ଯୁବକ ଏହି ଅନୁଷ୍ଠାନକୁ ଆସିଥିଲେ। ମାତ୍ର ତାଙ୍କୁ ଚାକିରି ମିଳିବା ବଦଳରେ ଅନ୍ୟ କାମରେ ଅଭିଯୁକ୍ତମାନେ ନିୟୋଜିତ କରିଥିଲେ। ଏ ନେଇ ଗତ ୧୭ ତାରିଖରେ ରାୟଗଡ଼ା ଜିଲା ଅମ୍ବାଡ଼ଳା ଥାନା ହାଟପଦା ରେଡ୍ଡି କଲୋନୀର ଜଣେ ଯୁବକ ରାଜେନ୍ଦ୍ର ବେହେରା(୨୨) ପୋଲିସରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲା ରୁଜୁ କରିଥିଲା। ଏହି ତଥାକଥିତ ଅନୁଷ୍ଠାନ ପୂର୍ବରୁ ବରଗଡ଼ ସହରର ବିଭିନ୍ନ ସ୍ଥାନରେ ଭଡ଼ାଘର ନେଇ ଠକେଇ କାର୍ଯ୍ୟ କରି ଧରାପଡ଼ିଥିଲା। ପରେ ପୁଣି ସ୍ଥାନ ବଦଳାଇ ବରଗଡ଼ ସହରରେ ଏହି ନେଟୱର୍କ ଚଳାଇଥିବା ଚର୍ଚ୍ଚାର ବିଷୟ ହୋଇଛି।

ଡ୍ରେନ ନିର୍ମାଣ କାମ ଅଧପନ୍ତରିଆ

■ମ୍ୟାଲେରିଆ, ଡେଙ୍ଗୁ ଆଶଙ୍କା

ଅତାବିରା,୨୧।୮(ଡି.ଏନ.ଏ.)

ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଅଧୀନ ଦେଶପର୍ଥଲା ଗ୍ରାମ ମୁଣ୍ଡରେ ନିର୍ମାଣ ହୋଇଥିବା ଡ୍ରେନ କାମ ଦୀର୍ଘ ଦିନ ହେଲା ଅଧପନ୍ତରିଆ ହୋଇ ପଡ଼ି ରହିଛି। ଫଳରେ ମଶାବଂଶ ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ମ୍ୟାଲେରିଆ ଓ ଡେଙ୍ଗୁ ଆଦି ମହାମାରୀ ରୋଗରେ ଲୋକେ ଆକ୍ରାନ୍ତ ହେବାର ଆଶଙ୍କା ଦେଖାଦେଇଛି। ଗ୍ରାମବାସୀ ଯାତାୟତ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅର୍ଦ୍ଧନିର୍ମିତ ଡ୍ରେନ ନିକଟ ନଳକୂପ ଚାରିପଟେ ବର୍ଷା ପାଣି ଜମି ରହୁଛି। ପାଣି ନିଷ୍କାସନ କରିବା ପାଇଁ ଦୀର୍ଘ ଦିନ ହେଲା ଗ୍ରାମବାସୀ ଦାବି କରି ଆସୁଛନ୍ତି। ଅପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଡ୍ରେନର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କ୍ଷୀରସାଗର ଦାଶ, ମଣ୍ଟୁ ଦାଶ, ବିମଳେଶ୍ୱର ପଶାୟତ, ଅରୁଣ ପଶାୟତ ପ୍ରମୁଖ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ଅଧପନ୍ତରିଆ ହୋଇ ପଡ଼ି ରହିଥିବା ଡ୍ରେନ୍।

ସୁନାଲରମ୍ଭା ଫୁଟବଲ ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ ଖେଳାଳି।

ସୁନାଲରମ୍ଭା ଫୁଟବଲ : ବରପାଲି ଚାମ୍ପିୟନ

ଭେଡ଼େନ,୨୧।୮(ଡ଼ି.ଏନ.ଏ.): ବରଗଡ଼ ଜିଲା ଭେଡ଼େନ ବ୍ଲକ ସୁନାଲରମ୍ଭା ଖେଳପଡ଼ିଆରେ ରବିବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ହୋଇଥିଲା। ଏଭରଗ୍ରୀନ ଏଥେଲେଟିକ୍ସ ଏସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଖଇରମାଲ, ପତ୍ରାପାଲି, ଟିଣ୍ଡା, ଭେଡ଼େନ, ମହୁଲେ, ଗୁଣ୍ଡେରପୁର, ବରପାଲି ଓ କଳାପାଣି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ କଳାପାଣି ଦଳକୁ ୧-୦ ଗୋଲରେ ହରାଇ ବରପାଲି ଦଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଭେଡ଼େନ ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ ମୁଖ୍ୟ ଅତିଥି, ସୁନାଲରମ୍ଭା ସରପଞ୍ଚ ପବିତ୍ର ସରାଫ, ପୂର୍ବତନ ସରପଞ୍ଚ ସୁଶୀଲ କୁମାର ଧରୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ରେଫରୀ ଅକ୍ଷୟ ମହାକୁର, ସୁନିଲ ସେଟ, ବିନୋଦ କଠାର, ଗିରିଧାରୀ କଠାର ଓ ମୁକ୍ତେଶ୍ୱର ଧରୁଆ ପ୍ରମୁଖ ପରିଚାଳନା କରିଥିଲେ। ପିଣ୍ଟୁ ଓ ଡ଼ାକ୍ତର ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ।

■ହକି ବିଶ୍ୱକପ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ପ୍ରତି ଦଳ ପାଇଁ ପିଏସ୍‌ଓ ଏବଂ ପ୍ରୋଟୋକଲ୍ ଅଫିସର

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଚଳିତ ବର୍ଷ ନଭେମ୍ବର ୨୮ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ସୁରକ୍ଷା ବାବଦୀୟ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଚିବାଳୟରେ ମଙ୍ଗଳବାର ହୋଇଥିବା ଏହି ବୈଠକରେ ସୁରକ୍ଷା ବ୍ୟବସ୍ଥା ଏବଂ ପ୍ରଚାର ପ୍ରସାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବୈଠକ ସମ୍ପର୍କରେ ସୂଚନା ଦେଇ ପୋଲିସ୍ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି ଯେ, ବିଶ୍ୱକପ୍‌ରେ ଭାଗ ନେବାକୁ ଥିବା ପ୍ରତ୍ୟେକ ଦଳ ପାଇଁ (ସୁରକ୍ଷା ଅଧିକାରୀ)ପିଏସ୍‌ଓ ଓ ପ୍ରୋଟୋକଲ୍ ଅଫିସର ନିଯୁକ୍ତ କରାଯିବ। ୭୦ରୁ ୮୦ ପ୍ଲାଟୁନ୍ ପୋଲିସ୍ ମୁତୟନ କରାଯିବ। ପୋଲିସ ବିଭାଗ ସହ ଯେଉଁସବୁ ବିଭାଗର ସମନ୍ୱୟ ଆବଶ୍ୟକ, ସେ ନେଇ ବୈଠକରେ ଆଲୋଚନା ହୋଇଥିବା ସତ୍ୟଜିତ୍ କହିଛନ୍ତି। ସେହିପରି ଏହି ବିଶ୍ୱକପ୍‌ର ଯଥେଷ୍ଟ ପୂର୍ବରୁ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯିବ ବୋଲି କ୍ରୀଡା ସଚିବ ବିଶାଲ ଦେବ ମତ ରଖିଛନ୍ତି। ସେ କହିଛନ୍ତି ଯେ, ଚଳିତ ଅଗଷ୍ଟ ୨୯ରୁ ବିଭିନ୍ନ ମେଟ୍ରୋପଲିଟିଆନ୍ ସିଟିରେ ଏହାର ପ୍ରଚାର ପ୍ରସାର କରାଯିବ। ହକିର ଲୋକପ୍ରିୟତା ଥିବା ଭାରତ ବର୍ଷର ପ୍ରାୟ ୧୭ଟି ସହରରେ ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦିଆଯିବ। ନୂଆଦିଲ୍ଲୀ, ଭୁବନେଶ୍ୱର, ରାଉରକେଲା, ଚଣ୍ଡିଗଡ ଆଦି ସହରରେ ଏହି ପ୍ରଚାର ପ୍ରସାର କରାଯିବ ବୋଲି ବିଶାଲ ଦେବ କହିଛନ୍ତି। ଏହି କ୍ୟାମ୍ପେନ୍‌ର ନାମ 'ହାର୍ଟ ବିଟ ଫର ହକି' ରଖାଯାଇଛି। ଷ୍ଟାଡିୟମ୍‌ରେ ମ୍ୟାଚ୍ ଦେଖିବାକୁ ସୁଯୋଗ ପାଇ ନ ଥିବା ଦର୍ଶକମାନଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ଏଲ୍‌ଇଡି ସ୍କ୍ରିନ୍ ଲାଗିବ। ମିଳିଥିବା ସୂଚନାନୁଯାୟୀ ବରମୁଣ୍ଡା ପଡିଆ, ଆଦିବାସୀ ପଡିଆ, ଜନତା ମଇଦାନ ଏବଂ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଏଲ୍‌ଇଡି ଲାଗିବାର ବ୍ୟବସ୍ଥା କରାଯିବ। ଉଦ୍‌ଘାଟନୀ ଦିନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ରାଜ୍ୟ ତଥା ଦେଶର କଳା, ସଂସ୍କୃତି ଏବଂ ବୈଭବକୁ ନୃତ୍ୟଗୀତ ମାଧ୍ୟମରେ ପ୍ରଦର୍ଶନ କରାଯିବ ବୋଲି କ୍ରୀଡା ସଚିବ ସୂଚନା ଦେଇଛନ୍ତି। ବିଶ୍ୱକପ ହକି ପୂର୍ବରୁ ଭାରତୀୟ ହକି ଦଳର କ୍ୟାମ୍ପ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏହି କ୍ୟାମ୍ପର ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୧୬ରୁ ଅକ୍ଟୋବର ୧୪ ଏବଂ ଦ୍ୱିତୀୟ କ୍ୟାମ୍ପଟି ନଭେମ୍ବର ୧ରୁ ୧୭ ମଧ୍ୟରେ ଅନୁଷ୍ଠିତ ହେବ।

ବିଦ୍ୟୁତ୍ ବିଭ୍ରାଟ : ନାଗରିକ କମିଟିର କାର୍ଯ୍ୟାଳୟ ଘେରାଉ

ଭେଡେନ,୨୧।୮(ଡି.ଏନ.ଏ)

ବରଗଡ଼ ଜିଲା ଭେଡେନ ବ୍ଲକ ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟ ଅସହ୍ୟ ପରିସ୍ଥିତି ସୃଷ୍ଟି କରିଛି। ବିଗତ ୫ଦିନ ହେବ ଘଣ୍ଟାଘଣ୍ଟା ଧରି ବିଜୁଳି ଗାଏବ୍ ରହୁଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରବିବାର ଅପରାହ୍ନ ୪ରୁ ସୋମବାର ସନ୍ଧ୍ୟା

ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍‌କିନ୍

ସଂକ୍ଷେପରେ

ଉଦୟଅସ୍ତ ନାମଯଜ୍ଞ ଆରମ୍ଭ

ଭେଡ଼େନ,୨୧।୮(ଡ଼ି.ଏନ.ଏ.): ବରଗଡ଼ ଜିଲା ଭେଡ଼େନସ୍ଥିତ ଡ଼ାକ୍ତରଖାନା ପରିସର ହନୁମାନ ମନ୍ଦିରଠାରେ ଶ୍ରାବଣ ମାସ ଶେଷ ସୋମବାରଠାରୁ ସପ୍ତାହବ୍ୟାପୀ ଉଦୟଅସ୍ତ ନାମଯଜ୍ଞ ଆରମ୍ଭ ହୋଇଛି। ଅଷ୍ଟମ ବର୍ଷରେ ପଦାର୍ପଣ କରିଥିବା ଏହି ନାମଯଜ୍ଞରେ ପ୍ରତିଦିନ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ନାମଜପ କରାଯିବାର ଏକ ଅନନ୍ୟ ପରମ୍ପରା କାର୍ଯ୍ୟକାରୀ ହୋଇଆସୁଛି। ଏଥିପାଇଁ ରବିବାର ଜୀରା ନଦୀରୁ ଜଳ କଳସ ଶୋଭାଯାତ୍ରାରେ ଅଣାଯାଇ ଯଜ୍ଞସ୍ଥଳରେ ସ୍ଥାପିତ କରାଯାଇଥିଲା। ଯଜ୍ଞରେ ପପୁ ପାଣ୍ଡେ ଓ ନିଲିମା କର୍ତ୍ତା ଦାୟିତ୍ୱ ସମ୍ପାଦନ କରୁଛନ୍ତି। ସୁଷମା ଦାଶ, ସୁମିଧା ମେହେର, ଲକ୍ଷ୍ମୀପ୍ରୀୟା ପତି, ରୁକୁଣୀ ସାହୁ, ହେମ ସାହୁ ପ୍ରମୁଖ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ ଉଦ୍ୟମରେ ଏହି ଯଜ୍ଞ କାର୍ଯ୍ୟ ପରିଚାଳିତ ହେଉଛି। ଆସନ୍ତା ଶ୍ରାବଣ ପୂର୍ଣ୍ଣିମାରେ ଏହା ଉଦ୍‌ଯାପିତ ହେବ।

ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ଭେଡ଼େନ,୨୧।୮(ଡି.ଏନ.ଏ.) : ବରଗଡ଼ ଜିଲା ଭେଡ଼େନ ବ୍ଲକ ବୁର୍ଦା ଗ୍ରାମର ବି ଆର ଆମ୍ବେଦକର କ୍ଲବ ସମ୍ମୁଖରେ ଆସନ୍ତା ନୂଆଁଖାଇ ଭେଟଘାଟ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଭେଟଘାଟ ଆୟୋଜନକୁ ଦୃଷ୍ଟିରେ ରଖି ଏକ ପରିଚାଳନା କମିଟି ଗଠିତ ହୋଇଛି। ଏହି କମିଟିରେ ପଦ୍ମଲୋଚନ ଭୋସାଗର ସଭାପତି, ପ୍ରକାଶ ରାଜହଂସ ସମ୍ପାଦକ ଏବଂ ସୁଜୟ ମହାନନ୍ଦଙ୍କୁ ସହ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଅନ୍ୟ ୧୨ଜଣଙ୍କୁ କମିଟିର ସଦସ୍ୟ ଚୟନ କରାଯାଇଛି। ଭେଟଘାଟକୁ ଅଧିକ ଆକର୍ଷଣୀୟ କରିବାକୁ ସଦସ୍ୟମାନେ ନିଷ୍ପତ୍ତି ନେଇଛନ୍ତି ।

୩୦ ଲିଟର ଦେଶୀ ମହୁଲି ମଦ ସହ ବାଇକ ଜବତ

ପଦ୍ମପୁର,୨୧।୮(ଡି.ଏନ.ଏ): ବରଗଡ ଅବକାରୀ ଅଧୀକ୍ଷକ ପ୍ରଦୀପ ରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁସାରେ ପଦ୍ମପୁର ଅବକାରୀ ନିରୀକ୍ଷକ ରାଜେନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ପଦ୍ମପୁର ଉପନିରୀକ୍ଷକ ରାମଚନ୍ଦ୍ର ତନ୍ତି, ଏଏସଆଇ ସୁରେଶ ଭୋଇ, ମୁକେଶ ବିଶ୍ୱାଳ, ତାରାକାନ୍ତି ଭୁଆ, ରାକେଶ ସାହୁ ସଦଳବଳ ଅଇଁଲାଭଟା ଗ୍ରାମରେ ଚଢ଼ାଉ କରି ଗ୍ରାମର ନବୀନ ସାହୁ ନାମକ ବ୍ୟକ୍ତିଙ୍କଠାରୁ ୩୦ ଲିଟର ଦେଶୀ ମହୁଲି ମଦ ସହ ବାଇକ ଜବତ କରିଛନ୍ତି। ତାଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି ।

ଶହେ କୋଟିରୁ ଊର୍ଦ୍ଧ୍ୱ କାଟିବାକୁ ଚାଲିଛି ମସୁଧା

ବରଗଡ଼ ଅଫିସ୍,୨୧।୮

ବୀମା ବିଭ୍ରାଟ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

- **ବରଗଡ଼ ଜିଲା**
- **ନିର୍ଦ୍ଧାରିତ ପରିମାଣରୁ କମ୍ କ୍ଷତିପୂରଣ ପ୍ରଦାନ**
- **କ୍ଷତିପୂରଣରୁ ବାଦ ପଡ଼ିଛନ୍ତି ଅନେକ ପଞ୍ଚାୟତ**
- **ରାଜନେତାଙ୍କ ନୀରବତା ନେଇ ବଢୁଛି ସନ୍ଦେହ**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇ ପଡ଼ିଛି। ଇତିମଧ୍ୟରେ ୨୦୧୮ ଖରିଫ ଚାଷ କାର୍ଯ୍ୟ ଅଧାଅଧି ଶେଷ ହୋଇଥିଲେ ମଧ୍ୟ ଚାଷୀଙ୍କୁ ଏପର୍ଯ୍ୟନ୍ତ ୨୦୧୭ ଫସଲ କ୍ଷତିର ବୀମା କ୍ଷତିପୂରଣ ମିଳିପାରି ନାହିଁ। ଅନ୍ୟପଟେ ଚାଷୀଙ୍କଠାରୁ ପ୍ରତିବର୍ଷ ଫସଲ ଆରମ୍ଭରୁ ବାଧ୍ୟତାମୂଳକ ଭାବେ ବୀମା ପ୍ରିମିୟମ ଅସୁଲି କରାଯାଉଛି। ଏଭଳି ବୀମା ବିଭ୍ରାଟକୁ ନେଇ ଚାଷୀ ଜିଲାପାଳ ଓ ବୀମା ଅଫିସରୁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନର ତାତି ବରଗଡ଼ରୁ ଭୁବନେଶ୍ୱର ବ୍ୟାପିଛି । ତଥାପି ବୀମା ବିଭ୍ରାଟରେ କୌଣସି ସୁଧାର ଆସି ନାହିଁ। ଚାଷୀଙ୍କୁ ନିର୍ଦ୍ଧାରିତ ପରିମାଣରୁ କମ୍ କ୍ଷତିପୂରଣ ଆକଳନ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ପାଟକୁଲୁଣ୍ଡା, ବିଜେପୁର ବ୍ଲକ ଅନ୍ତର୍ଗତ ଚାରପାଲି ଏବଂ ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ମହୁଲପାଲି, କନସିଂହା, ସର୍ଗିବାହାଲ, ଜମରତଲା, ଟାଲ ଆଦି ପଞ୍ଚାୟତର ଶତାଧିକ ଚାଷୀ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ପାଟକୁଲୁଣ୍ଡା ପଞ୍ଚାୟତର ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ୨୦୧୭ ଖରିଫ ଫସଲ ଚକଡ଼ା ରୋଗପୋକ ଉପଦ୍ରବ ଯୋଗୁ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ସେତେବେଳେ ବିଭାଗୀୟ ଅଧିକାରୀମାନେ କ୍ରପକଟିଂ କରି କ୍ଷୟକ୍ଷତି ଆକଳନ କରିଥିଲେ। ତେବେ କ୍ରପକଟିଂ ରିପୋର୍ଟ ଆଧାରରେ ପୂର୍ବରୁ ହେକ୍ଟର ପ୍ରତି ୪୪ହଜାର ୩୩୮ ଟଙ୍କା ଆକଳନ କରାଯାଇ ଥିବାବେଳେ ଏବେ ସେଥିରେ ଚଞ୍ଚକତା କରାଯାଇ ୨୨୦୦ ଟଙ୍କାକୁ ଖସାଇ ଦିଆଯାଇଛି। ସେହିପରି ବୀମା କ୍ଷତିପୂରଣ ପ୍ରଦାନରୁ ଚାରପାଲି ପଞ୍ଚାୟତର ଚାଷୀମାନେ ବଞ୍ଚିତ ହୋଇଥିବା ଅଭିଯୋଗ ଆଣିଛନ୍ତି। ୨୦୧୭ ଖରିଫରେ ସେମାନଙ୍କ ଫସଲ ମଧ୍ୟ ଉଜୁଡ଼ି ଯାଇଥିଲା ଏବଂ କ୍ଷୟକ୍ଷତି ଆକଳନ କରାଯାଇଥିଲା। ମାତ୍ର ଏବେ କ୍ଷତିପୂରଣ ପ୍ରଦାନ ବେଳେ ତାଙ୍କ ପଞ୍ଚାୟତକୁ ବାଦ୍ ଦିଆଯାଇଥିବା ଚାଷୀମାନେ କ୍ଷୋଭ ପ୍ରକାଶ କରିବା ସହ ପ୍ରତିବାଦ କରିଛନ୍ତି। ଚାରପାଲି ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କ ବୀମା କ୍ଷତିପୂରଣ ନ ଆସିବା ପର୍ଯ୍ୟନ୍ତ ବିଜେପୁର ସେବା ସମବାୟ ଅଧୀନରେ ରହିଥିବା ଅନ୍ୟ ପଞ୍ଚାୟତରେ ବଣ୍ଟନ କାର୍ଯ୍ୟ ବନ୍ଦ ରଖାଯାଉ ବୋଲି ସେମାନେ ଦାବି କରିଛନ୍ତି। ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ମହୁଲପାଲି, କନସିଂହା, ସର୍ଗିବାହାଲ, ଜମରତଲା, ଟାଲ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ମଧ୍ୟ ଫସଲକ୍ଷତି ମୁତାବକ ବୀମା କ୍ଷତିପୂରଣ ଆସି ନଥିବା ଅନୁରୂପ ନେତୃତ୍ୱରେ ଚାଷୀମାନେ ଜିଲାପାଳ ଅଫିସ ଆସିଥିଲେ । ସେହିପରି ପାଟକୁଲୁଣ୍ଡା ଗ୍ରାମର ନିମାଇଁ ପ୍ରଧାନ, ଟଙ୍କଧର ବନଛୁର, ଡାକ୍ତର ବଗର୍ତ୍ତୀଙ୍କ ନେତୃତ୍ୱରେ ଚାଷୀମାନେ ଆସିଥିବାବେଳେ ଜୟ କିସାନ ଆନ୍ଦୋଳନର ରମେଶ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶ ଥାଉକି, ଜିଲାରେ ହୋଇଥିବା ୨୦୧୭ ଖରିଫ ଫସଲ କ୍ଷତି ମୁତାବକ ଚାଷୀମାନେ ୭୩୪ କୋଟି ଟଙ୍କା ବୀମା କ୍ଷତିପୂରଣ ପାଇବା କଥା। ତେବେ ସବୁ ଚାଷୀଙ୍କଠାରୁ ଆଗଉରା ବୀମା ପ୍ରିମିୟମ ଅସୁଲି କରିଥିଲେ ହେଁ ଏବେ ବୀମା କ୍ଷତିପୂରଣ ବେଳେ ନାନା ଆଳ ଦେଖାଇ ବୀମା କମ୍ପାନୀ ନିର୍ଦ୍ଧାରିତ ପରିମାଣରୁ କମ୍ ବୀମା କ୍ଷତିପୂରଣ ପ୍ରଦାନର ମସୁଧା ଚଲାଇଛି। ଶହେରୁ ଊର୍ଦ୍ଧ କୋଟି କମ୍ ବୀମା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ବୀମା କମ୍ପାନୀ ଉଦ୍ୟମ ଜାରି ରଖିଥିବା ବେଳେ ଏଥିପ୍ରତି ରାଜନୈତିକ ନେତାଙ୍କ ନୀରବତା ଏବଂ ପ୍ରଶାସନିକ ଉଦାସୀନତା ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କୁ ଆଚମ୍ବିତ କରିଛି।

କଂକ୍ରିଟ ରାସ୍ତା ଉପରେ ଆଣ୍ଠୁଏ କାଦୁଅ

ଅତାବିରା,୨୧।୮(ଡି.ଏନ.ଏ.)

ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତସ୍ଥିତ ଦେଶଭଟିଲି, ଦେଶପର୍ଥଲା ଗ୍ରାମ ଦାଣ୍ଡରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ଉପରେ କାଦୁଅ ଜମି ରହିଥିବାରୁ ସ୍କୁଲ, କଲେଜକୁ ପାଠ ପଢ଼ି ଯାଉଥିବା ଛାତ୍ରୀଛାତ୍ର, ବାଟୋଇମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଠିକାଦାର, ଯନ୍ତ୍ରୀଙ୍କ ରାସ୍ତା ନିର୍ମାଣରେ ଦାୟିତ୍ୱହୀନତା ଯୋଗୁ ଗ୍ରାମବାସୀ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ବନ୍ୟା ପାଣିରେ ଚାଷଜମି ବାଲିଚର

ଭେଡେନ,୨୧।୮(ଡି.ଏନ.ଏ.)

ବରଗଡ଼ ଜିଲା ଭେଡେନ ବ୍ଲକ ଅରେଇଗୁଡ଼ି ଗ୍ରାମପଞ୍ଚାୟତର ସାଲେପାଲି ଗ୍ରାମରେ ନାଳ ଗୁଡିକର ବନ୍ୟାପାଣିରେ ବହୁ ଚାଷ ଜମି ବାଲିଚର ହୋଇଛି। ସାଲେପାଲି ଗ୍ରାମକୁ ଲାଗି ଯାଇଥିବା କେଉଆ ଜୋର୍ ନାଳ କୂଳରେ ବ୍ରଜମୋହନ ସାହୁ, ବନମାଳୀ ପାତ୍ର, ହରିବନ୍ଧୁ ମେହେର, କପିଳେଶ୍ୱର ପଣ୍ଡା, ଗୋପାଳ ପଧାନ, ବିରୋଜ ପଧାନ ପ୍ରମୁଖ ଚାଷୀଙ୍କ ଧାନ କ୍ଷେତ ରହିଛି। ସେସବୁରେ ରବିବାର ନାଳର ବନ୍ୟା ପାଣି ମାଡ଼ିଯାଇଛି। ଫସଲ ହାନୀ ହୋଇଛି । ଖୁବ୍‌ଶୀଘ୍ର ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରିବାକୁ ଦାବି ହେଉଛି ।

ଫାଟୁଆ ରୋଗ, ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

- **କମୁଛି କ୍ଷୀର, ଚିନ୍ତାରେ ଦୁଗ୍ଧ ଚାଷୀ**

ଅତାବିରା,୨୧।୮(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରାରେ ଫାଟୁଆ ରୋଗ ବ୍ୟାପିବାରେ ଲାଗିଛି। ଶତାଧିକ ଦୁଧୁଆଳି ଗାଈ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରୋଗକୁ ପ୍ରତିହତ କରିବା ପାଇଁ ପ୍ରତିଷେଧକ ଟୀକା ଦିଆଯାଇଥିଲେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାରୁ ଦୁଗ୍ଧ ଚାଷୀମାନେ ଭାଳେଣୀରେ ପଡ଼ିଛନ୍ତି। ଦିନକୁ ଦିନ କ୍ଷୀର କମିବାରେ ଲାଗିଛି। ଭେଡେନ ବ୍ଲକ ବାଦୀ, ଭାଙ୍ଗକୁଦ, ବୁଦେଲବାହାଲି, ରୁଷୁଡା, ଟାଙ୍ଗରପାଲି, ଅତାବିରା, ଜାଙ୍ଗେଡ, ପାହାଡିଶ୍ରୀଗିଡା ଆଦି ଅଞ୍ଚଳରେ ଫାଟୁଆ ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ପୂର୍ବରୁ ବଇପୁର, ଇଚ୍ଛାପୁର, କୁରୁଆଁ, ପାତରପାଲି, ଉଦେପୁର ଆଦି ଅଞ୍ଚଳରେ ଅଜଣା ରୋଗରେ ଗୋରୁଗାଈଙ୍କ ମୃତ୍ୟୁ ପରେ ଗାଁ ଗାଁ ବୁଲି ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ନିରୀକ୍ଷକମାନେ ପ୍ରତିଶେଧକ ଟୀକା ଯୋଗାଇ ଦେଇଥିଲେ। ଅସୁସ୍ଥ ଗାଈଗୋରୁଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯାଇଥିଲା। ଚିକିତ୍ସା ଓ ପ୍ରତିଶେଧକ ଟୀକା ଦେବାପରେ ରୋଗ ନିୟନ୍ତ୍ରଣାଧିନ ରହିଥିଲା। ବର୍ତ୍ତମାନ ଗାଈଗୋରୁଙ୍କୁ ଫାଟୁଆ ରୋଗ ସମସ୍ୟା ହୋଇଛି। ଏ ଦିଗରେ ପ୍ରାଣୀ ବିଭାଗ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦୁଗ୍ଧ ଚାଷୀ ଧର୍ମରାଜ ବଘାର, ବଳଦେବ ପଟେଲ, ଅନିରୁଦ୍ଧ ବରିହା, ଗଜରାଜ କୁମ୍ଭାର ପ୍ରମୁଖ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

ସାର, କୀଟନାଶକ ଦୋକାନରେ ଚଢ଼ାଉ

ବରଗଡ଼ ଅଫିସ୍,୨୧।୮



ସହରାଟିକ୍ରାର ଏକ ସାର, କୀଟନାଶକ ଦୋକାନରେ ଚଢ଼ାଉ ଚାଲିଛି।

- **ଚଢ଼ାଉରେ ଧରାପଡ଼ିଲା ଅନିୟମିତତା**
- **ସାର ଓ କୀଶନାଶକ ନମୁନା ସଂଗ୍ରହ**
- **୩ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ**

ଖରିଫ ଚାଷରେ ରାସାୟନିକ ସାର ପ୍ରୟୋଗର ଚାହିଦା ବୃଦ୍ଧି ପାଉଥିବାବେଳେ କେତେକ ବେପାରୀ ଏହାର କଳାବଜାର କରୁଥିବା ଅଭିଯୋଗ ହୋଇଛି । ଏ ନେଇ ବରଗଡ଼ ଜିଲା କୃଷି ବିଭାଗ ପକ୍ଷରୁ ବିଭିନ୍ନ ସାର ଦୋକାନରେ ଧରପଗଡ଼ କରାଯାଉଛି। ଏହି କ୍ରମରେ ମଙ୍ଗଳବାର କୃଷିବିଭାଗ ପକ୍ଷରୁ ବରଗଡ଼ ବ୍ଲକ ଅନ୍ତର୍ଗତ ସହରାପାଲି ଏବଂ ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରାର କେତେକ ସାର ଦୋକାନରେ ଚଢ଼ାଉ ହୋଇଥିଲା। ଚଢ଼ାଉରେ କେତେକ ସାର ଦୋକାନରେ ସାର ବିକ୍ରିରେ ଅନିୟମିତତା ହୋଇଥିବା ଧରାପଡ଼ିଥିଲା ।

ସାରବିକ୍ରି ପାଇଁ ଉଦ୍ଦିଷ୍ଟ ନିୟମ ଉଲ୍ଲଂଘନ କରିଥିବା ଯୋଗୁ ସହରାଟିକ୍ରାର ମେହେର ପେଷ୍ଟିସାଇଡ୍ସ, କୃଷି ବିକାଶ ଷ୍ଟୋର ଏବଂ ଜନ ସହାୟକ କୋ ଅପରେଟିଭ ଲିଃକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦୋକନର ଦୋକାନୀମାନେ କ୍ୟାଶ ମେମୋ ଇସ୍ୟୁ କରୁ ନଥିବାବେଳେ ଷ୍ଟକ ରେଜିଷ୍ଟରକୁ ମଧ୍ୟ ଠିକ୍ ଭାବେ ପରିଚାଳନା କରୁ ନଥିବା ଜଣାପଡ଼ିଥିଲା। କୃଷି ବିକାଶ ଷ୍ଟୋର ଏବଂ ଜନ ସହାୟକ କୋ ଅପରେଟିଭି ଲିଃରେ ଲାଇସେନ୍ସ ପ୍ରମାଣପତ୍ର ଝୁଲାଯାଇ ନଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ସହରାପାଲିର ସାହୁ ଫର୍ଟିଲାଇଜରରେ ମଧ୍ୟ ଚଢ଼ାଉ କରାଯାଇ ଥିବାବେଳେ ସେଠାରେ ସବୁ ଠିକ୍‌ଠାକ୍ ଚାଲିଥିବା ଜଣାପଡ଼ିଥିଲା ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧି କହିଛନ୍ତି।

ଚଢ଼ାଉରେ ୨ ସାର ଏବଂ ୩ କୀଟନାଶକ ନମୁନା ସଂଗ୍ରହ କରାଯାଇଛି। ପରୀକ୍ଷା ପାଇଁ ବିଭାଗୀୟ ପରୀକ୍ଷାଗାରକୁ ପଠାଯିବ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧି ସୂଚନା ଦେଇଛନ୍ତି। ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧିଙ୍କ ନେତୃତ୍ୱରେ ଏନଫୋର୍ସମେଣ୍ଟ ଅଫିସର ରବିନ୍ଦ୍ର କୁମାର ସାହୁ, ଦୁଖିରାମ ଗୁଡୁ, ନୋଡ଼ାଲ ଅଫିସର ସୀତାଂଶୁ ଶେଖର ବେହେରା, ସହକାରୀ କୃଷି ଅଧିକାରୀ ଆନନ୍ଦ ଭୋଇ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ମହିଳା ସମିତିର ସଦସ୍ୟମାନେ।

କ୍ୟାନସର ହସପିଟାଲ ଦାବିକଲା ମହିଳା ସମିତି

ବରଗଡ଼ ଅଫିସ୍,୨୧।୮

ବରଗଡ଼ ଜିଲାରେ କ୍ୟାନସର ଅସୁସ୍ଥ ଏବଂ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଫଳରେ ଏଠାରେ ଏକ କ୍ୟାନସର ହସପିଟାଲ ସ୍ଥାପନ ଦାବି ଜୋର୍ ଧରିଛି। ମଙ୍ଗଳବାର ବରଗଡ଼ ମହିଳା ସମିତି ପକ୍ଷରୁ ଏ ସମ୍ପର୍କିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶାରେ ଏକ କ୍ୟାନସର ଚିକିତ୍ସା ଓ ଗବେଷଣା ହସ୍ପିଟାଲ୍ ସ୍ଥାପନ କରିବା ପାଇଁ ଟାଟା ମେମୋରିଆଲ ହସପିଟାଲ ସହିତ ଚୁକ୍ତିନାମା ସ୍ୱାକ୍ଷର (ଏମଓୟୁ) ହୋଇଛି। ରାଜ୍ୟରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସରକାରଙ୍କ ଏଭଳି ଏକ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଅଟେ । ତେବେ ରାଜ୍ୟର ବରଗଡ଼ ଜିଲାରେ ସର୍ବାଧିକ କ୍ୟାନସରରେ ଅସୁସ୍ଥ ଥିବାବେଳେ ମୃତକଙ୍କ ସଂଖ୍ୟା ଅଧିକ ରହିଥିବାରୁ ସେଠାରେ ସେହି କ୍ୟାନସର ହସ୍ପିଟାଲ୍ ସ୍ଥାପନ କରିବାକୁ ଉକ୍ତ ସ୍ମାରକପତ୍ରରେ ଦାବି ହୋଇଛି। ଆବଶ୍ୟକ ଚିକିତ୍ସା ଅଭାବରୁ ବରଗଡ଼ରେ କ୍ୟାନସର ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସେହିପରି ରାଜ୍ୟରେ ସବୁଠାରୁ ଅଧିକ ଧାନ, ପରିବା ଉତ୍ପାଦନ ହେଉଥିବାବେଳେ ସେହି ଫସଲରେ ମାତ୍ରାଧିକ ପରିମାଣରେ ରାସାୟନିକ ସାର, କୀଟନାଶକ ପ୍ରୟୋଗ ହେଉଥିବାରୁ ଏଠାରେ କ୍ୟାନସର ରୋଗୀ ସଂଖ୍ୟା ବଢୁଥିବା ସମିତି ପକ୍ଷରୁ କୁହାଯାଇଛି । ଏଠାକାର କ୍ୟାନସର ରୋଗୀଙ୍କ ମଧ୍ୟରେ ୭୦ପ୍ରତିଶତଙ୍କ ପାକସ୍ଥଳୀ, ୨୦ପ୍ରତିଶତଙ୍କ ମସ୍ତିଷ୍କ ଏବଂ ବାକି ୧୦ପ୍ରତିଶତ ଅନ୍ୟାନ୍ୟ ଶରୀର ଅଂଶରେ ଆକ୍ରାନ୍ତ ହେଉଥିବା ସ୍ମାରକପତ୍ରରେ ଦର୍ଶାଯାଇଛି।

ବରଗଡ଼ରେ ଏଭଳି ଭାବେ କ୍ୟାନସର ଅସୁସ୍ଥ ଓ ମୃତକଙ୍କ ସଂଖ୍ୟା ବଢ଼ିଚାଲି ଥିବାବେଳେ ଚିକିତ୍ସା ପାଇଁ ସେଭଳି କୌଣସି ବ୍ୟବସ୍ଥା ନାହିଁ ବୋଲି ସମିତି ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପଟେ, ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ସ୍ଥାନୀୟ କ୍ୟାନସର ରୋଗୀମାନେ କଟକର ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲ୍ କିମ୍ବା ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇ ନପାରି ମୃତ୍ୟୁମୁଖରେ ପଡୁଥିବା ମହିଳା ସମିତି ପକ୍ଷରୁ ଉକ୍ତ ସ୍ମାରକପତ୍ର ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମହିଳା ସମିତିର ସଭାନେତ୍ରୀ ଗୀତ ମିଶ୍ରଙ୍କ ନେତୃତ୍ୱରେ ରୀତା ମିଶ୍ର, ଯଶୋଦା ମିଶ୍ର, ଅନୁପମା ଦାଶ, ପ୍ରତିମା ବାରିକ, ମମତା ମିଶ୍ର, ଇନ୍ଦ୍ରାଣୀ ଶତପଥୀଙ୍କ ସମେତ ଅନ୍ୟ ସଭ୍ୟମାନେ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ। ସେହିପରି ମହିଳା ସମିତିର ଦାବିକୁ ସମର୍ଥନ ଜଣାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଦାନ୍ୟ ବନ୍ଧୁର ମୁଖ୍ୟ ସୁବ୍ରତ ବିର୍ତ୍ତିଆ ମଧ୍ୟ ଏଥିରେ ସାମିଲ ହୋଇଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ
ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

୪ ଦଫା ଦାବିରେ ସଡ଼କ ପରିବହନ କର୍ମଚାରୀଙ୍କ ଧାରଣା

ପଦ୍ମପୁର,୨୧।୮(ଡି.ଏନ.ଏ.)

୪ଦଫା



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନ କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।
-ଟମାସ କାର୍ଲାଇଲ

ସଂକ୍ଷେପରେ

୨୦୦୪ ଲୁଟ ଘଟଣା ଟଙ୍କା ଉଦ୍ଧାର ପରେ ବି ଶିକ୍ଷକଙ୍କୁ ମିଳିନି ଇଏଲ ଟଙ୍କା

ଲୋଇସିଂହା,୨୧।୮(ଡି.ଏନ.ଏ): ୨୦୦୪ ମସିହାରେ ବଲାଙ୍ଗୀର ଜିଲା ଲୋଇସିଂହା ସବ୍‌ଟ୍ରେଜେରି ଅଫିସରୁ ଆଗଲପୁର ବ୍ଲକର ୩୪ଶିକ୍ଷକ ଓ ବ୍ଲକ କର୍ମଚାରୀଙ୍କ ଦରମା ଟଙ୍କା ଉଠାଣ କରି ଆସୁଥିବା ବାଟରେ ଲୁଟ୍ ହୋଇଥିଲା । ଲୁଟ୍ ଟଙ୍କା ଉଦ୍ଧାର ହୋଇ ବ୍ଲକ କର୍ମଚାରୀ ପାଇସାରିଲେଣି । ହେଲେ ଶିକ୍ଷକମାନଙ୍କୁ ଏଯାଏ ଇଏଲ ଟଙ୍କା ମିଳି ନଥିବା ଅଭିଯୋଗ ହୋଇଛି । କେତେକ ଶିକ୍ଷକ ଇତ୍ୟବସରେ ଅବସର ନେଇ ମୃତ୍ୟୁବରଣ କରି ସାରିଲେଣି। ଆଉ କେତେ ଟଙ୍କା ନ ପାଇ ଘୋର ମନସ୍ତାପରେ ଦିନ କାଟୁଛନ୍ତି। ଅଭିଯୋଗ ମତେ, ଆଗଲପୁର ବ୍ଲକରେ କାର୍ଯ୍ୟରତ ୩୪ ଶିକ୍ଷକ ଏବଂ ବ୍ଲକ ଷ୍ଟାପଙ୍କ ମୋଟ ୨ ଲକ୍ଷ ୨୮ହଜାର ଟଙ୍କା ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଆକାଉଣ୍ଟାଣ୍ଟ ବିଦ୍ୟାଧର ମେହେର ଲୋଇସିଂହା ସବରେଜିଷ୍ଟ୍ରି ଅଫିସରୁ ଗତ ତା୩।୪।୨୦୦୪ରିଖରେ ଉଠାଇ ବ୍ଲକ ଅଫିସକୁ ଆସୁଥିଲେ । ଏଥିରେ ବ୍ଲକ ଷ୍ଟାପଙ୍କ ୮୫ହଜାର ଏବଂ ୩୪ ଶିକ୍ଷକଙ୍କ ୧ଲକ୍ଷ୨୮ ହଜାର ଇଏଲ ଟଙ୍କା ଥିଲା। ବାଟରେ ଏହି ଟଙ୍କା ଲୁଟ୍ ହୋଇଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଛାନଭିନ କରି କେତେକ ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ ଲୁଟ ଟଙ୍କା ଉଦ୍ଧାର କରିଥିଲା। ଲୋଇସିଂହାର ନାରାୟଣ ସାହୁ ବଡଟିକା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୨୦୦୫ ମସିହାରେ ଅବସର ଗ୍ରହଣ କରିଛନ୍ତି। ଏହି ଲୁଟ୍‌ରେ ତାଙ୍କ ୧୩ହଜାର ୨୯ ଟଙ୍କା ହରାଇଥିବା କହିଛନ୍ତି। ଜିଲାପାଳଙ୍କଠାରୁ ଲୋକପାଳ ପର୍ଯ୍ୟନ୍ତ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ସେମାନେ ନ୍ୟାୟ ପାଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ଲୁଟ୍‌ରେ ଟଙ୍କା ହରାଇଥିବା କେତେକ ସହକର୍ମୀ ଆରପାରିକୁ ଚାଲି ଯାଇଥିବା ଅଭିଯୋଗ କରିଛନ୍ତି। ୨୦୧୬ ମସିହାରେ ଆଗଲପୁର ବିଡିଓଙ୍କୁ ଆରଟିଆଇରେ ସୂଚନା ମାଗିବାରୁ ଲୁଟ୍ ସମ୍ପର୍କରେ ଉପସ୍ଥିତ ଅଧିକାରୀକୁ ପତ୍ର ବିନିମୟ ହୋଇଛି । ସୁପାରିଶ ହେଲା ପରେ ଉକ୍ତ ଟଙ୍କା ଦିଆଯାଇ ପାରିବ ଓ ସେ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଇଛି । ବ୍ଲକ ଷ୍ଟାପକୁ ଟଙ୍କା ମିଳିଥିବାବେଳେ ଶିକ୍ଷକମାନେ କଣ ଦୋଷ କଲେ ବୋଲି ସାହୁ କ୍ଷୋଭର ସହ କହିଛନ୍ତି।

କେ.ଭି.କଲେଜ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

କଣ୍ଟାବାଞ୍ଜି, ୨୧।୮(ଡି.ଏନ.ଏ.): କଣ୍ଟାବାଞ୍ଜି କେ.ଭି. କଲେଜରେ ଅଣଛାତ୍ରଙ୍କ ପ୍ରାଦୁର୍ଭାବର ବିରୋଧ କରିଛନ୍ତି କଲେଜର ଅଧ୍ୟୟନ ଛାତ୍ରୀଛାତ୍ର। ମଙ୍ଗଳବାର ସେମାନେ କଲେଜ ମୁଖ୍ୟ ଗେଟ ସାମନାରେ ଟାୟାର ଜାଳି ବିକ୍ଷୋଭ କରିଥିଲେ। ପୂର୍ବରୁ ଅଣଛାତ୍ରଙ୍କ ଦୌରାତ୍ମ୍ୟ ନେଇ ଯୁକ୍ତଦୁଇ ଓ ଯୁକ୍ତତିନି ଅଧକ୍ଷଙ୍କୁ ଲିଖିତ ଜଣାଇଥିଲେ ବି କୌଣସି ନ ମିଳିବାରୁ ସେମାନେ ସ୍ଥାନୀୟ ପୋଲିସକୁ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହାର ସ୍ଥାୟୀ ପ୍ରତିକାର ଦାବି କରି ଶତାଧିକ ଛାତ୍ରୀଛାତ୍ର ଚୈତନ୍ୟ ହଂସଙ୍କ ନେତୃତ୍ୱରେ ବିକ୍ଷୋଭ କରିଥିଲେ। ଡିଗ୍ରୀ କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ରଙ୍କୁ ପଚାରିବାରୁ ପୂର୍ବରୁ ସ୍ଥାନୀୟ ପୋଲିସକୁ ଲିଖିତ ଜଣାଇ ଦିଆଯାଇଥିଲା। ଏହା ପରେ ଯଦି ଅଣଛାତ୍ରଙ୍କ ପୁର୍ନବାର ପ୍ରବେଶ ରହିଥାଏ ତେବେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

■ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅପହଞ୍ଚ

ଲକ୍ଷ୍ୟଧାର୍ଯ୍ୟକୁ ନେଇ ଚିନ୍ତାରେ ପ୍ରଶାସନ

ଦେଓଗାଁ, ୨୧।୮ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଚାଲିଥିବା ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଲକ୍ଷ୍ୟ ଧାର୍ଯ୍ୟଠାରୁ ବହୁ ଦୂରରେ ରହିଛି। ଏନେଇ ବ୍ଲକ ପ୍ରଶାସନ ଚିନ୍ତାରେ ପଡିଛି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧୀନରେ କିଛି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବେସରକାରୀ ସଂସ୍ଥା ମାଧ୍ୟମରେ ବ୍ଲକର ବିଭିନ୍ନ ଗ୍ରାମରେ ପାଇଖାନା ନିର୍ମାଣ କାମ ଚାଲିଛି। ହେଲେ ଏଥିରେ ବ୍ୟାପକ ଅବହେଳା ଏବଂ ବାଟମାରଣ ହେଉଥିବା ଅଭିଯୋଗ ହେଉଛି। ଫଳରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଲକ୍ଷ୍ୟ ଧାର୍ଯ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବ୍ଲକର ପାଇଖାନା ନିର୍ମାଣ ତଥ୍ୟ ଅନୁଧ୍ୟାନ କଲେ ବିଭାଗୀୟ ତତ୍ପରତା ଓ କର୍ମଚାରୀଙ୍କ କାର୍ଯ୍ୟ ପଦାରେ ପଡିଛି। ବେସରକାରୀ ସଂସ୍ଥା ଜରିଆରେ ନିର୍ମାଣ କରାଯାଇଥିବା ପାଇଖାନାଗୁଡିକ ନିମ୍ନମାନର ହୋଇଥିବା ବେଳେ ତାହା ବ୍ୟବହାର ଉପଯୋଗୀ ହୋଇପାରୁ ନ ଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏଭଳି ଏକ ଉଦାହରଣ ଉପରଝର ପଞ୍ଚାୟତ ଅଧୀନ ଫଟାମୁଣ୍ଡା ଗାଁରେ ଦେଖିବାକୁ ମିଳିଛି। ଗ୍ରାମର ସୁବାସ ଛତ୍ରିୟାଙ୍କ ଘର ନିକଟ ଜମିରେ ସେ ଓ ତାଙ୍କ ପିତା ହାଡୁ ଛତ୍ରୀୟାଙ୍କ ନାମରେ ଲାଗିକି ୨ଟି ପାଇଖାନା ନିର୍ମାଣ କରାଯାଇଛି। ଏପରି କି ବାପ ପୁଅ ଦୁଇଜଣଙ୍କ ନାମରେ ୧୨ ହଜାର ଲେଖାଏ ୨୪ ହଜାର ଟଙ୍କା ଉଠାଣ ହୋଇଛି। ସେହିପରି ବ୍ଲକର ବିଭିନ୍ନ ଗାମରେ ବେସରକାରୀ ସଂସ୍ଥା କିମ୍ବା ଏସ୍‌ଏଚ୍‌ଜି ଗ୍ରୁପ ଜରିଆରେ ପାଇଖାନାଗୁଡିକ ନିର୍ମାଣ କରି ଅର୍ଥ ବାଟମାରଣ କରାଯାଇଥିବା ଜଣାପଡିଛି। ସମ୍ପୃକ୍ତ ବିଭାଗ ଦ୍ୱାରା ଅଦ୍ୟାବଧି ନିର୍ମାଣ ହୋଇଥିବା ପାଇଖାନାଗୁଡିକର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ହିତାଧିକାରୀମାନେ ଦାବି କରିଛନ୍ତି। ବିଭାଗୀୟ ଅପାରଗତା ପଦାରେ ପଡିବା ପରେ ହଠାତ ବ୍ଲକ ପ୍ରଶାସନକୁ ପାଇଖାନା ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଏହା କିପରି ସମୟସୀମା ମଧ୍ୟରେ ଶେଷ ହେବ ସେ ନେଇ ବ୍ଲକ ପ୍ରଶାସନ ଚିନ୍ତାରେ ପଡିଛି। ଏଦିଗରେ ଯୁଦ୍ଧକାଳୀନ ଭିତ୍ତିରେ କାମ କରିବାକୁ ବିଡିଓ ଶଙ୍କର ପ୍ରସାଦ ସାହୁ ଶନିବାର ସମସ୍ତ ୨୬ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସ୍ୱେଚ୍ଛାସେବୀ ତଥା ମୋଟିଭେଟର, ଯନ୍ତ୍ରୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସମସ୍ତ କର୍ମଚାରୀଙ୍କୁ ନେଇ ବୈଠକ କରି ତୁରନ୍ତ ଏଦିଗରେ ତତ୍ପରତାର ସହ କାମ କରିବା ପାଇଁ ତାଗିଦ କରିଥିଲେ। ଅଦ୍ୟାବଧି ପାଇଖାନା ନିର୍ମାଣର ବିଭାଗୀୟ ତଥ୍ୟ ଅନୁସାରେ ବ୍ଲକର ୨୬ପଞ୍ଚାୟତର ୧୨୭ ରାଜସ୍ୱ ଗ୍ରାମରେ ଅକ୍ଟୋବର ମାସ ୩୧ ତାରିଖ ସୁଦ୍ଧା ୨୧ହଜାର ୨୬୬ ପାଇଖାନା ନିର୍ମାଣ କରିବା ପାଇଁ ସରକାରୀ ଲକ୍ଷ୍ୟଧାର୍ଯ୍ୟ ରହିଛି। ତେବେ ଅଦ୍ୟାବଧି ଏଥିମଧ୍ୟରୁ ୮ ହଜାର୧୩୭ ଜଣ ହିତାଧିକାରୀଙ୍କ ଆବେଦନ ଫର୍ମ ଅନ୍‌ଲାଇନ ପ୍ରୋସେସ୍‌ରେ ରହିଥିବା ବେଳେ ମାତ୍ର ୫ହଜାର ୩୬୯ ପାଇଖାନା ନିର୍ମାଣ କାର୍ଯ୍ୟ ସରିଛି ଓ ୯୩ ପାଇଖାନା କାର୍ଯ୍ୟକ୍ଷମ ହେଉ ନ ଥିବା ଦର୍ଶାଯାଇଛି। ତେବେ ସରକାରୀ ଲକ୍ଷ୍ୟଧାର୍ଯ୍ୟ ଅନୁସାରେ ୨ ମାସ ୧୨ ଦିନ ମଧ୍ୟରେ କିପରି ୧୫ହଜାର ୮୯୭ ପାଇଖାନା ନିର୍ମାଣ କାମ ସମ୍ପୂର୍ଣ୍ଣ କରାଯାଇ ପାରିବ ସେନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଏନେଇ ଦେଓଗାଁ ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ପଚାରିବାରୁ ପୂର୍ବରୁ ନିର୍ମାଣ କରାଯାଇଥିବା ପାଇଖାନାଗୁଡିକର ଯାଞ୍ଚ କରାଯିବ। ବର୍ତ୍ତମାନ ବ୍ଲକ ପକ୍ଷରୁ ସୂଚାରୁ ଭାବେ ପ୍ରତି ଗାଁରେ ଯୁଦ୍ଧକାଳୀନ ଭିତ୍ତିରେ ପାଇଖାନା ନିର୍ମାଣ ହେବ ସେ ଦିଗରେ ତତ୍ପରତାର ସହ କାମ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

ଫଟାମୁଣ୍ଡା ଗାଁରେ ନିର୍ମାଣ କରାଯାଇଥିବା ପାଇଖାନା କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି।

ଦେଓଗାଁ ବ୍ଲକ

ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଆନ୍ଦୋଳନ, ଶିକ୍ଷାଦାନ ବାଧାପ୍ରାପ୍ତ

ଦେଓଗାଁ, ୨୧।୮(ଡି.ଏନ.ଏ.)

ବ୍ଲକଗ୍ରାଣ୍ଟ ଉଚ୍ଛେଦ ଓ ପୂର୍ଣ୍ଣ ଚାକିରି ସର୍ତ୍ତାବଳୀ ଦାବିରେ ପାଞ୍ଚଦିନ ଧରି ଶିକ୍ଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି । ଫଳରେ ବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଆଠ ଗୋଟି ବ୍ଲକଗ୍ରାଣ୍ଟ ପାଇଥିବା ବିଦ୍ୟାଳୟ ଦେଷଣ୍ଡ, ଗୌରଗୋଠ, ବଡବାହାଲ, ଦେଓଗାଁ, ସିକୁଆଁ, ସାରସମାଲ, ଶିରାବାହାଲ ଓ କୁଲତାପଡା ବିଦ୍ୟାଳୟ ମାନଙ୍କର କେତେକ ଶିକ୍ଷୟିତ୍ରୀଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଥିବାରୁ ୧ହଜାର ୬୧ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି । ଆସନ୍ତା ସେପ୍ଟେମ୍ବର ମାସରେ ହେବାକୁ ଥିବା ପ୍ରିଟେଷ୍ଟ ଓ ତ୍ରୈମାସିକ ପରୀକ୍ଷାକୁ ନେଇ ଚିନ୍ତାରେ ପଡିଛନ୍ତି ଛାତ୍ରୀଛାତ୍ର । ଶିକ୍ଷକମାନଙ୍କ ଆନ୍ଦୋଳନ ଯୋଗୁ ବିଦ୍ୟାଳୟମାନଙ୍କରେ ପଢ଼ା ହେଉଥିବା ପାଠଗୁଡିକ ରହିଯାଉଥିବାରୁ ପରୀକ୍ଷା ସମୟରେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବା ଏକ ପ୍ରକାର ନିଶ୍ଚିତ । ଏଣୁ ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ବିଚାର କରି ପଦକ୍ଷେପ ନେବାକୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଦାବି ହେଉଛି।

ଉଦ୍‌ଘାଟନର ୨ବର୍ଷ ବିତିଲା

କାର୍ଯ୍ୟକ୍ଷମ ହେଉନି ଛାତ୍ରନିବାସ

ଦେଓଗାଁ,୨୧।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଜରାସିଂହାଠାରେ ନିର୍ମାଣ ହୋଇଥିବା ଏସଟି ଏସସି ଛାତ୍ର ନିବାସ ଏବେ ଅକାମୀ ହୋଇ ପଡି ରହିଛି । ସରକାରଙ୍କ ଏସ୍‌ସି ଏସ୍‌ଟି ବିଭାଗ ତରଫରୁ ଆରଏଲଟିଏପି ଯୋଜନାରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରମାନଙ୍କ ପାଇଁ ଶହେ ଶଯ୍ୟା ବିଶିଷ୍ଟ କୋଠା ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ବର୍ତ୍ତମାନ ଛାତ୍ର ନିବାସ କୋଠା କାମ ସମ୍ପୂର୍ଣ୍ଣ ହୋଇ ଦୁଇବର୍ଷ ତଳେ ଉଦ୍‌ଘାଟନ ହୋଇସାରଛି । ହେଲେ ଅଦ୍ୟାବଧି ଉକ୍ତ କୋଠା କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି। କାମ ସମ୍ପୂର୍ଣ୍ଣ ହେଲା ପରେ ସମ୍ପୃକ୍ତ ଠିକାଦାର ବ୍ଲକ ପ୍ରଶାସନକୁ ଉକ୍ତ କୋଠାକୁ ହସ୍ତାନ୍ତର କରିଥିଲେ। ହେଲେ ଇଲେକ୍ଟ୍ରିକ କାମ ନ ସରିବାରୁ କୋଠା କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା । ବର୍ଷକ ତଳେ କୋଠାର ସମସ୍ତ ଆଠ କୋଠରିରେ ଖଞ୍ଜା ଯାଇଥିବା ୬୦ ପଙ୍ଖାରୁ ୪୮ ପଙ୍ଖା ଦୁର୍ବୃତ୍ତ ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା। ଫଳରେ ସ୍ଥାନୀୟ ଜନୈକ ବ୍ୟକ୍ତିଙ୍କୁ କୋଠା ଜଗିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ମାତ୍ର ଦିନେ ଦିନର କାମକୁ ପକାଇ ରଖିବାରୁ ୨ବର୍ଷ ହେଲା କୋଠା କୌଣସି କାମକୁ ଆସୁନାହିଁ। ଏ ସମ୍ପର୍କରେ ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ପଚାରିବାରୁ ୭ ଦିନ ମଧ୍ୟରେ ଉକ୍ତ କୋଠା କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି।

ନବନିର୍ମିତ ଏସଟିଏସସି ଛାତ୍ର ନିବାସ କୋଠା କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି।

ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ପରିବାର ବର୍ଗ ଆଣିଲେ ହତ୍ୟା ଅଭିଯୋଗ

ଲାଠୋର, ୨୧।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧିନ ଝଲିଆଲିଟି ଗ୍ରାମର ବିଳାସ ମାଝୀ ନାମ ଜଣେ ମହିଳା ସୋମବାର ବେକରେ ରଶି ଦେଇ ହତ୍ୟା କରିଛନ୍ତି। ହେଲେ ମୃତାଙ୍କ ମା' ଦୂର ମାଝୀ ତାଙ୍କ ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ଲାଠୋର ଥାନାରେ ଏକ ମାମଲା(ନଂ. ୬୯/୧୮)ରୁଜୁ ହୋଇଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ପୋଲିସ। ଲାଠୋର ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି ଯେ, ମୃତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ। ସୂଚନା ଅନୁଯାୟୀ ତୁରେକେଲା ଥାନା ରାଉତପୁଣ୍ଡା ଗ୍ରାମର ପର୍ଶୁରାମ ମାଝୀଙ୍କ ଝିଅ ବିଳାସ ଆଠ ବର୍ଷ ତଳେ ଲାଠୋର ଥାନା ଝଲିଆଲିଟି ଗ୍ରାମର ବୁଡୁ ମାଝିଙ୍କ ପୁଅ ନିଶିଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ କନ୍ୟା ସନ୍ତାନ ମଧ୍ୟ ରହିଛି। ଶାଶୁ, ଶଶୁର ଓ ସ୍ୱାମୀଙ୍କ ସହ ବିଳାସ ରହୁଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବହୁ ସମୟରେ କଳି କଜିଆ ହେଉଥିଲା। ସୋମବାର ବିଳାସଙ୍କ ମୃତ୍ୟୁ ହୋଇଥିବା କୌଣସି ସୂତ୍ରରୁ ଖବର ପାଇ ଝଲିଆଲିଟି ଆସିଥିଲେ ଦୂର ମାଝୀଙ୍କ ପରିବାର ଲୋକେ। ସେତେବେଳକୁ ବିଳାସଙ୍କ ମୃତ୍ୟୁ ହୋଇଯାଇଥିଲା ଓ ତାଙ୍କୁ ଏକ ଖଟରେ ଶୁଆଇ ଦିଆଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ତାଙ୍କ ବାପ ଘର ଲୋକେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ଲାଠୋର ଥାନାରେ ଏତଲା ଦେଇଥିଲେ।

ମୁରିବାହାଲ ବ୍ଲକ ଅଫିସ ସମ୍ମୁଖରେ ମଙ୍ଗଳବାର ଅନୁଷ୍ଠିତ ବିକ୍ଷୋଭ ସମାବେଶ।

ଭତ୍ତାରାଶି ୧୫ଶହ ଟଙ୍କାକୁ ବୃଦ୍ଧି ଦାବି

ବିକାଶ ମଞ୍ଚର ବ୍ଲକ ଘେରାଉ

ମୁରିବାହାଲ, ୨୧।୮(ଡି.ଏନ.ଏ.)

ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଓ ଅବିବାହିତା ତଥା ସ୍ୱାମୀ ପରିତ୍ୟକ୍ତାଙ୍କ ଭତ୍ତା ରାଶି ୧୫ଶହ ଟଙ୍କା ବୃଦ୍ଧି ଦାବି କରିଛି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିକାଶ ମଞ୍ଚ। ମଞ୍ଚର ମୁରିବାହାଲ ବ୍ଲକ ଶାଖା ଆବାହକ ଫାଲଗୁନୀ ହାତୀଙ୍କ ଆହ୍ୱାନକ୍ରମେ ମଙ୍ଗଳବାର ସ୍ଥାନୀୟ ଫରେଷ୍ଟ ବଙ୍ଗଳାଠାରୁ ବ୍ଲକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିଲା। ବ୍ଲକ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ୨୨ପଞ୍ଚାୟତର ଭତ୍ତାଧାରୀ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଉପସ୍ଥିତ ଥିଲେ। ଅନୁଷ୍ଠିତ ପ୍ରତିବାଦ ସଭାରେ ସାମାଜିକ କର୍ମୀ ଅଜୟ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗମାନଙ୍କୁ ପ୍ରତିମାସରେ ଦିଆଯାଉଥିବା ୩ଶହ ଟଙ୍କା ଭତ୍ତା ଯଥେଷ୍ଟ ହେଉ ନ ଥିବାରୁ ତାହାକୁ ୧୫ଶହ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଥିଲେ। ଏଥିସହିତ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରାଯିବା ପାଇଁ ପ୍ରତିମାସରେ ବ୍ଲକରେ ଚିହ୍ନଟ କରାଯାଇ ଚୟନ କରାଯାଉ ବୋଲି ସେ ଦାବି କରିଥିଲେ। ଦାବିଗୁଡିକ ଯଥାଶୀଘ୍ର ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଭାରେ ଚେତାବନୀ ଦିଆଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିକାଶ ମଞ୍ଚର ଆବାହକ ଭୁବନାନନ୍ଦ ମହାନ୍ତି, ଚିତ୍ରଭାନୁ ବେହେରା, ମୁନା ମହାନ୍ତି, ସହଦେବ ବନଛୋର, ଦିଲୀପ ଭୋଇ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କର ମନମୁଖୀ କାର୍ଯ୍ୟଓ ଗ୍ରାମାଞ୍ଚଳରେ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଓ ସ୍ୱାମୀ ପରିତ୍ୟକ୍ତାମାନଙ୍କୁ ଦୃଷ୍ଟି ଦେଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦୦୦ ଜଣଙ୍କର ସ୍ୱାକ୍ଷର ଥିବା ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତରେ ମୁଖ୍ୟ କିରାଣି ବୀରେନ୍ଦ୍ର ରାଏଙ୍କୁ ପ୍ରଦାନ କରାଯାଇଥିଲା। ରବିଚନ୍ଦ୍ର ବିଶି, ଶ୍ୟାମସୁନ୍ଦର ବଗର୍ତ୍ତି, ଦୁଆରୁ ତାଣ୍ଡି, ମଦନ ମହତ, ସୁଧିର ବେହେରା, ଶରତ ପାତ୍ର, କ୍ଷମା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ।

ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଆଲୋଚନାଚକ୍ର

ପୁଇଁତଲା,୨୧।୮(ଡି.ଏନ.ଏ.)

ପୁଇଁନ୍ତଲା ବ୍ଲକ ଛତପିପଲ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଚତୁର୍ଥ ଔଦ୍ଯୋଗିକ କ୍ରାନ୍ତି, ଆମେ ପ୍ରସ୍ତୁତ କି ଶୀର୍ଷକ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭାଗିରଥି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ଜୟକୃଷ୍ଣ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ନବମ ଓ ଦଶମ ଶ୍ରେଣୀରୁ ୩୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ପ୍ରତିଯୋଗିତାରେ କୁମାରୀ

ଅନ୍ୟର ମତ ପ୍ରତି ଯାହାର ଆଦୌ ସମ୍ମାନ ନାହିଁ, ତା'ଠାରୁ ବଳି ନିର୍ବୋଧ ଆଉ କିଏ ଅଛି।
- ଚାର୍ଲସ ବକ୍

ସଂକ୍ଷେପରେ

କେବୁଲ ବୋଝେଇ ଟ୍ରକ୍ ଓଲଟିଲା, ଜଣେ ମୃତ

ବଲାଙ୍ଗୀର ଅଫିସ, ୨୧।୮: ପୁଇଁନ୍ତଲା ଥାନା ୫୭ନମ୍ବର ଜାତୀୟ ରାଜପଥରେ ରଣ୍ଡା ପେଟ୍ରୋଲ ପମ୍ପ ପାଖରେ ଏକ କେବୁଲ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଓଲଟି ପଡିଥିବା ଟ୍ରକ୍‌ଟି ତାମିଲନାଡୁର ଏବଂ ମୃତ ଯୁବକ ଜଣକ ଟ୍ରକ୍‌ରେ ହେଲପର ଥିବା ଜଣାପଡିଛି । ପୁଇଁନ୍ତଲା ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ତଳେ ଚାପି ହୋଇଥିବା ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି ।

ଦୁଇ ଟ୍ରକ ମୁହାଁମୁହିଁ ଧକ୍କା, ଜଣେ ମୃତ

ବଲାଙ୍ଗୀର ଅଫିସ, ୨୧।୮: ପୁଇଁନ୍ତଲା ଥାନା ଅନ୍ତର୍ଗତ ଜାମସର ଗାଁ ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ରାତିରେ ଏକ ମିନିଟ୍ରକ୍ ଓ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦୁଇଜଣ ଅଧାବାଟରୁ ମିନିଟ୍ରକ୍‌ରେ ଲିଫ୍ଟ ମାଗି ଆସୁଥିଲେ । ମୃତ୍ୟୁବରଣ କରିଥିବା ଯୁବକ ଜଣକ ମିନିଟ୍ରକ୍‌ର ଡ୍ରାଇଭର ବୋଲି କୁହାଯାଇଥିଲେ ମଧ୍ୟ ତାଙ୍କର ପରିଚୟ ସ୍ପଷ୍ଟ ହୋଇନାହିଁ । ପୁଇଁନ୍ତଲା ଥାନା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚିଛନ୍ତି। ମିନିଟ୍ରକରେ ଚାପି ହୋଇଯାଇଥିବା ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରିବାକୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ୟମ କରୁଛନ୍ତି । ବେପରୁଆ ଗାଡି ଚାଳନା ଯୋଗୁଁ ବଲାଙ୍ଗୀର ଆଖପାଖ ଅଞ୍ଚଳରେ ଦିନକୁ ଦିନ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ବଢ଼ିବାରେ ଲାଗିଛି ।

ସ୍ମୃତି ବାଣ୍ଟିଲେ ପୁରାତନ ଛାତ୍ର

ଟିଟିଲାଗଡ଼, ୨୧।୮(ଡି.ଏନ.ଏ.): ଟିଟିଲାଗଡ ବାଳକ ହାଇସ୍କୁଲର ୧୯୬୬ ବ୍ୟାଚ ମାଟ୍ରିକ ଛାତ୍ର ତଥା ଶିକ୍ଷକ ସ୍ଥାନୀୟ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଭେଟ୍‌ଘାଟ ହୋଇଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ଜିଲା ଶିକ୍ଷାଧୀଶ ହରପ୍ରସାଦ ରଥ, ହୃଶିକେଶ ମିଶ୍ର, ଜୟକୃଷ୍ଣ ମିଶ୍ର, ନାରାୟଣ ସାହୁ, ରାମପ୍ରସାଦ ଅଗସ୍ତି, ଶ୍ୟାମସୁନ୍ଦର ଉଦଗାତା, ଶଙ୍କର ପ୍ରସାଦ ହୋତା ପ୍ରମୁଖ ଅବସରପ୍ରାପ୍ତ ଗୁରୁଜୀ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଇହଧ୍ୟାମ ତ୍ୟାଗ କରିଥିବା ସାଙ୍ଗ ଏବଂ ଗୁରୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାକ୍ତନ ଛାତ୍ରଙ୍କ ପକ୍ଷରୁ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାକ୍ତନ ଛାତ୍ର ବୈଦ୍ୟନାଥ ପ୍ରସାଦ ସାହୁ, ବିଶ୍ୱନାଥ ସାହୁ, ଭୁଧର ମାଝୀ, ବୃନ୍ଦାବନ ବେହେରା, ବିଷ୍ଣୁ ଚରଣ ବେହେରା, ଗଣେଶ ରାଉତ, ଗୌରହରି ଠାକୁର, ପ୍ରଫେସର ଜ୍ଞାନଚନ୍ଦ ଇନ୍ଦୋରିଆ, ଗୁଲାବ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେମାନେ ଛାତ୍ର ଜୀବନର ସ୍ମୃତି ଓ ଅନୁଭୂତିକୁ ମନେ ପକାଇଥିଲେ।

ଦେଓଗାଁ ବ୍ଲକରେ ଚେକ୍‌ଡ୍ୟାମ ଦୁର୍ନୀତି

ନିର୍ମାଣ ନ କରି ଅର୍ଥ ଉଠାଣ

ଦେଓଗାଁ,୨୧।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଚେକ୍‌ଡ୍ୟାମ ନିର୍ମାଣ ଦୁର୍ନିତିର ଗୁମର ଫିଟିବାରେ ଲାଗିଛି । ଏହି ବ୍ଲକ ଲଣ୍ଡାପଥର ପଞ୍ଚାୟତ ଝିକେରମାଲ ଗାଁ ଶେଷମୁଣ୍ଡରେ ରହିଛି ବରାହମରା ନାଳ । ଏହି ନାଳରେ ୨୦୧୫-୧୬ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଟିଏ ଚେକ୍‌ଡ୍ୟାମ ନିର୍ମାଣ ଆରମ୍ଭ କରାଯାଇଥିଲା । ହେଲେ କେବଳ ମେଟାଲିଂ କାମ ସାରିଦେଇ ବ୍ଲକ ପ୍ରଶାସନ କାମକୁ ଅଧାରୁ ବନ୍ଦ କରି ଦେଇଥିଲା। ଫଳରେ ସ୍ଥାନୀୟ ଚାଷୀଙ୍କ ଆଶା କେବଳ ଆଶାରେ ରହିଯାଇଥିଲା । ଅନେକ ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଉକ୍ତ ଚେକଡ୍ୟାମର ସ୍ଥିତି ଉପରେ ଧ୍ୟାନ ଦେଇ ନ ଥିଲା । ଏବେ ଉକ୍ତ ଚେକ୍‌ଡ୍ୟାମ ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି । ସେ ସମୟରେ ନିର୍ମାଣ କାମରେ କାର୍ଯ୍ୟରତ ଜନୈକ ମିସ୍ତ୍ରୀଙ୍କ କହିବାନୁସାରେ ନାଳା ତଳସ୍ତରରେ କିଛି ମେଟାଲିଂ କରି କାମକୁ ଆଧଆପନ୍ତରିଆ ଛାଡି ଦିଆଯାଇଥିଲା। କାମ ସରି ନ ଥିବା ବେଳେ ବିଲ୍ କରି ଅର୍ଥ ଉଠାଇ ନିଆଯାଇଛି। ଅପରପକ୍ଷରେ ବିଲ୍ ଉଠାଯାଇଥିବା ବେଳେ କାମ କରିଥିବା ମିସ୍ତ୍ରୀ ଓ ଶ୍ରମିକଙ୍କ ଅଧା ମଜୁରି ମଧ୍ୟ ଦିଆ ଯାଇ ନଥିବା କହିଛନ୍ତି ଉକ୍ତ ମିସ୍ତ୍ରୀ । ଏବେ ଉକ୍ତ ସ୍ଥାନରେ କେବଳ ଦିଶୁଛି ଆଠ ଗୋଟି ଲୁହା ଛଡ ମାତ୍ର । ଏହି ଚେକଡ୍ୟାମ ନିର୍ମାଣ ହୋଇ ନ ପାରିବାରୁ ଚାଷଜମିରେ ବ୍ୟାପକ କ୍ଷତି ହେଉଥିବା ସ୍ଥାନୀୟ ଚାଷୀ ଚକାମନ କୁମ୍ଭାର, ସୁନ୍ଦର ସାହୁ, ମାଖନୁ ଦୀପ, ଆନନ୍ଦ ଦୀପ, ବିହାରୀ ଦୀପ ପ୍ରମୁଖ ଅଭିଯୋଗ କରିଛନ୍ତି। ବ୍ଲକସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଉକ୍ତ ଚେକ୍‌ଡ୍ୟାମରେ କାମ କରାଯାଇଛି ବୋଲି ଶ୍ରମିକମାନଙ୍କ ପାଉଣା ବାବଦକୁ ୬୬ ହଜାର ୫୨୮ ଟଙ୍କା ଓ ଉପକରଣ ବାବଦକୁ ୧ଲକ୍ଷ ୩୫ ହଜାର ୯୫୨ ଟଙ୍କା ଉଠାଯାଇଛି । ଏ ନେଇ ବର୍ତ୍ତମାନ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ନାଏକକୁ ପଚାରିବାରୁ ଚେକ୍‌ଡ୍ୟାମ ନିର୍ମାଣ ହୋଇପାରି ନାହିଁ। କିଛି ବିଲ ହୋଇଛି, କିନ୍ତୁ ଏବେ ସେହି କାର୍ଯ୍ୟର ଫାଇଲ ମିଳୁନି ବୋଲି ସେ କହିଛନ୍ତି । ବ୍ଲକ କାର୍ଯ୍ୟାଳୟରେ ଯଦି ଫାଇଲ ହଜିବ ତେବେ ଦାୟୀ କିଏ ରହିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏବେ ଉକ୍ତ ଗାଁର ଚାଷୀଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳିଛି । ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ପଚାରିବାରୁ ତଦନ୍ତରେ ତ୍ରୁଟି ପରିଲକ୍ଷିତ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ବୋଲି କହିଥିଲେ ।

ଝିକେରମାଲ ବରାହମରା ନାଳାରେ ଚେକ୍‌ଡ୍ୟାମ ନିର୍ମାଣ ନାଁରେ କେବଳ ଲୁହାରଡ ଲଗାଯାଇଛି ।

- ବ୍ୟୟ ଅଟକଳ ଥିଲା ୬ଲକ୍ଷ, ଉଠିଛି ୨ଲକ୍ଷରୁ ଊର୍ଦ୍ଧ୍ୱ
- ଯୋଜନାର ସୁଫଳ ପାଇ ପାରୁନି ଚାଷୀ
- ବ୍ଲକରୁ ଫାଇଲ ଗାଏବ



ସେମଫୋର୍ଡ ସ୍କୁଲରେ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ସାକ୍ଷରତା ଅଭିଯାନରେ ମଞ୍ଚାସୀନ ଅତିଥି ।

ଜଳବାୟୁ ପରିବର୍ତ୍ତନ ସାକ୍ଷରତା ଅଭିଯାନ

ବଲାଙ୍ଗୀର ଅଫିସ, ୨୧।୮

ବଲାଙ୍ଗୀର ଖର୍ଲିକାନୀସ୍ଥିତ ସେମଫୋର୍ଡ ସ୍କୁଲ ପରିସରରେ ମଙ୍ଗଳବାର ନାବାର୍ଡ ପକ୍ଷରୁ ଜିଲାସ୍ତରୀୟ ଜଳବାୟୁ ପରିବର୍ତ୍ତନ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ସମୀର କୁମାର ଶତପଥୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପକୃଷି ନିର୍ଦ୍ଦେଶକ ଶ୍ରୀଧର ଦାସ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଆଶିଷ ଦାସ, ଜଳଛାୟା ପ୍ରକଳ୍ପର ଶାନ୍ତନୁ କୁମାର ପାତ୍ର, ଅରୁଣ କୁମାର ମହାନ୍ତି, ଉଦ୍ୟମ ଅନୁଷ୍ଠାନର ପ୍ରଦୀପ ମହାପାତ୍ର, ସେମଫୋର୍ଡ ଡାଇରେକ୍ଟର ନିଲମ ରଥ ଯୋଗଦାନ କରିଥିଲେ । ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ଜଙ୍ଗଲ ନଷ୍ଟ ହେବା, ଯାନବାହାନର ଅହେତୁକ ବୃଦ୍ଧି ଏବଂ ସହରାଞ୍ଚଳରେ କଂକ୍ରିଟ ଜଙ୍ଗଲର ସୃଷ୍ଟି ପ୍ରମୁଖ କାରଣ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବଲାଙ୍ଗୀର ଜିଲା ଏକ ମରୁଡି ପ୍ରପୀଡିତ ଜିଲା ଭାବେ ପରିଚିତ । ଏଠାରେ ଜଳ ସଂରକ୍ଷଣ ଓ ଜଙ୍ଗଲ ସୁରକ୍ଷା ସବୁଠୁ ବଡ କାମ ବୋଲି ବକ୍ତାମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ନାବାର୍ଡର ବନ୍ଧୁ ଅନୁଷ୍ଠାନ ୱାଇସିଡିଏ, ବିକେପିସିଏଲ୍, ଆର୍‌ସିଡିସି, ଲୋକଦୃଷ୍ଟ, ଚକାଡୋଲା, ରିହାଇ, ଦେବଦର୍ଭ କ୍ଲବ, ଆଶା, ଜଙ୍ଗଲାଥ ସାସ୍କୃତିକ ସଂଗଠନ, ଏଫ୍‌ପିଓ ଆଦି ଅନୁଷ୍ଠାନର ପ୍ରତିନିଧି ସହିତ ଭିଏସ୍‌ସ୍‌ର ସଭ୍ୟମାନେ ଯୋଗଦାନ କରିଥିଲେ । ନାବାର୍ଡ ଡିଡିଏମ୍ ତପନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଜିତ୍ ବସ୍ତିଆ ଧନ୍ୟବାଦ ଦେଇଥିଲେ। ସଭା ପରେ ସ୍କୁଲ ପରିସରରେ ଅତିଥିମାନେ ବୃକ୍ଷରୋପଣ କରିଥିଲେ ।

ଓଏସ୍‌ଆର୍‌ଟିସି କର୍ମଚାରୀଙ୍କ ଧର୍ମଘଟ ଆରମ୍ଭ

ବଲାଙ୍ଗୀର ଅଫିସ, ୨୧।୮

ଓଡିଶା ରାଜ୍ୟ ସଡକ ପରିବହନ ନିଗମ(ଓଏସ୍‌ଆରଟିସି) କର୍ମଚାରୀଙ୍କ ୩ଦିନିଆ ଧର୍ମଘଟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଓଏସ୍‌ଆରଟିସି ବଲାଙ୍ଗୀରର କର୍ମକର୍ତ୍ତାମାନେ ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଧାରଣା ଦେଇଥିଲେ। ଓଏସ୍‌ଆରଟିସିର ସମସ୍ତ ଠିକା କର୍ମଚାରୀଙ୍କୁ ନିୟମିତ କରିବା, ସୁପ୍ରମିକୋର୍ଟଙ୍କ ଆଦେଶ ମୁତାବକ ସମାନ କାମକୁ ସମାନ ଦରମା ପ୍ରଦାନ କରିବା, କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ବ୍ୟବସ୍ଥା ଲାଗୁ କରିବା ଓ କର୍ମଚାରୀଙ୍କ ଉପରେ ବେଆଇନ୍ ଭାବେ ରାତିଅଧିଆ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଦାବି ନେଇ କର୍ମଚାରୀମାନେ ଧାରଣା ଦେଇଥିଲେ । ଉପରୋକ୍ତ ଦାବିଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଥିଲା । ଓଏସ୍‌ଆରଟିସି ଠିକା କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ଚାକିରି କଲା ପରେ ମଧ୍ୟ ସେମାନଙ୍କୁ ଉଚିତ୍‌ଦରମା ଦିଆଯାଉନଥବା ଏବଂ ସେମାନଙ୍କ ଚାକିରୀ ନିୟମିତ କରାଯାଉ ନ ଥିବାରୁ କର୍ମଚଚାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ୩ଦିନ ଧରି ଧର୍ମଘଟ ଡାକରା ଦିଆଯିବା ପରେ ସରକାରୀ ବସ ଯୋଗାଯୋଗ ଠପ୍ ହୋଇପଡିଥିବା ଜଣାପଡିଛି । ଓଡିଶା ରାଜ୍ୟ ସଡକ ପରିବହନ ନିଗମ କର୍ମଚାରୀ ସଂଘ ସଭାପତି ଆଡଭୋକେଟ୍ ଅମନ ନାଗଙ୍କ ନେତୃତ୍ୱରେ କର୍ମଚାରୀମାନେ ଧାରଣାରେ ବସିଥିଲେ ।

ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଓଏସ୍‌ଆରଟିସି କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

■ ବିଦ୍ୟୁତ୍ ଆଘାତରେ ଯୁବକ ମୃତ

କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

ଖପ୍ରାଖୋଲ/ପାଟଣାଗଡ, ୨୧।୮ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲରମ୍ଭା ଥାନା ତଥା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ କିରାବାହାଲ ଗାଁରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁରଲୀ ବରିହା(୩୫)। ଗତ୧୫ତାରିଖରୁ ତାର ବିପଜ୍ଜନକଭାବେ ଓହଳି ରହିଥିବା ବେଳେ ବିଦ୍ୟୁତ୍ ବିଭାଗ ଏନେଇ କୌଣସି ପଦକ୍ଷେପ ନ ନେବାରେ ଏପରି ଦୁର୍ଘଟଣା ଘଟି ଏକ ଅମୂଲ୍ୟ ଜୀବନ ଗଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କ୍ଷତିପୂରଣ ଦାବି କରି ପରିବାର ଲୋକଙ୍କ ସହିତ ସେମାନେ ମୃତଦେହ ରଖି ପାଟଣାଗଡ-ପଦ୍ମପୁର ରାସ୍ତାର ଗୌଡପାଲିଠାରେ ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରର ଜଣଙ୍କୁ ବିଦ୍ୟୁତ ବିଭାଗରେ ଚାକିରି, ଦୁଇ ପିଲାଙ୍କ ପାଠପଢା ଖର୍ଚ୍ଚ ବହନ ଓ ନିକଟ ସମ୍ପର୍କୀୟଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ଖବର ପାଇ ପାଟଣାଗଡ ଏସ୍‌ଡିପିଓ ଶେଷଦେବ ବରିହା, ଲରମ୍ଭା ଥାନା ଅଧିକାରୀ କିଶୋର ଚନ୍ଦ୍ର ପଧାନ, ପାଟଣାଗଡ ଇଲେକ୍ଟ୍ରିକାଲ ଏସଡିଓ ରାମଚନ୍ଦ୍ର ମେହେର, ଖପ୍ରାଖୋଲ ବିଦ୍ୟୁତ ବିଭାଗ ସେକ୍ସନ ଅଫିସର ପବିତ୍ର କୁମାର ବିଶ୍ୱାଳ, ପାଟଣାଗଡ ଅସିଷ୍ଟାଣ୍ଟ କଲେକ୍ଟର ପଦ୍ମନାଭ ପୁରୋହିତ, ଖପ୍ରାଖୋଲ ତହସିଲଦାର ମୋତିଲାଲ ସୁଲିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ କାରୀଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା, ବିଦ୍ୟୁତ ବିଭାଗ ତରଫରୁ ୧ଲକ୍ଷ ଟଙ୍କା, ପରିବାର ଜଣକୁ ବିଦ୍ୟୁତ୍ ବିଭାଗରେ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଅଧିକାରୀମାନେ। ଏଥି ସହିତ ସ୍ଥାନୀୟ ପଞ୍ଚାୟତ ତରଫରୁ ଅନ୍ତିମ ସଂସ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ତହାଳ ପ୍ରଦାନ କରାଯାଇଥିଲା। ଏହାପରେ ଅପରାହ୍ନରେ ୪ଟାରୁ ଆରମ୍ଭ ହୋଇଥିବା ରାସ୍ତାରୋକୋ ରାତି ୮ଟା୩୦ରେ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଲୁହାସିଂହା ସରପଞ୍ଚ ରଞ୍ଜିତା ସୁନା, ଲଲିତ ସୁନା, କୃଷ୍ଣଚନ୍ଦ୍ର ଠାକୁର, କନ୍ଦର୍ପ ସୁଆର, ଅଦିବାସୀ କଲ୍ୟାଣ ସଂଘର କର୍ମକର୍ତ୍ତା ପ୍ରମୁଖ।

ସୂଚନା ଅନୁସାରେ କିରାବାହାଲ ଗାଁର ମୁରଲୀ ବରିହା ମଧ୍ୟାହ୍ନରେ ଗାଧୋଇବାକୁ ଯାଉଥିବା ବେଳେ ଗାଁ ପାଖରେ ବହି ଯାଉଥିବା ସୁକତେଲ ନଦୀ ପାଖରେ ବିଦ୍ୟୁତ ତାର ଛିଣ୍ଡି ପଡିଥିବା ବେଳେ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ନଈରେ ଗାଧୋଉଥିବା ଲୋକେ ଏହା ଦେଖି ଲରମ୍ଭା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର ସହିତ ପଞ୍ଚନାମା କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକ ଉତ୍ତେଜିତ ହେବା ସହ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଲା ବୋଲି ଅଭିଯୋଗ କରିଥିଲେ। ଗତ ଏକ ସପ୍ତାହ ଧରି ତାର ଓହଳି ପଡିଥିବା ଖବର ପାଇବା ପରେ ମଧ୍ୟ ବିଭାଗ ପକ୍ଷରୁ ଏହାକୁ ସଜଡା ଯାଇ ନ ଥିଲା ସେମାନେ କହି ରାସ୍ତା ଅବରୋଧ କରିଥିଲେ।



ପାଟଣାଗଡ-ପଦ୍ମପୁର ରାସ୍ତାର ଗୌଡପାଲିଠାରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି ।

୧୯୭୬ ବ୍ୟାଚ୍ ପକ୍ଷରୁ ମେଧା ସମ୍ମାନ

ବଲାଙ୍ଗୀର ଅଫିସ,୨୧।୮

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲଠାରେ ୧୯୭୬ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ତରଫରୁ ମେଧା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ତଥା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀଙ୍କ ଉପସ୍ଥିତିରେ ଚଳିତବର୍ଷ ଆଦର୍ଶପଡାର ଆଶୁତୋଷ ମିଶ୍ରଙ୍କୁ ହାଇସ୍କୁଲ ଟପ୍ପର ରୂପେ ମାନପତ୍ର, ସିଲ୍‌ଡ ଏବଂ ନଗଦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ରାମଗୋପାଳ ଖମାରୀ ଶର୍ମା ମାନପତ୍ର ପଠନ କରିଥିଲେ । ୧୯୭୬ ବ୍ୟାଚ୍ ତରଫରୁ କମଳ ଚକ୍ରବର୍ତ୍ତୀ, ପ୍ରସନ୍ନ କୁମାର ମିଶ୍ର, ଗୋପାଳ କର ମାନପତ୍ର, ସିଲଡ୍ ଓ ପୁରସ୍କାର ପ୍ରଦାନ କରିଥିଲେ । ସମ୍ବର୍ଦ୍ଧନା ସଭାରେ ତରୁଣ କୁମାର ମିଶ୍ର ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଉତ୍ସାହିତ କରିଥିଲେ । ଶିକ୍ଷକ ବିକାଶ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ବାବାଜୀ ସାହୁ, ସଞ୍ଜୀବ ବହିଦାର ସହଯୋଗ କରିଥିଲେ । ବିଦ୍ୟାଳୟ ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ ଛାତ୍ର ଉପସ୍ଥିତ ଥିଲେ ।

୧୯୭୬ ମାଟ୍ରିକ୍ ବ୍ୟାଚ୍ ପକ୍ଷରୁ ହାଇସ୍କୁଲ ଟପ୍ପର ଛାତ୍ରଙ୍କୁ ସମ୍ମାନିତ କରାଯାଉଛି ।

■ ଥାନାରେ ନ୍ୟାୟ ମିଳିଲାନି

ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ବଲାଙ୍ଗୀର ଅଫିସ, ୨୧।୮

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଲୁଥୁରବନ୍ଧ ଗାଁର ଜଣେ ଦିବ୍ୟାଙ୍ଗ ନାବାଳକଙ୍କୁ ଅପହରଣ କରାଯିବାର ୨୫ ଦିନ ପରେ ମଧ୍ୟ ପୋଲିସ କୌଣସି ସୁରାକ୍ ନ ପାଇ ନାହିଁ। ଏ ନେଇ ଅସନ୍ତୋଷ ପ୍ରକାଶ କରି ଲୁଥୁରବନ୍ଧ ଗ୍ରାମବାସୀ ମଙ୍ଗଳବାର ବଲାଙ୍ଗୀର ଆସି ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଦୀର୍ଘ ୨୫ଦିନ ହେଲା ତଦନ୍ତ ନାଁରେ ଟିଟିଲାଗଡ ଥାନା ପୋଲିସ ସମୟ ଗଡାଉଛି ବୋଲି ସେମାନେ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଗତ ଜୁଲାଇ ୨୭ତାରିଖ ରାତିରୁ ଲୁଥୁରବନ୍ଧ ଗାଁର ଗୁପ୍ତ ବାଗ ତାଙ୍କ ଦିବ୍ୟାଙ୍ଗ ପୁଅ ଡୁଲେଶ(୧୫)ଙ୍କୁ ଅପହରଣ କରିନେଇଥିବା ଟିଟିଲାଗଡ ଥାନାରେ ଅଭିଯୋଗ କରିଥିଲେ। ଡୁଲେଶଙ୍କ ଜଣେ ସମ୍ପର୍କୀୟ କାକା ଟିକେ ବାଗ ଅପହରଣ କରି ନେଇଥିବା ଅଭିଯୋଗ ପରେ ପୋଲିସ ଟିକେଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ତେବେ ୩ ଦିନ ପରେ ଅଭିଯୁକ୍ତ ଜାମିନରେ ଆସିଥିଲେ । ଅପହରଣ ହେବା ପରଠାରୁ ଡୁଲେଶଙ୍କ କୌଣସି ପତ୍ତା ମିଳିନାହିଁ । ଅପହରଣ ହୋଇଥିବା ଡୁଲେଶ ଭଲ କ

ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ

ସଂକ୍ଷେପରେ

ଟ୍ରେନ ଧକ୍କାରେ ଯୁବକ ମୃତ

ଝାରସୁଗୁଡା ଅଫିସ/କିର୍ମିରା, (ଡି.ଏନ୍.ଏ)୨୧।୮ - ଝାରସୁଗୁଡା ଜିଲା କର୍ମିରା ବ୍ଲକର ଧୁତ୍‌ରା-ଅଲଟ୍ରାଟେକ୍ ଲେବଲକ୍ରସିଂ ନିକଟରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ମାଲବାହୀ ଟେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ଝାରସୁଗୁଡା ଜିଆରପି ପୋଲିସ ମୃତଦେହ ଉଦ୍ଧାର କରିଛି। ମୃତଦେହକୁ ଜିଲା ହସ୍ପିଟାଲ ଶବ ସଂରକ୍ଷଣ ଗୃହରେ ରଖାଯାଇଛି।

ମହିମା ଆଶ୍ରମରେ ଅଖଣ୍ଡ ଯଜ୍ଞ ଓ ନବାନ୍ନ ଭକ୍ଷଣ ଉତ୍ସବ

ବେଲପାହାଡ଼,୨୧।୮(ଡ଼ି.ଏନ୍.ଏ)- ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ଡେଣ୍ଡୁଳିଆବାହାଲ ସ୍ଥିତ ବାବା ମଠ ତଥା ମହିମା ଆଶ୍ରମରେ ସୋମବାର ବିଶ୍ୱଶାନ୍ତି ପାଇଁ ଅଖଣ୍ଡ ବ୍ରହ୍ମଧୂନି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଶୁକ୍ଳପକ୍ଷ ଦଶମୀ ତିଥିରେ ଅଲେଖ ଧର୍ମର ସାଧୁ ସମାଜର ନବାନ୍ନ ଭକ୍ଷଣ ଉତ୍ସବ ସମ୍ପନ୍ନ ହୋଇଛି। ଏହି ଅବସରରେ ସୋମବାର ସନ୍ଧ୍ୟାରେ ମଠ ଯଜ୍ଞ ମଣ୍ଡପରେ ସାଧୁ ସମାଜ ବ୍ରହ୍ମ ଧୂନି ସ୍ଥାପନା କରିଥିଲେ। ରାତି ସାରା ଭଜନ କୀର୍ତ୍ତନ କରିଥିଲେ। ମଙ୍ଗଳବାର ସକାଳେ ଯଜ୍ଞ ସମାପନ ହୋଇଥିଲା। ଏହା ପରେ ସାଧୁ ସମାଜ ଓ ଶ୍ରଦ୍ଧାଳୁମାନେ ଗୋଟିଏ ସ୍ଥାନରେ ବସି ନବାନ୍ନ ଭକ୍ଷଣ କରିଥିଲେ। ଯଜ୍ଞ ଓ ନବାନ୍ନ ଭକ୍ଷଣ ଉତ୍ସବ ମଠ ମୁଖ୍ୟ ସଂଚାଳକ ଶ୍ରୀମଦ ଶଙ୍କର ବାବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। କ୍ଷେତ୍ରବାସୀ ବାବା, ଯୋଗେଶ୍ୱର ବାବା, ବିଶେଶ୍ୱର ବାବା, ଇମାନି ବାବା, କ୍ଷୀର ବାବା, ବନମାଳି ବାବା, ତ୍ୟାଗୀ ସଞ୍ଜୟ ଦାସ, ଫକୀର ଦାସ, ସୁଦର୍ଶନ ଦାସ, ଆରତ ଦାସ, ଗୋପି ଦାସ, ଏକାଦଶିଆ ଦାସ, ଚେତନ ଦାସ ଓ ଖଲେନ୍ଦ୍ର ବାବା ଯଜ୍ଞ ଓ ନବାନ୍ନ ଉତ୍ସବରେ ଯୋଗ ଦେଇଥିଲେ । ଏମାନଙ୍କ ବ୍ୟତୀତ ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାରୁ ଆସିଥିବା ବହୁ ସାଧୁ ସନ୍ୟାସୀ ଏବଂ ଅଲେଖ ମହିମା ଧର୍ମକୁ ବିଶ୍ୱାସ କରୁଥିବା ଶ୍ରଦ୍ଧାଳୁ ଉତ୍ସବରେ ଯୋଗ ଦେଇଥିଲେ ।

ଶହେ କୋଟିରୁ ଊର୍ଦ୍ଧ୍ୱ କାଟିବାକୁ ଚାଲିଛି ମସୁଧା

ବରଗଡ଼ ଅଫିସ୍,୨୧।୮

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇ ପଡ଼ିଛି। ଇତିମଧ୍ୟରେ ୨୦୧୮ ଖରିଫ ଚାଷ କାର୍ଯ୍ୟ ଅଧାଅଧି ଶେଷ ହୋଇଥିଲେ ମଧ୍ୟ ଚାଷୀଙ୍କୁ ଏପର୍ଯ୍ୟନ୍ତ ୨୦୧୭ ଫସଲ କ୍ଷତିର ବୀମା କ୍ଷତିପୂରଣ ମିଳିପାରି ନାହିଁ। ଅନ୍ୟପଟେ ଚାଷୀଙ୍କଠାରୁ ପ୍ରତିବର୍ଷ ଫସଲ ଆରମ୍ଭରୁ ବାଧ୍ୟତାମୂଳକ ଭାବେ ବୀମା ପ୍ରିମିୟମ ଅସୁଲି କରାଯାଉଛି। ଏଭଳି ବୀମା ବିଭ୍ରାଟକୁ ନେଇ ଚାଷୀ ଜିଲାପାଳ ଓ ବୀମା ଅଫିସରୁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନର ତାତି ବରଗଡ଼ରୁ ଭୁବନେଶ୍ୱର ବ୍ୟାପିଛି । ତଥାପି ବୀମା ବିଭ୍ରାଟରେ କୌଣସି ସୁଧାର ଆସି ନାହିଁ। ଚାଷୀଙ୍କୁ ନିର୍ଦ୍ଧାରିତ ପରିମାଣରୁ କମ୍ କ୍ଷତିପୂରଣ ଆକଳନ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ପାଟକୁଲୁଣ୍ଡା, ବିଜେପୁର ବ୍ଲକ ଅନ୍ତର୍ଗତ ଚାରପାଲି ଏବଂ ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ମହୁଲପାଲି, କନସିଂହା, ସର୍ଗିବାହାଲ, ଜମରତଲା, ଟାଲ ଆଦି ପଞ୍ଚାୟତର ଶତାଧିକ ଚାଷୀ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପାଟକୁଲୁଣ୍ଡା ପଞ୍ଚାୟତର ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ୨୦୧୭ ଖରିଫ ଫସଲ ଚକଡ଼ା ରୋଗପୋକ ଉପଦ୍ରବ ଯୋଗୁ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ସେତେବେଳେ ବିଭାଗୀୟ ଅଧିକାରୀମାନେ କ୍ରପକଟିଂ କରି କ୍ଷୟକ୍ଷତି ଆକଳନ କରିଥିଲେ। ତେବେ କ୍ରପକଟିଂ ରିପୋର୍ଟ ଆଧାରରେ ପୂର୍ବରୁ ହେକ୍ଟର ପ୍ରତି ୪୪ହଜାର ୩୩୮ ଟଙ୍କା ଆକଳନ କରାଯାଇ ଥିବାବେଳେ ଏବେ ସେଥିରେ ଚଞ୍ଚକତା କରାଯାଇ ୨୨୦୦ ଟଙ୍କାକୁ ଖସାଇ ଦିଆଯାଇଛି। ସେହିପରି ବୀମା କ୍ଷତିପୂରଣ ପ୍ରଦାନରୁ ଚାରପାଲି ପଞ୍ଚାୟତର ଚାଷୀମାନେ ବଞ୍ଚିତ ହୋଇଥିବା ଅଭିଯୋଗ ଆଣିଛନ୍ତି। ୨୦୧୭ ଖରିଫରେ ସେମାନଙ୍କ ଫସଲ ମଧ୍ୟ ଉଜୁଡ଼ି ଯାଇଥିଲା ଏବଂ କ୍ଷୟକ୍ଷତି ଆକଳନ କରାଯାଇଥିଲା। ମାତ୍ର ଏବେ କ୍ଷତିପୂରଣ ପ୍ରଦାନ ବେଳେ ତାଙ୍କ ପଞ୍ଚାୟତକୁ ବାଦ୍ ଦିଆଯାଇଥିବା ଚାଷୀମାନେ କ୍ଷୋଭ ପ୍ରକାଶ କରିବା ସହ ପ୍ରତିବାଦ କରିଛନ୍ତି। ଚାରପାଲି ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କ ବୀମା କ୍ଷତିପୂରଣ ନ ଆସିବା ପର୍ଯ୍ୟନ୍ତ ବିଜେପୁର ସେବା ସମବାୟ ଅଧୀନରେ ରହିଥିବା ଅନ୍ୟ ପଞ୍ଚାୟତରେ ବଣ୍ଟନ କାର୍ଯ୍ୟ ବନ୍ଦ ରଖାଯାଉ ବୋଲି ସେମାନେ ଦାବି କରିଛନ୍ତି। ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ମହୁଲପାଲି, କନସିଂହା, ସର୍ଗିବାହାଲ, ଜମରତଲା, ଟାଲ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ମଧ୍ୟ ଫସଲକ୍ଷତି ମୁତାବକ ବୀମା କ୍ଷତିପୂରଣ ଆସି ନଥିବା ଅନୁରୂପ ଅଭିଯୋଗ ଆଣିଛନ୍ତି। କ୍ରପକଟିଂ ରିପୋର୍ଟ ପରେ ଯେଉଁ ବୀମା କ୍ଷତିପୂରଣ ଆକଳନ କରାଯାଇଥିଲା, ତାହାଠାରୁ ଯଥେଷ୍ଟ କମ୍ ବୀମା କ୍ଷତିପୂରଣ ଆସିଛି ଏବଂ ତାହା ଧର୍ମକୁ ଆଖିଠାର ଭଳି ଚାଷୀମାନେ କହିଛନ୍ତି। ଏହାର ତୁରନ୍ତ ସମାଧାନ କରି ଚାଷୀଙ୍କୁ ସେମାନଙ୍କ ହକ୍ ପ୍ରଦାନ କରିବା ପାଇଁ ଚାଷୀ ମହଲରେ ଦାବି ହୋଇଛି । ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ସଭାପତି ବାଞ୍ଛାନିଧି ନାୟକଙ୍କ ନେତୃତ୍ୱରେ ମହୁଲପାଲି, କନସିଂହା, ସର୍ଗିବାହାଲ, ଜମରତଲା, ଟାଲ ପଞ୍ଚାୟତର ଚାଷୀ ଓ ଚାରପାଲି ପଞ୍ଚାୟତର ଜୟଲାଲ ନାଏକ, ଦେବେନ୍ଦ୍ରନାଥ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ଅଫିସ ଆସିଥିଲେ । ସେହିପରି ପାଟକୁଲୁଣ୍ଡା ଗ୍ରାମର ନିମାଇଁ ପ୍ରଧାନ, ଟଙ୍କଧର ବନଛୁର, ଡାକ୍ତର ବଗର୍ତ୍ତୀଙ୍କ ନେତୃତ୍ୱରେ ଚାଷୀମାନେ ଆସିଥିବାବେଳେ ଜୟ କିସାନ ଆନ୍ଦୋଳନର ରମେଶ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶ ଥାଉକି, ଜିଲାରେ ହୋଇଥିବା ୨୦୧୭ ଖରିଫ ଫସଲ କ୍ଷତି ମୁତାବକ ଚାଷୀମାନେ ୭୩୪ କୋଟି ଟଙ୍କା ବୀମା କ୍ଷତିପୂରଣ ପାଇବା କଥା। ତେବେ ସବୁ ଚାଷୀଙ୍କଠାରୁ ଆଗତୁରା ବୀମା ପ୍ରିମିୟମ ଅସୁଲି କରିଥିଲେ ହେଁ ଏବେ ବୀମା କ୍ଷତିପୂରଣ ବେଳେ ନାନା ଆଳ ଦେଖାଇ ବୀମା କମ୍ପାନୀ ନିର୍ଦ୍ଧାରିତ ପରିମାଣରୁ କମ୍ ବୀମା କ୍ଷତିପୂରଣ ପ୍ରଦାନର ମସୁଧା ଚଳାଇଛି। ଶହେରୁ ଊର୍ଦ୍ଧ କୋଟି କମ୍ ବୀମା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ବୀମା କମ୍ପାନୀ ଉଦ୍ୟମ ଜାରି ରଖିଥିବା ବେଳେ ଏଥିପ୍ରତି ରାଜନୈତିକ ନେତାଙ୍କ ନୀରବତା ଏବଂ ପ୍ରଶାସନିକ ଉଦାସୀନତା ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କୁ ଆଚମ୍ବିତ କରିଛି।

ବୀମା ବିଭ୍ରାଟ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ।

ବରଗଡ଼ ଜିଲା

- ନିର୍ଦ୍ଧାରିତ ପରିମାଣରୁ କମ୍ କ୍ଷତିପୂରଣ ପ୍ରଦାନ
- କ୍ଷତିପୂରଣରୁ ବାଦ ପଡ଼ିଛନ୍ତି ଅନେକ ପଞ୍ଚାୟତ
- ରାଜନେତାଙ୍କ ନୀରବତା ନେଇ ବଢୁଛି ସନ୍ଦେହ

ରାଜ୍ୟବ୍ୟାପୀ ଓଏସଆରଟିସି କର୍ମଚାରୀଙ୍କ ଆନ୍ଦୋଳନ, ଯାତ୍ରୀସେବା ଠପ୍

ବରଗଡ଼ ଅଫିସ୍,୨୧।୮

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି)ରେ କାର୍ଯ୍ୟରତ କର୍ମଚାରୀମାନେ ମଙ୍ଗଳବାରରୁ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବସ୍ ଚଳାଚଳ ଓ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଥିବାରୁ ସରକାରୀ ବସ୍ ସେବା ଅଚଳାବସ୍ଥା ଦେଖାଦେଇଛି। ସରକାରୀ ବସଷ୍ଟାଣ୍ଡକୁ ଆସି ଯାତ୍ରୀମାନଙ୍କୁ ହଜହଜା ହେବାକୁ ପଡୁଛି। ଗୁରୁବାର ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରଖିବା ପାଇଁ ନିଖିଳ ଓଡ଼ିଶା ରାଜ୍ୟ ସଡ଼କ ପରିବହନ କର୍ମଚାରୀ ଆସୋସିଏଶନ ନିଷ୍ପତ୍ତି ନେଇଛି। ସମସ୍ତ ଠିକା କର୍ମଚାରୀଙ୍କୁ ନିୟମିତ କରିବା, ସୁପ୍ରିମକୋର୍ଟ ଆଦେଶ ମୁତାବକ ସମାନ କାମକୁ ସମାନ ଦରମା ପ୍ରଦାନ, କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଲାଗୁ କରିବା ଏବଂ କର୍ମଚାରୀଙ୍କ ଉପରେ ବେଆଇନଭାବେ ରାତିଅଧିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବନ୍ଦ କରାଯିବା ଦାବିରେ ଏହି ଆନ୍ଦୋଳନ ଚାଲିଛି । ବରଗଡ଼ ସରକାରୀ ବସଷ୍ଟାଣ୍ଡ ମୁଖ୍ୟ ଫାଟକରେ ବସ କର୍ମଚାରୀମାନେ ତାଲା ପକାଇ ଦେବା ସହିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଆର.ଏନ ମହାରାଜ, ଗୁଣନିଧି ପ୍ରଧାନ, ସି.ଆର ଦାଶ, ଅନନ୍ତ ପ୍ରଧାନ, ଅକ୍ରୂର ବାଗ, ଜୀବର୍ଦ୍ଧନ ହାତୀ ପ୍ରମୁଖ ଏଥିରେ ସାମିଲ ଅଛନ୍ତି ।

ଦ୍ୱିତୀୟ ବାଟାଲିୟନ ପଡ଼ିଆରେ କବାଡି ପ୍ରତିଯୋଗିତା ଚାଲିଛି।

କୃତ୍ରିମ ପାଉଁଶ ପୋଖରୀରେ ପଡିଲା ଗାଈ

ଝାରସୁଗୁଡା ଅଫିସ,୨୧।୮

କାରଖାନାରୁ ନିର୍ଗତ ଫ୍ଲାଏ ଆସ୍(ପାଉଁଶ) କୁପରିଚାଳନାର ପରିଣତି ଝାରସୁଗୁଡାରେ ଦେଖିବାକୁ ମିଳିଛି। ରାସ୍ତାକଡରେ ଜମା ହୋଇଥିବା ଫ୍ଲାଏ ଆସ୍ ବର୍ଷାପାଣି ସଂସ୍ପର୍ଶରେ ଆସିପଶୁପକ୍ଷୀଙ୍କ ପାଇଁବିପଦର କାରଣ ହୋଇଛି। ସୋମବାର ତାଲପଟିଆ ଠାରେ ଜମା ହୋଇଥିବା ତରଳ ପାଉଁଶ ଭିତରକୁ ଏକ ଗାଈ ପଶିଯାଇଥିଲା। କୃତ୍ରିମ ପାଉଁଶ ପୋଖରୀରେ ପଡି ଗାଈଟି ଛଟପଟ ହେଉଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଓଡ୍ରାଫ୍ କର୍ମଚାରୀ ଗାଈକୁ ଉଦ୍ଧାର କରିଥିଲେ। ଏହାକୁ କେନ୍ଦ୍ରକରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଶିଳ୍ପରୁ ନିର୍ଗତ ପାଉଁଶର କୁପରିଚାଳନା ଯୋଗୁ ଲୋକ ବର୍ଷ ତମାମ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ରାସ୍ତାକଡରେ ଫ୍ଲାଏ ଆସ ଜମା ଯୋଗୁ ଖରାଦିନେ ଏହା ଉଡୁଥିବା ବେଳେ ବର୍ଷଦିନେ ପାଣି ପଡି ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି। ସମାନ କାରଣ ଯୋଗୁ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ତାଗିଦ୍ କରାଯାଉଥିଲେ ମଧ୍ୟ ପରିସ୍ଥିତି ସୁଧୁରୁନି। ଗତବର୍ଷ ତାଲପଟିଆଠାରେ ଏକ ଘରୋଇ ଜମିରେ ପାଉଁଶ ଜମା କାରଣରୁ ଥାନାରେ ମାମଲା ରୁଜୁ ହୋଇଥିଲା, ଠିକାସଂସ୍ଥାର ଗାଡି ଜବତ ହୋଇଥିଲା ଏବଂ କର୍ମଚାରୀ ଗିରଫ ହୋଇଥିଲେ।

ତାଲପଟିଆ ଠାରେ ପାଉଁଶ ପୋଖରୀରେ ପଡିଛି ଗାଈ।

■ ଜିଲାସ୍ତରୀୟ କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟନ

ଆଜି ଟିମ୍ ମନୋନୟନ

ଝାରସୁଗୁଡା ଅଫିସ,୨୧।୮

ଝାରସୁଗୁଡା ଜିଲାସ୍ତରୀୟ କବାଡି ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ପଡିଆରେ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟକୁ ବାଟାଲିୟନ କମାଣ୍ଡାଣ୍ଟ ଏମଡି. ଜାହିଦ୍ ଉଦ୍‌ଘାଟନ କରିଥିଲେ। ଉଭୟ ବାଳିକା ଏବଂ ବାଳକ ବିଭାଗର ୧୯ ବର୍ଷରୁ କମ୍ ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ଜିଲାର ୧୫ଟି ସ୍କୁଲ ସମେତ ବ୍ଲକ୍ ଓ ପୌରାଞ୍ଚଳରୁ ୪ଶହରୁ ଅଧିକ ପ୍ରତିଯୋଗୀଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ଆଜିର ପ୍ରତିଯୋଗିତାରୁ ସମସ୍ତ ବର୍ଗ ପାଇଁ ଜିଲାସ୍ତରୀୟ ଟିମ୍ ଚୟନ କରାଯିବ ବୋଲି ଜିଲା କ୍ରୀଡା ସଂଘ ତରଫରୁ ସୂଚନା ଦିଆଯାଇଛି। ଜିଲା କ୍ରୀଡାସଂଘର ତାପସ ରାୟଚୌଧୁରୀ, ଗଣେଷ ନାୟକ, ବିଜୟ ବେହେରା, ମନୋଜ ଦାସ, ମୁନା ମହାନ୍ତି, ଜୀବନ ମହାନ୍ତି, ବିଜୟ ଦାସ, ଉପଦୁର୍ଗପତି ଆଶିଷ ଦୁବେ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଜୁନିୟର କବାଡି ପ୍ରତିଯୋଗୀଙ୍କୁ ରମେଶ ପଟେଲ, ଅମିତା ପ୍ରଧାନ, ଶିତଳ ଗୁଡୁମ ଏବଂ ବିଭିନ୍ନ ସ୍କୁଲରୁ ଆସିଥିବା ଖେଳ ଶିକ୍ଷକମାନେ ପରିଚାଳନା କରିଥିଲେ। ଓଡିଶାର ପୂର୍ବତନ କବାଡି ଖେଳାଳି ସୁଧିର କୁମାର ପତି, ଶଙ୍କର ପଟେଲ ଖେଳାଳି ମନୋନୟନ କମିଟିରେ ରହିଛନ୍ତି।

ଫାଟୁଆ ରୋଗ, ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

■ କମୁଛି କ୍ଷୀର, ଚିନ୍ତାରେ ଦୁଗ୍ଧ ଚାଷୀ

ଅତାବିରା,୨୧।୮(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରାରେ ଫାଟୁଆ ରୋଗ ବ୍ୟାପିବାରେ ଲାଗିଛି। ଶତାଧିକ ଦୁଧିଆଳି ଗାଈ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରୋଗକୁ ପ୍ରତିହତ କରିବା ପାଇଁ ପ୍ରତିଷେଧକ ଟୀକା ଦିଆଯାଇଥିଲେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାରୁ ଦୁଗ୍ଧ ଚାଷୀମାନେ ଭାଳେଣୀରେ ପଡ଼ିଛନ୍ତି। ଦିନକୁ ଦିନ କ୍ଷୀର କମିବାରେ ଲାଗିଛି। ଭେଡେନ ବ୍ଲକ ବାଦୀ, ଭାଙ୍ଗୁଦ, ବୁଦେଲବାହାଲି, ରୁକ୍ଷୁଡା, ଟାଙ୍ଗରପାଲି, ଅତାବିରା, ଜାଙ୍ଗେଡ, ପାହାଡିଶ୍ରୀଗିଡା ଆଦି ଅଞ୍ଚଳରେ ଫାଟୁଆ ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ପୂର୍ବରୁ ବଇପୁର, ଇଚ୍ଛାପୁର, କୁରୁଆଁ, ପାତରପାଲି, ଉଦେପୁର ଆଦି ଅଞ୍ଚଳରେ ଅଜଣା ରୋଗରେ ଗୋରୁଗାଈଙ୍କ ମୃତ୍ୟୁ ପରେ ଗାଁ ଗାଁ ବୁଲି ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ନିରୀକ୍ଷକମାନେ ପ୍ରତିଶେଧକ ଟୀକା ଯୋଗାଇ ଦେଇଥିଲେ। ଅସୁସ୍ଥ ଗାଈଗୋରୁଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯାଇଥିଲା। ଚିକିତ୍ସା ଓ ପ୍ରତିଶେଧକ ଟୀକା ଦେବାପରେ ରୋଗ ନିୟନ୍ତ୍ରଣାଧିନ ରହିଥିଲା। ବର୍ତ୍ତମାନ ଗାଈଗୋରୁଙ୍କୁ ଫାଟୁଆ ରୋଗ ସମସ୍ୟା ହୋଇଛି। ଏ ଦିଗରେ ପ୍ରାଣୀ ବିଭାଗ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦୁଗ୍ଧ ଚାଷୀ ଧର୍ମରାଜ ବଘାର, ବଳଦେବ ପଟେଲ, ଅନିରୁଦ୍ଧ ବରିହା, ଗଜରାଜ କୁମ୍ଭାର ପ୍ରମୁଖ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

୪ ଦଫା ଦାବିରେ ସଡ଼କ ପରିବହନ କର୍ମଚାରୀଙ୍କ ଧାରଣା

ପଦ୍ମପୁର,୨୧।୮(ଡି.ଏନ.ଏ.)

୪ଦଫା ଦାବି ନେଇ ନିଖିଳ ଓଡ଼ିଶା ରାଜ୍ୟ ସଡ଼କ ପରିବହନ କର୍ମଚାରୀ ସଂଘର ଡାକରାରେ ମଙ୍ଗଳବାରରୁ ପଦ୍ମପୁର ୟୁନିଟ୍ ତରଫରୁ ୩ଦିନ ଧରି କର୍ମଚାରୀମାନେ ସଡ଼କ ପରିବହନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଠିକା କର୍ମଚାରୀଙ୍କୁ ନିୟମିତ କରିବା, ସମାନ କାମକୁ ସମାନ ଦରମା, ୭ମ ବେତନ କମିଶନ ଲାଗୁ ସହ କର୍ମଚାରୀମାନଙ୍କ ଉପରେ ବେଆଇନ ଭାବେ ରାତିଅଧିଆ କାର୍ଯ୍ୟାନୁଷ୍ଠାନ ବନ୍ଦ ଦାବିରେ ପଦ୍ମପୁର ସଂଘର ସଭାପତି ପ୍ରଶାନ୍ତ କୁମାରୀ ମାଝୀ, ଉପସଭାପତି ଦିଲୀପ କୁମାର ରଥ, ଫକିର ମହାପାତ୍ର, ସରୋଜ ପୋଢ଼, ରାମ ସାହୁ, ରାଜେନ୍ଦ୍ର ସାହୁ, ପ୍ରିୟବ୍ରତ ଭୋଇ, ଜୟଦେବ ମହାପାତ୍ର, ବାବାଜୀ ରଣା, ଥବୀର ପଣ୍ଡାଙ୍କ ସମେତ କର୍ମଚାରୀମାନେ ଧାରଣାକୁ ଓହ୍ଲାଇଛନ୍ତି। ଏଥିଯୋଗୁ ତିନିଦିନ ଧରି ସରକାରୀ ବସ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ହଜହଜା ହେଉଛନ୍ତି।

(Regd. No. MSCS/CR/333/2010)

SAHARA CREDIT COOPERATIVE SOCIETY LIMITED
Regd. Office: Sahara India Bhawan, 1, Kapoorthala Complex, Aliganj, Lucknow-226024 , Telefax : 0522-2330155

NOTICE

The 9th Annual General Body Meeting of the members of Sahara Credit Cooperative Society Limited is scheduled to be held on Friday, 7th September, 2018 at 11.00 A.M. at 3rd Floor, Sahara India Tower, 7, Kapoorthala Complex, Lucknow- 226024.

BUSINESS ON AGENDA

1. To confirm the minutes of last Annual General Body Meeting.
2. To consider and adopt the audited financial statement of accounts for the financial year 2017-2018.
3. To consider and approve the Audit Report and Annual Report for the financial year 2017-18.
4. To consider the audit compliance report.
5. To consider the creation of specific reserve and other funds.
6. To announce dividend distribution for the financial year 2017-18.
7. To consider the disposal of net profit.
8. To approve the annual budget for the financial year 2019-20.
9. To approve the annual action plan for the financial year 2019-20.
10. To consider and approve the appointment of Statutory Auditors.
11. To consider the list of employees who are relatives of members of the Board or of the Managing Director.
12. To consider and Approve the Amendment in the bye-laws of the Society.
13. Any other item, if any, with the permission of Chairperson.

By order of the Board
For Sahara Credit Cooperative Society Limited
Sd/-
Managing Director

Place: Lucknow
Date: 13/08/2018

Note: Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 12:00 noon on the same day i.e. 7th September, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

IN THE COURT OF CIVIL JUDGE, SENIOR DIVISION, BHUBANESWAR
M.S. No.: 1784/2013

State Bank of India, KIIT Square Branch, Bhubaneswar, through Stressed Assets Recovery Branch, Bhubaneswar by its City Case Officer ...Plaintiff

Versus

Narottam Mohanty ...Defendant

To,

Narottam Mohanty, S/o: Muralidhar Mohanty, Permanent Vill.: Gadasahee, P.O.: Mangalpur, Via: Soro, Dist.: Balasore-756045. Residing at- HIG-6/304, Bank Colony, Kesura, P.O.: Kesura, Bhubaneswar. Working at Yes Bank Ltd., Plot No.: 31, Bapuji Nagar, Bhubaneswar-9.

NOTICE UNDER ORDER-5 RULE-20 C.P.C.

Take notice that the Plaintiff has filed a suit against you for realization of **Rs.2,09,312/-** (Rupees Two lakhs nine thousand three hunderd twelve) with P.I. & F.I. and you are avoiding the service of summons, for which summons can not be served on you in normal course.

You are thereby directed to appear in this Court on **12.11.2018 10.30 A.M.** in person or by a Pleader duly instructed by you to answer all points in the above said suit failing which suit shall be heard and determined in your absence.

Given under my hand and seal of this Court on **18th day of August of 2018.**

Sd/- Civil Judge, Senior Division Bhubaneswar

IN THE COURT OF CIVIL JUDGE, SENIOR DIVISION, BHUBANESWAR
M.S. No.: 1783/2013

**State Bank of India, KIIT Square Branch

ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ

ସଂକ୍ଷେପରେ

ବିକ୍ଷୋଭ ସ୍ଥଳରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା: ଜଣେ ଆହତ

ସୁନ୍ଦରଗଡ଼,୨୧।୮(ଡି.ଏନ୍.ଏ.)- ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲୁଥିବା ବିକ୍ଷୋଭ ସଭା ବେଳେ ହଠାତ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଯାଇଥିଲା । ଫଳରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଥିବା କେତେଜଣ ବିକ୍ଷୋଭକାରୀ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷେ ବିଦ୍ୟୁତ୍ ଖୁଣ୍ଟ ବହୁ ପୁରୁଣା ହୋଇ ଯାଇଥିବା ବେଳେ ବିଭାଗୀୟ ପକ୍ଷରୁ ଖୁଣ୍ଟ ବଦଳା ଯାଇ ନ ଥିଲା। ଫଳରେ ଖୁଣ୍ଟଟି ଭାଙ୍ଗି ପଡିଥିବା ଅଭିଯୋଗ ହୋଇଛି।

ଏସ୍‌ପିଙ୍କ ହସ୍ତକ୍ଷେପ ପରେ ରୁଜୁ ହେଲା ମାମଲା: ତଦନ୍ତ କରିବେ ଏସ୍‌ଡିପିଓ

ସମ୍ବଲପୁର,୨୧।୮(ବ୍ୟୁରୋ)-ସମ୍ବଲପୁର ଜିଲା ଯୁଯୁମୁରା ଛକରେ ଜଣେ ଦମ୍ପତିଙ୍କୁ ମାଡପିଟ, ହତ୍ୟା ଧମକ ଓ ଅସଦାଚରଣ ଭଳି ସାଂଘାତିକ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନ ନେଇ ମାମଲା ଉଠାଇ ନେବାକୁ ଥାନା ଅଧିକାରୀ ଧମକ ଦେଉଥିଲେ। ଏହାକୁ ନେଇ ଲବଙ୍ଗ ଦେହୁରୀ ଓ ସରୋଜ ଦେହୁରୀ ମଙ୍ଗଳବାର ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ଏସ୍‌ପି ଆରୋରା ଦମ୍ପତିଙ୍କଠାରୁ ସମସ୍ତ ଘଟଣା ଶୁଣିବା ପରେ ଯୁଯୁମୁରା ଥାନା ଅଧିକାରୀ ବନଶ୍ରୀ ରାଉତରାୟଙ୍କୁ ମାମଲା ରୁଜୁ କରିବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ଏହାସହ ରେଢ଼ାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଆଦିବାସୀ ମୂଳବାସୀ ସମାଜ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

■ ସମ୍ବିଧାନର ୫ମ ଅନୁସୂଚୀ ଅନୁସାରେ ଶାସନ ବ୍ୟବସ୍ଥା ଦାବି

ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ସୁନ୍ଦରଗଡ଼,୨୧।୮(ଡି.ଏନ୍.ଏ.)

■ ୧୯୯୬ରେ ପ୍ରଣୟନ ହୋଇଥିବା ପେଶା ଆଇନ ଓଡ଼ିଶାରେ ଲାଗୁ ହୋଇପାରି ନାହିଁ

■ ସୁନ୍ଦରଗଡ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସମ୍ବିଧାନର ୫ମ ଅନୁସୂଚୀ ଅନୁସାରେ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାରେ ଶାସନ ବ୍ୟବସ୍ଥା ଲାଗୁକରିବା ଦାବିରେ ମଙ୍ଗଳବାର ଆଦିବାସୀ ମୂଳବାସୀ ସମାଜ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଆଦିବାସୀ ମୂଳବାସୀ ସମାଜର ନେତୃବୃନ୍ଦ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ, ତଳସରା ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି, ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରିଙ୍କ ନେତୃତ୍ୱରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଓ ପୁରୁଷ ସ୍ଥାନୀୟ ଭବାନୀଭବନ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଓଡ଼ିଶା ପେଶା ଆଇନ ଲାଗୁ କରିବାରେ ରାଜ୍ୟ ସରକାରଙ୍କ ଉଦାସୀନତା ଏବଂ ବିକାଶ ନାମରେ ଆଦିବାସୀଙ୍କ ଜମି ଛଡାଇନେବା ଅଭିଯୋଗ କରି ଉଭୟ ରାଜ୍ୟ ଓ ଜିଲା ପ୍ରଶାସନ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ଏହି ଅବସରରେ ଅନୁଷ୍ଠିତ ବିକାଶ ସମାବେଶରେ ପେଶା ନୀତି ନିୟମକୁ ଜଳାଞ୍ଜଳି ଦେଇ ସରକାର ଜଳ, ଜଙ୍ଗଲ ଓ ଜମି ଉପରେ ଆକ୍ରମଣ କରିଚାଲିଛନ୍ତି ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ। ପେଶା ଆଇନ ୧୯୯୬ରେ ପ୍ରଣୟନ ହୋଇଥିଲେ ମଧ୍ୟ ଦୀର୍ଘ ୨୧ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଏହା ଓଡିଶାରେ ଲାଗୁ ହୋଇପାରିନାହିଁ। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୪ ସଂଶୋଧନ କରି ସରକାର ନିଦରେ ଶୋଇଛନ୍ତି। ଏହି ଆଇନକୁ ଭୁଲ ତର୍ଜମା କରାଯାଇ ଲୋକମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ଅପଚେଷ୍ଟା କରାଯାଉଛି। ଆଦିବାସୀମାନେ ନିଜର ହକ୍ ଓ ନ୍ୟାୟୋଚିତ ଦାବି ହାସଲ ପାଇଁ ଆନ୍ଦୋଳନକୁ ବିକାଶ ବିରୋଧୀ ଭାବେ ଚିତ୍ରଣ କରାଯାଉଛି। ଏପରି କି ଆଦିବାସୀମାନଙ୍କ ମଧ୍ୟରେ ବିକାଶ ବିରୋଧୀ ଓ ସପକ୍ଷବାଦୀ ନାମରେ ବିଭକ୍ତୀକରଣ କରାଯାଇ ହୀନ ରାଜନୀତି କରାଯାଉଛି। ଯାହାକି ସୁନ୍ଦରଗଡ଼ ଜିଲାର ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ। ସୁନ୍ଦରଗଡ଼ ଜିଲାରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ସମ୍ପୂର୍ଣ୍ଣ ବାଟବଣା ହୋଇପଡିଛି। ବାଞ୍ଜିକଛାର ଗ୍ରାମର ଅଧିବାସୀମାନେ ୨୦୧୬ରେ ଗୋଷ୍ଠୀ ଗତ ଜଙ୍ଗଲ ଅଧିକାର ପାଇଁଆବେଦନ କରିଥିଲେ ସୁଦ୍ଧା ଆଇନକୁ ଅଣଦେଖା କରାଯାଇ ପୋଲିସ ଉପସ୍ଥିତିରେ ଟାୱାର ନିର୍ମାଣ କାର୍ଯ୍ୟ କରାଯିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ଅଭିଯୋଗ ହୋଇଛି। ରେଗୁଲେଶନ (୨) ୧୯୫୬ ଅନୁସାରେ ଆଦିବାସୀଙ୍କ ଜମି ଅଣଆଦିବାସୀଙ୍କୁ ଆଦୌ ହସ୍ତାନ୍ତର ନ ହେବା ପାଇଁ ନିୟମ ରହିଥିବା ବେଳେ ଏଠାରେ ଏହାର ଉଲଙ୍ଘନ କରାଯାଇଛି। ଇଡକୋ ସଂସ୍ଥା ଜରିଆରେ ଆଦିବାସୀ ଜମି ଅଧିଗ୍ରହଣ କରାଯିବା ଲଜ୍ଜାକର ବିଷୟ। ମାରଙ୍ଗଡିହି, କଲୁଙ୍ଗାଠାରେ ଏଭଳି ଭାବେ ୨୬ଜଣ ଆଦିବାସୀଙ୍କ ଜମି ଇଡକୋ ଦ୍ୱାରା ଅଧିଗ୍ରହଣ କରାଯାଇ ଏକ କମ୍ପାନୀକୁ ପ୍ରଦାନ କରାଯିବା ପରେ ୨୬ ଆଦିବାସୀ ପରିବାର ଭୂମିହୀନ ହୋଇପଡିଛନ୍ତି। ରାଜ୍ୟ ପ୍ରଦୂଷଣ ବୋର୍ଡ ଦ୍ୱାରା ଓସିଏଲ୍ ଇଣ୍ଡିଆ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ ବିବାଦୀୟ ହୋଇ ସ୍ଥଗିତ ରହିଥିବା ବେଳେ ଜନଶୁଣାଣି ପୂର୍ବରୁ ଗ୍ରାମସଭା ଅନିବାର୍ଯ୍ୟ ପାଇଁ ଜାତୀୟ ଆଦିବାସୀ ଆୟୋଗ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ କିଭଳି ଭାବେ ଗ୍ରାମସଭାକୁ ଉପେକ୍ଷା କରି ଜନଶୁଣାଣି କରାଯାଉଛି ବୋଲି ନେତୃବୃନ୍ଦ ପ୍ରଶ୍ନ କରିଥିଲେ। ଏନେଇ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାରେ ସମ୍ବିଧାନର ୫ମ ଅନୁସୂଚୀ ଅଞ୍ଚଳ ଭାବେ ପ୍ରଦତ୍ତ ନୀତିନିୟମରେ ଜିଲାର ଶାସନ ବ୍ୟବସ୍ଥା ଜିଲାପାଳ ପରିଚାଳନା କରନ୍ତୁ ବୋଲି ଦାବି କରିଥିଲେ। ଏହି ମର୍ମରେ ସଂଗଠନ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କୁ ପ୍ରଦାନ କରିଥିଲେ। ବିକ୍ଷୋଭ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ମୂଳବାସୀ ସମାଜର ସିପ୍ରିୟାନ କିଡୋ, ଅନିଲ ଏକ୍କା, ସୁଶୀଲ ଲାକ୍ରା, ବିବଲ ଟପ୍ପୋ, ଲିଟୁ ମିଞ୍ଜ, ତେଜକୁମାର ମିଞ୍ଜ ପ୍ରମୁଖ ସାମିଲ ଥିଲେ।

ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନୂଆଗାଁ,୨୧।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକରେ ନୂତନ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଭାବେ ସସ୍ମିତା ବେହେରା ସୋମବାର ଯୋଗ ଦେଇଛନ୍ତି। ଏହି ଅବସରରେ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମଙ୍ଗଳବାର ନୂଆଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଇଓ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଏକ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଦିଲୀପ ସାହୁ ଏହାର ପରିଚାଳନା କରିଥିଲେ। ସଂଘ ସଭାପତି ଭାଗବତିଆ ତନ୍ତି, ସମ୍ପାଦକ ବସନ୍ତ କୁମାର ତ୍ରିପାଠୀ, ପ୍ରସନ୍ନ ତ୍ରିପାଠୀ, ରଞ୍ଜିତ ଏକ୍କା, ଅନାଦିଶଙ୍କର ପାଢ଼ୀ, ଅଶୋକ ତନ୍ତି, ମଧୁସୂଦନ କରିଆଲି, ମଧୁସୂଦନ ମହାନନ୍ଦିଆ, ଶଙ୍କର୍ଷଣ ବେହେରା ପ୍ରମୁଖଙ୍କ ସହ ଶତାଧିକ ଶିକ୍ଷକ ଉପସ୍ଥିତ ରହି ନୂଆଗାଁ ବ୍ଲକରେ ଦୀର୍ଘ ୨ବର୍ଷ ପରେ ଜଣେ ସ୍ଥାୟୀ ବିଇଓଙ୍କୁ ସରକାର ନିଯୁକ୍ତି ଦେଇଥିବାରୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି । ଅନ୍ୟପକ୍ଷେ ନୂଆଗାଁ ବ୍ଲକର ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ସଂଘ ପକ୍ଷରୁ ବିଇଓଙ୍କୁ ଅବଗତ କରାଯାଇଥିଲା। ଠିକ୍ ସମୟରେ ଦରମା ପ୍ରଦାନ, ଇନ୍‌କ୍ରିମେଣ୍ଟ ସମସ୍ୟାର କିପରି ସମାଧାନ ହୋଇପାରିବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ମଧ୍ୟାହ୍ନ ଭୋଜନ ସଂକ୍ରାନ୍ତୀୟ ସମସ୍ୟାକୁ ନେଇ ଗତ ମାର୍ଚ୍ଚ ମାସରେ ୫୭ଜଣ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରାଯାଇଥିବା ବେଳେ ପୁଣି ଏପ୍ରିଲ ମଧ୍ୟରେ ଅନୁରୂପ ଭାବେ ୧୮ ଜଣ ଶିକ୍ଷକଙ୍କ ଗୋଟିଏ ମାସର ଦରମା ବନ୍ଦ କରାଯାଇଛି। ତେବେ ଏହାକୁ କିଭଳି ରିଲିଜ କରାଯିବ ସେନେଇ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନୂଆଗାଁ ବ୍ଲକ ଏକ ଉପାନ୍ତ ତଥା ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଶିକ୍ଷାର ବିକାଶ ଦିଗରେ କାର୍ଯ୍ୟ କରିବାକୁ ବିଇଓ ବେହେରା ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାରୋହରେ ଏବିଇଓ ବାନେ କଚ୍ଛୁଆ, ଅଲେଖ ସାହୁ, ଏବିଓ ବନମାଲି ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ, ନୂତନଭାବେ ଯୋଗ ଦେଇଥିବା ବିଇଓଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯାଉଛି।

ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଯମୁନାନାକିରେ ଡିଜିଟାଲ ଗ୍ରାମ ଉଦ୍‌ଘାଟନ କରାଯାଉଛି।

ଯମୁନାନାକିରେ ଡିଜିଟାଲ ଗ୍ରାମ ଉଦ୍‌ଘାଟିତ

କୁଆଁରମୁଣ୍ଡା,୨୧।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଧୀନ ଯମୁନାନାକି ଗ୍ରାମରେ ବ୍ୟାଙ୍କ ଅଫ ଇଣ୍ଡିଆ ପଦମପୁର ଶାଖା ପକ୍ଷରୁ ମଙ୍ଗଳବାର ଡିଜିଟାଲ ଗ୍ରାମ ଉଦ୍‌ଘାଟିତ ହୋଇଯାଇଛି। ପଦମପୁର ପଞ୍ଚାୟତ ଯମୁନାନାକି ଗ୍ରାମର ସମସ୍ତ ପରିବାର ପଦମପୁର ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଆକାଉଣ୍ଟ ଖୋଲିଛନ୍ତି। ଫଳରେ ବ୍ୟାଙ୍କ ପକ୍ଷରୁ ଉକ୍ତ ଗ୍ରାମର ସମସ୍ତ ଆକାଉଣ୍ଟ ହିତାଧିକାରୀଙ୍କ ସୁବିଧା ପାଇଁ ଡିଜିଟାଲ ଗ୍ରାମର ଶୁଭାରମ୍ଭ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଦମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆ ପଦମପୁର ଶାଖାର ଶାଖା ପରିଚାଳକ ସନ୍ଧ୍ୟା କୁମାରୀ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଡିଜିଟାଲ ଗ୍ରାମ ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଯମୁନାନାକି ଗ୍ରାମର ସାମାଜିକ କର୍ମୀ ଜୀବନ ଦାସ, ରୀନା ବେହେରା, ଦୁଲୁ ଚାନ୍ଦ, ରାହୁଲ ମହାନ୍ତି, ଶଙ୍କର ପୂଝାରୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବବ୍ରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆମ ଗାଁ ଆମ ବିକାଶ ଯୋଜନାରେ ବିଧାୟକଙ୍କ ହସ୍ତକ୍ଷେପ ବନ୍ଦ ଦାବି

ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ସୁନ୍ଦରଗଡ଼,୨୧।୮(ଡି.ଏନ୍.ଏ)

ଆମ ଗାଁ ଆମ ବିକାଶ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରୁଛନ୍ତି। ହେଲେ ଅଞ୍ଚଳର କେତେଜଣ ବିଧାୟକ ଏଥିରେ ହସ୍ତକ୍ଷେପ କରୁଥିବାରୁ ଏହି ଯୋଜନା ସଫଳ ହୋଇ ପାରୁ ନ ଥିବା ଅଭିଯୋଗ କରି ମଙ୍ଗଳବାର ସୁନ୍ଦରଗଡ଼ ସଦର ଓ ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରୁ ବିଜେଡି କର୍ମୀ ତଥା ବିଭିନ୍ନ ପଞ୍ଚାୟତର ଶତାଧିକ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ବିଜେଡି ନେତ୍ରୀ କୁସୁମ ଟେଟେ, ବିନୟ କୁମାର ଟପ୍ପୋ, ଗୋପାଳ ପ୍ରଧାନ ହରଜେନ୍ଦ୍ର ସିଂ, ଗୋପ ମହାନ୍ତି, ବିମଲ ପଟେଲ, ମନୋରଞ୍ଜନ ପୃଷ୍ଟେ, ପ୍ରଣବ କିଶୋର ଭୈଷାଁଲ, ଜୟନାରାୟଣ ତ୍ରିପାଠୀ, ଅଜୟ କୁମାର ପଟେଲ, ସୁନୀଲ କୁମାର ମହାପାତ୍ର, ଜିଲା ଯୁବ ବିଜେଡ଼ି ସଭାପତି ଦେବେନ୍ଦ୍ର କୁମାର ମାଝି ପ୍ରମୁଖ ଉଦ୍‌ବୋଧନ ଦେଇ ବିକାଶମୂଳକ କାର୍ଯ୍ୟରେ ବିଧାୟକମାନଙ୍କ ଇଙ୍ଗିତରେ ବିଭାଗୀୟ ଅଧିକାରୀମାନଙ୍କ ଅସହଯୋଗକୁ ନିନ୍ଦା କରିଥିଲେ। ଏହି ମର୍ମରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏନେଇ ସଦର ବିଧାୟକ ଯୋଗେଶ କୁମାର ସିଂ ବିଜେଡିର ଏଭଳି ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିଛନ୍ତି। ମୁଖ୍ୟ ମନ୍ତ୍ରୀଙ୍କ ଏଭଳି ଲୋକାଭିମୁଖୀ ଯୋଜନାକୁ ସହଯୋଗ କରି ଆସୁଥିବା ବେଳେ ନିର୍ଦ୍ଦିଷ୍ଟ କିଛି ବିଜେଡି ନେତା ତାଙ୍କର ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ଏଭଳି ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

ବିଜେଡି କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଚାଷୀ ନାମ ପଞ୍ଜୀକରଣ ପାଇଁ ବାହାରିଲା ସଚେତନତା ରଥ

ରେଢ଼ାଖୋଲ,୨୧।୮(ଡି.ଏନ.ଏ.)

ଚଳିତ ଖରିଫ ଋତୁରେ ଚାଷୀମାନେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଉପଜଳାପାଳ ବିଶିକେସନ ଦେହୁରୀ ଏହି ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ, ଏସ୍‌ଡିଏମଓ ଡା. ବିପିନ ବିହାରୀ ସାହୁ, ଡେପୁଟି କଲେକ୍ଟର ଅମ୍ଳାନ ଅପରୋଜିତା ମିଶ୍ର, ଆରଏମସି ସଂପାଦକ ଅଶୋକ ସାହୁ, ଯୋଗାଣ ଅଧିକାରୀ ଓ ସମବାୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଗତ ଋତୁରେ ଯେଉଁ ଚାଷୀମାନେ ପଞ୍ଜୀକୃତ ହୋଇଥିଲେ ସେମାନେ କେବଳ ଜମି ସମ୍ବନ୍ଧୀୟ ତଥ୍ୟର ନବୀକରଣ କରିବେ। ଏଥି ପାଇଁ ସମବାୟ ସମିତିରେ ନବୀକରଣ ଫର୍ମ ଉପଲବ୍ଧ କରାଯାଇଛି। ଯେଉଁଚାଷୀମାନେ ପଞ୍ଜୀକୃତ ହୋଇ ନ ଥିବେ ସେମାନେ ଚଳିତ ଖରିଫ ଋତୁରେ ନୂତନ ଫର୍ମପୂରଣ କରି ବ୍ୟକ୍ତିଗତ ତଥ୍ୟ ସହ ଖାତା ପ୍ଲଟ ନଂ ଓ ଚାଷ ହୋଇଥିବା ଜମିର ପରିମାଣର ତଥ୍ୟ ପ୍ରଦାନ କରିବେ। ନୂତନ ପଞ୍ଜୀକରଣ ଫର୍ମ ସହିତ କିଷାନ କ୍ରେଡିଟ କାର୍ଡ କିମ୍ବା ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ, ଭୋଟର ପରିଚୟ ପତ୍ର, ବ୍ୟଙ୍କ ପାସବୁକ ଓ ଜମିପଟାର ନକଲ ଫର୍ମସହିତ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ କୁହା ଯାଇଛି। ଚଳିତ ଖରିଫ ଋତୁରେ ଭାଗ ଚାଷୀମାନେ ମଧ୍ୟ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଆବେଦନ ଫର୍ମ ସହ ଜମି ମାଲିକଙ୍କ ସହମତି ପତ୍ର କିମ୍ବା ସରପଞ୍ଚଙ୍କଠାରୁ ଭାଗଚାଷୀ ସମ୍ବନ୍ଧୀୟ ପ୍ରମାଣ ପତ୍ର ଦେବେ। ସରକାର ପୂର୍ବବର୍ଷଭଳି ମୁଣ୍ଡପିଛା ୩ କୁଇଣ୍ଟାଲ ହାରରେ ରଖାଯାଇ ବଳକା ଧାନକୁ ଚାଷୀମାନଙ୍କଠାରୁ କ୍ରୟ କରୁଥିଲେ ହେଲେ ଚଳିତ ଖରିଫ ଋତୁରେ ଏହି ପ୍ରକ୍ରିୟାକୁ ବାଦ ଦେଇ ଚାଷୀ ଉତ୍ପନ୍ନ କରୁଥିବା ସମସ୍ତ ଧାନକୁ ବିକ୍ରି କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ବାହାରିଥିବା ପଞ୍ଜୀକରଣ ପ୍ରଚାର ରଥ ଉପଖଣ୍ଡର ପ୍ରତ୍ୟେକ ଗାଁକୁଯାଇ ଚାଷୀମାନଙ୍କୁ ପଞ୍ଜୀକରଣ ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରିବ।

ଅଧା ହେଲାଣି ଶିକ୍ଷାବର୍ଷ, ମିଳିନି ବହି

କୁଆଁରମୁଣ୍ଡା,୨୧।୮(ଡି.ଏନ୍.ଏ.)

ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ତଫସିଲଭୁକ୍ତ ଜାତି/ଜନଜାତି ଛାତ୍ରୀଛାତ୍ରଙ୍କୁ ଗତ ୩ ବର୍ଷ ହେଲା ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯାଉଛି। ଏ ନେଇ ଆବଶ୍ୟକ ଅର୍ଥ ଏସ୍‌



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ, ପ୍ରକୃତରେ ଇଚ୍ଛାର ହିଁ ଅଭାବ।
- ଭିକ୍ଟର ହ୍ୟୁଗ୍

ସଂକ୍ଷେପରେ

କେରଳ ବନ୍ୟା ପ୍ରଭାବିତଙ୍କୁ ସାହାଯ୍ୟ

ରାଉରକେଲା ଅଫିସ,୨୧।୮-ବାମପନ୍ଥୀ ନେତା ଅଜୟ ଶର୍ମାଙ୍କ ନେତୃତ୍ୱରେ ମଙ୍ଗଳବାର ରୁପଟୋଲା ପ୍ରେମନଗର ବସ୍ତି ଅଞ୍ଚଳରେ କେରଳ ବନ୍ୟା ପ୍ରପୀଡ଼ିତଙ୍କ ସାହାଯ୍ୟ ଉଦ୍ଦେଶ୍ୟରେ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ଯୁବ ନେତା କବି ପ୍ରଧାନ ଚାମର ସିଂ, ସୁରେଶ କୁଜୁର, ନାରାୟଣ ପ୍ରଧାନ, ଅଗସ୍ତିନା ଲାକ୍ରା, ରେଶମା ଲାକ୍ରା ପ୍ରମୁଖ ସାମିଲ ଥିଲେ। ପରେ ମହତାବ ରୋଡ ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ମଧ୍ୟ ଅନୁରୂପ ସାହାଯ୍ୟ କାମନା କରି ସଙ୍ଗଠନ କର୍ମକର୍ତ୍ତା ପାଣ୍ଠି ସଂଗ୍ରହ କରିଥିଲେ।

ମୁଖ୍ୟମନ୍ତ୍ରୀ ଭାଜପା ଯୁବନେତାଙ୍କୁ ସାକ୍ଷାତ ନ ଦେବା ନିନ୍ଦନୀୟ

ରାଉରକେଲା ଅଫିସ,୨୧।୮-ରାଉରକେଲା ସମସ୍ୟା ନେଇ ମୁକ୍ତିକାନ୍ତଙ୍କୁ ସାକ୍ଷାତ ଦେଇଥିବା ମୁଖ୍ୟମନ୍ତ୍ରୀ ଭାଜପା ଯୁବ ନେତାଙ୍କୁ ସାକ୍ଷାତ ନ ଦେବା ପଛରେ କି ରହସ୍ୟ ରହିଛି ବୋଲି ପ୍ରଶ୍ନ କରାଯାଇଛି। ଏନେଇ ଦଳର ମୁଖପାତ୍ର ଭଗବାନ ରାଉତ କହିଛନ୍ତି ଯେ, ମୁକ୍ତିକାନ୍ତଙ୍କ ପଦଯାତ୍ରା ବିଜେଡି ପ୍ରାୟୋଜିତ ନିଶ୍ଚିତ। ଏଥିରେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ସମ୍ପୃକ୍ତ। ନିଜ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଏଭଳି ପାତରଅନ୍ତର ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ ବୋଲି ରାଉତ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏକଦା ଶିଳାନ୍ୟାସ କରାଯାଇଥିବା କୋଏଲ ବ୍ୟାରେଜ, ମେଡିକାଲ କଲେଜ, ମାର୍କେଟ କମ୍ପ୍ଲେକ୍ସ ପରି କେତେକ ପ୍ରତିଶ୍ରୁତି ମନେ ପକାଇବାକୁ ରାଉରକେଲାରୁ ୬ଜଣ ଯୁବକ ସାଇକେଲରେ ଭୁବନେଶ୍ୱର ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ତାଙ୍କୁ ସାକ୍ଷାତ ଦେବା ଦୂର କଥା ଓଲଟା ପୋଲିସ ଲଗାଇ ଗିରଫ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

କାରଖାନାରୁ ମହିଳା ଶ୍ରମିକ ନିଖୋଜ

ରାଉରକେଲା ଅଫିସ, ୨୧।୮-କଲୋଙ୍ଗା ଶିଳ୍ପାଞ୍ଚଳଠାରେ ଥିବା ଟାଇମ ଷ୍ଟିଲ ନାମକ କାରଖାନାରୁ ଜଣେ ମହିଳା ଶ୍ରମିକ ମଙ୍ଗଳବାର ନିଖୋଜ ହୋଇଛନ୍ତି। ଏନେଇ ତାଙ୍କ ସ୍ୱାମୀ ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଏହି ମହିଳା ଶ୍ରମିକଙ୍କ ଘର ଦକ୍ଷିଣ ରାଉରକେଲା ଲକ୍ଷ୍ମୀ ମାର୍କେଟ ଅଞ୍ଚଳରେ। ସେ ମଙ୍ଗଳବାର କାରଖାନାରେ କାମ କରୁଥିବାବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ।

ରୋଜଗାର ନିଶା କାଳ ହେଲା

ରାଉରକେଲା ଅଫିସ, ୨୧।୮



ଆମ୍ବାଟୋଲି ଗାଁର ଲବ କିଷାନ ପକ୍ଷାଘାତରେ ଆକ୍ରାନ୍ତ ହୋଇ ଘରେ ପଡ଼ିରହିଛନ୍ତି।

ଅସହାୟ ଲବ କିଷାନ

- ଶ୍ରମିକ ଭାବେ କାମବେଳେ ଘଟିଲା ଦୁର୍ଘଟଣା
- ହ୍ୟୁମ୍‌ପାଇପ ମାଡ଼ିଯାଇ ମେରୁଦଣ୍ଡ ଭାଙ୍ଗିଲା
- ପଙ୍ଗୁ ହୋଇ ଅସହାୟ ଜୀବନ ବିତାଉଛନ୍ତି
- ଭୋକିଲା ପିଲାଙ୍କୁ ନେଇ ଧନ୍ଦି ହେଉଛନ୍ତି ସ୍ତ୍ରୀ

ପରିବାରକୁ ସାହା ହେବାକୁ, ପିଲାଙ୍କ ମୁହଁରେ ଭଲରେ ଆହାର ଦେବାକୁ ଘର ଛାଡିଥିବା ଲବ ଏବେ ଅନ୍ୟମାନଙ୍କ ପାଇଁ ବୋଝ ପାଲଟି ଯାଇଛନ୍ତି। ରୋଜଗାର କରିବା ନିଶା ତାଙ୍କ ପାଇଁ କାଳ ହୋଇଛି। ପରିବାରକୁ ସାହା ହେବେ କଣ ସେ ନିଜେ ପରିବାର ଲୋକଙ୍କ ପାଇଁ ବୋଝ ପାଲଟିଛନ୍ତି। ଟଙ୍କାଟିଏ ରୋଜଗାର କରିବାକୁ କ୍ଷମତା ନାହିଁ। ପକ୍ଷାଘାତର ଶିକାର ହେବା ପରେ ସ୍ତ୍ରୀ ରୀନା ଏବେ ବାରଦୁଆର ଶୁଣିପିଣ୍ଡା ଅବସ୍ଥା ଭୋଗ କରୁଛନ୍ତି। ସ୍ୱାମୀ ଲବଙ୍କ ସମେତ ୩ ପୁଅ ଓ ଗୋଟିଏ ଝିଅ ମୁହଁରେ ଦାନା ଦେବା ତାଙ୍କ ପକ୍ଷେ କାଠିକର ପାଠ। କାହା କଥା ଆଗ ବୁଝିବେ। ପଙ୍ଗୁ ହୋଇଥିବା ରୋଗଣା ସ୍ୱାମୀ ନା ଭୋକିଲା ପିଲାଙ୍କ କଥା। ଯାହା ମାଗିଯାଚି ଆଣୁଛନ୍ତି ତାହା ୬ ପ୍ରାଣୀ କୁଟୁମ୍ବକୁ ନିଅଣ୍ଟ। ଏପରି ଅବସ୍ଥାରେ ପକ୍ଷାଘାତ ସ୍ୱାମୀଙ୍କୁ ନେଇ କାହା ପାଖକୁ ଯିବେ, ମୁଣ୍ଡକୁ ବୁଦ୍ଧି ଯୁଟୁନି। ଏମିତି ଦୋ ଛକିରେ ପଡି ହନ୍ତସନ୍ତ ହେଉଛନ୍ତି ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତ ଉପର ବାଲିଝୁଡି ଆମ୍ବାଟୋଲି ଗାଁର ଲବ କିଷାନ(୪୦)ଙ୍କ ସ୍ତ୍ରୀ ରୀନା (୩୫)। ପତ୍ନୀଙ୍କ ଇଚ୍ଛା ଓ ଲବଙ୍କ ଆଗ୍ରହ ଥିଲା ପରିବାର ଭଲରେ ଚଳୁ। ପିଲା ନାମକରା ବିଦ୍ୟାଳୟରେ ପାଠ ପଢନ୍ତୁ। ଏଥିପାଇଁ ଅର୍ଥ ଆବଶ୍ୟକ। ଏଣୁ ରୀନା ତାଙ୍କ ସ୍ୱାମୀଙ୍କୁ ଗତ ବର୍ଷକ ପୂର୍ବେ ରାଜଗାଙ୍ଗପୁର ଅଞ୍ଚଳକୁ ପଠାଇ ଦେଇଥିଲେ। ସେଠି କାମ କଲେ ଭଲ ଦି ପଇସା ମିଳିବ, ପିଲା ପରିବାର ସ୍ୱଚ୍ଛନ୍ଦରେ ଚଳିବେ। ଏମିତି ଆଶା ବାନ୍ଧିଥିଲେ ସ୍ୱାମୀ ସ୍ତ୍ରୀ। ସ୍ୱପ୍ନ ବିଭୋର ଲବ ଘର ଓ ପରିବାର ମୋହ ତୁଟାଇ ରାଜଗାଙ୍ଗପୁର ଚାଲିଆସିଲେ। ରୋଜଗାର ନିଶାରେ କର୍ମସ୍ଥଳରେ ନିଜ ସୁରକ୍ଷା କଥା ମନରୁ ପାଶୋରି ଦେଲେ। ଏକ ହ୍ୟୁମ୍‌ପାଇପ ଗଡାଇ ଗଡାଇ ନେବା ସମୟରେ ନିଜ ଉପରକୁ ଏହା ମାଡି ଆସିଥିଲା। ପିଠି ମେରୁ ହାଡରେ ଆଘାତ ଲାଗିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଘରକୁ ଫେରାଇ ଦେଲେ ଠିକାଦାର। ସେମିତି ଆହତ ଅବସ୍ଥାରେ ଘରେ କଟିଗଲା କିଛି ଦିନ। ପକ୍ଷାଘାତରେ ଆକ୍ରାନ୍ତ ହେଲେ ଲବ। ସେବେଠୁ ପଡି ରହିଛନ୍ତି ବିଛଣାରେ। ମେରୁହାଡ ଏବେ ସଂକ୍ରମିତ। ଚିକିତ୍ସା ନିମନ୍ତେ ଅଧିକ ଅର୍ଥ ଆବଶ୍ୟକ ପଡିବ ବୋଲି କହୁଛନ୍ତି ଡାକ୍ତର। ମାଗିଯାଚି ଯାହା ଆଣୁଥିଲେ ପିଲାଙ୍କ ମୁହଁରେ ଦାନା ଦେବା ସହ ସ୍ୱାମୀଙ୍କୁ ଔଷଧ ଦେଉଥିଲେ। ଶେଷରେ ହାରିଯାଇଛନ୍ତି ସ୍ତ୍ରୀ ରୀନା। ଅର୍ଥାଭାବରୁ ଅଣଦେଖା ହୋଇ ବିଛଣାରେ ସେବେଠୁ ପଡି ରହିଛନ୍ତି ଲବ। ସମୟ ଗଡିବା ସହ ଲବଙ୍କ ଅବସ୍ଥା ବି ଶୋଚନୀୟ ହେବାରେ ଲାଗିଛି। ଏବେ ପରିସ୍ଥିତି ଅଣାୟତ। ଘରେ ୩ ନାବାଳକ ପୁଅ ଓ ଜଣେ ନାବାଳିକା ଝିଅଙ୍କ ଭରଣପୋଷଣ କଥା ବୁଝୁବୁଝୁ ସ୍ତ୍ରୀ ରୀନା ସ୍ୱାମୀଙ୍କ ଚିକିତ୍ସା ଖବର ବୁଝିବା ଅବସ୍ଥାରେ ନାହାଁନ୍ତି। ଯିଏ ଯାହା ପରାମର୍ଶ ଦେଲା ତାକୁ ମାନି ଘରୋଇ ଜଟିବୁଟିକୁ ଆପଣାଇଛନ୍ତି। ତାଙ୍କ କହିବାନୁସାରେ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଭଳି ଗରିବଙ୍କ ଚିକିତ୍ସା ନିମନ୍ତେ ଅନେକ ଯୋଜନା କରିଛନ୍ତି। ହେଲେ ଆମ ପାଇଁ ଏସବୁ ଅପହଞ୍ଚ ହୋଇରହିଛି। ଯଦି ଜିଲା ପ୍ରଶାସନ ସହାୟତାର ହାତ ବଢାଇ ଦିଅନ୍ତେ, ତାହେଲେ ଲବ ପୁନଃ ନିଜ ସଂସାରର ସୁରକ୍ଷା କବଚ ପାଲଟି ପାରନ୍ତେ ବୋଲି କହିଛନ୍ତି ସ୍ଥାନୀୟ ସାମାଜିକ କର୍ମୀ ଆଶିଷ ବେହେରା। ଏଥିପ୍ରତି ପ୍ରଶାସନ, ବଦାନ୍ୟ ବ୍ୟକ୍ତି ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଛି।

ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ଧାରଣା ଦିଆଯାଇଛି।

୮ ମାସର ବକେୟା ଦାବିରେ ହିନ୍ଦ୍ ମଜଦୁର ସଭା ପକ୍ଷରୁ ଧାରଣା

ରାଉରକେଲା ଅଫିସ, ୨୧।୮

ଓରଟେଲ କମ୍ୟୁନିକେଶନ ଲିଃ ଅଧିନରେ କାମ କରୁଥିବା ୧୮ ସ୍ଥାୟୀ ଓ ୨୪ଜଣ ଠିକା କର୍ମଚାରୀଙ୍କ ୮ ମାସର ବକେୟା ଦରମା ଓ ଅନ୍ୟ ପ୍ରାପ୍ୟ ନେଇ ମଙ୍ଗଳବାର ହିନ୍ଦ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ଏହାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ କରାଯାଇଛି। ଏହା ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି କହିଛନ୍ତି ସଙ୍ଗଠନ ନେତା ଦିଗମ୍ବର ମହାନ୍ତି। ୟୁନିୟନ ସଭାପତି ଶିବଚରଣ ବୋଇତି, ଉପସଭାପତି ମହେଶ୍ୱର ମହାପାତ୍ର ଏଥିରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, କର୍ତ୍ତୃପକ୍ଷ ବାରମ୍ବାର ଦାବି ଏଡ଼ାଇ ଚାଲିଥିବାବେଳେ ଜିଲା ଶ୍ରମ ଦପ୍ତର ପରାମର୍ଶକୁମଧ୍ୟ ଅବମାନନା କରି ଚାଲିଛନ୍ତି। ଭୋକ ଉପାସରେ ରହିଥିବା ଶ୍ରମିକ ପରିବାର ପ୍ରତି କର୍ତ୍ତୃପକ୍ଷଙ୍କ ଏଭଳି ଚରମ ଅବହେଳାକୁ କେବେ ବରଦାସ୍ତ କରାଯିବନି। ଦରକାର ପଡିଲେ ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ୟୁନିୟନ ପକ୍ଷରୁ ଘୋଷଣା କରାଯାଇଛି। ଏନେଇ ପ୍ରତ୍ୟେକ ଦିନ ସକାଳ ୧୦ରୁ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ କମ୍ୟୁନିକେଶନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

ସେକ୍ଟର-୫ ଭଞ୍ଜଭବନ ନିକଟସ୍ଥ ଅଭିରାମପାଲ୍ଲି ରାସ୍ତା ପାର୍ଶ୍ୱରେ ଆବର୍ଜନା ପଡ଼ିଛି।

ବର୍ଜ୍ୟ ଆବର୍ଜନାକୁ ନେଇ ଅସନ୍ତୋଷ

ରାଉରକେଲା ଅଫିସ,୨୧।୮

-ସେକ୍ଟର-୫ ଭଞ୍ଜଭବନ ନିକଟସ୍ଥ ଅଭିରାମପାଲ୍ଲି ରାସ୍ତା ପାର୍ଶ୍ୱରେ ବର୍ଜ୍ୟ ଆବର୍ଜନା କୁଢକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗତ କିଛି ଦିନ ହେବ ଏହି ଅଞ୍ଚଳରେ ବେପରୁଆ ଆବର୍ଜନା ଗଦା କରାଯାଉଥିବାବେଳେ ଏହାର ସ୍ଥାନାନ୍ତର ନେଇ ଉଚିତ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ବର୍ଷା ଯୋଗୁ ଏହି ଆବର୍ଜନା ରାସ୍ତା ଉପରକୁ ଭାସି ଆସୁଥିବାବେଳେ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଦୀର୍ଘ ଦିନ ଧରି ଆବର୍ଜନା ପଡି ରହୁଥିବାରୁ ଦୁର୍ଗନ୍ଧରେ ବସ୍ତିବାସିନ୍ଦା ବାଟ ଚାଲି ପାରୁ ନ ଥିବା କୁହାଯାଇଛି। ଏ ଦିଗରେ ଆରଏସ୍‌ପି କର୍ତ୍ତୃପକ୍ଷ ଦୃଷ୍ଟି ଦବାକୁ ଦାବି କରାଯାଇଛି।

■ ଭାରତୀୟ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ରାଜ୍ୟପାଳଙ୍କୁ ପତ୍ର

ବେଦବ୍ୟାସ ପୀଠକୁ ତୀର୍ଥକ୍ଷେତ୍ର ଘୋଷଣା କରାଯାଉ

ରାଉରକେଲା ଅଫିସ,୨୧। ୮

ଭାରତୀୟ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସକୁ ତୀର୍ଥକ୍ଷେତ୍ର ଘୋଷଣା ଦାବି କରାଯାଇଛି। ଏନେଇ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି ଅନୁଷ୍ଠାନର କର୍ମକର୍ତ୍ତା। ସେମାନେ ରାଜ୍ୟପାଳଙ୍କ ନିକଟକୁ ଏକ ଦାବିପତ୍ର ଡାକରେ ପଠାଇଛନ୍ତି। ଏଥିରେ କୁହାଯାଇଛି ଯେ, ଶତାଧିକ ବର୍ଷ ଧରି ଏଠାରେ ପାଳନ କରାଯାଉଥିବା ପ୍ରସିଦ୍ଧ ବେଦବ୍ୟାସ ମେଳା ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଛି। ମହାଶିବ ରାତ୍ରି ବା ଜାଗର ଯାତ୍ରା ବେଳେ ଦୀର୍ଘ ମାସାଧିକ କାଳ ଧରି ଏଠାରେ ଯେଉଁ ମେଳା ଆୟୋଜନ କରାଯାଏ ସେଥିରେ ବିଭିନ୍ନ ରାଜ୍ୟରୁ ବହୁ ସଂଖ୍ୟାରେ ବ୍ୟବସାୟୀ ଯୋଗଦାନ କରନ୍ତି। ବର୍ଷ ତମାମ ଏହି ପୀଠକୁ ଯାତ୍ରୀ ସମାଗମ ମଧ୍ୟ ଲାଗି ରହିଥାଏ। ଏପରି ଏକ ପ୍ରସିଦ୍ଧ ଶୈବକ୍ଷେତ୍ରକୁ ସବୁଦିନିଆ ତୀର୍ଥକ୍ଷେତ୍ରରେ ପରିଣତ କରାଯିବା ନେଇ ଆଜି ପର୍ଯ୍ୟନ୍ତ ବିଶେଷ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ରୋଯାଇଛି। ଏହି କ୍ଷେତ୍ରର ମାହାତ୍ମ୍ୟ ଦୃଷ୍ଟିରୁ ସରକାର ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ ବୋଲି ସଙ୍ଗଠନ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଛି। ସେକ୍ଟର ଅଞ୍ଚଳ ସହ ଏହି ଶୈବପୀଠର ସଂଯୋଗ ପାଇଁ ପ୍ରସ୍ତାବିତ ଝୁଲା ପୋଲର କାର୍ଯ୍ୟାରମ୍ଭ କରିବାକୁ ଏଥିରେ ଦାବି କରାଯାଇଛି। ମନ୍ଦିର ନିକଟରେ ୧୨୧ଫୁଟର ବ୍ୟାସ ପ୍ରତିମା ସହ ବେଦବ୍ୟାସ ଛକରେ ୨୧ଫୁଟର ଭୃଷଭ ଦେବଙ୍କ ଅନ୍ୟ ଏକ ପ୍ରତିମା ନିର୍ମାଣ ନେଇ ପ୍ରସ୍ତାବ ଦିଆଯାଇଛି। ସେହିଭଳି ସ୍ଥାନୀୟ ମହାବୀର ପାହାଡ ଉପରେ ଆୟୁର୍ବେଦିକ ଉଦ୍ୟାନ ସହ ୧୦ହଜାର ଦର୍ଶକ ବସି ପାରୁଥିବା ଭଳି ଏକ ଆକର୍ଷଣୀୟ ସ୍ଥଳ ନିର୍ମାଣ କରାଯାଉ ବୋଲି ଦାବି କରିଛି ସଙ୍ଗଠନ। ଏଥି ସଂଲଗ୍ନ ଏକ ଆଧ୍ୟାତ୍ମିକ ପୁସ୍ତକାଳୟ ଓ ଗବେଷଣାଗାର ପ୍ରତିଷ୍ଠା ଦିଗରେ ଧ୍ୟାନ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ପାନପୋଷ ରେଳଷ୍ଟେଶନକୁ ବେଦବ୍ୟାସ ପାନପୋଷ ନାମରେ ନାମିତ କରାଯିବା ସହ ବର୍ଜ୍ୟ ଦୂଷିତ ପଦାର୍ଥକୁ ନଦୀଜଳରେ ନ ଛାଡିବାକୁ ସଙ୍ଗଠନ ପ୍ରସ୍ତାବ ଦେଇଛି।



ଭଞ୍ଜଭବନଠାରେ ଅନୁଷ୍ଠିତ ସମ୍ମିଳନୀରେ ତାଳଚେର ବିମଳାଗଡ ରେଳପଥ ସଂଗ୍ରାମ ସମିତିର କର୍ମକର୍ତ୍ତା ଓ ଅତିଥି।

■ ତାଳଚେର ବିମଳାଗଡ଼ ରେଳପଥ ପ୍ରସଙ୍ଗ

ବର୍ଷକରେ କାମ ଶେଷ କରିବାକୁ ସଂଗ୍ରାମ ସମିତିର ଦାବି

ରାଉରକେଲା ଅଫିସ,୨୧।୮

ତାଳଚେର ବିମଳାଗଡ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସୋମବାର ଭଞ୍ଜଭବନଠାରେ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ସଭାପତି ଅଦୈତ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ସହସ୍ରାଧିକ ସହରବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନମନ୍ତ୍ରୀ ମଙ୍ଗଳା କିଷାନ, ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅଟଳବିହାରୀ ବାଜପେୟୀଙ୍କ ସମେତ ଲୋକସଭାର ପୂର୍ବତନ ବାଚସ୍ପତି ସୋମନାଥ ଚାଟାର୍ଜୀ, ଜାତିସଂଘ ସେକ୍ରେଟାରୀ ଜେନେରାଲ କୋଫି ଆନ୍ନାନ, ତାମିଲଡାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କ ସମେତ ଗତ ୧୦୬୯ ମସିହାରେ ଅନୁଷ୍ଠିତ ତାଳଚେର ବିମଳାଗଡ ରେଳପଥ ଆନ୍ଦୋଳନରେ ସାମିଲ ହୋଇଥିବା ସ୍ୱର୍ଗତ ବ୍ରଜ ମହାନ୍ତି, ରାଜକିଶୋର ମହାନ୍ତି, ଜଗଦୀଶ ନାଗ, ସୁରେନ୍ଦ୍ର ମୁଦାଲି, ନିତ୍ୟାନନ୍ଦ ପଣ୍ଡା, ବନବିହାରୀ ଦାସ ଓ ହୃଷିକେଶ ରାୟ ପ୍ରମୁଖଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଭାରେ ଅଧ୍ୟକ୍ଷତା କରୁଥିବା ବିଶ୍ୱାଳ କହିଥିଲେ, ଏହି ଐତିହାସିକ ରେଳପଥ ନିର୍ମାଣର ପ୍ରାସଙ୍ଗିକତା ନେଇ ଆଲୋଚନା କରିଥିଲେ। ଏଥିରେ ରାଉରକେଲା ସମେତ ଅନୁଗୋଳ, ବିମଳାଗଡ, ବଣାଁଇ, ଦେବଗଡ ଓ ବାରକୋଟ ଆଦି ଅଞ୍ଚଳରୁ ଶତାଧିକ ପ୍ରତିନିଧି ଯୋଗଦେଇଥିଲେ। ଗତ ୧୯୬୯ ତାଳଚେର ବିମଳାଗଡ ଐତିହାସିକ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରି ବିଶ୍ୱାଳ ସାମ୍ପ୍ରତିକ ନିର୍ମାଣ ଅବସ୍ଥା ନେଇ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳା କିପରି ଏହି ଗୁରୁତ୍ୱପୂର୍ଣ୍ଣ ରେଳପଥ ନିର୍ମାଣରେ ଅନ୍ତରାୟ ସାଜିଛି ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସଂଗ୍ରାମ ସମିତି ଷ୍ଟିୟରିଂ କମିଟି ସଭ୍ୟ ବିଷ୍ଣୁ ମହାନ୍ତି ନିଜ ବ୍ୟକ୍ତବ୍ୟରେ କହିଥିଲେ, ଆସନ୍ତା ୨୦।୮। ୨୦୧୯ରେ ଏହି ଆନ୍ଦୋଳନକୁ ୫୦ ବର୍ଷ ପୁରିବ। ଏଣୁ ଆସନ୍ତା ୧ ବର୍ଷ ମଧ୍ୟରେ ତାଳଚେର ବିମଳାଗଡ ରେଳପଥ ପୂର୍ଣ୍ଣାଙ୍ଗ କରା ନ ଗଲେ ପ୍ରଥମେ ଅର୍ଥନୈତିକ ଅବରୋଧ ଓ ପରେ ରାଜ୍ୟରେ ରେଳ ଚଳାଚଳକୁ ଅନର୍ଦ୍ଦିଷ୍ଟ କାଳ ଯାଏ ଅଚଳ କରି ଦିଆଯିବ ବୋଲି ମହାନ୍ତି କହିଥିଲେ। ଆଗାମୀ ଦିନରେ ଏନେଇ ବିଭିନ୍ନ ସ୍ଥାନରେ ସମ୍ମିଳନୀ ଆୟୋଜନ କରାଯାଇ ଜନସଚେତନତା ସୃଷ୍ଟି କରାଯିବ। ଏଥିରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କୁ ସାମିଲ କରାଯିବ ବୋଲି ସେ କହିଥିଲେ। ଭାଜପା ନେତା ହରିହର ରାଉତରାୟ ଅନୁରୂପ ବକ୍ତବ୍ୟ ପ୍ରଦାନ କରି କହିଥିଲେ, ତାଳଚେର ବିମଳାଗଡ ରେଳପଥ ନିର୍ମାଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଛି। ଏହାକୁ ବରଦାସ୍ତ କରାଯିବ ନାହିଁ। ଏନେଇ ଯାହା ଆବଶ୍ୟକ ସେ ଦିଗରେ କମିଟି ପଛଘୁଞ୍ଚା ଦେବାନି ବୋଲି ରାଉତରାୟ କହିଥିଲେ। ଏଥରେ ଯୋଗ ଦେଇଥିବା ବହୁ ବରିଷ୍ଠ ନାଗରିକ ତାଳଚେର ବିମଳାଗଡ ରେଳପଥ ନିର୍ମାଣ ନେଇ ଅବହେଳାକୁ ତୀବ୍ର ସମାଲୋଚନା କରିଥିଲେ। ଏଥିରେ ଯୋଗ ଦେଇଥିବା ଅନ୍ୟମାନେ ମଧ୍ୟ ଆଲୋଚନାରେ ଭାଗ ନେଇ ସଂଗ୍ରାମ ସମିତିର ପଦକ୍ଷେପକୁ ସ୍ୱାଗତ କରିଥିଲେ।

■ ନିଖିଳ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ସଂଘର ଆନ୍ଦୋଳନ

୪ଦଫା ଦାବି ନେଇ ଧାରଣା

ରାଉରକେଲା ଅଫିସ,୨୧। ୮

ନିଖିଳ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ସଂଘ (ଏଓଏସ୍‌ଆରଟିଏ) ପକ୍ଷରୁ ମଙ୍ଗଳବାର ୪ଦଫା ଦାବି ନେଇ ୩ ଦିନିଆ ଆନ୍ଦୋଳନ ଆରମ୍ଭ କରାଯାଇଛି। ଏଥିରେ ସାମିଲ ହୋଇଛନ୍ତି ରାଉରକେଲା ସଙ୍ଗଠନର ୫୯ କର୍ମଚାରୀ ଓ ୨୨ଟି ବସ। ବନ୍ଦ ହୋଇଯାଇଛି ଯାତ୍ରୀ ସେବା। ସେକ୍ଟର-୨ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି କର୍ମଚାରୀ। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନରୁ ହଟିବୁନି ବୋଲି କହିଛନ୍ତି ଆସୋସିଏଶନ କର୍ମକର୍ତ୍ତା। ରାଜ୍ୟ ସଂଘର ଡାକରାକ୍ରମେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ରାଜ୍ୟର ପାଖାପାଖି ୨ହଜାର କର୍ମଚାରୀ ସାମିଲ ହୋଇଛନ୍ତି। ଏଥିରେ ରାଉରକେଲା ସଙ୍ଗଠନ ସାମିଲ ହୋଇଥିବାରୁ ଯାତ୍ରୀ ପରିବହନ ସେବାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଯେ ପର୍ଯ୍ୟନ୍ତ ସବୁ କର୍ମଚାରୀଙ୍କୁ ନିୟମିତ ନ କରାଯାଇଛି ସେ ଯାଏ କର୍ମଚାରୀ ନିଜ ଜିଦରୁ ହଟିବେ ନାହିଁ। ଏଥିସହ ସମାନ କାମକୁ ସମାନ ଦରମା, ୭ମ ବେତନ କମିଶନ ଲାଗୁ, ନିରୀହ କର୍ମଚାରୀଙ୍

ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ

ସଂକ୍ଷେପରେ

ମୁଖ୍ୟମନ୍ତ୍ରୀ ଭାଜପା ଯୁବନେତାଙ୍କୁ ସାକ୍ଷାତ ନ ଦେବା ନିନ୍ଦନୀୟ

ରାଉରକେଲା ଅଫିସ,୨୧।୮- ରାଉରକେଲା ସମସ୍ୟା ନେଇ ମୁକ୍ତିକାନ୍ତଙ୍କୁ ସାକ୍ଷାତ ଦେଇଥିବା ମୁଖ୍ୟମନ୍ତ୍ରୀ ଭାଜପା ଯୁବ ନେତାଙ୍କୁ ସାକ୍ଷାତ ନ ଦେବା ପଛରେ କି ରହସ୍ୟ ରହିଛି ବୋଲି ପ୍ରଶ୍ନ କରାଯାଇଛି। ଏନେଇ ଦଳର ମୁଖପାତ୍ର ଭଗବାନ ରାଉତ କହିଛନ୍ତି ଯେ, ମୁକ୍ତିକାନ୍ତଙ୍କ ପଦଯାତ୍ରା ବିଜେଡି ପ୍ରାୟୋଜିତ ନିଶ୍ଚିତ। ଏଥିରେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ସମ୍ପୃକ୍ତ। ନିଜ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଏଭଳି ପାତରଅନ୍ତର ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ ବୋଲି ରାଉତ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏକଦା ଶିଳାନ୍ୟାସ କରାଯାଇଥିବା କୋଏଲ ବ୍ୟାରେଜ, ମେଡିକାଲ କଲେଜ, ମାର୍କେଟ କମ୍ପ୍ଲକ୍ସ ପରି କେତେକ ପ୍ରତିଶ୍ରୁତି ମନେ ପକାଇବାକୁ ରାଉରକେଲାରୁ ୬ଜଣ ଯୁବକ ସାଇକେଲରେ ଭୁବନେଶ୍ୱର ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ତାଙ୍କୁ ସାକ୍ଷାତ ଦେବା ଦୂର କଥା ଓଲଟା ପୋଲିସ ଲଗାଇ ଗିରଫ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

ଜୀବନ ସଂଗ୍ରାମରେ ଦିବ୍ୟାଙ୍ଗ ପରିବାର

ନୂଆପଡା ଅଫିସ,୨୧।୮

ଜିଲାପାଲଙ୍କୁ ଭେଟିବାକୁ କମଳ ଲୋଚନ ନିଜ ପରିବାର ସହ ନୂଆପଡା ସହରରେ ବୁଲୁଛନ୍ତି।

ଦିବ୍ୟାଙ୍ଗ ହେଲେ ବି ହାରି ନାହାନ୍ତି

- ବାସହରା ହୋଇପଡିଛନ୍ତି କମଳଙ୍କ ପରିବାର
- ୭୦ କି.ମି. ଦୂର ନୂଆପଡାକୁ ଆସିଥିଲେ
- ଜିଲାପାଳଙ୍କୁ ଅପେକ୍ଷା କରି ନିରାଶରେ ଫେରିଲେ

କଥାରେ ରହିଛି ମଣିଷ ଦିବ୍ୟାଙ୍ଗ ହେଲେ ବି ତାଙ୍କ ଭିତରେ ସୃଷ୍ଟି କର୍ତ୍ତା ଧୈର୍ଯ୍ୟ, ଶକ୍ତି, ନିଷ୍ଠା ଭରପୁର ରହିଥାଏ । ଠିକ ଏଭଳି ହୋଇଛି କମଳଲୋଚନଙ୍କ କ୍ଷେତ୍ରରେ । ନୂଆପଡା ଜିଲା ଖଡିଆଳ ବ୍ଲକ ସଦର ମହକୁମା ବିଜେପୁର ଗାଁରେ ରହୁଥିବା କମଳ ଲୋଚନ (୩୫)ଙ୍କ ପରିବାରରେ ସ୍ୱାମୀ ସ୍ତ୍ରୀ ଆଜନ୍ମ ଦୃଷ୍ଟି ଶକ୍ତି ହରାଇଛନ୍ତି । ଘରେ ଦୁଇ ଛୁଆ । ଘର ନାହିଁ କି ଜମିବାଡି, ସ୍ଥାବର ଅସ୍ଥାବର ସମ୍ପତ୍ତି କିଛି ନାହିଁ । ତଥାପି ଜୀବନ ଯୁଦ୍ଧରେ ସେମାନେ ହାରିବାକୁ ପ୍ରସ୍ତୁତ ନୁହନ୍ତି । ନିଜ ପାଇଁ ସହାୟତା ନେବାକୁ ନୂଆପଡାକୁ ଆସି ଜିଲାପାଳଙ୍କୁ ଭେଟିବାକୁ ପ୍ରୟାସ କରିଛନ୍ତି । ଦିନ ତମାମ ଏଠାରେ ଅପେକ୍ଷା କରିଥିଲେ ବି ଜିଲାପାଳଙ୍କୁ ନ ଭେଟି ନିରାଶରେ ଘରକୁ ଫେରି ଯାଇଛନ୍ତି ।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ଗାଁରେ କମଳଙ୍କ ଜନ୍ମ । ସେ ଜନ୍ମରୁ ଦୃଷ୍ଟି ଶକ୍ତି ହରାଇଥିବାବେଳେ ସ୍ଥାନୀୟ ଭବାନୀପାଟଣାରେ ସ୍ୱତନ୍ତ୍ର ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ । ପରେ ବାଲିଗଡା ହାଇସ୍କୁଲରେ ହାଇସ୍କୁଲ ପାଠ ସାରିଥିଲେ। ପରେ ନୂଆପଡା ଜିଲା ବୁଦ୍ଧିକୋମନା ପଞ୍ଚାୟତ କଲେଜରେ ଯୁକ୍ତ ଦୁଇପାସ କରି ଖଡିଆଳ ମହାତ୍ମା ଗାନ୍ଧୀ ଅନ୍ଧ, ମୂକ ଓ ବଧୀର ସ୍କୁଲରେ ରହି ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷାଦାନରେ ନିଜକୁ ବ୍ରତି କରିଥିଲେ। ଏହି ସମୟରେ ଦିବ୍ୟାଙ୍ଗ (ଦୃଷ୍ଟି ହୀନା)ରେଣୁବାଲାଙ୍କୁ ବିବାହ କରିଥିଲେ । ତାଙ୍କର ବର୍ତମାନ ଦୁଇଟି ଝିଅ ପୁଅ ପ୍ରିୟଙ୍କା (୧୨) ଏବଂ ଗୋପାଳ (୧୧) । ସ୍ଥାନୀୟ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛନ୍ତି । ବର୍ତ୍ତମାନ ଏହି ସ୍କୁଲ ବନ୍ଦ ହୋଇଯିବା ପରେ କମଳଙ୍କ ପରିବାର ବେସହାରା ହୋଇପଡିଛନ୍ତି । ପଡିକାର୍ଡ ଟିଏ ନାହିଁ କି ଜମିବାଡି, ଘରଦ୍ୱାର କିଛି ନାହିଁ । ସରକାରଙ୍କ ତରଫରୁ ସହାୟତା ପାଇଁ ବାରମ୍ବାର ବ୍ଲକ ଏବଂ ଜିଲା କାର୍ଯ୍ୟାଳୟକୁ ଦୌଡୁଛନ୍ତି। ହେଲେ କିଛି ସହାୟତା ମିଳିପାରୁ ନ ଥିବାରୁ କମଳ ଭାଙ୍ଗିପଡିଛନ୍ତି । ମଙ୍ଗଳବାର ଦିବ୍ୟାଙ୍ଗ ସ୍ତ୍ରୀ ରେଣୁବାଲା, ଦୁଇ ଝିଅପୁଅ ଦୀର୍ଘ ୭୦ କି.ମି. ଦୂର ବସ ଯୋଗେ ନୂଆପଡାକୁ ଆସିଥିଲେ। ଦୁଇ ଝିଅପୁଅ ଦିବ୍ୟାଙ୍ଗ ମା'ବାପାଙ୍କ ପାଇଁ ସହାରା ହୋଇଛନ୍ତି। ସକାଳ ୧୦ଟାରୁ ଅପରାହ୍ନ ୪ଟାଯାଏଁ ଜିଲ୍ଲାପାଲଙ୍କୁ ଭେଟିବାକୁ ଜଗି ରହିଥିଲେ। ହେଲେ ଭେଟିପାରି ନ ଥିଲେ। ଶେଷରେ ଉପଜିଲ୍ଲାପାଲ ସୀତାରାମ ପଟେଲଙ୍କୁ ଭେଟି ଗୁହାରୀ କରିଥିଲେ। ଉପଜିଲ୍ଲାପାଲ ପଟେଲ ତୁର' ଖଡିଆଳ ତହସିଲଦାରଙ୍କୁ ଫୋନ ଯୋଗେ ଏହି ପରିବାରର ସ୍ଥିତିକୁ ଅନୁଧ୍ୟାନ କରିବା ସହ ଥଇଥାନ କରିବାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ କମଳ ଦୁଃଖର ସହ କହିଛନ୍ତି ଯେ ଆଜିକୁ ବହୁବାର ନୂଆପଡାକୁ ଆସିଛି । ହେଲେ ଜିଲ୍ଲାପାଲଙ୍କୁ କେବେବି ଭେଟିବାର ସୁଯୋଗ ପାଇପାରୁ ନାହାନ୍ତି। ତାଙ୍କର ଥଇଥାନ ହୋଇପାରୁ ନାହିଁ। ବାର ଦୁଆର ବୁଲି ଅନ୍ନ ଯୋଗାଡ କରୁଛୁ। ତାଙ୍କ ପରିବାରକୁ ତୁର' ଥଇଥାନ କରିବା ସହ ଦୁଇ ଝିଅ ପୁଅଙ୍କୁ ଥଇଥାନ କରିବାକୁ ଗୁହାରୀ କରିଛନ୍ତି । ଯେ କୌଣସି ସହୃଦୟ ବ୍ୟକ୍ତି/ ସଂଗଠନ ସହ ଯୋଗର ହାତ ବଢାଇବାକୁ ଚାହୁଁଥିଲେ ମୋବାଇଲ ନମ୍ବର ୮୦୧୮୯୧୪୯୫୪୫ରେ ଯୋଗା ଯୋଗ କରିବାକୁ କମଳ ନିବେଦନ କରିଛନ୍ତି।

ଯମୁନାନାକିରେ ଡିଜିଟାଲ ଗ୍ରାମ ଉଦ୍‌ଘାଟିତ

କୁଆଁରମୁଣ୍ଡା,୨୧।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଧୀନ ଯମୁନାନାକି ଗ୍ରାମରେ ବ୍ୟାଙ୍କ ଅଫ ଇଣ୍ଡିଆ ପଦମପୁର ଶାଖା ପକ୍ଷରୁ ମଙ୍ଗଳବାର ଡିଜିଟାଲ ଗ୍ରାମ ଉଦ୍‌ଘାଟିତ ହୋଇଯାଇଛି। ପଦମପୁର ପଞ୍ଚାୟତ ଯମୁନାନାକି ଗ୍ରାମର ସମସ୍ତ ପରିବାର ପଦମପୁର ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଆକାଉଣ୍ଟ ଖୋଲିଛନ୍ତି। ଫଳରେ ବ୍ୟାଙ୍କ ପକ୍ଷରୁ ଉକ୍ତ ଗ୍ରାମର ସମସ୍ତ ଆକାଉଣ୍ଟ ହିତାଧିକାରୀଙ୍କ ସୁବିଧା ପାଇଁ ଡିଜିଟାଲ ଗ୍ରାମର ଶୁଭାରମ୍ଭ କରାଯାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଦମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ ଯୋଗାଦେଇ ଏହାର ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆ ପଦମପୁର ଶାଖାର ଶାଖା ପରିଚାଳକ ସନ୍ଧ୍ୟା କୁମାରୀ ଉପସ୍ଥିତ ରହି ଗ୍ରାମବାସୀମାନଙ୍କୁ ଡିଜିଟାଲ ଗ୍ରାମ ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଯମୁନାନାକି ଗ୍ରାମର ସାମାଜିକ କର୍ମୀ ଜୀବନ ଦାସ, ରୀନା ବେହେରା, ଦୁଲୁ ଚାନ୍ଦ, ରାହୁଲ ମହାନ୍ତି, ଶଙ୍କର ପୂଖାରୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବବ୍ରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଟିପ୍ପର ଚାପରେ ବୃଦ୍ଧା ମୃତ

ପଲମ,୨୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ଥାନା ଅନ୍ତର୍ଗତ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା/ପଲମ ସୀମା ମଙ୍ଗଳାଯୋର ନିକଟରେ ମଙ୍ଗଳବାର ସକାଳ ୮ଟାରେ ଏକ ୧୮ଚକିଆ ଟିପ୍ପର ଚାପରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସେ ହେଲେ କେସିଙ୍ଗା ବ୍ଲକ ଅଧୀନ ହାତୀଖୋଜ ପଞ୍ଚାୟତ ପିପଲପଦର ଗ୍ରାମର ମାନଧାତା ସାହୁ (୬୫) । ମୃତକଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିଥିଲେ । ଗାଡ଼ି ମାଲିକ ମୃତକଙ୍କ ପରିବାରବର୍ଗଙ୍କୁ ୨୦ ହଜାର ଟଙ୍କା ଏବଂ ୨ ଲକ୍ଷ ଟଙ୍କାର ଏକ ଚେକ୍ ଦେବା ପରେ ରାସ୍ତାରୋକୋ ହଟିଥିଲା ।

ମାନଧାତା ତାଙ୍କ ସମ୍ପର୍କୀୟ ଯୋରାଡବରା ଗ୍ରାମର କିରଣଚନ୍ଦ୍ର ସାହୁ ଘରକୁ ସାଇକେଲ ଯୋଗେ ଯାଉଥିଲେ । ସେହି ସମୟରେ ବୁର୍ଡାଠାରୁ ଆସୁଥିବା ଏକ ମେଟାଲ ବୋଝେଇ ଏଆରଏସଏସର ୧୮ ଚକିଆ ଟିପ୍ପର (ନଂ.ଓଆର୦୫ଏଜି-୫୨୬୩) ମାଡି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ରାସ୍ତାରେ ଯିବାଆସିବା କରୁଥିବା ଲୋକମାନେ ନିକଟସ୍ଥ ପଲମ ଫାଣ୍ଡି ଏଏସଆଇ ଅସିତ କୁମାର ପଣ୍ଡାଙ୍କୁ ଫୋନ କରି ଜଣାଇଥିଲେ। ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ମ.ରାମପୁର ଥାନାକୁ ଖବର ଦେଇଥିଲେ ଏବଂ ମୃତକଙ୍କ ପରିବାରବର୍ଗଙ୍କୁ ମଧ୍ୟ ଫୋନରେ ଜଣାଇ ଦେଇଥିଲେ। ମ.ରାମପୁର ଥାନା କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ତାଙ୍କ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି କରିଥିଲେ । ଗାଡି ଚାଳକ ବିଭୁତି ପରିଡା (୨୬) ଭୁଆଁପୁର ନୟାଗଡ ଜିଲା ବୋଲି ଜଣାପଡିଛି । ଏ ନେଇ ମୃତକଙ୍କ ପୁଅ ଚୂଡାମଣୀ ସାହୁ ମ.ରାମପୁର ଥାନାକୁ ଲିଖିତ ଅଭିଯୋଗ କରିଛନ୍ତି ।

■ କର୍ଲାମୁଣ୍ଡା ବ୍ଲକ ଅଧକ୍ଷା ଡାକ୍ତରଙ୍କ ପ୍ରତି ଦୁର୍ବ୍ୟବହାର ଘଟଣା

ଡାକ୍ତରଙ୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ

ଭବାନୀପାଟଣା,୨୧।୮(ଡି.ଏନ.ଏ.)

ଡାକ୍ତରଙ୍କୁ ଗାଳିଗୁଲଜ କରିଥିବା ବ୍ଲକ ଅଧକ୍ଷାଙ୍କ ବିରୋଧରେ ଓଏମ୍‌ଏସ୍‌ଏ କଳାହାଣ୍ଡି ଶାଖା ତରଫରୁ ଆନ୍ଦୋଳନ ସମ୍ପର୍କରେ ସୂଚନା ଦିଆଯାଉଛି।

କଳାହାଣ୍ଡି ଜିଲା କେସିଙ୍ଗା ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଙ୍କୁ କର୍ଲାମୁଣ୍ଡା ବ୍ଲକ ଅଧକ୍ଷା ଗାଳିଗୁଲଜ କରିବା, ଦୁର୍ବ୍ୟହାର କରିବା ଘଟଣା ନେଇ ବିବାଦ ବଢିବାରେ ଲାଗିଛି। ସୋମବାର କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର, ଷ୍ଟାଫ ନର୍ସ ଓ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ କରିଥିବା ବେଳେ ମଙ୍ଗଳବାରଠାରୁ ଓଏମ୍‌ଏସ୍‌ଏ କଳାହାଣ୍ଡି ଶାଖା ତରଫରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସମସ୍ତ ଡାକ୍ତର କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ ଆରମ୍ଭ କରିଛନ୍ତି । ବର୍ତ୍ତମାନ ସୁଦ୍ଧା କର୍ଲାମୁଣ୍ଡା ବ୍ଲକ ଅଧକ୍ଷାଙ୍କୁ ଗରଫ୍ କରା ନ ଯିବା ପ୍ରତିବାଦରେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ କଳାବ୍ୟାଚ ପିନ୍ଧି ଆନ୍ଦୋଳନ କରିବା ପାଇଁ ସ୍ଥିର କରାଯାଇଥିଲା । କିନ୍ତୁ ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ କଲେ ମଧ୍ୟ ନିଜର ଦାୟିତ୍ୱ ଓ କାର୍ଯ୍ୟରେ କୌଣସି ଅବହେଳା କରିବେ ନାହିଁ । ଯଦି ଏକ ସପ୍ତାହ ଭିତରେ କର୍ଲାମୁଣ୍ଡା ବ୍ଲକ ଅଧକ୍ଷା ଅମ୍ରିତା ସାହୁଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଓ ତାଙ୍କୁ ଗିରଫ୍ କରା ନ ଯାଏ ବାଧ୍ୟ ହୋଇ ଓଏମ୍‌ଏସ୍‌ଏ ଏହି ଆନ୍ଦୋଳନକୁ ତୀବ୍ର କରିବ ବୋଲି ମଙ୍ଗଳବାର ସିଡିଏମ୍‌ଓ ଡା. ସରୋଜ କୁମାର ତିହାଡି ପ୍ରକାଶ କରିଛନ୍ତି ।

କର୍ଲାମୁଣ୍ଡା ବ୍ଲକ ଅଧକ୍ଷା ଅମ୍ରିତା ସାହୁ ଚିକିତ୍ସା କରାଇବା ନିମନ୍ତେ ହେମ ରଣା (୮୦) ନାମକ ଜଣେ ବୃଦ୍ଧାଙ୍କୁ ନେଇ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା. ଲୋପାମୁଦ୍ରା ବଶଙ୍କ ଚେମ୍ବରକୁ ଯାଇ ରୋଗୀଙ୍କୁ ଦେଖାଇବା ପରିବର୍ତ୍ତେ ଡାକ୍ତରଙ୍କ ଚେୟାର ବସିବା ପାଇଁ ମାଗିଥିଲେ । ଡା. ବିଶି କହିଲେ ଏହା ମୋ ଚେୟାର ଆପଣ ଅନ୍ୟ ଚେୟାରରେ ବସନ୍ତୁ ବୋଲି କହିଥିଲେ । ବ୍ଲକ ଅଧକ୍ଷା ଏତିକିରେ ରାଗିଯାଇ ବଡ ପାଟିରେ ଗାଳିଗୁଲଜ ଦେଇଥିଲେ । ଡା. ହରେକୃଷ୍ଣ ଧଳ ଏହି ସବୁକଥା ଶୁଣି ବୁଝାଇଥିଲେ। କିନ୍ତୁ ବ୍ଲକ ଅଧକ୍ଷା କାହାର କଥାକୁ କର୍ଣ୍ଣପାତ ନ କରି ଗାଳିଗୁଲଜ ଦେଇଥିଲେ । କାର୍ଯ୍ୟରତ ଷ୍ଟାଫ ନର୍ସ ମଧୁସ୍ମିତା ମହାନ୍ତି ମଧ୍ୟ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ବ୍ଲକ ଅଧକ୍ଷା ଏଥିରେ କ୍ରୋଧାନ୍ୱିତ ହୋଇ ସିଡିଏମଓଙ୍କୁ ଫୋନ କରି ବିଭିନ୍ନ ମିଥ୍ୟା କଥା ସବୁ କହିଥିଲେ। ସିଡିଏମଓ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାଜ ଡା. ସତ୍ୟସାଇ ନାଏକଙ୍କୁ ଘଟଣା ବିଷୟରେ ପଚାରି ବୁଝିଥିଲେ । ବ୍ଲକ ଅଧକ୍ଷା ଅମ୍ରିତା ସାହୁ କେସିଙ୍ଗା ଥାନାକୁ ଯାଇ ଡାକ୍ତର ଓ ଷ୍ଟାଫ ନର୍ସଙ୍କ ବିରୋଧରେ ଅଭିଯୋଗ କରି ଫେରିଯାଇଥିଲେ। ଅନ୍ୟପକ୍ଷେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ପକ୍ଷରୁ ମଧ୍ୟ କେସିଙ୍ଗା ଥାନାରେ ପାଲଟା ଅଭିଯୋଗ କରାଯାଇଛି । କାନ୍ତି ନାଏକ ନାମକ ଜଣେ ସ୍ୱପରଙ୍କୁ ମଧ୍ୟ ଜାତଆଣ ନେଇ ବ୍ଲକ ଅଧକ୍ଷା ଗାଳିଗୁଲଜ କରିଥିବାରୁ ସେ ମଧ୍ୟ ଏକ ଏଟ୍ରୋସିଟି କେସ କରିଥିବା ଜଣାପଡିଛି। କେସିଙ୍ଗା ଥାନାରେ ଉଭୟ ପକ୍ଷର ଏତଲା ଅନୁଯାୟୀ ଦୁଇଟି ମାମଲା ରୁଜୁ କରାଯାଇଛି ।

■ ଯୁବକ ନିଖୋଜ, ହତ୍ୟା ଅଭିଯୋଗ ଘଟଣାର ପର୍ଦ୍ଦାଫାଶ

ପୁତୁରାଙ୍କୁ ହତ୍ୟା କରି ଜେଲ ଗଲେ କକା

କୋକସରା,୨୧।୮(ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଉଛି।

ଜମିବାଡି ବିବାଦରୁ ହତ୍ୟା

କଳାହାଣ୍ଡି ଜିଲା କୋକସରା ବ୍ଲକ ଡହଗାଁ ପଞ୍ଚାୟତ ତେନ୍ତୁଲିପଡାର ଜଣେ ବ୍ୟକ୍ତି ନିଜ ପୁତୁରାଙ୍କୁ ହତ୍ୟା କରି ନଦୀରେ ଫିଙ୍ଗିଦେବା ଘଟଣାର ପର୍ଦ୍ଦାଫାଶ କରିଛି କୋକସରା ପୋଲିସ। ଅଭିଯୁକ୍ତ କକାଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ତେନ୍ତୁଲିପଡାର ଦେବରାଜ ପୋଟା (୫୫)। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ମଙ୍ଗଳବାର କୋକସରା ଥାନା ପରିସରରେ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ସୁରେନ୍ଦ୍ରନାଥ ଶତପଥୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏ ନେଇ କୋକସରା ଥାନାରେ ଦଫା ୩୬୪, ୨୯୪, ୫୦୬, ୩୦୨, ୨୦୧ରେ ଏକ ମାମଲା (ନଂ.୧୩୦/୧୮) ରୁଜୁ ହୋଇଛି।

ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ଡହଗାଁ ପଞ୍ଚାୟତ ତେନ୍ତୁଲୁପଡା କଲୋନୀରେ ରହୁଥିବା ଭୁବନେଶ୍ୱର ପୋଟା ଓ ଦେବରାଜ ସମ୍ପର୍କରେ କକା ପୁତୁରା। ଭୁବନେଶ୍ୱର ଏହି ଥାନା ଅଧୀନ ଡଙ୍ଗରୀଗୁଡା ଗ୍ରାମରୁ ବିବାହ କରିଥିବା ବେଳେ ଦେବରାଜଙ୍କ ସ୍ତ୍ରୀ ଦୀର୍ଘଦିନ ହେଲା ମୃତ୍ୟୁ ବରଣ କରିଛି। ବିଭିନ୍ନ ସମୟରେ ଜମିବାଡିକୁ ନେଇ କକା ପୁତୁରା ମଧ୍ୟରେ ଅନେକ ଥର ଗଣ୍ଡଗୋଳ ହୋଇଥିଲା। ଗତ ୩ ତାରିଖରେ ଭୁବନେଶ୍ୱର ସ୍ତ୍ରୀ ଓ ୭ ବର୍ଷର ଝିଅଙ୍କୁ ଶ୍ୱଶୁର ଘର ଡଙ୍ଗରୀଗୁଡା ଛାଡି ସନ୍ଧ୍ୟାରେ ଗାଁକୁ ଫେରିଥିଲା। ଗାଁରେ ପହଞ୍ଚିବା ପରେ ଭୁବନେଶ୍ୱର ଓ ଦେବରାଜ ମଧ୍ୟରେ ପୁଣି ଥରେ ପୂର୍ବ ବିବାଦକୁ ନେଇ ପାଟିତୁଣ୍ଡ ହୋଇ ଧସ୍ତାଧସ୍ତି ହୋଇଥିଲେ। ଦେବରାଜ ଠେଙ୍ଗାରେ ପୁତୁରା ଭୁବନେଶ୍ୱରଙ୍କୁ ପିଟି ପିଟି ଜୀବନରେ ମାରି ଦେଇଥିଲେ। ବିଳମ୍ବିତ ରାତିରେ ମୃତକଙ୍କ ଗୋଡରେ ଦଉଡ଼ି ବାନ୍ଧି ଘୋଷାଡି ଘୋଷାଡି ନେଇ ଗାଁ ନିକଟସ୍ଥ ନାଳରେ ଫିଙ୍ଗି ଦେଇଥିଲେ। ସେହି ସମୟରେ ଲଘୁଚାପ ଜନିତ ଲଗାଣ ବର୍ଷା ହେଉଥିବାରୁ ଭୁବନେଶ୍ୱରଙ୍କ ମୃତଦେହ ନାଳ ଦେଇ ମୁଟ୍ରା ନଦୀକୁ ଭାସିଯାଇଥିଲା ବୋଲି ଅଭିଯୁକ୍ତ ଦେବରାଜ ପୋଲିସ ନିକଟରେ କହିଛନ୍ତି। ଘଟଣାର ୧୦ ଦିନ ପରେ ଭୁବନେଶ୍ୱରଙ୍କ ସ୍ତ୍ରୀ ଓ ଝିଆ ତେନ୍ତୁଲିପଡା ଗାଁକୁ ଆସିଥିଲେ। ଘରେ ସ୍ୱାମୀ ନ ଥିବା ଦେଖି ଖୋଜାଖୋଜି କରିଥିଲେ ବି ପାଇ ନ ଥିଲେ। ପରେ ଘଟଣା ସମ୍ପର୍କରେ ସ୍ଥାନୀୟ ଗ୍ରାମରକ୍ଷୀଙ୍କୁ ଜଣାଇଥିଲେ। ଶେଷରେ ଭୁବନେଶ୍ୱରଙ୍କ ସ୍ତ୍ରୀ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୋକସରା ଥାନାଧିକାରୀ ସଦଳବଳ ତେନ୍ତୁଳିପଡା ଯାଇ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ଜାରି ରହିଥିବା ବେଳେ ଦେବରାଜ ପୁତୁରା ଭୁବନେଶ୍ୱରଙ୍କୁ ଜୀବନରେ ମାରି ଦେଇ ମୁଟ୍ରାନଦୀରେ ଭସାଇ ଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଥିବା ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ସୁରେନ୍ଦ୍ରନାଥ ଶତପଥୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଉପଖଣ୍ଡ ପୋଲିସ ଅଧିକାରୀ ଶତପଥୀ ଜମିଜମା ବିବାଦକୁ ନେଇ ଅଭିଯୁକ୍ତ ଦେବରାକ ନିଜର ପୁତୁରାଙ୍କୁ ଠେଙ୍ଗାରେ ମାରି ଦେଇ ନିକଟସ୍ଥ ମୁଟ୍ରା ନଦୀରେ ଭସାଇ ଦେଇଥିବା ଜେରା ଓ ତଦନ୍ତରୁ ଜଣାପଡିଥିବା ଶତପଥୀ କହିଥିଲେ। ପୋଲିସ ଅଭିଯୁକ୍ତ ଦେବରାଜଙ୍କୁ ଧର୍ମଗଡ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ତଦନ୍ତ କରୁଥିବା ଥାନାଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି।

■ ନିୟନ୍ତ୍ରଣ ହୋଇପାରୁନି ଡେଙ୍ଗୁ

ଆତଙ୍କିତ ଅବସ୍ଥାରେ ଲଡୁଗାଁବାସୀ

କୋକସରା,୨୧।୮(

ଜ୍ଞାନ ବିଜ୍ଞାନ ମେଳା :୧୫୫ ପ୍ରକଳ୍ପ ପ୍ରଦର୍ଶିତ

କଳାହାଣ୍ଡି ଜିଲା କଲମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ୧୫୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି ।

ସଂକ୍ଷେପରେ

କେରଳ ବନ୍ୟାବିପନ୍ନଙ୍କୁ ସହାୟତା ପ୍ରଦାନ

ଭବାନୀପାଟଣା,୨୧।୮(ଡି.ଏନ.ଏ.) କଳାହାଣ୍ଡି ଜିଲା ବିଶିଷ୍ଟ ସାମାଜିକ କର୍ମୀ ପ୍ରମୋଦ କୁମାର ଖମାରୀ କେରଳ ବନ୍ୟାବିପନ୍ନଙ୍କୁ ସହାୟତାର ହାତ ବଢାଇଛନ୍ତି । ସୋମବାର ସେ କେରଳର ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ (ବନ୍ୟା ବିପର୍ଯ୍ୟାୟ)କୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । କେରଳ ବନ୍ୟା ଛାଡିବା ପରେ ଝାଡାବାନ୍ତି ଓ ଜ୍ୱର ଆଦି ରୋଗରେ ଲୋକ ଆକ୍ରାନ୍ତ ହୋଇଛନ୍ତି । କଳାହାଣ୍ଡି ଜିଲାର ବିଶିଷ୍ଟ ସାମାଜିକ କର୍ମୀ ତଥା ଭବାନୀପାଟଣା ନିବାସୀ ପ୍ରମୋଦ କୁମାର ଖମାରୀ ଏହି ଦୁର୍ଦ୍ଦିନ ପରିସ୍ଥିତିରେ କେରଳବାସୀଙ୍କୁ ସହାୟତା କରିବା ପାଇଁ ଆଗେଇ ଆସିଛନ୍ତି । ଖମାରୀ ସୋମବାର କେରଳର ରିଲିଫ୍ କମିଶନର (ବିପର୍ଯ୍ୟାୟ ପରିଚାଳନା ବିଭାଗ) ସହିତ ଟେଲିଫୋନ୍ ଯୋଗେ କଥା ହୋଇ ଏହି ଦୁଃଖଦ ସମୟରେ କେରଳବାସୀଙ୍କୁ ସମବେଦନା ଜଣାଇବା ସହିତ କେରଳର ଏହି ବନ୍ୟା ପୀଡିତ ଲୋକମାନଙ୍କୁ ଭଗବାନ ସହାୟତା ହେବେ ବୋଲି ପ୍ରକାଶ କରିଥିଲେ। ସୋମବାର ଖମାରୀ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ବନ୍ୟାରେ କ୍ଷତିଗ୍ରସ୍ତ ଲୋକମାନଙ୍କ ଚିକିତ୍ସା ଓ ଜରୁରୀ ସେବା ବାବଦରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଜରିଆରେ କେରଳରେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ପଠାଇଥିବା କେରଳ ରିଲିଫ୍ କମିଶନର (ବିପର୍ଯ୍ୟାୟ ପରିଚାଳନା ବିଭାଗ) ପକ୍ଷରୁ ସୂଚନା ଦିଆଯାଇଛି ।

ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇବାରୁ ବଞ୍ଚିତ

ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଖଡିଆଳ,୨୧।୮ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ବରଗାଁ ପଞ୍ଚାୟତରେ ଗତବର୍ଷ ବର୍ଷା ଅଭାବରୁ ଭୟାବହ ମରୁଡି ପରିସ୍ଥିତି ଦେଖାଦେଇଥିଲା। ମରୁଡି ପରିସ୍ଥିତିକୁ ନେଇ ଚାଷୀକୁଳ ଆତଙ୍କିତ ହୋଇ ପଡିଥିଲେ । ଫଳରେ କିଏ ଧାରଉଧାର କରି ତ ଆଉକିଏ ସୁନା ଅଳଙ୍କାର, ବାସନକୁସନ ବନ୍ଧକ ରଖି ନିଜ ଚାଷର ପ୍ରଧାନମନ୍ତ୍ରୀ ଫସଲ ଯୋଜନାରେ ବୀମା କରାଇଥିଲେ । ଏପରିକି ସେହି ସମୟରେ ମରୁଡି ପରିସ୍ଥିତି ଅନୁଧ୍ୟାନ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ସହ ଜିଲାପାଳ ପୋମା ଟୁଡୁ ବରଗାଁ ପଞ୍ଚାୟତ ଡୁମେରବାହାଲ ଓ ପୋଡାପାଲି ଗାଁକୁ ଯାଇ ମରୁଡି ପ୍ରଭାବିତ ଅଞ୍ଚଳ ମଧ୍ୟ ବୁଲି ଦେଖିଥିଲେ । ଏହା ପରେ ମରୁଡି ମୁକାବିଲା ସହାୟତା ସ୍ୱରୂପ ଇନପୁଟ ସବସିଡି ମଧ୍ୟ ପ୍ରଦାନ କରାଯାଇଥିଲା । ଏହା ସହ ମରୁଡି ଅଞ୍ଚଳ ଘୋଷଣା ମଧ୍ୟ ହୋଇଥିଲା । ହେଲେ ବର୍ତ୍ତମାନ ଗତ ୨୦୧୬-୧୭ ବର୍ଷର ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ ହେଉଥିବା ବେଳେ ଏଥିରେ ବରଗାଁ ପଞ୍ଚାୟତକୁ ସାମିଲ କରାଯାଇ ନାହିଁ । ଯାହା ଦ୍ୱାରା ଶହ ଶହ ଚାଷୀ ଶସ୍ୟ ବୀମା ରାଶି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି ।

କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି ।

ସେହିପରି ଖଡିଆଳ ବ୍ଲକ ସୁନାରୀସିକୁଆଁ ଗାଁର ଚାଷୀମାନଙ୍କ ମଧ୍ୟ ସମାନ ଅବସ୍ଥା । ଗତବର୍ଷ ମରୁଡି ପରିସ୍ଥିତି ଦେଖାଦେଇ ୮୩ ପ୍ରତିଶତ କ୍ଷତି ହୋଇଥିବା ଘୋଷଣା କରାଗଲା ସେହି ଅନିସାରେ ହେକ୍ଟରକୁ ୪୦ରୁ ୪୨ ହଜାର ଶସ୍ୟ ବୀମା ରାଶି ପାଇବା କଥା । ହେଲେ ବର୍ତ୍ତମାନ ହେକ୍ଟର ପିଛା ୮୭୨ ଟଙ୍କା ଚାଷୀମାନଙ୍କ ଆକାଉଣ୍ଟରେ ଡିପୋଜିଟ ହେଉଥିବା ଅଭିଯୋଗ ହେବା ସହ ଚାଷୀକୁଳ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଫଳରେ ସୋମବାର ଖଡିଆଳ ବ୍ଲକ ଅଫିସରେ ଅନୁଷ୍ଠିତ ହେବାକୁ ଥିବା ଅଭିଯୋଗ ଶିବିରରେ ଜିଲାପାଳ ଡ. ପୋମା ଟୁଡୁ ଯୋଗଦେବାକୁ ଆସିଥିବା ବେଳେ ବରଗାଁ ଓ ସୁନାରୀସିକୁଆଁ ପଞ୍ଚାୟତର ଶହ ଶହ ଚାଷୀ ସାମିଲ ହୋଇ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଅପରପକ୍ଷରେ ଶସ୍ୟ ବୀମା ରାଶି ପ୍ରଦାନରେ ଦେଖା ଦେଇଥିବା ବ୍ୟତିକ୍ରମର ସମାଧାନ କରିବା ସହ କ୍ଷତିଗ୍ରସ୍ତ ଚାଷୀ ଉଚିତ୍ କ୍ଷତିପୂରଣ ଦିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଞ୍ଜୟ ତିୱାରୀ, କେତନ ବାରିକ, ଗୋବିନ୍ଦ ବିହାରୀ ବାରିକ, ଧନସିଂ ବାରିକଙ୍କ ସମେତ ଚାଷୀମାନେ ଚେତାବନୀ ଦେଇଛନ୍ତି ।

ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ଭବାନୀପାଟଣା,୨୧।୮ (ଡି.ଏନ.ଏ.)

ସର୍ବପୁରାତନ ସରକାରୀ ବାଳିକା ମଧ୍ୟ ଇଂରାଜୀ ବିଦ୍ୟାଳୟଠାରେ ସ୍କୁଲର ପୁରାତନ ଛାତ୍ରୀମାନଙ୍କ ସମାବେଶରେ ମଙ୍ଗଳବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରତୀମା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ ମୁଖ୍ୟଅତିଥି, ଅତିଥି ଭାବେ ଶାନ୍ତନୁ କୁମାର ବେହେରା, ଭବାନୀପାଟଣା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଠାକୁର ଚରଣ ସାହୁ, ଏହି ସ୍କୁଲରେ ଅଧ୍ୟୟନ କରିଥିବା ବ୍ରଜମୋହନ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ଜୁନାଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ବାଳା ଦେବୀ ପ୍ରମୁଖ ଯୋଗଦେଇ ମୋ ସ୍କୁଲ ଅଭିଯାନର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଯୋଗଦେଇଥିବା ପୁରାତନ ଛାତ୍ରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତୀମା ପଟ୍ଟନାୟକ ୧୦ ହଜାର ଟଙ୍କା ଚେକ ଆକାରରେ ପ୍ରଦାନ କରିଥିବା ବେଳେ ତାଙ୍କ ଝିଅ ପ୍ରୀୟଙ୍କା ପଟ୍ଟନାୟକ (ଆମେରିକାବାସିନ୍ଦା) ୧୦ ହଜାର, ଶିକ୍ଷୟିତ୍ରୀ ଅର୍ଣ୍ଣପୂର୍ଣ୍ଣା ଦୋରା ୨୦ ହଜାର, ବିଦ୍ୟାଳୟ ଶିକ୍ଷୟିତ୍ରୀ ବୃନ୍ଦ ୨୦ ହଜାର ଟଙ୍କା, ପୁରାତନ ଛାତ୍ରୀ ସଂଯୁକ୍ତା ବାବୁ ୨ ହଜାର ଟଙ୍କା, ପୁତନ ଛାତ୍ରୀ ତଥା ଜୁନାଗଡ ବିଇଓ ସୁଧାଂଶୁବାଳା ଦେବୀ ଓ ଶିକ୍ଷୟିତ୍ରୀ ସୁରଭୀ ଦେବୀ ସ୍କୁଲ ଛାତ୍ରୀମାନଙ୍କ ଶୁଦ୍ଧ ପାନୀୟଜଳ ବ୍ୟବହାର ସକାଶେ ଦୁଇଟି ୱାଟର ଫିଲଟର ପ୍ରଦାନ କରିଥିଲେ। ସେହିଭଳି ପୁରାତନ ଛାତ୍ରୀ ଶିକ୍ଷୟିତ୍ରୀ କଳ୍ପନା ରଥ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ସଂଯୋଜନା କରିଥିବା ବେଳେ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରୀତିମୟୀ ବେହେରା, ସ୍ମିତା ପଟ୍ଟନାୟକ, ଚପଳା ସୁଆର, ସଶ୍ମିତା ଦାଶ, ପଦ୍ମଜା ଦାଶ ଓ ଈଶ୍ୱର ନାଏକ ପରିଚାଳନାରେ ସହଯୋଗ କରିଥିଲେ।

ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଜ୍ଞାନ ବିଜ୍ଞାନ ମେଳା :୧୫୫ ପ୍ରକଳ୍ପ ପ୍ରଦର୍ଶିତ

କଲମପୁର,୨୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ନବିନ କୁମାର ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବିଦ୍ୟାଳୟର ୧୫୫ ଜଣ ଶିଶୁ ବୈଜ୍ଞାନିକ ଭାଗ ନେଇ ୧୫୫ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଶିଶୁ ବିଭାଗର ଡ୍ରାୟୁଷ ବେହେରୁକ, ଅମିଶା କୁମାରୀ ସାହୁ, ପ୍ରିତେଷ କୁମାର ପଟେଲ, ଭୁବେନ୍ଦୁ ନାଏକ, ଶାଶ୍ୱତ ରଞ୍ଜନ ସାହୁ, ରଶ୍ମିରେଖା ମିଶ୍ର, ସମୀକ୍ଷା ପଣ୍ଡା, ବାଳ ବିଭାଗର ଅଭିଷେକ କରୁଆଁ, ସୁଧୀର ରଞ୍ଜନ ବିଶ୍ୱାଳ, ଆୟୁଷ ପଟ୍ଟନାୟକ, ଆୟୁଷ ବେହେରା ଆସନ୍ତା ୨୫ ତାରିଖରେ ଧର୍ମଗଡଠାରେ ହେବାକୁ ଥିବା ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଛନ୍ତି । ଆୟୋଜିତ ଉଦ୍‌ଯାପନୀ ସଭାରେ ଶିଶୁ ମନ୍ଦିର ଉପସଭାପତି ଶୁଭେନ୍ଦୁ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ସରପଞ୍ଚ ମୀନା କୁମାରୀ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ବିଶ୍ୱ ଜୀବନ ପାଢି ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବିଜ୍ଞାନ ଆଚାର୍ଯ୍ୟ ରଜନୀକାନ୍ତ ଛତ୍ରୀଆ ବିବରଣୀ ପାଠ ଏବଂ ସମ୍ପାଦକ ମନ୍ମଥ ମିଶ୍ର ଧନ୍ୟବାଦ ଦେଇଥିଲେ । ଶିକ୍ଷକ ଗୋପାଳ ମିଶ୍ର, ତୃପ୍ତି ରଞ୍ଜନ ରାଉତ, ଦେବାରାଜ ବେମାଲ, କ୍ଷୀରୋଦ ସାହୁ, ଚନ୍ଦ୍ରମଣି ସାହୁ ଏବଂ ଚନ୍ଦନ ମାର୍ଥା ବିଚାରକ ଭାବେ ଯୋଗଦେଇଥିଲେ । ବରିଷ୍ଠ ଆଚାର୍ଯ୍ୟ ମହାଦେବ ବେହେରୁକ, ମକରନ୍ଦ ଛତ୍ରିଆ ଏବଂ ଅନ୍ୟାନ୍ୟ ଆଚାର୍ଯ୍ୟାଆଚାର୍ଯ୍ୟ ସହଯୋଗ କରିଥିଲେ ।

କଲମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଭାଜପାର ସମର୍ଥନ ସମ୍ପର୍କ ଅଭିଯାନ

ଜୁନାଗଡ,୨୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଗତ କିଛି ଦିନ ହେଲା ଭାଜପାର ସମର୍ଥନ ପାଇଁ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଯାଇଛି। ଏହା ପ୍ରଥମେ ଜୁନାଗଡ ବ୍ଲକର ନାନ୍ଦୋଲ ଜୋନରୁ ଆରମ୍ଭ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଅଭିଯାନରେ ଦଳୀୟ କର୍ମକର୍ତ୍ତାମାନେ ସାମିଲ ହୋଇ ଗାଁକୁ ଗାଁକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି। ଏହାସହ ଦେଶ ଓ ରାଜ୍ୟର ବିକାଶ ପାଇଁ କେବଳ ଭାଜପାକୁ ସମର୍ଥନ କରିବାକୁ ଲୋକଙ୍କୁ ନିବେଦନ କରୁଛନ୍ତି। ଏହି ସମୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ମେହେରଙ୍କ ସମେତ ବର୍ତ୍ତମାନ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ନାନ୍ଦୋଲ ମଣ୍ଡଳ ସଭାପତି ଲକ୍ଷ୍ମୀ ନାରାୟଣ ବାଣୁଆ, ଜୁନାଗଡ ନିର୍ବାଚନ ମଣ୍ଡଳୀର ବିସ୍ତାରକ ନଗେନ୍ଦ୍ର ନାଏକ, ଜୁନାଗଡ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ, ସମିତିସଭ୍ୟ ବିକାଶ ରଞ୍ଜନ ସରାଫଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସୋମବାର ସୁଦ୍ଧା ଦଳୀୟ କର୍ମମାନେ ନାନ୍ଦୋଲ ଜୋନର ନାନ୍ଦୋଲ ପଞ୍ଚାୟତ ସମେତ କେନ୍ଦୁପାଟି, ତଲଜାରିଙ୍ଗ, ଚିଙ୍ଗୁଡିସର, ଦେଦର, ଦୁନ୍ଦେଲମାଲ, ଚାରଭାଟି, କଲେଇ ଗାଁ, ବକ୍ସିଟୁଲସୀପାଲ, ମେରିଆବନ୍ଧଲି ପ୍ରମୁଖ ପଞ୍ଚାୟତ ପରଦର୍ଶନ କରିଛନ୍ତି।

ଭାଜପାର ସମର୍ଥନ ପାଇଁ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ।

ସରକାରୀ ଯାନ୍ତ୍ରିକ କଲେଜର ନବାଗତଙ୍କୁ ସ୍ୱାଗତ

ଭବାନୀପାଟଣା,୨୧।୮ (ଡି.ଏନ.ଏ.)

ସ୍ଥାନୀୟ କଳାହାଣ୍ଡି ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ମହାବିଦ୍ୟାଳୟର ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ ଡୁଲୁ ପଟ୍ଟନାୟକ ଉଦ୍‌ଘାଟନ କରି ନବାଗତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଉତ୍ସବରେ ପ୍ରଫେସର ଡଃ ରାଜକିଶୋର ସ୍ୱାଇଁ, ସଂଯୋଜକ ଡଃ ଚିତ୍ତରଞ୍ଜନ ଦାଶ, ଟିଇକ୍ୟୁଆଇପି କୋର୍ଡିନେଟର, ଡଃ ଅଶ୍ୱିନୀ କୁମାର ବଳିୟାରସିଂହ, ୱାଡେନ ହଷ୍ଟେଲ ପ୍ରଫେସର ଏଲ.ଏନ୍. ରାଉତ୍ ପ୍ରମୁଖ ନବାଗତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ କଲେଜ ବିଭିନ୍ନ ବିଭାଗ ମୁଖ୍ୟମାନେ ମଧ୍ୟ ନବାଗତଙ୍କୁ ସ୍ୱାଗତ ଜଣାଇବା ସହ ବିଭିନ୍ନ ବିଭାଗର ଶିକ୍ଷା ପ୍ରଣାଳୀ ଓ କଲେଜର ଅନୁଶାସନ ସମ୍ପର୍କରେ ସୂଚନା ଦେଇଥିଲେ। ଡଃ ଏଲ.ପି ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ତଥା ବରିଷ୍ଠ ଛାତ୍ରୀଛାତ୍ରୀମାନେ ଉପସ୍ଥିତ ଥିଲେ।

ବାରକ ସମାଜର ଶ୍ରାବଣ ସମ୍ମିଳନୀ

ନୂତନ କର୍ମକର୍ତ୍ତାଙ୍କ ତରଫରୁ ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି ।

ଭବାନୀପାଟଣା,୨୧।୮(ଡି.ଏନ.ଏ.)

ଶ୍ରାବଣ ମାସର ଶେଷ ମଙ୍ଗଳବାର ଉପଲକ୍ଷେ ନିଖିଳ ଉତ୍କଳ ବାରିକ ସମିତି କଳାହାଣ୍ଡି ଜିଲା ଭବାନୀପାଟଣା (ନଗର) ପକ୍ଷରୁ ଶ୍ରାବଣ ସମ୍ମିଳନୀ ଭବାନୀପାଟଣା ନିକଟସ୍ଥ ବାବାଜୀ ଡଙ୍ଗର ଧବଳେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ସାଧାରଣ ସମ୍ପାଦକ କମ୍ଭୁପାଣି ପରିଛା, ନଗର ସଭାପତି ବୁଦ୍ଧିରାମ ଡାକୁଆ, ଉପସଭାପତି ଲଡୁ ଡାକୁଆ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ବୁଝାଇଥିଲେ । ଉପସ୍ଥିତ ଜାତିଭାଇଙ୍କ ମଧ୍ୟରେ ସୁବାସ ଡାକୁଆ, ଶରତ ବାରିକ, ନରସିଂହ ଡାକୁଆ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ । ନବ ଗଠିତ ଅଞ୍ଚଳର ସୁପରିଚାଳନା ପାଇଁ ଜିଲାରେ ପ୍ରଚଳିତ ନିୟମାବଳୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସଭା ଏବଂ ଭୋଜି ଉଭୟର ପରିଚାଳନା ପାଇଁ କଂଗ୍ରେସ ଡାକୁଆ, ବିରଞ୍ଚି ପଶାୟତ, ଭବାନୀ ପ୍ରସାଦ ଡାକୁଆ, କୈଳାସ ବେହେରା, ପଞ୍ଚୁ ଡାକୁଆ, ହୀନ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ। ଆଞ୍ଚଳିକ ସହସମ୍ପାଦକ ରମେଶ ଚନ୍ଦ୍ର ଡାକୁଆ ଧନ୍ୟବାଦ ଦେଇଥିଲେ।

ହାତୀ ଉପଦ୍ରବ ବୃଦ୍ଧି : ଉଜୁଡିଯାଉଛି ଫସଲ

ଭବାନୀପାଟଣା,୨୧।୮(ଡି.ଏନ.ଏ.)

ବର୍ଷା ଓ ବନ୍ୟା ପରେ ଚାଷୀ ଓ ଗ୍ରାମବାସୀଙ୍କ ଦାଉ ସାଜୁଛି ହାତିପଲ। କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅଧୀନ ଥୁଆମୂଳ ଦକ୍ଷିଣ ବନାଞ୍ଚଳର ସିଙ୍ଗାରୀ ଓ ଦେବଗିରୀ ସଂରକ୍ଷିତ ଅଞ୍ଚଳରେ ହାତୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏହାର ପ୍ରଭାବରେ କଲମପୁର ଓ ଥୁଆମୂଳ ରାମପୁର ବ୍ଲକ ବିଭିନ୍ନ ଗ୍ରାମର ଚାଷୀ ପ୍ରଭାବିତ ହେଉଛନ୍ତି। ଦିନ ତମାମ ଜଙ୍ଗଲ ମଧ୍ୟରେ ହାତୀ ରହୁଥିବା ବେଳେ ସନ୍ଧ୍ୟା ହେଲେ ଜନବସତି ମୁହାଁ ହୋଇ ଅନେକ ଚାଷ ଜମି ଉଜାଡି ଦେଉଛନ୍ତି । ବନ ବିଭାଗ ପାଖରେ ଖବର ଥିଲେ ମଧ୍ୟ ହାତୀ ଘଉଡାଇବାରେ ବନ ବିଭାଗ ବିଫଳ ହେଉଛି । ଯେଉଁଥି ପାଇଁ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ଚାଷୀଙ୍କ ଫସଲ ଉଜୁଡି ଯାଉଛି । କିନ୍ତୁ ଚାଷୀଙ୍କୁ ଉଚିତ କ୍ଷତି ପୂରଣ ମିଳୁନି । କେତେବେଳେ ହାତୀ ମଣିଷ ମୁହାଁ ମୁହିଁ ହେଇ କୌଣସି ଅଘଟଣ ଘଟିବାର ଆଶଙ୍କାକୁ ଏଡାଇ ହେଉନାହିଁ । କଲମପୁର ବ୍ଲକ ଘୋଡାବନ୍ଧା, କଦଳିଟୁଆଁ, ଦେପୁର, ପାଜେନ, ଗୌଡ କେନ୍ଦୁଗୁଡା, ବରଦୋଳି, ଝରାବାହାଲି ଆଦି ଗାଁ ଦେଇ ଜୟପାଟଣା ବ୍ଲକର କନକପୁର, ନାଗୁପଡା ଅଞ୍ଚଳରେ ଅନେକ କଦଳୀ ବଗିଚା ସମେତ ଅନ୍ୟ ଫସଲ ନଷ୍ଟ କରିଥିବା ବେଳେ ବର୍ତ୍ତମାନ ଥୁଆମୂଳରାମପୁର ମତାଟୁଆଁ, କୋଷାବରା ଓ ଜାକେଶପଦର ଅଞ୍ଚଳରେ ହାତୀର ପ୍ରଭାବ ବୃଦ୍ଧି ପାଇଛି । ଗତ ୧୬ ତାରିଖ ରାତିରେ ମତାଟୁଆଁ ଗ୍ରାମର ଶୋଭାସିଂ ମାଝି, ଶ୍ୟାମ ସୁନ୍ଦର ମାଝି, ଅଜୟ ମାଝି, ବଳରାମ ମାଝି, ଘାସି ରାମ ମାଝି, ମାଗୁ ମାଝି, ମାନସିଂ ମାଝି ପ୍ରମୁଖ ୧୦ ଜଣ ଚାଷୀଙ୍କ ଧାନ, ମକା, କାନ୍ଦୁଲ, ମାଣ୍ଡିଆ, କଦଳୀ ଚାଷ ନଷ୍ଟ କରିବା ସହ ଜମି ହୁଡା ସବୁ ମାଡି ନଷ୍ଟ କରି

ଗତବର୍ଷର କ୍ଷତିପୂରଣ ଏଯାଏ ଗିଳିନି

ଦେଇଥିଲେ । ଗତ ଶନିବାର ରାତିରେ କୋଷାବରା ଓ ଜାକେଶପଦର ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରଖିଥିବାରୁ ଲୋକେ ରାତିରେ ପଦାକୁ ବାହାରି ପାରୁନାହାନ୍ତି । ରାତିରେ ନିଜ ବାଡି ବଗିଚାରେ ରହୁଥିବା ଚାଷୀ ହାତୀ ଭୟରେ ନିଜ ଘରେ ରହିବାକୁ ବାଧ୍ୟ ହେଉଛନ୍ତି । ହାତୀର ଦୌରାତ୍ମ୍ୟରେ ଜାକେଶପଦରର ବାବାଜୀ ନାଏକ ନାମକ ଚାଷୀଙ୍କ କଦଳୀ, ସପୁରୀ, ନଡିଆ, ଧାନ, ମକା ଚାଷ ସମେତ ଭେଣ୍ଡି, ଟମାଟୋ, କାକୁଡି, କୁମୁଡା ଭଳି ଏକର ଏକର ପନିପରିବା ଚାଷ ଉଜୁଡି ଯାଇଛି । ସବୁଦିନ

ଓଏସ୍‌ଆର୍‌ଟିସି କର୍ମଚାରୀଙ୍କ ଆନ୍ଦୋଳନ

ଓଡିଶା ରାଜ୍ୟ ପରିବହନ ନିଗମର କର୍ମଚାରୀମାନେ ୪ ଦଫା ଦାବି ନେଇ ମଙ୍ଗଳବାରୁ ଆନ୍ଦୋଳନ ଆରମ୍ଭ କରିଥିବାରୁ ଭବାନୀପାଟଣାରୁ ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ସମସ୍ତ ସରକାରୀ ବସ୍ ବନ୍ଦ ରହିଛି ।

ସଂକ୍ଷେପରେ

ଏକ୍ସ କ୍ୟାଡର ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତା ଚୟନ

ମ.ରାମପୁର,୨୧।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ପ୍ରାକ୍ତନ ଗଣଶିକ୍ଷକ ତଥା ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଦସ୍ୟ ମଙ୍ଗଳବାର ସକାଳେ ଏକ ସଭା କରିବା ସହ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ନୂତନ କମିଟିରେ ଗଙ୍ଗାଧର ସାହୁ ସଭାପତି, ତନ୍ମାକର ବିଭାର ଉପସଭାପତି, ବିଜୟ କୁମାର ସାହୁ ସମ୍ପାଦକ, ସନ୍ତୋଷ ମହାକୁଡ ଯୁଗ୍ମସମ୍ପାଦକ, ବନମାଳି ମହାଗୁଡ ଗଣମାଧମ ସଂଯୋଜକ, ଭଗବାନ ବାଗ ଯୁଗ୍ମସମ୍ପାଦକ, ନୀଳାମ୍ବର ସାହୁ କୋଷାଧକ୍ଷ ପଦବୀରେ ଚୟନ ହୋଇଛନ୍ତି । ଗଣଶିକ୍ଷକମାନେ ଏକ୍ସ କ୍ୟାଡର ଶିକ୍ଷକ ହେବା ପରେ ମାସ ମାସ ବଢ଼ିଯିବା ସତ୍ତ୍ୱେ ସେମାନଙ୍କ ସେବା ପୁସ୍ତିକା ପୂର୍ବତନ ବିଇଓ ଦ୍ୱାରା ଅନୁମୋଦିତ ନ କରି ପକାଇ ରଖିବା, ବାର୍ଷିକ ଇନ୍‌କ୍ରିମେଣ୍ଟ କାଗଜପତ୍ର ପ୍ରସ୍ତୁତି ଓ ଅନୁଦାନ ପ୍ରଦାନରେ ଅଗ୍ରସର ନ ହେବା ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟଧାରା ଉପରେ ବୈଠକରେ ଆଲୋଚନା ହୋଇଛି ।

ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗରେ ଶୋକସଭା

ମ.ରାମପୁର,୨୧।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା ମ.ରାମପୁରସ୍ଥିତ ଶ୍ରୀରାମକୃଷ୍ଣ ଆଶ୍ରମ ପରିସରଠାରେ ଓ ମୋଟଗଣ୍ଡା ଗ୍ରାମ ଶାଖାଠାରେ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ବିୟୋଗର ୬ଷ୍ଠ ଦିନରେ ଶୋକସଭା କରାଯାଇଛି । ଆଶ୍ରମ ସମ୍ପାଦକ ବେହରାଗ୍ୟ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ସ୍ୱର୍ଗତ ବାଜପେୟୀଙ୍କ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ, ନୀରବ ପ୍ରାର୍ଥନା କରି ତାଙ୍କ ଅବଦାନ ଓ ବ୍ୟକ୍ତିତ୍ୱ ଉପରେ ସ୍ମୃତିଚାରଣ କରାଯାଇଛି । ଆଶ୍ରମ ଅନ୍ତେଃବାସୀ, ସନ୍ୟାସୀ, କର୍ମଚାରୀ, ବୃଦ୍ଧି ତାଲିମ କେନ୍ଦ୍ର ହିତାଧିକାରୀ, ହାଲୁକା ଯାନ ପ୍ରଶିକ୍ଷଣ କେନ୍ଦ୍ର ତାଲିମ ଦାତା ଓ ଗ୍ରହିତା ଆଦି ଯୁବବର୍ଗ ପ୍ରମୁଖ ସାମିଲ ହୋଇଥିଲେ । ଆଶ୍ରମ ସମ୍ପାଦକ ବୈରାଗ୍ୟ ନନ୍ଦ ସ୍ୱର୍ଗତ ବାଜପେୟୀଙ୍କ ମହାନ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରି ଆଶ୍ରମ ପ୍ରତି ଅଭୁଲା ଅବଦାନ ତଥ୍ୟ ଉପସ୍ଥାପନ କରିଥିଲେ । ସହସମ୍ପାଦକ ଅଶୋକା ନନ୍ଦ ବାଜପେୟୀଙ୍କ ରାଷ୍ଟ୍ରଭକ୍ତି ଉପରେ ଆଲୋକପାତ କରିଥିଲେ । ଅନ୍ନଦା ପଟ୍ଟନାୟକ ବାଜପେୟୀଙ୍କ ଦୂରଦୃଷ୍ଟି ଗୁଣ ଉପରେ କହିଥିଲେ । ରମାକାନ୍ତ ବେହେରା, ଯୋଶବନ୍ତ ଦାଶ, ଯୋଗୀ ଜାଲ, ସୁରେନ୍ଦ୍ର ଗହୀର ପ୍ରମୁଖ ଆଶ୍ରମ ଆନ୍ତଃ ଉପଦେଷ୍ଟା ତଥା କର୍ମଚାରୀ ଆଲୋଚନା କରିଥିଲେ । ଯୋଗରେ ଆନ୍ତଃ ସାଧନ ଉପଦେଷ୍ଟା ବଟକିଶୋର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ଅସୁବିଧା ସମିଆରେ ଭଗ୍‌ବାନ୍ ସାହା

ମଉଳିକ୍ ସୁବିଧାରୁ ବଂଚିତ୍ ବତୀକୂପା ଗାଁବାସୀ

କର୍ଲାମୁଣ୍ଡା,୨୧।୮(ଡି.ଏନ.ଏ.)

ରାଏଜ୍ ସରକାର ଆର୍ କେନ୍ଦ୍ର ସରକାର ଗାଁ ଗଁଲିର ବିକାଶ ଲାଗି ଯୋଜ୍‌ନା ଉପ୍‌ରେ ଯୋଜ୍‌ନା ତିଆର କରୁଛନ୍ । ହେଲେ ସରକାରୀ ଅଧିକାରୀ, ରାଜନେତାମାନକର ଉଦାସୀନ୍‌ତା ଲାଗି ଦେଶ୍ ସୁଆଧୀନ୍ ହେବାର ୭୨ ବଛର୍ ଉତାରୁ ବି ଗାଁମାନ୍‌କେ ଲୋକ୍ ମଉଳିକ୍ ସୁବିଧା ସୁଯୋଗ୍‌ରୁ ବଂଚିତ୍ ହେଉଛନ୍। ଏନ୍‌ତା ଗୁଟେ ଘଟ୍‌ନାର ଉଦାହରନ୍ ସାଜିଛେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସଦରଠାରୁ ୨୦ କି.ମି. ଦୁରିଆରେ ଥିବାର ବତୀକୂପା ଗାଁ। ଇ ଗାଁକେ ଲାଗି କରି ଅଛେ କର୍ଲାମୁଣ୍ଡା ବ୍ଲକ୍‌ର ଆର୍‌ଗୁଟେ ଗାଁ ପୁରୁଗୁଡି ପଦର। ବତୀକୂପା ଗାଁରେ ୪୭ଟା ପରିବାର ବାସ୍ କରୁଥିଲାବେଳେ ଲୋକ୍ ସଂଖ୍ୟା ହେଉଛେ ୧୬୧। ଗାଁରେ ହରିଜନ, ଆଦିବାସୀ ଲେଖେନ୍ ବଡ଼ଭାଗି ପଛୁଆବର୍‌ଗର ଲୋକ୍ ରହୁଛନ୍। ସେନ୍‌ତା ବତୀକୂପା, ପୁରଗୁଡି ପଦର, କେର୍ଣ୍ଣାପଲ ଇ ତିନ୍‌ଖଁଡ଼ ଗାଁକେ ନେଇ ଗୁଟେ ୱାର୍ଡ ହେଇଛେ। ବତୀକୂପା ଆର୍ ପୁରପୁଡି ପଦର ଗାଁ ପାସେ ଥିବାର ମ.ରାମପୁର ବ୍ଲକ୍‌ର ଗାଁମାନ୍‌କେ କଂକ୍ରିଟ୍, ପିଚୁ ରାସ୍‌ତା ଥିଲାବେଳେ ଇ ଦୁଇ ଗାଁକେ ଯିବାର ଆଏବାର ଲାଗି ଥାୟୀ ରାସ୍‌ତାଟେ ବି ନାଁଇଁନ। ବୋରପଦର ପଂଚେତ ସଦରଠାରୁ ପାଖାପାଖି ୮ କି.ମି.ଦୂର ହେଲେ ବି ଗାଁର ଲୋକ୍‌ମାନେ ରାଶନ୍ ସାମାନ୍ ଆନ୍‌ବାକେ ବାଧ୍ୟ ହେଇ ମାଏଟ୍, କାଦୋ ରାସ୍‌ତାରେ ଯିବାର ଆଏବାର କରୁଛନ୍। ୧୯୭୩ ସାଲୁ ଶିକ୍ଷାର ବିକାଶ ଲାଗି ପ୍ରାଥମିକ୍ ସ୍କୁଲଟେ ଥିଲେ ବି ଝନେ ଗଣ ଶିକ୍ଷକ୍‌କଁର ଜରିଆନେ ପାଠ୍‌ପଢ଼ା ଚାଲିଛେ। ଝାର ଜଂଗଲ୍ ଘେରା ବତୀକୂପା ଗାଁରେ ସରକାରୀ ବାବୁମାନକର ପାଦ୍ କେଭେ ନାଇଁ ପଡୁଥିଲା ବେଳେ ଏଭେ ଗାଁର ବିକାଶ ଲାଗି ଗଠନ୍ ହେଇଛେ ଗ୍ରାମ ବିକାଶ କମିଟି ଆର୍ କୃଷକ୍ ଦଲ।

ବତୀକୂପା ଗାଁର ରାସ୍‌ତା।

ସେମାନେ ଯାହା କହିଛନ୍



"ଗାଁକେ ଫିଦିନିଆଁ ରାସ୍‌ତାଟେ ନାଁଇଁନ। ଅସୁବିଧା ସମିଆରେ ଡାକ୍‌ତରଖାନା ଯିବାକେ ବଡା ଗୁଲ୍‌ଗୁଲା ହେବାକେ ହେଉଛେ।
-ପୁଷ୍ପା ମାଝି, ଗାଁବାସୀ

"ଥାୟୀ ରାସ୍‌ତାଟେ ଲାଗି ଆମେ ଗାଁବାସୀ ବହୁତ୍ ଥର ପର୍‌ଶାସନ୍, ନେତାମାନ୍‌କୁ କହିଛୁଁ, କେହି ନାଇଁ ଶୁନ୍‌ବାର।
-ହେମ ସାଗର ମାଝି, ଗାଁବାସୀ



"ପିଲାରୁ ବୁଢା ହେଲିନ ହେଲେ ଇ ରାସ୍‌ତା ଯେନ୍‌ତା ଥିଲା ସେନ୍‌ତା ଅଛେ, କିଛି ବି ପରିବର୍‌ତନ୍ ହେଇଥିବାର ନାଇଁଜାନି।
-ନାରାୟଣ ମାଝି, ଗାଁବାସୀ

ବର୍ଷାରେ ଘର ଭୁଶୁଡ଼ିଲା

ଅଳ୍ପକେ ବର୍ତ୍ତିଲେ ପରିବାରବର୍ଗ

ଲାଞ୍ଜିଗଡ,୨୧।୮ (ଡି.ଏନ.ଏ.)

ଗତ କିଛିଦିନ ହେଲା ଲଗାଣ ବର୍ଷାରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଥିବା ବେଳେ ଅନେକ ଗରିବଙ୍କ ଘର ଭୁଶୁଡି ପଡିଛି। ସେହି କ୍ଷୟକ୍ଷତିର ଆକଳନ ପାଇଁ ତହସିଲଦାର, ବିଡିଓ, ରାଜସ୍ୱ ନିରିକ୍ଷକ ଓ କୃଷି ଅଧିକାରୀମାନେ ଗାଁ ବୁଲୁଛନ୍ତି। ସୋମବାର ଆଉ ଏକ ଘର ଭୁଶୁଡି ପଡିଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ ଲାଞ୍ଜିଗଡସ୍ଥିତ ପ୍ରଧାନିପଡାର ନିରଞ୍ଜନ ସିଂଙ୍କ ପରିବାର ସନ୍ଧ୍ୟାରେ ଘରେ ରୋଷେଇ କରୁଥିବା ବେଳେ ଘଡଘଡି ସହ ବର୍ଷା ହୋଇଥିଲା। ସେ ସମୟରେ ଘରର କାନ୍ଥ ବର୍ଷା ପାଣିରେ ଓଦା ହୋଇ ଭୁଶୁଡି ପଡିଥିଲା । ଫଳରେ ପରିବାର ଲୋକେ ବହୁତ ହଇରାଣ ହେଉଥିବା ବେଳେ ପ୍ରଶାସନର ସହଯୋଗ କାମନା କରିଛନ୍ତି । ନିରଞ୍ଜନଙ୍କ ଅବସ୍ଥା ଦେଖି ପଡିଶା ଘର ଲୋକେ ଦୁଇଟି ଟିଣ ଦେବାରୁ କାନ୍ଥ ଭୁଶୁଡି ଥିବା ସ୍ଥାନରେ ରଖାଯାଇଛି । ନିରଞ୍ଜନ ଜଣେ ଦିନ ମଜୁରିଆ ଶ୍ରେଣୀର ହୋଇଥିବା ବେଳେ ବର୍ତ୍ତମାନ ତା ପକ୍ଷରେ ଘର ନିର୍ମାଣ କରିବା ସମ୍ଭବ ନୁହେଁ । ସେଥିପାଇଁ ବ୍ଲକ ପ୍ରଶାସନ ତାଙ୍କୁ ଆବାସ ଯୋଜନାରେ ଅର୍ନ୍ତଭୁକ୍ତ କରି ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଭୁତି ଭୂଷଣ ଶତପଥୀଙ୍କୁ ଅବଗତ କରାଇବାରୁ ତଦନ୍ତ ପରେ ପ୍ରଶାସନ ତରଫରୁ ସହଯୋଗ କରାଯିବ ବୋଲି ପ୍ରକାଶ କରିଛନ୍ତି ।

ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଥିବା ନିରଞ୍ଜନ ସିଂଙ୍କ ଘର।

ବ୍ଲକସ୍ତରୀୟ ଖେଳାଳି ଚୟନ

ଚୟନ ଶିବିରରେ ଯୋଗଦେଇଥିବା ଖେଳାଳିମାନେ।

କୋକସରା,୨୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଜବାହାର ଉଚ୍ଚ ବିଦ୍ୟାପୀଠ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଖେଳାଳି ଚୟନ (ଅଟୋମ ମିଟ) ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନରେ ଥିବା ସମସ୍ତ ହାଇସ୍କୁଲ ଓ ଏମଇ ସ୍କୁଲର ୧୬୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କୋକସରା ଜବାହାର ଉଚ୍ଚ ବିଦ୍ୟାପୀଠ ଖେଳ ପଡିଆରେ ଆୟୋଜିତ ଖେଳାଳି ଚୟନରେ ଫୁଟବଲ, କବାଡି, ଖୋଖୋ ଉପରେ ଛାତ୍ରୀଛାତ୍ରମାନେ ନିଜର ଅଭିଜ୍ଞତା ଓ ଜ୍ଞାନକୌଶଳ ପ୍ରଦର୍ଶନ କରିଥିଲେ। ଖେଳାଳି ଚୟନ ପ୍ରକ୍ରିୟାରେ ୧୪ରୁ ୧୭ ବର୍ଷର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ବେଳେ ମୋଟ ୩୬ ଜଣ ଛାତ୍ରୀଛାତ୍ର ଫୁଟବଲ, ବବାଡି ଓ ଖୋଖୋ ଖେଳାଳି ଭାବେ ମନୋନୀତ ହୋଇଥିଲେ। ଚୟନ ଖେଳାଳିମାନେ ଆସନ୍ତା ଦିନରେ ଜିଲାସ୍ତରୀୟ ଖେଳକୁଦ ପ୍ରତି ଯୋଗିତାରେ ଅଂଶ ଗ୍ରହଣ କରି ନିଜର ଖେଳ ପ୍ରଦର୍ଶଦନ କରିବେ ବୋଲି କୋକସରା ଜାବାହାର ଉଚ୍ଚ ବିଦ୍ୟାପୀଠର ଖେଳ ଶିକ୍ଷକ ଅମିତ ମହାନ୍ତି କହିଛନ୍ତି। ଆୟୋଜିତ ବ୍ଲକସ୍ତରୀୟ ଖେଳାଳି ଚୟନ ପ୍ରକ୍ରିୟାରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଶିକ୍ଷାଧିକାରୀ ଈଶ୍ୱରଚନ୍ଦ୍ର ମାଝି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତୋଫାନ ମାଝି, କୋକସରା ଜବାହାର ଉଚ୍ଚ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ କୋକସରା ବ୍ଲକ ଖେଳକୁଦ କାର୍ଯ୍ୟକ୍ରମରେ ଗତ ଦିନରେ ନାମ ରଖିଥିବା ବେଳେ ଚଳିତବର୍ଷ ମଧ୍ୟ ଜିଲାସ୍ତରରେ ଆୟୋଜିତ ଖେଳକୁଦ ପ୍ରତି ଯୋଗିତାରେ ନାମ ରଖିବା ପାଇଁ ପ୍ରୟାସ କରିବା ପାଇଁ କହିଥିଲେ। ଖେଳାଳି ଚୟନ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ଖେଳାଳି ଚୟନ କରିଥିବା ବେଳେ କୋକସରା ହାଇସ୍କୁଲ ଖେଳ ଶିକ୍ଷକ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଖଗେଶ୍ୱର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ଥାନୀୟ ହାଇସ୍କୁଲ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକମାନେ ସହଯୋଗ କରିଥିଲେ।

ଜୁନାଗଡ଼ରେ ୨ ଡେଙ୍ଗୁ ରୋଗୀ ଚିହ୍ନଟ

ଜୁନାଗଡ,୨୧।୮ (ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ଡେଙ୍ଗୁ ଥମିବାର ନା ଧରୁନାହିଁ। ବର୍ତ୍ତମାନ ସୁଦ୍ଧା ସେଠାରେ ଶହେରୁ ଉର୍ଦ୍ଧ ଡେଙ୍ଗୁରେ ଆକ୍ରାନ୍ତ ହୋଇ ହୋଇଛନ୍ତି। ଏହା କମିବା ବଦଳରେ ଧୀରେ ଧୀରେ ବ୍ୟାପିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଲଡୁଗାଁକୁ କୁଣିଆ ହୋଇ ଯାଇଥିବା ଜୁନାଗଡ ସହର ବାବୁପଡାର କୁମୁଦ ବେମାଲ(୩୬) ନାମକ ଜଣେ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। କୁମୁଦ ଏହି ସପ୍ତାହରେ ଲଡୁଗାଁର ନିଜ ସମ୍ପର୍କୀୟ ଘରକୁ ଯାଇଥିଲେ। ସେଠାରୁ ଘରକୁ ଆସିବା ପରେ ତାଙ୍କୁ ଜ୍ୱର ହୋଇଥିଲା। ଜ୍ୱର ଦେଖାଇବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବା ପରେ ସେଠାରେ ରକ୍ତ ପରୀକ୍ଷା ପରେ ଡେଙ୍ଗୁ ବୋଲି ଜଣାପଡିଥିଲା। ସେହିପରି ଲଡୁଗାଁର ଜଣେ ଠିକାଦାରଙ୍କ ପାଖରେ କାର୍ଯ୍ୟରତ ଜୁନାଗଡ ବ୍ଲକ ଭେଜିପଦର ଗ୍ରାମର ଜଣେ ବ୍ୟକ୍ତି ମଧ୍ୟ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି।

ଚିତ୍ତରଞ୍ଜନ ମଣ୍ଡଳ ପିସିସି ସମ୍ପାଦକ ଭାବେ ମନୋନୀତ

ଭବାନୀପାଟନା,୨୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ପୂର୍ବତନ ଉପନଗରପାଳ ଚିତ୍ତରଞ୍ଜନ ମଣ୍ଡଳ (ବାବୁଲି)ଙ୍କୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଭାବେ ମନୋନୀତ କରାଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ଜିଲା କଂଗ୍ରେସ, ଯୁବ କଂଗ୍ରେସ ଏବଂ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ଜିଲାରେ କଂଗ୍ରେସ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ଜିଲାର ଲୋକ ସଭା ଓ ୫ଟି ବିଧାନ ସଭାରେ କଂଗ୍ରେସ ଯେପରି ସଫଳତା ହାସଲ କରିବ ତାହାକୁ ଆଖି ଆଗରେ ରଖି ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କ ଅନୁମୋଦନ କ୍ରମେ ଚିତ୍ତରଞ୍ଜନଙ୍କୁ ମନୋନୀତ କରାଯାଇଛି ।

ମଣ୍ଡଳ ୨୦୦୮ ରୁ ୨୦୧୩ ପର୍ଯ୍ୟନ୍ତ ଭବାନୀପାଟଣା ପୌର ପରିଷଦର ଉପନଗରପାଳ ଭାବେ ଦକ୍ଷତା ସହିତ କାର୍ଯ୍ୟ କରି ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ସେ ୧୨ ନଂ. ୱାର୍ଡରୁ ୨ ଥର ଏବଂ ୧୧ ନଂ. ୱାର୍ଡରୁ ଥରେ କାଉନସିଲର ଭାବେ ନିର୍ବାଚିତ ହୋଇଛନ୍ତି । ବର୍ତ୍ତମାନ ସେ ୧୧ ନଂ. ୱାର୍ଡର କାଉନସିଲର ଭାବେ ବହୁ ଭୋଟ୍‌ରେ ବିଜୟ ହୋଇ ନିଜର କାର୍ଯ୍ୟ କରୁଛନ୍ତି । ମଣ୍ଡଳ ପୂର୍ବରୁ ଡିସିସି ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ପିସିସି ସଦସ୍ୟ ଅଛନ୍ତି । ମଣ୍ଡଳଙ୍କୁ ପିସିସି ସମ୍ପାଦକ ଭାବେ ମନୋନୀତ କରାଯାଇଥିବାରୁ ଏଆଇସିସି ସମ୍ପାଦକ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପିସିସି ପ୍ରଚାର କମିଟି ଅଧକ୍ଷ ଭକ୍ତ ଚରଣ ଦାସ, ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡିଶା ପ୍ରଭାରୀ ଜିତେନ୍ଦ୍ର ସିଂ, ଓଡିଶା ସହପ୍ରଭାରୀ ଅନିଲ ଚୌଧୁରୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କୁ ଜିଲା କଂଗ୍ରେସ, ଯୁବ, ଛାତ୍ର, ମହିଳା କଂଗ୍ରେସ କର୍ମକର୍ତ୍ତା ଓ ବିଭିନ୍ନ ଗଣସଙ୍ଗଠନ ତରଫରୁ କୃତଜ୍ଞତା ଜଣାଇବା ସହିତ ମଣ୍ଡଳଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ଓଏସ୍‌ଆର୍‌ଟିସି କର୍ମଚାରୀଙ୍କ ଆନ୍ଦୋଳନ

ଭବାନୀପାଟଣା,୨୧।୮(ଡି.ଏନ.ଏ.)

ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମର କର୍ମଚାରୀମାନେ ୪ ଦଫା ଦାବି ନେଇ ୨୧ ତାରିଖଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏଥିଯୋଗୁ ଭବାନୀପାଟଣାରୁ ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ସମସ୍ତ ସରକାରୀ ବସ୍ ବନ୍ଦ ହୋଇଛି । ସମସ୍ତ ଠିକା କର୍ମଚାରୀଙ୍କୁ ନିୟମିତ କରିବା, ସୁପ୍ରିମକୋର୍ଟ ଆଦେଶ ମୁତାବକ ସମାନ କାମକୁ ସମାନ ଦରମା ପ୍ରଦାନ, କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଲାଗୁ କରିବା ଏବଂ କର୍ମଚାରୀଙ୍କ ଉପରେ ବେଆଇନ ଭାବେ ରାତିଅଧିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବନ୍ଦ କରାଯିବା ଆଦି ଦାବି ନେଇ ରାଜ୍ୟ ପରିବହନ କର୍ମଚାରୀ ସଂଘ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି । କଳାହାଣ୍ଡି ଶାଖା ତରଫରୁ ସ୍ଥାନୀୟ ଓଏସ୍‌ଆରଟିସି କାର୍ଯ୍ୟାଳୟ ସମ୍ମୁଖରେ ସଂଘ ସାଧାରଣ ସମ୍ପାଦକ ମୋହନ କୁମାର ଭଟ୍ଟଙ୍କ ନେତୃତ୍ୱରେ ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ, ବଂଶିଧର ପଣ୍ଡା, ସୁବାସ ପଟ୍ଟନାୟକ, କେଶବ ଚନ୍ଦ୍ର ଗଉଡ, ପ୍ରତାପ କୁମାର ଠାକୁର, ପଦ୍ମଲୋଚନ ସାହୁ, ରାଜିବ କୁମାର ଦାସ, ରମଣୀ ରଞ୍ଜନ ମିଶ୍ର ପ୍ରମୁଖ ଶତାଧିକ କର୍ମଚାରୀ ଧାରଣାରେ ବସିଛନ୍ତି । ଆନ୍ଦୋଳନକୁ ସମର୍ଥନ କରି ଭାଜପା ଜିଲା ଉପସଭାପତି ବଦ୍ରିନାରାୟଣ ପଟ୍ଟନାୟକ, ଡ. ଅଜୟ କୁମାର ପଟ୍ଟନାୟକ, ମୁକେଶ କୁମାର ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ । ଆନ୍ଦୋଳନ ଯୋଗୁ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବିଶାଖାପାଟଣା, ସମ୍ବଲପୁର, ରାଉଲକେଲା, ଅନୁଗୋଳ, ବରଗଡ, ବଲାଙ୍ଗୀର, ଜୟପୁର, କୋରାପୁଟ, ସୁନାବେଡା ଆଦି ୧୦ଟି ସ୍ଥାନକୁ ଯାଉଥିବା ୩୦ଟି ଓଏସ୍‌ଆରଟିସିର ସମସ୍ତ ବସ ଚଳାଚଳ ବନ୍ଦ ରହିଛି । ଫଳରେ ଏହି ସବୁ ସ୍ଥାନକୁ ଯିବା ପାଇଁ ଚାହୁଁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

୪ ଦଫା ଦାବି

- ସମସ୍ତ ସରକାରୀ ବସ୍ ଚଳାଚଳ ବନ୍ଦ
- ଜିଲା ଭାଜପା ପକ୍ଷରୁ ସମର୍ଥନ

ଓଡ଼ିଶା ରାଜ୍ୟ ପରିବହନ ନିଗମର କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ଶିକ୍ଷା କମିଟି ସଦସ୍ୟ ବୃନ୍ଦ ଓ ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମରେ ସ୍କୁଲର ମୁଖ୍ୟ ଗେଟରେ ତାଲା ପକାଇ ବିକ୍ଷୋଭ କରାଯାଉଛି ।

ପ୍ରଧାନ ଶିକ୍ଷକ ପଦବୀ ପୂରଣ ଦାବି

ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ, ଅଭିଭାବକ

କେସିଙ୍ଗା,୨୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍